RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 ◆ISSUE-19 ◆MONDAY ◆13 JULY 2026 ◆PAGE-12 ◆₹ 7.00 | PANIKOILI | ◆ବର୍ଷ-୪୪ ◆ସଂଖ୍ୟା-୧୯ ◆ସୋମବାର ◆୧୩ ଜୁଲାଇ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦




ଯଷ୍ଟିକାଙ୍କ ଲର୍ଡ୍ସ କୀର୍ତ୍ତିମାନ

▶ପୃଷ୍ଠା ୧୨ ଦେଖନ୍ତୁ...

## ମହାପ୍ରଭୁ ସୁସ୍ଥ; ଗଜପତିଙ୍କୁ ଜଣାଇଲେ ଦଇତାପତି

### ସରିଲା ରାଜପ୍ରସାଦ ବିଜେ, ଆଜି ଘଣା ଲାଗି

■ ପୁରୀ, ୧୨।୭ (ସମିସ): ମାନବୀୟ ଲୀଳା କରୁଛନ୍ତି ମହାପ୍ରଭୁ। ଦାରୁବିଗ୍ରହଙ୍କ ନୀତିକାନ୍ତି ଓ ଜୀବନଚର୍ଯ୍ୟା ସାଧାରଣ ମଣିଷଙ୍କ ଭଳି। ପବିତ୍ର ସ୍ନାନ ପୂର୍ଣ୍ଣିମାରେ ଅତ୍ୟଧିକ ସ୍ନାନ ପରେ ଠାକୁର ଅସୁସ୍ଥ ହୋଇ ଅଣସର ଘରେ ରହିଛନ୍ତି। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଗୁପ୍ତସେବା କରୁଛନ୍ତି। ଇତିମଧ୍ୟରେ ବଡ଼ଓଡ଼ିଆ ମଠରୁ ଆସିଥିବା ଫୁଲୁରୀ ତେଲ, ଶୁଦ୍ଧସୁଆର ଦେଇଥିବା ଓଷୁଅ ଲାଗି ହେବା ପରେ ଶ୍ରୀବିଗ୍ରହ ଚକା ବିଜେ କରିଛନ୍ତି। ଖଳିଲାଗି ଏକାଦଶୀରେ ଦଶମୂଳ ମୋଦକ ସେବନ କରିବା ପରେ ମହାପ୍ରଭୁ ସୁସ୍ଥ ହୋଇଛନ୍ତି। ପତି ମହାପାତ୍ର ଓ ଦଇତାପତି ସେବକମାନେ ଶ୍ରୀନଅରକୁ ଯାଇ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କୁ ଦାରୁବିଗ୍ରହଙ୍କ ସୁସ୍ଥ ଖବର ଜଣାଇଛନ୍ତି। ଏଥିସହିତ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ପ୍ରସାଦ ପ୍ରଦାନ କରିଛନ୍ତି। ସୋମବାର ତ୍ରୟୋଦଶୀ ତିଥିରେ ଘଣା ଲାଗି କରାଯିବ।

ଆଷାଢ଼ କୃଷ୍ଣ ଦ୍ୱାଦଶୀ ତିଥିରେ ଅଣସରରେ ଥିବା ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଲାଗି ପ୍ରସାଦ ରାଜପ୍ରସାଦ ବିଜେ ହେବାର ପରମ୍ପରା ରହିଛି। ରବିବାର ଶ୍ରୀମନ୍ଦିରରେ ଭୋଗମଣ୍ଡପ ନୀତି ସମ୍ପନ୍ନ ହେବା ପରେ ଦଇତାପତି ଅଣସର ଘର ଖୋଲି ଭିତରକୁ ଯାଇଥିଲେ। ଭଣ୍ଡାର ମେକାପ ପ୍ରଦତ୍ତ ପାଟବସ୍ତ୍ର ପଡ଼ିଥିବା ରୁପା ଥାଳି ଅଣସର ଘରକୁ ନେଇ ଠାକୁରଙ୍କ ଶ୍ରୀଅଙ୍ଗରୁ ବାହାରିଥିବା ଚନ୍ଦନ, କରାଳ, ପାଟଡୋରି ସଜେଇ ରଖିଥିଲେ। ବେହେରଣ ଦ୍ୱାରରେ ଆସ୍ଥାନ ପଢ଼ିଆରୀ ପକାଇଥିବା ପାହାଡ଼ା (କପଡ଼ା) ଉପରେ ଏହି ଥାଳିକୁ ସଜାଇ ରଖିଥିଲେ। ଘଣ୍ଟ, ଛତା, ▶ପୃଷ୍ଠା-୭

## ତରଳିଗଲା ଅମରନାଥ ବରଫ ଲିଙ୍ଗ ବାବା ବର୍ଫାନୀ

■ ଶ୍ରୀନଗର, ୧୨।୭ (ଏଜେନ୍ସି): ହିମାଳୟ ଅବବାହିକାରେ ଅବସ୍ଥିତ ପବିତ୍ର ଅମରନାଥ ଗୁମ୍ଫାର ପ୍ରାକୃତିକ ବରଫ ଲିଙ୍ଗ (ବାବା ବର୍ଫାନୀ) ଚଳିତ ବର୍ଷ ଅତି ଦ୍ରୁତ ଗତିରେ ତରଳି ଯାଉଥିବା ନେଇ ବୈଜ୍ଞାନିକ ଏବଂ ପରିବେଶବିତ୍‌ମାନେ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ୫୭ ଦିନିଆ ଏହି ପବିତ୍ର ଯାତ୍ରା ଆରମ୍ଭ ହେବାର ମାତ୍ର କେଇଟା ଦିନ ମଧ୍ୟରେ



ବରଫ ଲିଙ୍ଗର ପ୍ରାୟ ୯୦ ପ୍ରତିଶତରୁ ଅଧିକ ଅଂଶ ତରଳି ସମ୍ପୂର୍ଣ୍ଣ ଗାୟବ ହେବା ସ୍ଥିତିକୁ ଚାଲିଆସିଛି। ୩,୮୮୮ ମିଟର ଉଚ୍ଚତାରେ ଅବସ୍ଥିତ ଏହି ଗୁମ୍ଫାର ବରଫ ଲିଙ୍ଗ ପୂର୍ବରୁ ପ୍ରାୟ ଏକ ମାସ ଧରି ରହୁଥିବା ବେଳେ ଏଥର ମାତ୍ର ୧୫ ଦିନ ମଧ୍ୟରେ ଏହା ମିଳେଇ ଯାଇଛି।

ପରିବେଶ ବିଜ୍ଞାନୀ ଡକ୍ଟର ଏକଲବ୍ୟ ଶର୍ମା ଏବଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପ୍ରଫେସର ବିଡବ୍ଲ୍ୟୁ. ପାଣ୍ଡେଙ୍କ ଅନୁଯାୟୀ, ଏହାର ମୁଖ୍ୟ କାରଣ ହେଉଛି ବିଶ୍ୱ ତାପାୟନ (ଗ୍ଲୋବାଲ ୱାର୍ମିଂ) ଏବଂ ଜଳବାୟୁ ପରିବର୍ତ୍ତନ। ସମଗ୍ର ହିମାଳୟ ଅଞ୍ଚଳ ବିଶ୍ୱର ହାରାହାରି ତାପମାତ୍ରା ତୁଳନାରେ ଅଧିକ ଦ୍ରୁତ ଗତିରେ ଗରମ ହେଉଛି, ଯାହାଦ୍ୱାରା ବରଫ ସ୍ତର ହ୍ରାସ ପାଉଛି। ▶ପୃଷ୍ଠା-୭

# ପ୍ରତିଶୋଧ ନିଆଁରେ ଜଳୁଛି ମଧ୍ୟପ୍ରାଚ୍ୟ

## ଇରାନ ଉପରେ ଆମେରିକାର ପ୍ରଚଣ୍ଡ ଆକ୍ରମଣ



### ଟାର୍ଗେଟରେ ୧୪୦ଟି ସ୍ଥାନ, ବ୍ୟାପକ କ୍ଷତି

### କୁଏତ, ବାହାରିନ, କତାର, ଜୋର୍ଡାନ ଉପରେ ଇରାନର ଜବାବୀ ହମ୍‌ଲା

### ଆମେରିକା ସାମରିକ ପ୍ରତିଷ୍ଠାନ ଧ୍ୱସ୍ତବିଧ୍ୱସ୍ତ

### ହର୍ମୁଜ ବନ୍ଦ କଲା ଇରାନ

■ ତେହରାନ/ୱାଶିଂଟନ, ୧୨।୭ (ଏଜେନ୍ସି): କିଛିଦିନ ଶାନ୍ତ ରହିବା ପରେ ପୁଣି ପ୍ରତିଶୋଧର ନିଆଁରେ ଜଳିବାକୁ ଆରମ୍ଭ କରିଛି ମଧ୍ୟପ୍ରାଚ୍ୟ। ଏହାର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଖାମେନେଇଙ୍କ ହତ୍ୟାର ପ୍ରତିଶୋଧ ନେବାଲାଗି ଇରାନ ଘୋଷଣା କରିବା ସହିତ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ବାଣିଜ୍ୟ ମାର୍ଗ ହର୍ମୁଜକୁ ପୁଣି ବନ୍ଦ କରିଦେଇଛି। ଏହି ପଥ ଦେଇ ଯାଉଥିବା ଜାହାଜ ଉପରେ ଆକ୍ରମଣ କରିବାରୁ ଏଥିରେ କ୍ଷୁବ୍ଧ ହୋଇ ଆମେରିକା ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ କରିଛି। ଗତରାତିରେ ଆମେରିକା ପକ୍ଷରୁ ଇରାନର ୧୪୦ଟି ସ୍ଥାନ ଉପରେ କ୍ଷେପଣାସ୍ତ୍ର ଓ ବୋମା ମାଡ଼ କରାଯାଇଛି। ଏହାର ଜବାବରେ ଇରାନ ମଧ୍ୟ କୁଏତ, ବାହାରିନ, କତାର ଓ ଜର୍ଡାନରେ ଥିବା ଆମେରିକାର ସାମରିକ ପ୍ରତିଷ୍ଠାନ ଉପରେ କ୍ଷେପଣାସ୍ତ୍ର ଓ ବୋମାମାଡ଼ କରିଛି। ଏହାକୁ ନେଇ ସଂପୃକ୍ତ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ହର୍ମୁଜ ବନ୍ଦ ହୋଇଯାଇଥିବାରୁ ପୁଣି ଅଶୋଧିତ ତୈଳ ଦର ଉପରମୁହାଁ ହୋଇଛି।

ଇରାନ ସେନା ଦ୍ୱାରା ଏକ ବାଣିଜ୍ୟିକ ଜାହାଜ ଉପରେ ଆକ୍ରମଣ ଏବଂ ହର୍ମୁଜ ସାମୁଦ୍ରିକ ପଥକୁ ବନ୍ଦ କରାଯିବା ପରେ ଗତକାଲି ରାତିରେ ଆମେରିକା ପକ୍ଷରୁ ଇରାନର ଅନେକ ସାମରିକ ଘାଟି ଉପରେ ଶକ୍ତିଶାଳୀ ବୋମା ବର୍ଷଣ କରାଯାଇଛି। ହର୍ମୁଜ ଦେଇ ଯାଉଥିବା ସାଇପ୍ରସର ଏକ ମାଲବାହୀ ଜାହାଜ ଉପରେ ଇରାନର ଆକ୍ରମଣ ଯୋଗୁଁ ଜାହାଜଟି ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏହାର ପ୍ରତିଶୋଧ ନେବାକୁ ଯାଇ ଆମେରିକାର କେନ୍ଦ୍ରୀୟ ସାମରିକ କମାଣ୍ଡ ଶନିବାର ଭୋର ସମୟରୁ ଇରାନ ଉପରେ ପ୍ରଚଣ୍ଡ ଆକ୍ରମଣ ଆରମ୍ଭ କରିଥିଲା। ଚଳିତ ସପ୍ତାହ ମଧ୍ୟରେ ଆମେରିକା ପକ୍ଷରୁ ଇରାନ ଉପରେ ଏହା ତୃତୀୟ ବଡ଼ ଆକ୍ରମଣ। ଆମେରିକାର ପ୍ରତିରକ୍ଷା ସଚିବ ଏହି ପ୍ରସଙ୍ଗରେ କହିଛନ୍ତି ଯେ ଇରାନ ଭୁଲ ନିଷ୍ପତ୍ତି ନେଇଛି ଏବଂ ଏବେ ତାକୁ ଏହାର ପରିଣାମ ଭୋଗିବାକୁ ପଡ଼ିବ। ସରକାରୀ ଗଣମାଧ୍ୟମ ଅନୁଯାୟୀ, ବୁସେହର, ଆସାଲୁୟେ ଏବଂ ଚାବାହାର ନିକଟରେ ଶକ୍ତିଶାଳୀ ବିସ୍ଫୋରଣର ଶବ୍ଦ ଶୁଣାଯାଇଛି।

ଇରାନ ମଧ୍ୟ ଜବାବୀ ହମଲା କରିଛି। ଉପସାଗରୀୟ ଅଞ୍ଚଳରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକ ଉପରେ କ୍ଷେପଣାସ୍ତ୍ର ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। କୁଏତ, ବାହରିନ, କାତାର ଏବଂ ଜୋର୍ଡାନରେ ଥିବା ଆମେରିକା ସାମରିକ ଭିତ୍ତିଭୂମିକୁ ଟାର୍ଗେଟ କରି କ୍ଷେପଣାସ୍ତ୍ର ମାଡ଼ କରିଛି। ବିସ୍ଫୋରଣରେ ଏହି ଅଞ୍ଚଳ ଥରି ଉଠିଛି। ଆକ୍ରମଣରେ ଆମେରିକାର ପ୍ରତିରକ୍ଷା ▶ପୃଷ୍ଠା-୭



### ଆନ୍ଧ୍ରପ୍ରଦେଶରେ ହାଇଆଲର୍ଟ

## ଆଉ ଜଣଙ୍କ ମୁଣ୍ଡ ନେଲା କରୋନା

### ୭ ଦିନରେ ଦ୍ୱିତୀୟ ମୃତ୍ୟୁ

### ଆହୁରି ୮ ରୋଗୀ ଚିହ୍ନଟ

■ କଡ଼ପା, ୧୨।୭ (ଏଜେନ୍ସି): ଆନ୍ଧ୍ରପ୍ରଦେଶର ୱାଇଏସ୍ଆର୍ କଡ଼ପା ଜିଲ୍ଲାରେ ପୁଣି ଥରେ କୋଭିଡ୍-୧୯ ସଂକ୍ରମଣ ଦେଖାଦେବା ପରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ସାମ୍ପ୍ରତିକ ସପ୍ତାହଗୁଡ଼ିକରେ ଜିଲ୍ଲାରେ ୮ ଜଣ ସକ୍ରିୟ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୨ ଜଣ ସଂକ୍ରମିତ ରୋଗୀଙ୍କର ମୃତ୍ୟୁ ଘଟିଛି। ରିପୋର୍ଟ ଅନୁଯାୟୀ, କଡ଼ପାର ରାଜାମ୍ପେଟ ଅଞ୍ଚଳର ଜଣେ ୫୨ ବର୍ଷୀୟ ବ୍ୟକ୍ତି ଏବଂ ଅନ୍ୟ ଜଣେ ୪୩ ବର୍ଷୀୟ ବ୍ୟକ୍ତି ଜ୍ୱର ଓ କାଶରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ଏହା ବ୍ୟତୀତ କଡ଼ପା ମେଡିକାଲ କଲେଜର ଜଣେ ୨୫ ବର୍ଷୀୟ ଚିକିତ୍ସା ବିଜ୍ଞାନ ଛାତ୍ର ମଧ୍ୟ କରୋନା ପଜିଟିଭ୍ ଚିହ୍ନଟ ହୋଇ ଗୃହ ସଙ୍ଗରୋଧ (ହୋମ୍ ଆଇସୋଲେସନ୍) ରେ ଅଛନ୍ତି।

ନୂତନ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ପ୍ରଭାବିତ ଅଞ୍ଚଳରୁ ପ୍ରାୟ ୪୦ ଜଣଙ୍କ ନମୁନା ସଂଗ୍ରହ କରିଛନ୍ତି। ଭୂତାଣୁର ପ୍ରକାର ଓ ସଂକ୍ରମଣର ଶୈଳୀ ଜାଣିବା ପାଇଁ ଏହି ନମୁନାଗୁଡ଼ିକୁ ଜିନୋମ ସିକ୍ୱେନ୍ସିଂ ପାଇଁ ପୁଣେ ପଠାଯାଇଛି। ଜିଲ୍ଲା ପ୍ରଭାରୀ ମନ୍ତ୍ରୀ ସବିତା ଏହି ସ୍ଥିତିର ସମୀକ୍ଷା କରି ଜିଲ୍ଲାପାଳ ସିଏଚ୍ ଶ୍ରୀଧରଙ୍କୁ ସଂକ୍ରମଣ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଜନଗହଳି ପୂର୍ଣ୍ଣ ସ୍ଥାନ ଓ ଡାକ୍ତରଖାନାଗୁଡ଼ିକରେ ମାସ୍କ ପିନ୍ଧିବା ବାଧ୍ୟତାମୂଳକ କରାଯିବା ▶ପୃଷ୍ଠା-୭

## ଦଳିତ ନାବାଳିକାକୁ ଘରୁ ଉଠାଇ ନେଇ ଗଣଦୁଷ୍କର୍ମ

### ପ୍ରମାଣ ନଷ୍ଟ ପାଇଁ ତଣ୍ଟି ଚିପି ହତ୍ୟା ଉଦ୍ୟମ; ୨ ଗିରଫ

■ ଭଦ୍ରକ/ତିହିଡ଼ି, ୧୨।୭ (ସମିସ): ଦିନକୁ ଦିନ ରାଜ୍ୟରେ ନାବାଳିକା ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେଉଥିବାବେଳେ, ପୁଣି ଏକ ସାଂଘାତିକ ତଥା ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅଞ୍ଚଳରୁ। ଜଣେ ଦଳିତ ନାବାଳିକାକୁ ରାତି ଅଧରେ ଘରୁ ଉଠାଇ ଗଣଦୁଷ୍କର୍ମ କରାଯାଇଛି। ଏହି ଅଭାବନୀୟ କାଣ୍ଡ ଘଟିଛି ତିହିଡ଼ି ଥାନା ଅଧୀନ ନନ୍ଦପୁର ଅଞ୍ଚଳରେ।



ଅଭିଯୋଗ ଅନୁଯାୟୀ, ରାତି ଅଧରେ ଘରୁ ଏକ ନିରୀହ ଦଳିତ ନାବାଳିକାକୁ ଜୋର୍‌ଜବରଦସ୍ତ ଟେକି ନେଇ ୨ ଯୁବକ ଗଣଦୁଷ୍କର୍ମ କରିଥିଲେ। ଏତିକିରେ ନରରାକ୍ଷସଙ୍କ ମନ ଭରି ନ ଥିଲା। ନାବାଳିକା ଜଣକ ଚିତ୍କାର କରିବାରୁ ପ୍ରମାଣ ନଷ୍ଟ କରିବା ପାଇଁ ତା' ତଣ୍ଟି ଚିପି ହତ୍ୟା କରିବାକୁ ମଧ୍ୟ ଯୋଜନା କରିଥିଲେ। ତେବେ ଠିକ୍ ସେତିକି ବେଳେ ଦେବଦୂତ ସାଜି ପହଞ୍ଚିଥିଲେ ସ୍ଥାନୀୟ କିଛି ଯୁବକ। ଘଟଣାସ୍ଥଳରୁ ୨ ଅଭିଯୁକ୍ତ ଦୌଡ଼ି ପଳାଇ ଯାଉଥିବା ଦେଖି ଯୁବକମାନେ ଦୁହିଁଙ୍କୁ କାବୁ କରିନେଇଥିଲେ। ନାବାଳିକାକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ସହ ତୁରନ୍ତ ତିହିଡ଼ି ଥାନାଧିକାରୀ ଲୋପାମୁଦ୍ରା ନାୟକଙ୍କୁ ଖବର ଦେଇଥିଲେ। ଏହି ବର୍ବର କାଣ୍ଡ ଘଟାଇଥିବା ୨ ଅଭିଯୁକ୍ତ ହେଉଛନ୍ତି ଚନ୍ଦନ କୁମାର ରାୟ (୨୧) ଓ ମନୋରଞ୍ଜନ ମଲ୍ଲିକ(୨୨)। ଚନ୍ଦନର ଘର ବିହାର ମୁସାଫିଲ ଥାନା ଅନ୍ତର୍ଗତ ଛପୂରା ଅଞ୍ଚଳରେ ବୋଲି ▶ପୃଷ୍ଠା-୭

## ନିଷ୍କ୍ରିୟ ହେଉଛି ମୌସୁମୀ

### ବର୍ଷା ପାଇଁ ଆବଶ୍ୟକ ଲଘୁଚାପ

■ ଭୁବନେଶ୍ୱର, ୧୨।୭ (ସମିସ): ରାଜ୍ୟରେ ବର୍ଷାକୁ ନେଇ ପୁଣି ଆଶଙ୍କା ସୃଷ୍ଟି ହୋଇଛି। ଗତ ଲଘୁଚାପ ପ୍ରଭାବରେ ରାଜ୍ୟରେ ନିଅଣ୍ଟିଆ ବର୍ଷା ଭରଣା ହୋଇ ସ୍ୱାଭାବିକ ତୁଳନାରେ ବର୍ଷା ଅଧିକ ବଢ଼ିଥିଲା। ହେଲେ ଏବେ ରାଜ୍ୟରେ ପୁଣି ମୌସୁମୀ ଦୁର୍ବଳ ହୋଇଥିବା ଯୋଗୁଁ ରବିବାର ସାରା ରାଜ୍ୟରେ ଖରାଟିଆ ପାଗ ସାଙ୍ଗକୁ ଆକାଶ ନିର୍ମଳ ରହିଛି। ଏବେ ମୌସୁମୀ ନିମ୍ନ ଚାପରେଖା ହିମାଳୟ ପାଦଦେଶ ମୁହାଁ ହୋଇଥିବାରୁ ଏହା ମୌସୁମୀ ବ୍ରେକ୍ ସ୍ଥିତିର ଲକ୍ଷଣକୁ ଦର୍ଶାଉଛି। ତେଣୁ ମୌସୁମୀ ସକ୍ରିୟ ହେବା ପାଇଁ ହେଲେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ନିତାନ୍ତ ଆବଶ୍ୟକ ହୋଇପଡ଼ିଛି। ଏପରି ସ୍ଥିତିରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବାକୁ ନେଇ ମଧ୍ୟ ଆଶଙ୍କା ସୃଷ୍ଟି ହୋଇଛି। କାରଣ ପ୍ରଥମେ ୧୪ ତାରିଖରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ନେଇ ଆଶଙ୍କା କରାଯାଉଥିବା ବେଳେ ଏବେ ଧୀରେ ଏହି ଆଶଙ୍କା କ୍ଷୀଣ ହେଉଛି। ଏବେ କେବଳ ଜିଏଫ୍ଏସ୍ ମଡେଲ୍ ହିଁ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ/ଲଘୁଚାପ ସୃଷ୍ଟି ନେଇ ଆକଳନ କରୁଥିବା ବେଳେ ଯଦି ଏହା ହୁଏ ତେବେ ୧୬ ତାରିଖ ବେଳକୁ ଘୂର୍ଣ୍ଣିବଳୟ ହେବା ନେଇ ପୂର୍ବାନୁମାନ କରାଯାଉଛି।

ସାଧାରଣତଃ ମୌସୁମୀ ବ୍ରେକ୍ ସମୟରେ ଖରାଟିଆ ପାଗ ସାଙ୍ଗକୁ ଉପକୂଳରେ ଗୁଳୁଗୁଳି ମଧ୍ୟ ଅନୁଭୂତ ହୋଇଥାଏ। ଏହି ସମୟରେ ପଶ୍ଚିମାଝଡ଼ ସକ୍ରିୟ ହେଲେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ▶ପୃଷ୍ଠା-୭

## ୨୦ରୁ ସଂସଦର ମୌସୁମୀ ଅଧିବେଶନ

### ୧୯ରେ ସର୍ବଦଳୀୟ ବୈଠକ

■ ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଜୁଲାଇ ୨୦ରୁ ଅନୁଷ୍ଠିତ ହେବ ସଂସଦର ମୌସୁମୀ ଅଧିବେଶନ। ଏହାର ଅବ୍ୟବହିତ ପୂର୍ବରୁ ୧୯ ତାରିଖରେ ସର୍ବଦଳୀୟ ବୈଠକ ବସିବ। ସୂଚନା ଅନୁସାରେ ଏହି ଅଧିବେଶନରେ କେନ୍ଦ୍ର ସରକାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗତ କରିବାର ସମ୍ଭାବନା ରହିଛି। ଯଦିଓ ସରକାର ଏପର୍ଯ୍ୟନ୍ତ ଅଧିକୃତ ଭାବେ 'ଲିଷ୍ଟ ଅଫ୍ ବିଜନେସ୍' ବା ଚୂଡ଼ାନ୍ତ ▶ପୃଷ୍ଠା-୭

### ବିଜେଡି ସଂସଦୀୟ ଦଳ ବୈଠକ ଆଜି

■ ଭୁବନେଶ୍ୱର, ୧୨।୭ (ସମିସ): ଜୁଲାଇ ୨୦ରୁ ଆରମ୍ଭ ହେବାକୁଥିବା ମୌସୁମୀ ଅଧିବେଶନ ଅବ୍ୟବହିତ ପୂର୍ବରୁ ଆସନ୍ତାକାଲି ବସିବ ବିଜେଡ଼ି ସଂସଦୀୟ ଦଳ ବୈଠକ। ଦଳର ସଂସଦୀୟ ବୋର୍ଡ଼ ଅଧ୍ୟକ୍ଷ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆସନ୍ତାକାଲି ସନ୍ଧ୍ୟାରେ ନବୀନ ନିବାସରେ ଏହି ବୈଠକ ଅନୁଷ୍ଠିତ ହେବ। ଆସନ୍ତା ମୌସୁମୀ ଅଧିବେଶନରେ ଦଳର ରଣନୀତି ଓ ରାଜ୍ୟ ପ୍ରସଙ୍ଗଗୁଡ଼ିକ ସମ୍ପର୍କରେ ଶ୍ରୀ ପଟ୍ଟନାୟକ ଦଳୀୟ ସାଂସଦମାନଙ୍କ ସହ ଆଲୋଚନା କରିବେ। ବିଭିନ୍ନ ଯୋଜନାରେ କେନ୍ଦ୍ର ସରକାରଙ୍କ ▶ପୃଷ୍ଠା-୭

### ମର୍ମନ୍ତୁଦ ଦୁର୍ଘଟଣା

## ବାପା ଓ ଦୁଇ ପୁଅ ମୃତ, ମା' ସହ ୨ ଗୁରୁତର

■ ଉମରକୋଟ/ରାଇଘର,୧୨।୭ (ସମିସ): ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ବାପା ଓ ଦୁଇ ପୁଅଙ୍କ ମୃତ୍ୟୁ ଘଟିଥିବା ବେଳେ ମା' ଓ ଅନ୍ୟ ଜଣେ ପୁଅ ଗୁରୁତର ହୋଇଛି। ଗୁରୁତର ମା' ଓ ପୁଅକୁ ପ୍ରଥମେ ହାଟଭରଣ୍ଡୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାଟି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଦେଓଭରଣ୍ଡୀ ଠାରେ ଘଟିଛି।

ସୂଚନା ଅନୁଯାୟୀ, ଏକ ଟ୍ରକ ୪୦ ନମ୍ବର ରାଜ୍ୟ ରାଜପଥରେ ରାଇଘରରୁ କୁନ୍ଦେଇ ଯାଉଥିବା ବେଳେ ଏକ ବାଇକ୍‌ରେ ଗୋଟିଏ ପରିବାରର ବାପା, ମା' ଓ ତିନି ପୁଅ ଯାଉଥିଲେ। ଏହି ସମୟରେ ଟ୍ରକ୍‌ଟି ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣା ସ୍ଥଳରେ ବାପା ବାବୁଲାଲ ଗଣ୍ଡ, ପୁଅ ପ୍ରଦୀପ ଗଣ୍ଡ ଓ ତୁଷାର ଗଣ୍ଡଙ୍କ ମୃତ୍ୟୁ ଘଟିଥିଲା ବାଇକ୍‌ଟି ଟ୍ରକ ଚକାତଳେ ଚାପି ହୋଇ ବହୁ ଦୂର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଥାନାରେ ଆତ୍ମସମର୍ପଣ କରିଛନ୍ତି। ଘଟଣା ସ୍ଥଳରେ କ୍ଷତିପୂରଣ ଦାବିରେ ଲୋକେ ରାସ୍ତା ଅବରୋଧ କରିଥିବା ଜଣାପଡ଼ିଛି।

## ଋଣ ଯନ୍ତାରେ ଭାରତ

### ବୈଦେଶିକ ଋଣ ଟପିଲା ୭୨ ଲକ୍ଷ କୋଟି

### ୧୨ ବର୍ଷରେ ୭୨% ବୃଦ୍ଧି

■ ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି): ଭାରତ ପାଞ୍ଚ ଟ୍ରିଲିଅନ ଅର୍ଥନୀତି ପାଇଁ ପଥ ପ୍ରସ୍ତୁତ କରୁଛି। ଖୁବ୍ ଶୀଘ୍ର ଏହା ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତିରେ ପରିଣତ ହେବ ବୋଲି ଦାବି କରାଯାଉଛି। ମାତ୍ର ରିଜର୍ଭ ବ୍ୟାଙ୍କର ଏକ ରିପୋର୍ଟରେ ପ୍ରକାଶିତ ଭାରତର ଆର୍ଥିକ ସ୍ୱାସ୍ଥ୍ୟ ଯେ ଆଦୌ ସୁସ୍ଥ ନୁହେଁ, ତାହା ପ୍ରମାଣିତ କରିଛି। ସମ୍ପ୍ରତି ଦେଶର ମୋଟ ଋଣ ପରିମାଣ ୨ ଟ୍ରିଲିଅନ ଅତିକ୍ରମ କରିଛି। ଅନ୍ୟପକ୍ଷରେ ଭାରତର ବୈଦେଶିକ ଋଣ ପରିମାଣ ୭୨ ଲକ୍ଷ କୋଟି ଟପିଯାଇଛି। ୨୦୧୪ରେ ଭାରତର ବୈଦେଶିକ ଋଣ ପରିମାଣ ୪୪ ଲକ୍ଷ କୋଟି ଟଙ୍କା ଥିବାବେଳେ ଇତିମଧ୍ୟରେ ଏହି ପରିମାଣ ପ୍ରାୟ ୭୦% ବୃଦ୍ଧି ପାଇ ୭୨ ଲକ୍ଷ କୋଟିରେ ପହଞ୍ଚିଛି।

ଭାରତୀୟ ରିଜର୍ଭ ବ୍ୟାଙ୍କର ରିପୋର୍ଟ ଅନୁଯାୟୀ, ଦେଶର ମୋଟ ବାହ୍ୟ ଋଣ ୭୬୨.୮ ବିଲିୟନ ଡଲାର (ପ୍ରାୟ ୭୨.୧୫ ଲକ୍ଷ କୋଟି ଟଙ୍କା)ରେ ପହଞ୍ଚିଛି। ଗତ ମାର୍ଚ୍ଚ ଶେଷ ସୁଦ୍ଧା ପୂର୍ବ ବର୍ଷ ତୁଳନାରେ ଭାରତର ବାହ୍ୟ ଋଣ ପରିମାଣରେ ୨୬.୩ ବିଲିୟନ ଡଲାର ବୃଦ୍ଧି ପାଇଛି। ପୂର୍ବବର୍ଷ ଏହି ଋଣ ପରିମାଣ ଦେଶର ଜିଡିପି ତୁଳନାରେ ୧୯.୮% ଥିବାବେଳେ ଗତ ଆର୍ଥିକ ବର୍ଷ ଶେଷ ଅର୍ଥାତ୍ ମାର୍ଚ୍ଚ ୩୧ତାରିଖ ସୁଦ୍ଧା ଏହା ୨୦.୮%ରେ ପହଞ୍ଚିଛି। ଏହି ଋଣ ପରିମାଣ ବୃଦ୍ଧି ପଛରେ ବିଶେଷ ଭାବରେ ଘରୋଇ କ୍ଷେତ୍ରର ଆବଶ୍ୟକତା ଥିବା କୁହାଯାଉଛି। ସେହିପରି ଏକ ବର୍ଷ କିମ୍ବା ତା'ଠାରୁ କମ୍ ସମୟର ପରିପକ୍ୱତା ଥିବା ସ୍ୱଳ୍ପକାଳୀନ ବାହ୍ୟ ଋଣର ଅଂଶ ୧୯.୬ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଗତ ବର୍ଷ ୧୮.୩ ପ୍ରତିଶତ ଥିଲା। ଅର୍ଥନୀତିଜ୍ଞମାନଙ୍କ ମତରେ ସ୍ୱଳ୍ପକାଳୀନ ଋଣକୁ ଅଧିକ ସମ୍ବେଦନଶୀଳ ବୋଲି ବିବେଚନା କରାଯାଏ। ଏକ ସଂକ୍ଷିପ୍ତ ସମୟ ▶ପୃଷ୍ଠା-୭

### ଦୁର୍ଦ୍ଦିନରେ ଓଡ଼ିଶା ପାଇଁ ସ୍ୱର୍ଣ୍ଣପଦକ ଜିତିଥିବା ସଟପୁଟରାଣୀ ଓ ପରିବାର

## ୪ ମାସ ହେଲା ମିଳୁନି କ୍ରୀଡ଼ାବିତ୍ ଭତ୍ତା

■ ବାରିପଦା, ୧୨।୭ (ସମିସ): ଓଡ଼ିଶାର ବହୁ ପୂର୍ବତନ ସଫଳ କ୍ରୀଡ଼ାବିତ୍ ଅଛନ୍ତି, ଯେଉଁମାନେ ଦିନେ ରାଜ୍ୟ ପାଇଁ ଗୌରବ ଆଣିଥିଲେ। ଆଜି ସେମାନେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଯୁବାବସ୍ଥାରେ ରାଜ୍ୟର ନାୟକ/ନାୟିକା ଭାବେ ପରିଚିତ ଏହି ବରିଷ୍ଠ ଖେଳାଳି ବାର୍ଦ୍ଧକ୍ୟରେ ମୌଳିକ ଆବଶ୍ୟକତା ପୂରଣ କରିବାରେ ଅସମର୍ଥ। ସରକାରୀ ସହାୟତାର ଅଭାବ ଓ କ୍ରୀଡ଼ାବିତ୍ ଭତ୍ତା ସଠିକ୍ ଭାବେ ମିଳୁ ନ ଥିବାରୁ ସେମାନେ ଉପେକ୍ଷିତ ହୋଇପଡ଼ିଛନ୍ତି। ଏହି ଖେଳାଳିମାନଙ୍କୁ କ୍ରୀଡ଼ାରେ ଅସାଧାରଣ ଅବଦାନ ପାଇଁ ସ୍ୱର୍ଣ୍ଣପଦକ ଦିଆଯାଇଥିବାବେଳେ ତାହା ଏବେ ଘରର ଶୋଭାବୃଦ୍ଧି କରୁଛି ସତ, କିନ୍ତୁ ପରିଣତ ବୟସରେ ନିଜର ରୋଜଗାର ନ ଥିବାରୁ ମୂଲ୍ୟହୀନ ହୋଇପଡିଛି। ଏହା ସଟପୁଟ୍ ତାରକା ସୁଚେତା ଆଚାର୍ଯ୍ୟଙ୍କ କ୍ଷେତ୍ରରେ ଦେଖିବାକୁ ମିଳିଛି। ତାଙ୍କୁ ୪ ମାସ ହେଲା କ୍ରୀଡ଼ାବିତ୍ ଭତ୍ତା ମିଳି ନ ଥିବାରୁ ତାଙ୍କ ପରିବାରର ଦୁର୍ଦ୍ଦିନରେ ଦିନ କଟୁଛି। ତାଙ୍କ ଭଳି ମୟୂରଭଞ୍ଜର ୩୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍‌ଙ୍କ ସମାନ ଅବସ୍ଥାରେ ଦିନ କାଟୁଛନ୍ତି।



ମୟୂରଭଞ୍ଜର ୩୦ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍‌ଙ୍କ ସମାନ ଅବସ୍ଥା

ବାରିପଦାରେ ରହୁଥିବା ସୁଚେତା ଆଚାର୍ଯ୍ୟ ଦିନେ ସଟପୁଟରାଣୀ ଭାବେ ପରିଚିତି ଥିଲେ। ରାଜ୍ୟ ପାଇଁ ଖେଳି ସେ ସ୍ୱର୍ଣ୍ଣପଦକ ମଧ୍ୟ ପାଇଥିଲେ। ତାଙ୍କର ପରିଣତ ବୟସରେ ସହାୟତା ସ୍ୱରୂପ ପୂର୍ବ ସରକାର ମାସକୁ ୩ ହଜାର ଟଙ୍କା ଭତ୍ତାରାଶି ବ୍ୟାଙ୍କ ଆକାଉଣ୍ଟ ଜରିଆରେ ପ୍ରଦାନ କରୁଥିଲେ। ମାତ୍ର ଗତ ୪ ମାସ ହେବ ଭତ୍ତାଟଙ୍କା ମିଳିନି। ଏଥିପାଇଁ ସୁଚେତାଙ୍କ ଘରେ ଚୁଲି ଜଳୁନି। ଓଳିଏ ଖାଇଲେ ଅନ୍ୟ ଓଳି ଉପବାସରେ। କେବଳ ସୁଚେତା ନୁହଁନ୍ତି, ସଫଳ ଆଥଲେଟ୍ ସ୍ୱର୍ଗତ ରମାନନ୍ଦ ଆଚାର୍ଯ୍ୟଙ୍କ ଅନ୍ତେ ତାଙ୍କ ପତ୍ନୀ ସୁରେଶ୍ୱରୀ ମଧ୍ୟ ୪ ମାସ ଧରି ଭତ୍ତା ଟଙ୍କା ପାଇନାହାନ୍ତି। ଏଭଳି ମୟୂରଭଞ୍ଜ ଜିଲ୍ଲାର ୩୦ରୁ ଅଧିକ ପୁରାତନ କ୍ରୀଡାବିତ୍ ଓ ତାଙ୍କ ପରିବାର ୪ ମାସ ଧରି ଭତ୍ତାରାଶି ପାଉନାହାନ୍ତି। ରାଜ୍ୟ କ୍ରୀଡା ମନ୍ତ୍ରଣାଳୟକୁ ଯାଇ କେତେଜଣ ସଚିବଙ୍କୁ ଗୁହାରି କରିବା ପରେ ମଧ୍ୟ ନିରାଶରେ ଅଛନ୍ତି। ମୟୂରଭଞ୍ଜ ଜିଲ୍ଲାର ଏହି କ୍ରୀଡ଼ାବିତ୍ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ▶ପୃଷ୍ଠା-୭

# ପାହାଡ଼ିଆ ଅଞ୍ଚଳରେ ପ୍ରକୃତିର ତାଣ୍ଡବ

**ଶ୍ରୀନଗର/ଡେହରାଡୁନ,୧୨।୭(ଏଜେନ୍ସି):** ଦେଶର ପାର୍ବତ୍ୟାଞ୍ଚଳରେ ପ୍ରବଳ ବର୍ଷା ଯୋଗୁଁ ନଦୀଗୁଡ଼ିକ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ବନ୍ୟା ଏବଂ ଭୂସ୍ଖଳନ ସ୍ଥିତି ଗମ୍ଭୀର ରୂପ ଧାରଣ କରିଛି। ଜମ୍ମୁ-କାଶ୍ମୀରର ପହଲଗାମଠାରେ ହଠାତ ବାଦଲଫଟା ସୃଷ୍ଟି ହୋଇଛି। ଏହି କାରଣରୁ ପାହାଡ଼ ଉପରୁ ପ୍ରଖର ସ୍ରୋତରେ ପାଣି ମାଡ଼ିଆସି ବହୁ ଚାଷଜମିକୁ ନଷ୍ଟ କରିଦେଇଛି। ଏହାସହ ଅନେକ ପ୍ରମୁଖ ରାସ୍ତା ଧୋଇଯାଇଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ସ୍ଥାନୀୟ ପ୍ରଶାସନ ଉଦ୍ଧାର କାର୍ଯ୍ୟ ଜାରି ରଖିବା ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦେଇଛି।

**କାଶ୍ମୀରରେ ବାଦଲଫଟା ବର୍ଷା, ଉତ୍ତରାଖଣ୍ଡରେ ଭୂସ୍ଖଳନ**

**ପହଲଗାମ ଅଞ୍ଚଳରେ ଜଳ ପ୍ରଳୟ, ରାସ୍ତା ନଷ୍ଟ**

**ଦେଶର ୭୦% ଅଞ୍ଚଳରେ ମୌସୁମୀ ଦୁର୍ବଳ**



ବର୍ଷା ଯୋଗୁଁ ଆକସ୍ମିକ ବନ୍ୟା ସୃଷ୍ଟି ହୋଇ ବ୍ୟାପକ କ୍ଷୟକ୍ଷତି ଘଟାଇଛି। ଅପରପକ୍ଷରେ ଉତ୍ତରାଖଣ୍ଡରେ ଭୂସ୍ଖଳନ ଯୋଗୁଁ ଏକ ଜଳବିଦ୍ୟୁତ ପ୍ରକଳ୍ପ ସ୍ଥଳରେ ଅନେକ ଗାଡ଼ି ଓ ଯନ୍ତ୍ରପାତି ପୋତି ହୋଇଯାଇଛି। ଜମ୍ମୁ-କାଶ୍ମୀରର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ପହଲଗାମରେ ହୋଇଥିବା ବାଦଲଫଟା ବର୍ଷା ଯୋଗୁଁ ପାର୍ବତ୍ୟାଞ୍ଚଳରେ ଜଳପ୍ରଳୟ ପରିସ୍ଥିତି ଉତ୍ତରାଖଣ୍ଡର ବିକାଶନଗର ଅଞ୍ଚଳରେ ଥିବା ଲଖୱାର ଜଳବିଦ୍ୟୁତ ପ୍ରକଳ୍ପ ନିକଟରେ ମଧ୍ୟ ଭୟଙ୍କର ପ୍ରକୃତିର କୋପ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ଯୋଗୁଁ ପାହାଡ଼ର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିବାରୁ ପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ ଥିବା ଅନେକ ନିର୍ମାଣ ଯନ୍ତ୍ରପାତି ଏବଂ ଗାଡ଼ି ଗୁଡ଼ିକ ପଥର ଓ ମାଟି ଗଦା ତଳେ ପୋତି ହୋଇଯାଇଛି। ସୌଭାଗ୍ୟବଶତଃ ଏଥିରେ କୌଣସି ପ୍ରାଣହାନିର ସୂଚନା ମିଳିନାହିଁ, ମାତ୍ର ବ୍ୟାପକ ସାମଗ୍ରୀକ କ୍ଷୟକ୍ଷତି ଘଟିଛି। ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ, ଦେଶର ଅଧିକାଂଶ ଭାଗରେ ମୌସୁମୀ ବାୟୁ ଦୁର୍ବଳ ହେବାରେ ଲାଗିଛି। ବଙ୍ଗୋପସାଗରରେ କୌଣସି ସକ୍ରିୟ ଲଘୁଚାପ ସୃଷ୍ଟି ହୋଇନଥିବାରୁ ପ୍ରାୟ ୭୦% ଅଞ୍ଚଳରୁ ବାଦଲ ସରିବାରେ ଲାଗିଛି। ଆଗାମୀ ପାଞ୍ଚ ଦିନ ପର୍ଯ୍ୟନ୍ତ ରାଜସ୍ଥାନ, ଦିଲ୍ଲୀ, ମଧ୍ୟପ୍ରଦେଶ, ଗୁଜରାଟ ଏବଂ ମହାରାଷ୍ଟ୍ରରେ ବିଶେଷ ବର୍ଷାର ସମ୍ଭାବନା ନାହିଁ। ବର୍ଷା କମିବା ଯୋଗୁଁ ଉତ୍ତର ଭାରତର କେତେକ ସ୍ଥାନରେ ତାପମାତ୍ରା ବୃଦ୍ଧି ପାଇଛି ଏବଂ ରାଜସ୍ଥାନର ଶ୍ରୀଗଙ୍ଗାନଗରରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ଅନ୍ୟପଟେ, ବର୍ଷା ପରେ ପାର୍ବତ୍ୟ ସହର ଶିମଲା, ଋଷିକେଶ ଏବଂ ଛତିଶଗଡ଼ର ଯଶପୁର ଅଞ୍ଚଳରେ ପ୍ରବଳ କୁହୁଡ଼ି ଦେଖିବାକୁ ମିଳିଛି। କୁହୁଡ଼ି ଯୋଗୁଁ ଦୃଶ୍ୟମାନ ଦୂରତା ବହୁତ କମିଯାଇଥିବାରୁ ଗାଡ଼ି ଚଳାଚଳ ଏବଂ ସାଧାରଣ ଜୀବନଯାତ୍ରା ବାଧାପ୍ରାପ୍ତ ହୋଇଛି।

## ଟରୋଣ୍ଟୋର ସାଂସ୍କୃତିକ ଉତ୍ସବରେ ଗୁଳିକାଣ୍ଡ; ୨ମୃତ

**ଟରୋଣ୍ଟୋ, ୧୨।୭ (ଏଜେନ୍ସି):** କାନାଡାର ଟରୋଣ୍ଟୋରେ ଆୟୋଜିତ ବାର୍ଷିକ 'ସାଲସା ଅନ୍ ସେଣ୍ଟ୍ କ୍ଲେୟାର' ସାଂସ୍କୃତିକ ଉତ୍ସବ ସମୟରେ ଶନିବାର ହଠାତ୍ ଗୁଳିକାଣ୍ଡ ଘଟି ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୫ ଜଣ ଆହତ ହୋଇଛନ୍ତି। ପୁଲିସ ଏହାକୁ ସକ୍ରିୟ ଆକ୍ରମଣକାରୀଙ୍କ ଗୁଳିଚାଳନା ଘଟଣା ବୋଲି କହିଛି। ମିଡ୍‌ଟାଉନ୍ ଟରୋଣ୍ଟୋର ସେଣ୍ଟ୍ କ୍ଲେୟାର ଆଭେନ୍ୟୁ ୱେଷ୍ଟ ଅଞ୍ଚଳରେ ଦୁଇଦିନିଆ ଉତ୍ସବ ଚାଲିଥିବାବେଳେ ହଜାର ହଜାର ଲୋକଙ୍କ ସମାଗମ ମଧ୍ୟରେ ଏହି ଗୁଳିକାଣ୍ଡ ଘଟିଥିଲା। ଘଟଣା ପରେ ଉତ୍ସବସ୍ଥଳରେ ଅସ୍ଥିର ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ଲୋକମାନେ ପ୍ରାଣ ବଞ୍ଚାଇବାକୁ ଦୌଡ଼ାଦୌଡ଼ି କରିଥିଲେ। ଟରୋଣ୍ଟୋ ପୁଲିସ ସୂଚନା ଦେଇଛି ଯେ ଗୁଳିବିଦ୍ଧ ୫ ଜଣଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିବାବେଳେ ୨ ଜଣଙ୍କୁ ଘଟଣାସ୍ଥଳରେ ମୃତ ଘୋଷଣା କରାଯାଇଛି। ସୁରକ୍ଷା ଦୃଷ୍ଟିରୁ ସାଧାରଣ ଲୋକଙ୍କୁ ଉକ୍ତ ଅଞ୍ଚଳକୁ ନଯିବା ପାଇଁ ପରାମର୍ଶ ଦିଆଯାଇଛି। ଘଟଣା ପରେ ପୁଲିସ ସମଗ୍ର ଅଞ୍ଚଳକୁ ଘେରାଉ କରିଥିଲେ ମଧ୍ୟ ସନ୍ଦିଗ୍ଧ ବନ୍ଧୁକଧାରୀ ଫେରାର ଥିବାରୁ ତାଙ୍କୁ ଧରିବା ପାଇଁ ବ୍ୟାପକ ତଲାସି ଅଭିଯାନ ଚାଲିଛି। ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ପରିଚୟ, ଆକ୍ରମଣର ଉଦ୍ଦେଶ୍ୟ କିମ୍ବା କୌଣସି ଗିରଫ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଇନାହିଁ। ଘଟଣାର ତଦନ୍ତ ଚାଲିଥିବାବେଳେ ପୁଲିସ ପ୍ରତ୍ୟକ୍ଷଦର୍ଶୀ ଓ ଘଟଣାସ୍ଥଳର ଫଟୋ କିମ୍ବା ଭିଡିଓ ଥିବା ବ୍ୟକ୍ତିଙ୍କୁ ଆଗକୁ ଆସି ସହଯୋଗ କରିବାକୁ ଅନୁରୋଧ କରିଛି।

## ସ୍ତ୍ରୀ ଛାଡ଼ି ଚାଲିଗଲେ ବୋଲି ୨ ପିଲାଙ୍କୁ ହତ୍ୟା ପରେ ବାପାର ଆତ୍ମହତ୍ୟା

**ତୁତିକୋରିନ୍, ୧୨।୭ (ଏଜେନ୍ସି):** ତାମିଲନାଡୁର ତୁତିକୋରିନ୍ ଜିଲ୍ଲାରୁ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ସେଠାରେ ଜଣେ ବ୍ୟକ୍ତି ନିଜର ଦୁଇ ନାବାଳକ ସନ୍ତାନଙ୍କୁ ବିଦ୍ୟୁତ ଆଘାତ (କରେଣ୍ଟ) ଦେଇ ହତ୍ୟା କରିବା ପରେ ନିଜେ ମଧ୍ୟ ସେହି ତାର ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି। ସ୍ତ୍ରୀ ଛାଡ଼ି ଚାଲିଯିବା ପରେ ସେ ଗଭୀର ମାନସିକ ଅବସାଦରେ ଥିବା ପୁଲିସ ପ୍ରକାଶ କରିଛି। ମୃତକମାନେ ହେଲେ ଟ୍ରକ୍ ଚାଳକ ମେରି ମାଇକେଲ୍ (୪୦), ତାଙ୍କର ୧୪ ବର୍ଷର ନବମ ଶ୍ରେଣୀ ପଢୁଥିବା ଝିଅ ଏବଂ ୧୨ ବର୍ଷର ସପ୍ତମ ଶ୍ରେଣୀ ପଢୁଥିବା ପୁଅ। ପୁଲିସ ସୂଚନା ଅନୁଯାୟୀ, ମାଇକେଲ୍‌ଙ୍କ ସ୍ତ୍ରୀ ପ୍ରାୟ ୬ ମାସ ପୂର୍ବରୁ ଅନ୍ୟ ଜଣେ ଯୁବକଙ୍କ ସହ ଚାଲିଯାଇଥିଲେ, ଯାହାକୁ ନେଇ ସେ ସବୁବେଳେ ଚିନ୍ତିତ ରହୁଥିଲେ ଏବଂ ନିୟମିତ କାମକୁ ମଧ୍ୟ ଯାଉନଥିଲେ। ଗତ ଶୁକ୍ରବାର ରାତିରେ ମାଇକେଲ୍ ପିଲାମାନଙ୍କୁ ଖାଇବାକୁ ଦେଇ ଶୋଇବାକୁ କହିଥିଲେ। ପରେ ପିଲାମାନେ ଶୋଇଥିବା ଅବସ୍ଥାରେ ସେ ସେମାନଙ୍କ ଶରୀରରେ ବିଦ୍ୟୁତ ତାର ବାନ୍ଧି ସେଥିରେ କରେଣ୍ଟ ପ୍ରବାହିତ କରିଥିଲେ ଏବଂ ପରେ ନିଜେ ମଧ୍ୟ ସେହି ତାରକୁ ଧରି ପ୍ରାଣ ହରାଇଥିଲେ। ଶନିବାର ମଧ୍ୟାହ୍ନ ପର୍ଯ୍ୟନ୍ତ କବାଟ ନଖୋଲିବାରୁ ଘରେ ଥିବା ବୃଦ୍ଧ ପିତା ପଡୋଶୀ ଓ ପୁଲିସକୁ ସୂଚନା ଦେଇଥିଲେ। ପୁଲିସ କବାଟ ଭାଙ୍ଗି ତିନିଜଣଙ୍କ ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

**ପୂର୍ବତନ ସିଇସିଙ୍କ ପୁସ୍ତକରେ ଚାଞ୍ଚଲ୍ୟକର ତଥ୍ୟ**

## ଆତ୍ମହତ୍ୟା କରିବାକୁ କହିଥିଲେ ମନମୋହନ ସିଂହ



**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଶାନ୍ତ ସ୍ୱଭାବ ଏବଂ ଗମ୍ଭୀର ବ୍ୟକ୍ତିତ୍ୱ ପାଇଁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଡ.ମନମୋହନ ସିଂହ ଲୋକପ୍ରିୟ। କିନ୍ତୁ ଦେଶର ସାମ୍ବିଧାନିକ ସଂସ୍ଥାର ଗାରିମା ରକ୍ଷା ପାଇଁ ସେ କେତେ ସମ୍ବେଦନଶୀଳ ଥିଲେ, ତାହା ଏବେ ସାମ୍ନାକୁ ଆସିଛି। ପୂର୍ବତନ ମୁଖ୍ୟ ନିର୍ବାଚନ କମିସନର (ସିଇସି) ଏସୱାଇ କୁରୈଶିଙ୍କ ପୁସ୍ତକ "ଇଣ୍ଡିଆ ଆଣ୍ଡ ଆଇ: ଏ ହଣ୍ଡରେଡ୍ ମେମୋଏର୍ସ, ନଟ୍ ଏ ମେମୋଏର୍'ରେ ୨୦୧୨ର ଏକ ଚକିତ କଲାଭଳି ଘଟଣା ସମ୍ପର୍କରେ ବର୍ଣ୍ଣନା କରାଯାଇଛି। ୨୦୧୨ରେ ଉତ୍ତର ପ୍ରଦେଶ ବିଧାନସଭା ନିର୍ବାଚନ ସମୟରେ ତତ୍କାଳୀନ କେନ୍ଦ୍ରମନ୍ତ୍ରୀ ସଲମାନ ଖୁର୍ସିଦ ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ କରି ମୁସଲମାନମାନଙ୍କ ପାଇଁ ସଂରକ୍ଷଣ ବୃଦ୍ଧି କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ବିଜେପିର ଅଭିଯୋଗ ଆଧାରରେ ନିର୍ବାଚନ କମିସନ ଖୁର୍ସିଦଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ଏନେଇ କିଛି କଂଗ୍ରେସ ନେତା ନିର୍ବାଚନ କମିସନଙ୍କୁ ଅହଂକାରୀ ଏବଂ ସ୍ୱେଚ୍ଛାଚାରୀ ବୋଲି କହି ସମାଲୋଚନା କରିଥିଲେ। ନିର୍ବାଚନ କମିସନଙ୍କ ବିରୋଧରେ ହେଉଥିବା ଏପରି ଟିପ୍ପଣୀରେ କୁରୈଶି ମର୍ମାହତ ହୋଇଥିଲେ। ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ପ୍ରେସ ସେକ୍ରେଟାରୀ ହରିଶ ଖାରେଙ୍କ ନିକଟରେ ନିଜ ଅସନ୍ତୋଷ ଜାହିର କରିଥିଲେ। ପରଦିନ ହିଁ ପ୍ରଧାନମନ୍ତ୍ରୀ ମନମୋହନ ସିଂହ କୁରୈଶିଙ୍କୁ ଫୋନ କରି ସାକ୍ଷାତ କରିବାକୁ କହିଥିଲେ। କୁରୈଶିଙ୍କ କହିବା ଅନୁସାରେ, ସାକ୍ଷାତ ସମୟରେ ଡ. ସିଂହ ଅତ୍ୟନ୍ତ ବ୍ୟଗ୍ର ଥିବାପରି ଜଣାପଡୁଥିଲେ। ସେ କହିଥିଲେ, "ଯଦି ଆପଣ ଏହି ସମାଲୋଚନା ପଛରେ ମୋର ସହମତି ଅଛି ବୋଲି ଭାବୁଛନ୍ତି, ତେବେ ମୁଁ ଆତ୍ମହତ୍ୟା କରିବି'। ପ୍ରଧାନମନ୍ତ୍ରୀଙ୍କ ମୁହଁରୁ ଏପରି କଥା ଶୁଣି କୁରୈଶି ସ୍ତବ୍ଧ ହୋଇଯାଇଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ତାଙ୍କର ଅସନ୍ତୋଷ କିଛି ମନ୍ତ୍ରୀଙ୍କ ଆଚରଣ ପାଇଁ ଥିଲା, ପ୍ରଧାନମନ୍ତ୍ରୀଙ୍କ ପ୍ରତି ନୁହେଁ। ଏହି ସାକ୍ଷାତକାର ପରେ ନିର୍ବାଚନ କମିସନଙ୍କ ବିରୋଧରେ ସମସ୍ତ ଅପପ୍ରଚାର ଓ ଟିପ୍ପଣୀ ତୁରନ୍ତ ବନ୍ଦ ହୋଇଯାଇଥିଲା।

## ଆମେରିକାରେ ଭାରତୀୟ ଗୁଗଲ୍ ମହିଳା ଅଧିକାରୀଙ୍କୁ ଗୁଳିକରି ହତ୍ୟାକଲା ସ୍ୱାମୀ

**ୱାସିଂଟନ,୧୨।୭(ଏଜେନ୍ସି):** ଆମେରିକାର ଜର୍ଜିଆ ପ୍ରଦେଶରୁ ଏକ ସ୍ତବ୍ଧ କଲାଭଳି ପାରିବାରିକ ହିଂସା ମାମଲା ସାମ୍ନାକୁ ଆସିଛି। ସେଠାରେ ଜଣେ ଭାରତୀୟ-ଆମେରିକୀୟ ମହିଳା ତଥା ଗୁଗଲ୍ ସଂସ୍ଥାର ବରିଷ୍ଠ ପଦ୍ୟୋଗିକୀ ଅଧିକାରୀ (ଟେକ୍ନୋଲୋଜି ଏକ୍ଜିକ୍ୟୁଟିଭ୍)ଙ୍କୁ ତାଙ୍କ ସ୍ୱାମୀ ଗୁଳି କରି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏହି ଆକ୍ରମଣରେ ଦମ୍ପତିଙ୍କ ୨୩ ବର୍ଷୀୟ ପୁଅ ମଧ୍ୟ ଗୁରୁତର ଭାବେ ଆହତ ହୋଇଛନ୍ତି। ପୁଲିସ ଅଭିଯୁକ୍ତ ସ୍ୱାମୀକୁ ଗିରଫ କରି ଜେଲ୍ ପଠାଇଛି। ଘଟଣା ଅନୁଯାୟୀ, ଆଟଲାଣ୍ଟା ନିକଟସ୍ଥ କୋବ୍ କାଉଣ୍ଟିରେ ଥିବା ବାସଭବନରେ ଗତ ମଙ୍ଗଳବାର ରାତିରେ ଏହି ଗୁଳିକାଣ୍ଡ ଘଟିଥିଲା। ମୃତ ମହିଳା ଜଣକ ହେଲେ ୫୭ ବର୍ଷୀୟା ଶୀତଲ୍ ବ୍ରଜେସିନ୍, ଯିଏ ଗୁଗଲ୍‌ରେ ଏକ ବଡ଼ ସାମରିକ ପ୍ରଯୁକ୍ତିବିଦ୍ୟା ନେତୃତ୍ୱ ପଦବୀରେ



କାର୍ଯ୍ୟରତ ଥିଲେ। ତାଙ୍କର ୫୬ ବର୍ଷୀୟ ସ୍ୱାମୀ କିର୍କ ବି ବ୍ରଜେସିନ୍ ପାରିବାରିକ କଳହ ଯୋଗୁଁ ସ୍ତ୍ରୀ ଶୀତଲ୍ ଏବଂ ପୁଅ ଜେସନ୍‌ଙ୍କ ଉପରକୁ ଗୁଳି ଚଳାଇଥିଲା। ଗୁଳି ବାଜିବା ଯୋଗୁଁ ଶୀତଲ୍‌ଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିବା ବେଳେ ପୁଅ ଜେସନ୍‌ଙ୍କୁ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ପୁଲିସ ଅଭିଯୁକ୍ତ କିର୍କ ବିରୋଧରେ ହତ୍ୟା ଏବଂ ମାରାତ୍ମକ ଆକ୍ରମଣ ଭଳି ସଙ୍ଗୀନ ମାମଲା ରୁଜୁ କରି କୋବ୍ କାଉଣ୍ଟି ଜେଲ୍‌ରେ ଅଟକ ରଖିଛି। ଶୀତଲ୍ ଜଣେ ଅତ୍ୟନ୍ତ ପ୍ରତିଭାଶାଳୀ ମହିଳା ଥିଲେ ଏବଂ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ତାଙ୍କର ଦୁଇ ଦଶନ୍ଧିରୁ ଅଧିକ ସମୟର ଅଭିଜ୍ଞତା ଥିଲା। ସେ ଭାରତ, ଇଂଲଣ୍ଡ ଓ ଘାନାରେ ବଢ଼ିବା ପରେ ଆମେରିକାର ପ୍ରସିଦ୍ଧ ଜର୍ଜିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ କମ୍ପ୍ୟୁଟର ସାଇନ୍ସରେ ଶିକ୍ଷା ଗ୍ରହଣ କରିଥିଲେ। ସେ ଦୁଇଟି ସଫ୍ଟୱେର୍ ପେଟେଣ୍ଟର ଅଧିକାରୀ ମଧ୍ୟ ଥିଲେ।

## ନୂଆ ଭୋଟର ପଞ୍ଜୀକରଣ ପାଇଁ ପିତାମାତାଙ୍କ ଏସ୍‌ଆଇଆର୍ ଜରୁରୀ

**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ବର୍ତ୍ତମାନଠାରୁ ନୂତନ ଭୋଟର ଭାବେ ନାମ ପଞ୍ଜୀକରଣ କରିବାକୁ ଚାହୁଁଥିବା ଆବେଦନକାରୀମାନଙ୍କୁ ସେମାନଙ୍କ ପିତାମାତାଙ୍କର 'ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ' (ଏସ୍‌ଆଇଆର୍) ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବାକୁ ପଡ଼ିବ। ଅନଲାଇନ୍ ଭୋଟର ପଞ୍ଜୀକରଣ ସମୟରେ ଏହି ଘୋଷଣାନାମାକୁ ନିର୍ବାଚନ କମିଶନ ବାଧ୍ୟତାମୂଳକ କରିଛନ୍ତି। ପ୍ରଥମ ଥର ପାଇଁ ଭୋଟର ପାଇଁ ଆବେଦନ କରୁଥିବା ନାଗରିକମାନେ ଫର୍ମ-୬ରେ ଏହି ଦଲିଲକୁ ଯୋଗ କରିବାକୁ ସର୍ତ୍ତ ରଖାଯାଇଛି। ଅନଲାଇନ୍ ଫର୍ମ-୬ରେ ଏହି ସୂଚନା ନ ଦେଲେ ଆବେଦନକାରୀ ପଞ୍ଜୀକରଣ କରିପାରିବେ ନାହିଁ ବୋଲି ଜଣାପଡ଼ିଛି। ଫର୍ମର ପାର୍ଟ-ଜେ ଏବଂ ପାର୍ଟ-କେ ମଧ୍ୟରେ ଏହି ନୂତନ ବିଭାଗଟି ଅନ୍ତର୍ଭୁକ୍ତ କରାଯାଇଛି। ଅନଲାଇନ୍ ଆବେଦନ ସମୟରେ ନୂତନ ଭୋଟରଙ୍କୁ ୩ଟି ବିକଳ୍ପ ମଧ୍ୟରୁ ଗୋଟିଏ ଚୟନ କରିବାକୁ ହେବ। ଯେପରିକି ପୂର୍ବ ଏସ୍‌ଆଇଆର୍ ଭୋଟର ତାଲିକାରେ ଆବେଦନକାରୀଙ୍କ ନିଜ ନାମ କିମ୍ବା ପୂର୍ବ ଏସ୍‌ଆଇଆର୍ ତାଲିକାରେ ପିତାମାତା କିମ୍ବା ଜେଜେବାପା/ମା'ଙ୍କ ନାମ କିମ୍ବା ପୂର୍ବ ତାଲିକାରେ ଆବେଦନକାରୀ କିମ୍ବା ତାଙ୍କ ପିତାମାତାଙ୍କ ନାମର ବିବରଣୀ ଦେବାକୁ କୁହାଯାଇଛି। ଆବେଦନକାରୀ ପ୍ରଥମ ୨ଟି ବିକଳ୍ପ ମଧ୍ୟରୁ କୌଣସିଟିକୁ ବାଛିଲେ, ସେମାନଙ୍କୁ ସମ୍ପୃକ୍ତ ନିର୍ବାଚନ ମଣ୍ଡଳୀ, ମତଦାନ କେନ୍ଦ୍ର (ବୁଥ୍) ନମ୍ବର ଏବଂ ସିରିଏଲ୍ ନମ୍ବର ପ୍ରଦାନ କରିବାକୁ ହେବ। ଏହି ନୂତନ ବ୍ୟବସ୍ଥା ସର୍ବପ୍ରଥମେ ଗତ ବର୍ଷ ଜୁନ୍‌ରେ ବିହାରରେ ପ୍ରଚଳନ କରାଯାଇଥିଲା। ବର୍ତ୍ତମାନ ଏହାକୁ ଅନ୍ୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଲାଗୁ କରାଯାଉଛି। ପୂର୍ବରୁ ଫର୍ମ-୬ରେ ପରିବାରର ଅନ୍ୟ ସଦସ୍ୟଙ୍କ ଭୋଟର ନମ୍ବର ମଗାଯାଉଥିଲା। କିନ୍ତୁ ଏବେ ଏସ୍‌ଆଇଆର୍ ବିବରଣୀକୁ ବାଧ୍ୟତାମୂଳକ କରାଯାଇଛି।

## ଆମରଣ ଅନଶନରେ ୱାଙ୍ଗ୍‌ଚୁକ୍; ବିଗୁଡୁଛି ସ୍ୱାସ୍ଥ୍ୟାବସ୍ଥା



**ନୂଆଦିଲ୍ଲୀ, ୧୨।୭ (ଏଜେନ୍ସି):** ଶିକ୍ଷାବିତ୍ ତଥା ଜଳବାୟୁକର୍ମୀ ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ରବିବାର ଅଧିକ ଗୁରୁତର ହୋଇପଡ଼ିଛି। ଜନ୍ତର ମନ୍ତରଠାରେ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ପରୀକ୍ଷା ଅନିୟମିତତା ବିରୋଧରେ ଚାଲିଥିବା ଆନ୍ଦୋଳନ ଆଜି ୨୩ ଦିନରେ ପହଞ୍ଚିଛି। ଆନ୍ଦୋଳନକୁ ସମର୍ଥନ କରି ୱାଙ୍ଗଚୁକଙ୍କ ଆମରଣ ଅନଶନ ଆଜି ୧୫ତମ ଦିନରେ ପ୍ରବେଶ କରିଛି। ଡାକ୍ତରୀ ରିପୋର୍ଟ ଅନୁଯାୟୀ, ଅନଶନ ଆରମ୍ଭ କରିବା ଦିନଠାରୁ ୱାଙ୍ଗଚୁକ ପ୍ରାୟ ୭.୮ କିଲୋଗ୍ରାମ ଓଜନ ହରାଇଛନ୍ତି। ତାଙ୍କର ରକ୍ତଚାପ ବହୁ ହ୍ରାସ ପାଇଥିବା ସିଜେପି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରସାରିତ ଏକ ଭିଡିଓରେ ସେ ଶାରୀରିକ ଭାବେ ଅତ୍ୟନ୍ତ ଦୁର୍ବଳ ଦେଖାଯାଉଛନ୍ତି। ଏହା ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଚିନ୍ତା ବଢ଼ାଇଛି। ପରୀକ୍ଷା ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ନେଇ ସିଜେପି ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରାଯାଇଛି। ଏଥିସହିତ, ଅନିୟମିତତା ଯୋଗୁଁ ଆତ୍ମହତ୍ୟା କରିଥିବା ଛାତ୍ରଛାତ୍ରୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦେବା ପାଇଁ ସଂଗଠନ ଦାବି କରିଛି। ଆସନ୍ତା ଜୁଲାଇ ୨୦ରେ, ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନରେ, ସଂସଦ ଅଭିମୁଖେ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରାଯିବ ବୋଲି ଘୋଷଣା କରାଯାଇଛି। ସୋନମ ୱାଙ୍ଗଚୁକ ନିଜକୁ "ଆଧୁନିକ ଗାନ୍ଧୀ' ବା "ନାୟକ' କହିବାକୁ ମନା କରିବା ସହ ଜଣେ ସଚେତନ ନାଗରିକ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। 'ଅନ୍ୟମାନଙ୍କ ମଧ୍ୟରେ ନାୟକ ନଖୋଜି ନିଜ ଜୀବନର ନାୟକ ନିଜେ ହୁଅନ୍ତୁ' ବୋଲି ସେ ସାମାଜିକ ଗଣମାଧ୍ୟମ ଏକ୍ସ ମାଧ୍ୟମରେ ବାର୍ତ୍ତା ଦେଇଛନ୍ତି। ଜୁଲାଇ ୨୦ର ସଂସଦ ପଦଯାତ୍ରାରେ ସାମିଲ ହୋଇ ସାଂସଦମାନଙ୍କ ଉପରେ ଚାପ ପକାଇବାକୁ ସେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।



## ହର୍ମୁଜ୍‌ରେ ଜାହାଜ ଉପରେ ପୁଣି ଆକ୍ରମଣ

**୧୦ ଭାରତୀୟ ଉଦ୍ଧାର, ଜଣେ ନିଖୋଜ**

**ନୂଆଦିଲ୍ଲୀ,୧୨।୭(ଏଜେନ୍ସି):** ଓମାନ ଉପକୂଳ ନିକଟ ହର୍ମୁଜ୍ ପ୍ରଣାଳୀରେ ସାଇପ୍ରସ ପତାକା ବହନ କରୁଥିବା ବାଣିଜ୍ୟିକ ଜାହାଜ ଜିଏଫ୍‌ଏସ୍ ଗାଲାକ୍ସି ଉପରେ ହୋଇଥିବା ଆକ୍ରମଣ ପରେ ଜାହାଜରେ ଥିବା ୧୧ ଜଣ ଭାରତୀୟଙ୍କ ମଧ୍ୟରୁ ୧୦ ଜଣଙ୍କୁ ଉଦ୍ଧାର କରାଯାଇଥିବାବେଳେ ଜଣେ ଏବେ ବି ନିଖୋଜ ଅଛନ୍ତି। ଭାରତ ସରକାର ଏହି ସୂଚନା ଦେଇଛନ୍ତି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି, ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ ନିନ୍ଦା କରୁଛି। ନିଖୋଜ ଭାରତୀୟଙ୍କ ସନ୍ଧାନ ପାଇଁ ଓମାନରେ ଥିବା ଭାରତୀୟ ଦୂତାବାସ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ସମନ୍ୱୟ ରକ୍ଷା କରି ଉଦ୍ଧାର ଅଭିଯାନ ଉପରେ ନଜର ରଖିଛି। ରିପୋର୍ଟ ଅନୁଯାୟୀ, ଆକ୍ରମଣରେ ଜାହାଜଟିରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଥିଲା ଏବଂ ଏହା ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିଲା। ଏହାପରେ ଜାହାଜର କର୍ମଚାରୀମାନେ ଜୀବନ ବଞ୍ଚାଇବା ପାଇଁ ଜାହାଜ ଛାଡ଼ିବାକୁ ବାଧ୍ୟ ହୋଇଥିଲେ। ଘଟଣା ପରେ ଭାରତ ସରକାର ହର୍ମୁଜ୍ ପ୍ରଣାଳୀ ଓ ପଶ୍ଚିମ ଏସିଆରେ ବାଣିଜ୍ୟିକ ଜାହାଜ ଉପରେ ଲଗାତାର ଆକ୍ରମଣକୁ ଗଭୀର ଉଦ୍‌ବେଗଜନକ ବୋଲି ବର୍ଣ୍ଣନା କରିଛନ୍ତି। ଅଞ୍ଚଳରେ ତୁରନ୍ତ ଉତ୍ତେଜନା ହ୍ରାସ କରିବା ସହ କୂଟନୈତିକ ଆଲୋଚନା ମାଧ୍ୟମରେ ସମାଧାନ ବାହାର କରିବାକୁ ଭାରତ ଆହ୍ୱାନ ଜଣାଇଛି। ଭାରତ କହିଛି ଯେ ଆନ୍ତର୍ଜାତିକ ଆଇନ ଅନୁଯାୟୀ ବାଣିଜ୍ୟିକ ଜାହାଜ ଓ ସାଧାରଣ ନାଗରିକଙ୍କ ବ୍ୟବହୃତ ଭିତ୍ତିଭୂମିକୁ କୌଣସି ପରିସ୍ଥିତିରେ ଲକ୍ଷ୍ୟ କରାଯିବା ଉଚିତ ନୁହେଁ।

## ବଙ୍ଗୋପସାଗରରେ ୪.୫ ତୀବ୍ରତାର ଭୂକମ୍ପ

**ବିଶାଖାପାଟଣା, ୧୨।୭ (ଏଜେନ୍ସି):** ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଏକ ମୃଦୁ ଭୂକମ୍ପ ଯୋଗୁଁ ଆନ୍ଧ୍ରପ୍ରଦେଶର ଉପକୂଳବର୍ତ୍ତୀ ସହର ବିଶାଖାପାଟଣା ଏବଂ ଏହାର ଆଖପାଖ ଜିଲ୍ଲାଗୁଡ଼ିକରେ ଭୂକମ୍ପନ ଅନୁଭୂତ ହୋଇଛି। ରିକ୍ଟର ସ୍କେଲ୍‌ରେ ଏହି ଭୂକମ୍ପର ତୀବ୍ରତା ୪.୫ ରେକର୍ଡ କରାଯାଇଛି। ଭାରତୀୟ ଜାତୀୟ ମହାସାଗର ସୂଚନା ସେବା କେନ୍ଦ୍ର ଏବଂ ଜାତୀୟ ଭୂକମ୍ପ ବିଜ୍ଞାନ କେନ୍ଦ୍ର ଅନୁଯାୟୀ, ରବିବାର ସକାଳ ପ୍ରାୟ ୫ଟା ୫ ମିନିଟ୍‌ରେ ଏହି ଭୂକମ୍ପ ଘଟିଥିଲା। ଏହାର କେନ୍ଦ୍ରସ୍ଥଳ ବଙ୍ଗୋପସାଗରରେ କାକିନାଡ଼ା ଉପକୂଳରୁ ପ୍ରାୟ ୨୨୫ କିଲୋମିଟର ଦୂରରେ ଏବଂ ଭୂପୃଷ୍ଠରୁ ୧୦ କିଲୋମିଟର ଗଭୀରତାରେ ଥିଲା। ଏହି କମ୍ପନ ଯୋଗୁଁ ବିଶାଖାପାଟଣାର ଗାଜୁୱାକା, ସାଗର ନଗର, ଅରିଲୋଭା, ଏମଭିପି କଲୋନୀ ଭଳି ଅନେକ ସ୍ଥାନ ସମେତ ଆନାକାପାଲ୍ଲୀ, ବିଜୟନଗରମ୍ ଓ କୋନାସୀମା ଜିଲ୍ଲାର କେତେକ ଅଞ୍ଚଳରେ ମୃଦୁ ଝଟକା ଅନୁଭୂତ ହୋଇଥିଲା। ଏହି ଘଟଣାରେ କୌଣସି ଧନଜୀବନ ହାନି କିମ୍ବା ସମ୍ପତ୍ତି ନଷ୍ଟ ହେବାର ସୂଚନା ମିଳିନାହିଁ।

## ନେପାଳରେ ପୁଣି ତେଜିଲାଣି ଜେନ-ଜି ଆନ୍ଦୋଳନ, ତିନି ଦିନରେ ୩ ଆତ୍ମାହୁତି

**କାଠମାଣ୍ଡୁ, ୧୨।୭ (ଏଜେନ୍ସି):** ନେପାଳରେ ବେକାରୀ ସମସ୍ୟା ଓ ମାନ୍ଦା ଅର୍ଥନୀତିକୁ ନେଇ ଯୁବପିଢ଼ିଙ୍କ ଆକ୍ରୋଶ ଚରମ ସୀମାରେ ପହଞ୍ଚିଛି। ବିଗତ ୩ ଦିନ ମଧ୍ୟରେ ୩ ଜଣ ଯୁବକ ପେଟ୍ରୋଲ ଢାଳି ଆତ୍ମାହୁତି ଉଦ୍ୟମ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଘଟଣାକୁ ନେଇ ଦେଶର ସବୁଠାରୁ କମ୍ ବୟସର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହ (ବାଲେନ)ଙ୍କ ଇସ୍ତଫା ଦାବି ଜୋର ଧରିଛି। ରାଜଧାନୀ କାଠମାଣ୍ଡୁର ରାଜପଥରେ 'ଜେନ-ଜି ନେପାଳ' ସଂଗଠନ ପକ୍ଷରୁ ବ୍ୟାପକ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। ପ୍ରଧାନମନ୍ତ୍ରୀ ବାଲେନ ଶାହଙ୍କ ସରକାର ଜନବିରୋଧୀ ଓ ସ୍ୱେଚ୍ଛାଚାରୀ ଭାବେ କାର୍ଯ୍ୟ କରୁଥିବା ଏବଂ ବଜେଟ୍‌ରେ ଯୁବପିଢ଼ିଙ୍କ ରୋଜଗାର ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇ ନଥିବା ଆନ୍ଦୋଳନକାରୀମାନେ ଅଭିଯୋଗ କରିଛନ୍ତି। ବିରୋଧୀ 'ନେପାଳୀ କଂଗ୍ରେସ' ମଧ୍ୟ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିଛି। ୩୫ ବର୍ଷୀୟ ରାପର୍-ରାଜନେତା ବାଲେନ ଶାହ ଗତ ମାର୍ଚ୍ଚ ମାସରେ ସାଧାରଣ ନିର୍ବାଚନ ଜିତି ପ୍ରଧାନମନ୍ତ୍ରୀ ହୋଇଥିଲେ, ମାତ୍ର ବର୍ତ୍ତମାନ ଯୁବ ଅସନ୍ତୋଷ ତାଙ୍କ ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। ୨୦୨୩ରେ ମେୟର ଥିବା ସମୟରେ ବାଲେନ ଆତ୍ମାହୁତିକୁ 'ସରକାରଙ୍କ ବିଫଳତା' ବୋଲି କହିଥିଲେ, ହେଲେ ଏବେ ନିଜେ ଶାସନ ଗାଦିରେ ଥାଇ ନୀରବ ରହିଥିବାରୁ ତାଙ୍କୁ କଡ଼ା ସମାଲୋଚନା କରାଯାଉଛି। ବଢୁଥିବା ବେକାରୀ, ମାନସିକ ଚାପ ଏବଂ ସରକାରୀ ନୀତିର ବିଫଳତା





ଯୋଗୁଁ ନେପାଳର ଯୁବବର୍ଗ ଉଗ୍ର ରୂପ ଧାରଣ କରିଛନ୍ତି। ସେପ୍ଟେମ୍ବରରେ ହୋଇଥିବା ଆନ୍ଦୋଳନରେ ୭୭ ଜଣଙ୍କ ମୃତ୍ୟୁ ଘଟିଥିଲା।

# ରଥଯାତ୍ରାରେ ନିୟୋଜିତ ହୋମ୍‌ଗାର୍ଡଙ୍କ ମୃତ୍ୟୁ

ସାକ୍ଷୀଗୋପାଳ,୧୨।୭(ସମିସ): ଚଳିତ ରଥଯାତ୍ରାରେ ମହାପ୍ରଭୁଙ୍କ ସେବା କରିବା ପାଇଁ ସୁଦୂର କେନ୍ଦୁଝର ଜିଲ୍ଲାରୁ ଆସିଥିବା ଜନୈକ ହୋମ୍‌ଗାର୍ଡଙ୍କର ଶନିବାର ବିଳମ୍ବିତ ରାତିରେ ଅକାଳ ମୃତ୍ୟୁ ହୋଇଯାଇଛି। ମୃତ ହୋମ୍‌ଗାର୍ଡ ଜଣକ ହେଲେ କେନ୍ଦୁଝର ଜିଲ୍ଲା ଘଟଗାଁ ଥାନାରେ କାର୍ଯ୍ୟରତ ପ୍ରଦୀପ କୁମାର ମହନ୍ତ (୪୨)।

ଚଳିତ ରଥଯାତ୍ରାରେ ଡ୍ୟୁଟି ନିମନ୍ତେ କେନ୍ଦୁଝର ଜିଲ୍ଲାର ୫୦ ଜଣ ଗୃହରକ୍ଷୀ ପୁରୀ ଆସିଛନ୍ତି। ଏହି ଗୃହରକ୍ଷୀମାନେ ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ, ସାକ୍ଷୀଗୋପାଳ ପରିସରରେ ରହୁଛନ୍ତି। ଶନିବାର ବିଳମ୍ବିତ ରାତିରେ ପ୍ରଦୀପ ହଠାତ୍ ଅସୁସ୍ଥ ହୋଇ ପଡ଼ିଥିଲେ। ତାଙ୍କ ନାକ ଓ ପାଟିରୁ ଫେଣ ବାହାରୁଥିଲା। ସତ୍ୟବାଦୀ ପୁଲିସ ସହାୟତାରେ ସହକର୍ମୀମାନେ ତାଙ୍କୁ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ କାର୍ଯ୍ୟରତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସତ୍ୟବାଦୀ ପୁଲିସ ପ୍ରଦୀପଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ। ସତ୍ୟବାଦୀ ଥାନାରେ ୧୩/୨୦୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଚାଲୁ ରହିଛି ବୋଲି ଆଇଆଇସି



ସୌମ୍ୟରଞ୍ଜନ ମହାଲିକ ସୂଚନା ଦେଇଛନ୍ତି। ତେବେ ସର୍ପ ଦଂଶନରେ ତାଙ୍କର ମୃତ୍ୟୁ

**ମୃତକଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କାର ସହାୟତା ଓ ପରିବାରର ଜଣକୁ ଚାକିରି ଘୋଷଣା**

ହୋଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ମାତ୍ର ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ।

ପ୍ରଦୀପଙ୍କ ଅକାଳ ମୃତ୍ୟୁ ସମ୍ପର୍କରେ ଖବର ପାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଘୋଷଣା କରିବା ସହିତ ତାଙ୍କ ପରିବାରର ଜଣେ ଯୋଗ୍ୟ ସଦସ୍ୟଙ୍କୁ ହୋମ୍‌ଗାର୍ଡ ଭାବେ ନିଯୁକ୍ତି ପ୍ରଦାନ କାରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଦୁଃଖଦ ସମୟରେ ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ଗଭୀର ସମବେଦନା ଜଣାଇବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

**ଅପରେସନ ଥିଏଟରରେ ଡାକ୍ତରଙ୍କ କଳି**

# ଘରୋଇ ଡାକ୍ତରଖାନା ଗଲେ ଆସନ୍ନପ୍ରସବା

ଗୁଣୁପୁର, ୧୨।୭(ସମିସ): ଗୁଣୁପୁର ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ଗର୍ଭବତୀ ମହିଳାଙ୍କ ସିଜେରିଆନ୍ ଅପରେସନକୁ ନେଇ ଦୁଇଜଣ ପ୍ରସୂତି ବିଶେଷଜ୍ଞଙ୍କ ମଧ୍ୟରେ ବିବାଦ ଅଭିଯୋଗ ସାମ୍ନାକୁ ଆସିଛି। ସୂଚନା ଅନୁଯାୟୀ, ଗୁଣୁପୁର ନୀଳଚକ୍ର ନଗରର ସରୋଜ କୁମାର ଗୌଡ଼ଙ୍କ ପତ୍ନୀ




ମୋନାଲିସା ପ୍ରଧାନଙ୍କୁ ପ୍ରସବ ପାଇଁ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସାଧାରଣ ପ୍ରସବ ସମ୍ଭବ ନହେବାରୁ ଚିକିତ୍ସକମାନେ ସିଜେରିଆନ୍ ଅପରେସନ ପାଇଁ ନିଷ୍ପତ୍ତି ନେଇଥିଲେ। ସମସ୍ତ ପ୍ରସ୍ତୁତି ସରିବା ପରେ ଗର୍ଭବତୀଙ୍କୁ ଅପରେସନ ଥିଏଟରକୁ ନିଆଯାଇଥିଲା। ଅଭିଯୋଗ ଅନୁସାରେ, ସେହି ସମୟରେ ଦୁଇଜଣ ଡାକ୍ତରଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା। ଜଣେ ଡାକ୍ତର ଅପରେସନ କରିବାକୁ ପ୍ରସ୍ତୁତ ଥିବାବେଳେ ଅନ୍ୟଜଣ ଅପରେସନ କରିବାକୁ ମନା କରିଥିବା ଅଭିଯୋଗ ହୋଇଛି। ଫଳରେ ଗର୍ଭବତୀ ମହିଳା କିଛି ସମୟ ଅପରେସନ ଥିଏଟରରେ ଅପେକ୍ଷା କରିଥିଲେ। ପ୍ରସୂତିଙ୍କ ସ୍ୱାମୀ ସରୋଜ କୁମାର ଗୌଡ଼ଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଅନୁରୋଧ ସତ୍ତ୍ୱେ ଅପରେସନ ହୋଇନଥିଲା। ପରେ ପରିସ୍ଥିତିକୁ ଦେଖି ଗର୍ଭବତୀଙ୍କୁ ଏକ ବେସରକାରୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ସଫଳ ସିଜେରିଆନ୍ ଅପରେସନ ପରେ ଏକ ଶିଶୁପୁତ୍ର ଜନ୍ମ ହୋଇଥିଲା। ମା' ଓ ନବଜାତ ଶିଶୁ ସୁସ୍ଥ ଥିବା ଜଣାପଡ଼ିଛି। ଘଟଣାକୁ ନେଇ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଲାଗି ରହିଥିବାବେଳେ ସରକାରୀ ସ୍ୱାସ୍ଥ୍ୟସେବାରେ ସମନ୍ୱୟ ଅଭାବକୁ ନେଇ ପ୍ରଶ୍ନ ଉଠିଛି। ଏଭଳି ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି। ଏନେଇ ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ଶ୍ରୀକାନ୍ତ ଜେନା କହିଛନ୍ତି ଯେ, ଘଟଣା ସମ୍ପର୍କରେ ସେ ଅବଗତ ହୋଇଛନ୍ତି। ଏହାର ତଦନ୍ତ କରାଯାଇ ଯଥାଯଥ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମିଶନ ଶକ୍ତିର ଗୌରବ ଲିଭାଇବାକୁ ସରକାରଙ୍କ ଉଦ୍ୟମ: ବିଜେଡି

## ମିଶନ ଶକ୍ତି ୱେବସାଇଟରୁ ନବୀନଙ୍କ ଫଟୋ ଅପସାରଣ ଉଦ୍ୟମ ଦୁର୍ଭାଗ୍ୟଜନକ

ଭୁବନେଶ୍ୱର,୧୨।୭(ସମିସ): ମିଶନ ଶକ୍ତି ସମ୍ବନ୍ଧୀୟ ସରକାରୀ ୱେବସାଇଟରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଓ ତଥ୍ୟ ହଟାଇବାର ପ୍ରୟାସକୁ କଟୁ ସ୍ୱରରେ ସମାଲୋଚନା କରିଛି ବିଜେଡି। ନବୀନ ସରକାରଙ୍କ ସମୟରେ ପ୍ରତିଷ୍ଠିତ ହୋଇଥିବା ମିଶନ ଶକ୍ତିର ଗୌରବମୟ ଇତିହାସକୁ ବିଜେପି ଲିଭାଇବାର ବୃଥା ପ୍ରୟାସ କରୁଛି ଓ ଏହା ବର୍ତ୍ତମାନର ସରକାରଙ୍କ ଅସୁରକ୍ଷିତ ମନୋଭାବକୁ ପ୍ରଦର୍ଶିତ କରିଛି ବୋଲି ବିଜେଡି କହିଛି।

ରବିବାର ଶଙ୍ଖ ଭବନରେ ବିଧାନସଭାରେ ବିଜେଡି ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଓ ପୂର୍ବତନ ରାଜ୍ୟ ମହିଳା କମିସନର ଲୋପାମୁଦ୍ରା ବକ୍ସିପାତ୍ର ପ୍ରମୁଖ ମିଶନଶକ୍ତି ସମ୍ପର୍କରେ ରାଜ୍ୟସରକାରଙ୍କ ହୀନମନ୍ୟତାକୁ କଟୁ ସମାଲୋଚନା କରିଛନ୍ତି। ଏହି ନେତ୍ରୀମାନେ କହିଛନ୍ତି ଯେ ଯେଉଁ ସରକାର ଇତିହାସ ସୃଷ୍ଟି କରିବାର କ୍ଷମତା ରଖନ୍ତି, ସେ ଇତିହାସକୁ ସଂରକ୍ଷଣ କରନ୍ତି। ମାତ୍ର ଇତିହାସ ସୃଷ୍ଟି କରିବାରେ ଅକ୍ଷମ ସରକାର ଇତିହାସକୁ ଲିଭାଇବାର କରିଥାଏ। ବର୍ତ୍ତମାନର ସରକାର ଇତିହାସକୁ ଲିଭାଇବାକୁ ଅପଚେଷ୍ଟା କରୁଛନ୍ତି। ଯେଉଁ ସରକାର ନିଜ କାର୍ଯ୍ୟଦକ୍ଷତା ଓ ସଫଳତାକୁ ଲୋକଙ୍କ ସାମ୍ନାରେ ରଖିବା ପରିବର୍ତ୍ତେ ପୂର୍ବତନ ସରକାରଙ୍କ କାର୍ଯ୍ୟର ଚିହ୍ନଗୁଡ଼ିକୁ ଲିଭାଇବାରେ ବ୍ୟସ୍ତ ରହେ, ସେ ପ୍ରକୃତରେ ନିଜ ବିଫଳତାକୁ




**ଇତିହାସ ସୃଷ୍ଟି କରିବାରେ ଅକ୍ଷମ ବ୍ୟକ୍ତି ଇତିହାସକୁ ଲିଭାଇବାର ଉଦ୍ୟମ କରିଥାଏ**

ସ୍ୱୀକାର କରୁଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏହା ସ୍ପଷ୍ଟ କରୁଛି ଯେ ବର୍ତ୍ତମାନ ସରକାର ପୂର୍ବତନ ସରକାରଙ୍କ ଉତ୍ତରାଧିକାର ସହ ପ୍ରତିସ୍ପର୍ଦ୍ଧା କରିବାରେ ଅସମର୍ଥ। ମିଶନ ଶକ୍ତି କୌଣସି ଦଳୀୟ ପ୍ରକଳ୍ପ ନୁହେଁ; ଏହା ଓଡ଼ିଶାର ଲକ୍ଷ ଲକ୍ଷ ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ ଓ କ୍ଷେତ୍ରସ୍ତରୀୟ କର୍ମୀଙ୍କ ଦୀର୍ଘ ବର୍ଷର ପରିଶ୍ରମ ଏବଂ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଗଢ଼ିଉଠିଥିବା ଏକ ଜନ ଆନ୍ଦୋଳନ। ଏହି ଇତିହାସକୁ ଲିଭାଇବାର ଅର୍ଥ ହେଉଛି ଓଡ଼ିଶାର ମହିଳାମାନଙ୍କ ଅବଦାନକୁ ଅସ୍ୱୀକାର କରିବା। ଫଟୋ ହଟାଇଦେଲେ ଲୋକଙ୍କ ସ୍ମୃତି ମଧ୍ୟ ଲିଭିଯିବ ବୋଲି ବିଜେପି ସରକାର ସମ୍ଭବତଃ ମନେ କରୁଛନ୍ତି। କିନ୍ତୁ ଓଡ଼ିଶାର ମହିଳାମାନଙ୍କୁ କିଏ ସଶକ୍ତ କରିଥିଲେ, କିଏ ମିଶନ ଶକ୍ତିକୁ ଏକ ଜନ ଆନ୍ଦୋଳନରେ ପରିଣତ କରିଥିଲେ, କିଏ ଲକ୍ଷ ଲକ୍ଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରି ସମ୍ମାନ ଓ ସଶକ୍ତ କରିଥିଲେ; ସେ କଥା ରାଜ୍ୟର ମହିଳାମାନେ ଭଲଭାବରେ ଜାଣିଛନ୍ତି। ରାଜ୍ୟର ମହିଳାମାନଙ୍କ ସଫଳତା ଓଡ଼ିଶାର ଇତିହାସରେ ଚିରସ୍ଥାୟୀ ହୋଇ ରହିବ। ସରକାରୀ ବିଭାଗ ଓ ପ୍ଲାଟଫର୍ମ ଗୁଡ଼ିକ କୌଣସି ରାଜନୈତିକ ଦଳର ସମ୍ପତ୍ତି ନୁହେଁ; ସେଗୁଡ଼ିକ ଓଡ଼ିଶାର ଜନସାଧାରଣଙ୍କ ସମ୍ପତ୍ତି। ସେଗୁଡ଼ିକର ଉଦ୍ଦେଶ୍ୟ ହେଉଛି ସଂସ୍ଥାଗତ ଇତିହାସକୁ ସଂରକ୍ଷଣ କରିବା, ଦଳୀୟ ପ୍ରଚାରର ମାଧ୍ୟମ ହେବା ଆଦୌ ନୁହେଁ। ବର୍ତ୍ତମାନ ସରକାରଙ୍କର ଯଦି ନିଜ କାର୍ଯ୍ୟଦକ୍ଷତା ଉପରେ ବିଶ୍ୱାସ ଅଛି, ତେବେ ସେମାନେ ନିଜ ସଫଳତାକୁ ଲୋକଙ୍କ ସାମ୍ନାରେ ରଖନ୍ତୁ, ଅନ୍ୟମାନଙ୍କ ସଫଳତାକୁ ଲିଭାଇବାର ବୃଥା ଚେଷ୍ଟା କରନ୍ତୁ ନାହିଁ। ତେବେ ମିଶନ ଶକ୍ତିର ଇତିହାସକୁ ଲିଭାଇବାର ଏହି ପ୍ରୟାସ ଅନ୍ୟଏକ ଦିଗକୁ ଇଙ୍ଗିତ କରିଥି। ନବୀନଙ୍କ ଫଟୋକୁ ବି ଶାସକ ବିଜେପି ଭୟକରୁଛି। ତେବେ ଯେଉଁ ମହାନ ବ୍ୟକ୍ତିଙ୍କ ଛବି ରାଜ୍ୟର କୋଟିକୋଟି ମହିଳାଙ୍କ ହୃଦୟରେ ଅଛି, ସେ ଛବି ସରକାର କିପରି ସରକାର ହଟାଇବେ ବୋଲି ବିଜେଡି ନେତ୍ରୀମାନେ କହିଛନ୍ତି।

# ୧୯୫ ମଞ୍ଜୁର ଆଇପିଏସ୍ ପଦରୁ ୬୩ ଖାଲି

ଭୁବନେଶ୍ୱର,୧୨।୭(ସମିସ): ଆଉ ପ୍ରାୟ ମାସେ। ଅଗଷ୍ଟ ୧୬ ତାରିଖରେ ଅବସର ନେବେ ଡ଼ିଜି ୱାଇ.ବି.ଖୁରାନିଆ। ତାଙ୍କ ସ୍ଥାନରେ କିଏ ଡ଼ିଜି ହେବେ ତାହା ଭିନ୍ନ କଥା। ଏଥିପାଇଁ ଅନେକ ବରିଷ୍ଠ ଅଧିକାରୀଙ୍କ ନାମ ଚର୍ଚ୍ଚାର ପରିଧିରେ ରହିଛି। ମାତ୍ର ଗତ କିଛିଦିନର ଘଟଣାକ୍ରମକୁ ଦେଖିଲେ ପରବର୍ତ୍ତୀ ଡିଜିଙ୍କ ପାଇଁ କେବଳ ଆଇନଶୃଙ୍ଖଳା ପରିଚାଳନା ନୁହେଁ; 'ଇନ୍‌ସାଇଡ଼ର'-'ଆଉଟସାଇଡ଼ର' ସନ୍ତୁଳନ ସହ ପୁଲିସ ବ୍ୟବସ୍ଥାରେ ମାନବସମ୍ବଳ ଦୂର କରିବା ସବୁଠାରୁ ବଡ଼ ଆହ୍ୱାନ ହେବ।



**■ ନିକଟରେ ଡେପୁଟେସନରେ ଯାଇଛନ୍ତି ୨ଜଣ**
**■ ସପ୍ତାହକ ମଧ୍ୟରେ ୨ଜଣ ଦେଇଛନ୍ତି ଇସ୍ତଫା**
**■ ଡେପୁଟେସନ ଯିବାକୁ ଆବେଦନ କରିଛନ୍ତି ୨**

ଓଡ଼ିଶାର ଅନୁମୋଦିତ ଆଇପିଏସ୍ କ୍ୟାଡର ପଦ ସଂଖ୍ୟା ୧୯୫; ମାତ୍ର ବର୍ତ୍ତମାନ କାର୍ଯ୍ୟରତ ଅଧିକାରୀଙ୍କ ସଂଖ୍ୟା ମାତ୍ର ୧୩୨। ଏହା ସର୍ବାଧିକ ଆଇପିଏସ୍ ଖାଲି ଥିବା ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ସ୍ଥାନ ଦେଇଛି। ଗତବର୍ଷ ରାଜ୍ୟ ସରକାର କେନ୍ଦ୍ର ଗୃହ ମନ୍ତ୍ରଣାଳୟକୁ ଓଡ଼ିଶାର ପଦୋନ୍ନତି କୋଟା ୫୯ ଥିବା ଅବଗତ କରିଥିଲେ, ମାତ୍ର ପଦୋନ୍ନତି ପ୍ରାପ୍ତ ଆଇପିଏସ୍ ଅଧିକାରୀଙ୍କ ସଂଖ୍ୟା ଅତ୍ୟନ୍ତ ନଗଣ୍ୟ ଥିବା ସୂଚନା ମିଳିଛି। ଏହି ସ୍ଥିତିରେ ପ୍ରାୟ ଏକ ସପ୍ତାହ ମଧ୍ୟରେ ଓଡ଼ିଶା କ୍ୟାଡ଼ରର ୨ ଆଇପିଏସ୍ ଚାକିରି ଛାଡ଼ିଛନ୍ତି। ତେବେ ସ୍ୱର୍ଣ୍ଣକାତର ବିଷୟଟି ହେଉଛି କିଛି ସପ୍ତାହ ତଳେ ୨ ଜଣ ବରିଷ୍ଠ ଆଇପିଏସ୍ କେନ୍ଦ୍ରକୁ ଡ଼େପୁଟେସନରେ ଯାଇଥିବାବେଳେ ଆଉ ୨ ଜଣ ଡ଼େପୁଟେସନରେ ଯିବା ପାଇଁ ଆଗ୍ରହ ଦେଖାଇଛନ୍ତି। ଡ଼େପୁଟେସନରେ ଯିବାକୁ ଅନୁମତି ନ ମିଳିଲେ ଚାକିରି ଛାଡ଼ିବାକୁ ଏମାନଙ୍କ ମଧ୍ୟରୁ ଜଣେ ଏକପ୍ରକାର ମନସ୍ଥିର କରିଥିବା ସୂଚନା ମିଳିଛି।

ଭୁବନେଶ୍ୱର ଡିସିପି ଜଗମୋହନ ମୀନା ରାଜ୍ୟର ଏକାଧିକ ଜିଲ୍ଲା ଗଞ୍ଜାମ, ମାଲାକାନାଗିରି, କଳାହାଣ୍ଡି, କଟକ ଏବଂ ଭୁବନେଶ୍ୱରରେ କାମ କରିଛନ୍ତି। ମାଲକାନଗିରି ଜିଲ୍ଲାରୁ ବଦଳି ହେବା ସମୟରେ ତାଙ୍କୁ ଜିଲ୍ଲାବାସୀ ଛାଡ଼ୁ ନ ଥିଲେ। ମାତ୍ର ଶେଷରେ ଭାବପୂର୍ଣ୍ଣ ଭାବରେ କାନ୍ଧରେ ବସାଇ ଜିଲ୍ଲାବାସୀ ବିଦାୟ ଦେଇଥିଲେ। ମାତ୍ର ଭୁବନେଶ୍ୱରରେ ଆସିବା ପରେ ସେ କେନ୍ଦ୍ରୀୟ ଡ଼େପୁଟେସନରେ ଯିବା ପାଇଁ ଆବେଦନ କରିଥିଲେ। ମାତ୍ର ଡ଼େପୁଟେସନ ନ ମିଳିବାରୁ ଚାକିରି ଛାଡିବାକୁ ବହୁ ଦିନରୁ ଆବେଦନ କରି ବାରମ୍ବାର ଡିଜିପିଙ୍କୁ ଭେଟୁଥିଲେ। ବରିଷ୍ଠ ଅଧିକାରୀ ଓ ସହକର୍ମୀ ଆଇପିଏସ୍ ଅଫିସରମାନେ ବହୁ ବୁଝାସୁଝା କରିଥିଲେ ହେଁ ମନ ମାନିଲା ନାହିଁ। ହେଲେ ଶେଷରେ ସେ ଚାକିରିରୁ ଇସ୍ତଫା ଦେଇଛନ୍ତି। ଅନ୍ୟଜଣେ ଆଇପିଏସ୍ ସି.ଏ ରାମଦାସ ହାଇଦ୍ରାବାଦରେ ପ୍ରେବେସନର ଭାବେ ପଶିକ୍ଷଣ ନେଉଥିଲେ।ତାଙ୍କୁ ଓଡ଼ିଶା କାଡ଼ର ମିଳିଥିଲା। ଓଡ଼ିଶା କ୍ୟାଡ଼ର ମିଳିବା ପରେ ସେ ଇସ୍ତଫାପତ୍ର ପଠାଇଦେଲେ।

ନାମ ପ୍ରକାଶ ନ କରିବା ସର୍ତ୍ତରେ ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବର୍ତ୍ତମାନ ସମୟରେ ରାଜ୍ୟ ପୁଲିସ ଏକ ଅଦୃଶ୍ୟ ଚାପର ସମ୍ମୁଖୀନ ହୋଇଛି। ଅଧିକାଂଶ ଅଫିସର ବିଭିନ୍ନ ଗୋଷ୍ଠୀ ଓ ଉପଗୋଷ୍ଠୀରେ ବିଭାଜିତ। ବାହ୍ୟ ଏବଂ ଆଭ୍ୟନ୍ତରୀଣ ଚାପରେ ପୁଲିସ ଏକ ପ୍ରକାର ଚେପା। ପରିସ୍ଥିତି ଏଭଳି ହୋଇଛି ଯେ କାମ କଲେ ଦୋଷ, ନ କଲେ ବି ଦୋଷ। ତେଣୁ ଏପରି ସ୍ଥିତିରେ ଯିଏ ସାଲିସ କରି ଚାଲି ପାରିବ, ସେ ହିଁ କେବଳ ଏଠାରେ ତିଷ୍ଠି ରହିବ।

# ପରୀକ୍ଷାର୍ଥୀ ବେଶରେ ପରୀକ୍ଷା ଦେଉଛନ୍ତି ଶିକ୍ଷକ!

ଭୁବନେଶ୍ୱର, ୧୨।୭(ସମିସ): ପେଶାରେ ଜଣେ ସରକାରୀ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ। ନିଯୁକ୍ତି ଆଶାୟୀ ପିଲାଙ୍କ ପାଇଁ ଏକାଧିକ ପୁସ୍ତକ ଲେଖିଛନ୍ତି। ୟୁଟ୍ୟୁବ୍ ଚ୍ୟାନେଲ୍ ଖୋଲି ଶିକ୍ଷାଦାନ ମଧ୍ୟ କରୁଛନ୍ତି। ମାତ୍ର ଚଳିତବର୍ଷ ସେ ପୁଣିଥରେ ବିଇଡି ପରୀକ୍ଷା ଦେଇଛନ୍ତି। କୋଚିଂ ଦେଉଥିବା କିଛି ପିଲାଙ୍କୁ ପରୀକ୍ଷା ହଲ୍‌ରେ ସହଯୋଗ କରିବା ପାଇଁ

**■ କୋଚିଂ ଦେଉଥିବା ପିଲାଙ୍କୁ ସହଯୋଗ କରିଥିବା ଅଭିଯୋଗ**
**■ ପ୍ରବେଶିକା ପରୀକ୍ଷା ଦେବାରେ କୌଣସି ପ୍ରତିବନ୍ଧକ ନାହିଁ: ଶିକ୍ଷକ**

ନିଜେ ପରୀକ୍ଷାର୍ଥୀ ବେଶରେ ପରୀକ୍ଷା ଦେଉଥିବା ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଛି। ଗଞ୍ଜାମ ଜିଲ୍ଲାର କବିସୂର୍ଯ୍ୟ ଉଚ୍ଚ ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ରାମନାରାୟଣ ଦ୍ୱିବେଦୀଙ୍କ ବିରୋଧରେ ଏପରି ସାଂଘାତିକ ଅଭିଯୋଗ ଆସିବା ପରେ ସେ ବିବାଦୀୟ ହୋଇପଡ଼ିଛନ୍ତି।

ସୂଚନା ଅନୁଯାୟୀ, ସମ୍ପୃକ୍ତ ଶିକ୍ଷକ ଜଣକ ଚଳିତ ବର୍ଷ ପାଇଁ ଗତ ଜୁନ୍ ୨୧ ତାରିଖରେ ଅନୁଷ୍ଠିତ ହୋଇଥିବା ଶିକ୍ଷାଶାସ୍ତ୍ରୀ ପ୍ରବେଶିକା ପରୀକ୍ଷା (ଏସ୍‌ଏସ୍‌ଇଟି) ବା ସଂସ୍କୃତ ବିଇଡି ପରୀକ୍ଷା ଦେଇଛନ୍ତି। ପୁରୀର ଏସ୍‌ସିଏସ୍ କଲେଜରେ ତାଙ୍କର ପରୀକ୍ଷା କେନ୍ଦ୍ର ହୋଇଥିଲା। ସେ ସଂସ୍କୃତ ଶିକ୍ଷକ ଭାବେ କାର୍ଯ୍ୟରତ ଥିବାରୁ ପୂର୍ବରୁ ବିଇଡି ଯୋଗ୍ୟତା ହାସଲ କରିଛନ୍ତି। ପୁଣିଥରେ ବିଇଡି କରିବାର କୌଣସି ସମ୍ଭାବନା ନଥିବା ସତ୍ତ୍ୱେ ସେ କାହିଁକି ପ୍ରବେଶିକା ପରୀକ୍ଷା ଦେଲେ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ସମ୍ପୃକ୍ତ ଶିକ୍ଷକ ଟିଜିଟି, ଏଲ୍‌ଟିଆର୍ ଓ ଓଏସ୍‌ଟିଇଟି ଓ ବିଇଡି ପରୀକ୍ଷା ଦେଉଥିବା ପିଲାଙ୍କ ପାଇଁ ଏକାଧିକ ପୁସ୍ତକ ଲେଖିଛନ୍ତି। ଏପରିକି ଏକ ୟୁଟ୍ୟୁବ ଚ୍ୟାନେଲ୍ ଖୋଲି ପିଲାଙ୍କୁ କୋଚିଂ ଦେଉଛନ୍ତି। କିଛି ପରୀକ୍ଷାର୍ଥୀଙ୍କ ଅଭିଯୋଗ ଅନୁଯାୟୀ, କୋଚିଂ କରୁଥିବା କିଛି ପିଲାଙ୍କୁ ପରୀକ୍ଷା ହଲ୍‌ରେ ସହଯୋଗ କରିବା ପାଇଁ ସମ୍ପୃକ୍ତ ଶିକ୍ଷକ ପ୍ରବେଶିକା ପରୀକ୍ଷା ଦେବାକୁ ପରୀକ୍ଷାର୍ଥୀ ବେଶରେ ଯାଇଥିଲେ। ପରୀକ୍ଷା ପାଇଁ ସମାନ ସମୟରେ ଆବେଦନ କଲେ ପାଖାପାଖି ରୋଲ ନମ୍ବର ସହିତ ପରୀକ୍ଷାରେ ହଲ୍‌ରେ ମଧ୍ୟ ନିକଟରେ ପଡ଼ିବାର ସମ୍ଭାବନା ରହିଥାଏ। ସେହିପରି ପରୀକ୍ଷା ମଲ୍ଟିପୁଲ୍ ଚଏସ୍ ହୋଇଥିବାରୁ ପାଟି ନ ଖୋଲି ମଧ୍ୟ ନିକଟ ପରୀକ୍ଷାର୍ଥୀଙ୍କୁ ସବୁ ଦେଖାଇବାର ସମ୍ଭାବନା ରହିଛି। ଏଣୁ କୋଚିଂ କରୁଥିବା କିଛି ପିଲାଙ୍କୁ ପରୀକ୍ଷା ହଲ୍‌ରେ ସହଯୋଗ କରିବା ପାଇଁ ସମ୍ପୃକ୍ତ ଶିକ୍ଷକ ପରୀକ୍ଷାର୍ଥୀ ସାଜିଥିବା ବହୁ ପରୀକ୍ଷାର୍ଥୀ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ପ୍ରବେଶିକା ପରୀକ୍ଷାର ସ୍ୱଚ୍ଛତା ପ୍ରତି ଏହା ଏକ ବିରାଟ ପ୍ରଶ୍ନବାଚୀ ଏବଂ ସଂପୃକ୍ତ ଶିକ୍ଷକଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ କରି ତଦନ୍ତ କରିବାକୁ ଛାତ୍ରଛାତ୍ରୀମାନେ ଦାବି କରିଛନ୍ତି। ଅପରପକ୍ଷରେ ଅଭିଯୋଗ ଆସିଥିବା ଶିକ୍ଷକ ଶ୍ରୀ ଦ୍ୱିବେଦୀ କହିଛନ୍ତି ଯେ, ସେ ବିଇଡି ପ୍ରବେଶିକା ପରୀକ୍ଷା ଦେଇଛନ୍ତି। ବହି ଲେଖିବା ସହ ୟୁଟ୍ୟୁବ୍‌ରେ କୋଚିଂ ମଧ୍ୟ ଦେଉଛନ୍ତି। ପାଠ ସହ ଟଚ୍ ରଖିବା ପାଇଁ ମଝିରେ ମଝିରେ ପରୀକ୍ଷା ଦିଅନ୍ତି। ଏପରିକି ଜଣେ ଶିକ୍ଷକ ବିଇଡି ପ୍ରବେଶିକା ପରୀକ୍ଷା ଦେବାରେ କୌଣସି ପ୍ରତିବନ୍ଧକ ନାହିଁ ବୋଲି ପ୍ରତିକ୍ରିୟା ଦେଇଛନ୍ତି।




## ପ୍ରଧାନଶିକ୍ଷକ ପଦୋନ୍ନତି ପ୍ରକ୍ରିୟାରେ ଅନିୟମିତତା

# ପ୍ରତ୍ୟାଖାନ କରୁଥିବା ଶିକ୍ଷକଙ୍କୁ ମନାଇବାକୁ ଉଦ୍ୟମ

**ଯାଜପୁର,୧୨।୭ (ସମିସ)**

ଯାଜପୁର ଜିଲ୍ଲାରେ ଚଳିତ ଶିକ୍ଷା ବର୍ଷରେ ମାଧ୍ୟମିକ ବିଦ୍ୟାଳୟର କନିଷ୍ଠ ଶିକ୍ଷକରୁ ପ୍ରଧାନଶିକ୍ଷକ ପଦୋନ୍ନତି ପ୍ରକ୍ରିୟାରେ ନାନା ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ଫଳରେ ଏହି ପଦୋନ୍ନତି ଏବଂ ନିଯୁକ୍ତି ପାଇଥିବା ବିଦ୍ୟାଳୟରେ ଖୁସିନଥିବା ଶିକ୍ଷକ ଶିକ୍ଷୟିତ୍ରୀମାନେ ସେହି ବିଦ୍ୟାଳୟରେ ଯୋଗ ନ କରିବା ଫଳରେ ସେଠାରେ ଶିକ୍ଷାଦାନ ସହିତ ପରିଚାଳନା ଗତ ସମସ୍ୟା ଦେଖାଦେଇଛି । ଏହି ଅସନ୍ତୁଷ୍ଟ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ପଦୋନ୍ନତିକୁ ପ୍ରତ୍ୟାଖାନ କରି ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିବା ପରେ ପଦୋନ୍ନତି ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ନାନା ପ୍ରଶ୍ନଚିହ୍ନ ଠିଆ ହୋଇଛି । ଏହି ଅସନ୍ତୁଷ୍ଟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ପଦୋନ୍ନତି କମିଟି ଦାୟିତ୍ୱରେ ଥିବା ସଦସ୍ୟ ମାନେ ଅଡୁଆରେ ପଡିଯାଇଛନ୍ତି । ସେପଟେ କେଉଁ ଜିଲ୍ଲାରୁ କେତେ ଜଣ ପଦୋନ୍ନତିକୁ ପ୍ରତ୍ୟାଖାନ କରିଛନ୍ତି ସେମାନଙ୍କ ତାଲିକା ଦେବାକୁ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି ଆସିଥିଲେ ମଧ୍ୟ ଯାଜପୁର ଜିଲ୍ଲାର ତାଲିକା ଏ ପର୍ଯ୍ୟନ୍ତ ଦିଆଯାଇନାହିଁ । କିଭଳି ଶିକ୍ଷକ ଶିକ୍ଷୟତ୍ରୀଙ୍କ ଅସନ୍ତୋଷକୁ ପ୍ରଶମିତ କରାଯିବ ଏବଂ ପଦୋନ୍ନତି ପ୍ରକ୍ରିୟାରେ ହୋଇଥିବା ଗଡବଡ ସଂପର୍କରେ ଘଟଣା ପ୍ରଘଟକୁ ରୋକିବାକୁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଉଦ୍ୟମ ଜୋରସୋରରେ ଚାଲିଥିବା ଜଣାପଡିଛି । ସୂଚନା ମୁତାବକ ଏହି ପଦୋନ୍ନତି ପାଇଁ ଏକ କୋଟେରି ଗୃପ କରାଯାଇ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କୁ ଅଦଳ ବଦଳ କରାଯାଇଥିଲା ।

ରସୁଲପୁର ବ୍ଲକର ବିଭିନ୍ନ ହାଇସ୍କୁଲରେ କାର୍ଯ୍ୟରତ ୧୧ଜଣ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ଦିଆଯାଇ ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବରେ ଅବସ୍ଥାପିତ କରାଯାଇଛି । କେବଳ ଜଣେ ଶିକ୍ଷକଙ୍କୁ ଛାଡ଼ିଦେଇ ଅନ୍ୟ ୧୦ଜଣଙ୍କୁ ଅନ୍ୟ ବ୍ଲକରେ ଥିବା ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି । ଏହି ବ୍ଲକରେ ମୋଟ ୮ ଶିକ୍ଷକ ଏବଂ ୪ ଶିକ୍ଷୟିତ୍ରୀଙ୍କୁ ପଦୋନ୍ନତି ଦିଆଯାଇଛି । ୪ ଜଣ ଶିକ୍ଷୟିତ୍ରୀଙ୍କ ମଧ୍ୟରୁ ୩ ଜଣଙ୍କୁ ଉଦ୍ଦେଶ୍ୟମୂଳକ ଭାବରେ ଜିଲ୍ଲାର ଦୂରବର୍ତ୍ତୀ ବିଦ୍ୟାଳୟକୁ ପ୍ରଧାନଶିକ୍ଷକ ଭାବରେ ପଠାଯାଇଛି । ଅନ୍ୟ ବ୍ଲକ ତଥା ଦୂରବର୍ତ୍ତୀ ବିଦ୍ୟାଳୟଗୁଡ଼ିକୁ ପଠା ଯାଇଥିବା ଅଭିଯୋଗ ହୋଇଛି । ପଦୋନ୍ନତି ପାଇଥିବା ଜିଲ୍ଲାର ୨୧୫ ଶିକ୍ଷକଙ୍କ ମଧ୍ୟରୁ ୨୭ ଜଣଙ୍କୁ ଜିଲ୍ଲା ପାରି ବିଦ୍ୟାଳୟରେ ଅବସ୍ଥାପିତ କରା ଯାଇଥିବା ବେଳେ ୮୮ ଜଣଙ୍କୁ ଜିଲ୍ଲା ଭିତରେ ଖାଲି ଥିବା ପ୍ରଧାନଶିକ୍ଷକ ପଦ ଦିଆଯାଇଛି । ଜିଲ୍ଲାର ଅନେକ ଶିକ୍ଷୟିତ୍ରୀ ଏହି ଅବସ୍ଥାପନକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ନିର୍ଦ୍ଦେଶକଙ୍କୁ ଭେଟି ଅଭିଯୋଗ କରିଥିବା ଖବର ମିଳିଛି । ରସୁଲପୁର ବ୍ଲକ ଆଦମପୁରସ୍ଥ ପଞ୍ଚାୟତ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ କୃଷ୍ଣାରାଣୀ ବେହେରାଙ୍କୁ ଦଶରଥପୁର ବ୍ଲକର ସୀମାନ୍ତରେ ଥିବା ଅହିୟାସ ଆର୍ଦ୍ଧାଉଳିଆ ନିକଟବର୍ତ୍ତୀ ଗରିବବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଭାବରେ ଅବସ୍ଥାପିତ କରାଯାଇଛି । ଯାହା ତାଙ୍କର ବର୍ତ୍ତମାନ ବିଦ୍ୟାଳୟଠାରୁ ପ୍ରାୟ ୭୦ କିଲୋମିଟର ଦୂରରେ ଅବସ୍ଥିତ । ପଦୋନ୍ନତି ପାଇଥିବା ଶ୍ରୀମତୀ ବେହେରା କହିଛନ୍ତି ଯେ, ବରିଷ୍ଠତା ଭିତ୍ତିରେ ତାଙ୍କ ନାମ ଜିଲ୍ଲାରେ ୩୨ ତମ ସ୍ଥାନରେ ରହିଛି । ଯେଉଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାହାନାରେ ତାଙ୍କୁ ପଠାଯାଇଛି ସେହି ସ୍କୁଲର ପ୍ରଧାନଶିକ୍ଷକଙ୍କର ୨୭-୫-୨୦୨୬ରେ ଅନ୍ୟତ୍ର ବଦଳି ହୋଇଥିଲା । ସମଗ୍ର ଜିଲ୍ଲାରେ ସର୍ବଶେଷରେ ଖାଲି ପଡ଼ିଥିବା ଦୁଇ ପ୍ରଧାନଶିକ୍ଷକ ପଦ ମଧ୍ୟରୁ ଗରିବବନ୍ଧୁ ପ୍ରଧାନଶିକ୍ଷକ ପଦ ଅନ୍ୟତମ । ଶ୍ରୀମତୀ ବେହେରାଙ୍କ ତଳେ ଆହୁରି ୫୬ ଶିକ୍ଷକ ଥିବା ବେଳେ ଶେଷରେ ଖାଲି ପଡ଼ିଥିବା ପଦ ପାଇଁ ତାଙ୍କୁ କେଉଁ ଆଧାରରେ ମନୋନୀତ କରାଗଲା ବୋଲି ସେ ପ୍ରଶ୍ନ ଉଠାଇଛନ୍ତି ଏବଂ ଏ ସମ୍ପର୍କରେ ସେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିବା ମଧ୍ୟ କହିଛନ୍ତି ।

ସେହିପରି ମଧୁବନ ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁସ୍ମିତା ମହାନ୍ତିଙ୍କୁ ୩୯ କିଲୋମିଟର ଦୂର ବରୀ ବ୍ଲକର ଶେରପୁରଠାରେ ଥିବା ନନ୍ଦିନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି । ଅନୁରୂପ ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅବସ୍ଥାପିତ ପଙ୍କଜିନୀ ନାୟକଙ୍କୁ ଯାଜପୁର ବ୍ଲକର ଛତିଶ ଦେବିଲସ୍ଥ ନକ୍ଷତ୍ରମାଳିନୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବରେ ଅବସ୍ଥାପିତ କରାଯାଇଛି, ଯାହା ତାଙ୍କର ବର୍ତ୍ତମାନ ବିଦ୍ୟାଳୟଠାରୁ ୨୨କିଲୋମିଟର ଦୂର । ମଧୁବନ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁସ୍ମିତା ମହାନ୍ତିଙ୍କୁ ୩୯ କିଲୋମିଟର ଦୂର ବରୀ ବ୍ଲକର ଶେରପୁରଠାରେ ଥିବା ନନ୍ଦିନୀ ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟକୁ ବଦଳି କରାଯାଇଛି । ଜିଲ୍ଲାର ଅନେକ ଶିକ୍ଷୟିତ୍ରୀମାନଙ୍କର ଏହି ପଦୋନ୍ନତି ପରେ ଗମନାଗମନ ଅସୁବିଧା ଥିବା ଦୂରବର୍ତ୍ତୀ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଥିବାରୁ ସେମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି । ଏହି ପଦୋନ୍ନତି ଓ ବଦଳୀରେ ବିଶେଷ କରି ଶିକ୍ଷୟତ୍ରୀ ମାନଙ୍କୁ ଦୂର ଦୂରାନ୍ତକୁ ପଠାଯାଇଛି । ଯାହାକୁ ନେଇ ତେଜିବାରେ ଲାଗିଛି ଅସନ୍ତୋଷ । ଏହି ଅସନ୍ତୋଷକୁ ପ୍ରଶମିତ କରିବା ପାଇଁ ଜେନ ତେନ ପ୍ରକାରେଣ ଉଦ୍ୟମ କରାଯାଉଥିଲେ ମଧ୍ୟ ଏଥିରେ କେତେ ଦୂର ସଫଳ ହେବେ ତାହା ଆଗାମୀ ଦିନରେ ଜଣାପଡିବ ।

## ଜରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସଫେଇ ଅଭିଯାନ

**ବିଞ୍ଝାରପୁର,୧୨।୭ (ସମିସ):** ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳ ପକ୍ଷରୁ ପାଳିତ 'ସେବା ସପ୍ତାହ' ଅବସରରେ ରବିବାର ବିଞ୍ଝାରପୁର ପ୍ରଖଣ୍ଡର ଜରି ପ୍ରାଥମିକ ସ୍ୱାସ୍ଥ୍ୟ ସେବା କେନ୍ଦ୍ର ପରିସରରେ ଏକ ସ୍ୱଚ୍ଛତା ଓ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । କାର୍ଯ୍ୟକର୍ତ୍ତାମାନେ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରକୁ ସଫା କରିବା ସହ ସ୍ୱଚ୍ଛ ପରିବେଶ ଗଠନ ପାଇଁ ସଚେତନତାର ବାର୍ତ୍ତା ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବିଞ୍ଝାରପୁର ପ୍ରଖଣ୍ଡ ବଜରଙ୍ଗ ଦଳ ସଂଯୋଜକ ସୁବୋଧ ଧଳଙ୍କ ନେତୃତ୍ୱରେ ପ୍ରଖଣ୍ଡ ସୁରକ୍ଷା ପ୍ରମୁଖ ସୌମ୍ୟରଞ୍ଜନ ବିନ୍ଧାଣୀ, ପ୍ରଖଣ୍ଡ ମହାବିଦ୍ୟାଳୟ ପ୍ରମୁଖ ପିଣ୍ଟୁ ମଲିକ, ପ୍ରଖଣ୍ଡ ଗୋରକ୍ଷା ପ୍ରମୁଖ କିରଣ ଜେନା, ପ୍ରଖଣ୍ଡ ସହ-ସଂଯୋଜକ ବିଶ୍ୱଜିତ ସାମଲ, ଶାଖା ଗୋରକ୍ଷା ପ୍ରମୁଖ ରାଜେଶ ନାୟକ, ସୁମନ୍ତ ସ୍ୱାଇଁ, ଶେଖର ରାଉତ, ସୁଶାନ୍ତ ଜେନା, ସୌଭାଗ୍ୟ ସାମଲ ଓ ଶ୍ରୀଧର ଜେନା ପ୍ରମୁଖ ଯୋଗଦେଇଥିଲେ ।ଏହାସହ ବିଶ୍ୱହିନ୍ଦୁ ପରିଷଦର ଜିଲ୍ଲା ଉପସଭାପତି ଟିକିଲତା ବେହେରା, ବଜରଙ୍ଗ ଦଳର ଜିଲ୍ଲା ସୁରକ୍ଷା ପ୍ରମୁଖ ସନ୍ତୋଷ ପତି ଏବଂ ବିଞ୍ଝାରପୁର ଅଞ୍ଚଳର ଯୁବ ସମାଜସେବୀ ଶ୍ରୀକାନ୍ତ ପ୍ରଧାନଙ୍କ ସମେତ ବହୁ ସଂଖ୍ୟକ ବଜରଙ୍ଗ ଦଳ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରି ସେବାମୂଳକ କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## ବିଧାୟକଙ୍କ ଜନଶୁଣାଣି କାର୍ଯ୍ୟକ୍ରମ



**ଧର୍ମଶାଳା,୧୨।୭ (ସମିସ):** ଧର୍ମଶାଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜାରକା ଜୋନର କୁମାରିସ୍ଥିତ ବିଜେପି କାର୍ଯ୍ୟାଳୟରେ ଆଜି ବିଧାୟକ ହିମାଂଶୁ ଶେଖର ସାହୁଙ୍କ ଦ୍ୱାରା ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜି ସକାଳ ୯ ଘଟିକା ଠାରୁ ଆରମ୍ଭ ହୋଇଥିବା ଜନଶୁଣାଣି ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲିଥିଲା । ତେବେ ଆଜି ଲୋକମାନଙ୍କ ପକ୍ଷରୁ ଭତ୍ତା, ଆବାସ ଗୃହ, ରାସନ କାର୍ଡ, ଭୂମିହିନଙ୍କୁ ପଟ୍ଟା ପ୍ରଦାନ ଆଦି ୭୧୧ଟି ସରକାରୀ ଓ ବେସରକାରୀ ସମସ୍ୟା ମଧ୍ୟରୁ ଅନେକ ସମସ୍ୟାର ତୁରନ୍ତ ସମାଧାନ କରାଯିବା ସହ କେତେକ ସମସ୍ୟାକୁ ସମାଧାନ କରିବାକୁ ବିଧାୟକ ଶ୍ରୀ ସାହୁ ସମ୍ପୃକ୍ତ ଦାୟିତ୍ୱରେ ରହିଥିବା କର୍ମୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଆଜି ନିର୍ବାଚନ ମଣ୍ଡଳୀର ୫୪ଟି ପଞ୍ଚାୟତରୁ ବହୁ ସଂଖ୍ୟାରେ ଲୋକମାନେ ଉପସ୍ଥିତ ଥିଲେ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଦେବଯାନୀ ପ୍ରଧାନ, ଆରୁହା ଜୋନର ସଭାପତି ଜିତେନ୍ଦ୍ର ରାଉତ, ଜେନାପୁର ଜୋନର ସଭାପତି ଶ୍ରୀବତ୍ସ ଧିର, ଜାରକା ଜୋନର ସଭାପତି ଦେବବ୍ରତ ପଣ୍ଡା, ବାରବାଟି ଜୋନର ସଭାପତି ତୀର୍ଥରାଜ ପଣ୍ଡା, କୋଟପୁର ଜୋନର ସଭାପତି ପ୍ରଶାନ୍ତ ନାୟକଙ୍କ ସମେତ ଜୋନ ପ୍ରଭାରୀ ରାଜେଶ ପାଳ, ଅଭିଷେକ ରାଉତ, ଦେବରାଜ ମିଶ୍ର, ବିଶ୍ୱଜିତ ପୃଷ୍ଟି, ଆୟୁଷ୍ମାନ ପ୍ରିୟଦର୍ଶନ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ ।

### ଜାତୀୟ ଜୁନିଅର୍ ବାଳକ ରଗବୀ ସେଭେନ୍ସ ଫୁଟବଲ

## ଯାଜପୁରର ସାଇଶ୍ରୀ ସତ୍ୟବ୍ରତଙ୍କୁ ବ୍ରୋଞ୍ଜ

**ଦଶରଥପୁର,୧୨।୭ (ସମିସ):** ହାଇଦରାବାଦର ଗାଛି ବାଓ୍ୱଲି ଷ୍ଟାଡିୟମ ଠାରେ ରଗ୍‌ବୀ ଇଣ୍ଡିଆ ଦ୍ୱାରା ଆୟୋଜିତ ହେଉଥିବା ଜାତୀୟ ଜୁନିଅର୍ ବାଳକ ସେଭେନ୍ସ ରଗବୀ ଫୁଟବଲ ଚାମ୍ପିଅନସିପରେ ଆଜି ଓଡ଼ିଶା ୩୩-୦ରେ ଦିଲ୍ଲୀକୁ ହରାଇ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ୍ ମେଡାଲ ପାଇଛି । ଫାଇନାଲରେ





ବିହାର ୩୫-୫ ମହାରାଷ୍ଟ୍ରକୁ ହରାଇ ଚାମ୍ପିଅନ ହୋଇଛି । ଓଡ଼ିଶା ଦଳରେ ଯାଜପୁରର ଦଶରଥପୁର ତୁଳାଟିଆ ସାହିର କୈଳାଶ ସାହୁଙ୍କ ପୁଅ ସାଇଶ୍ରୀ ସତ୍ୟବ୍ରତ ସାହୁ ସ୍ଥାନ ପାଇ ବ୍ରୋଞ୍ଜ ମେଡାଲ ପାଇଛନ୍ତି । ତାଙ୍କର ଏହି ସଫଳତାରେ ଜିଲ୍ଲା କ୍ରିଡ଼ା ଅଧିକାରୀ ଫକୀରମୋହନ ଟୁଡୁ, ଓଡ଼ିଶା ରଗବୀ ଫୁଟବଲ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ତଥା ଜିଲ୍ଲା ସମ୍ପାଦକ ଭରତ ସାହୁ, ଜିଲ୍ଲା ରଗବୀ ଫୁଟବଲ ଆସୋସିଏସନ୍ ର ସଭାପତି ନାରାୟଣ ସାହୁ ବହୁ ବୁଦ୍ଧିଜୀବୀ ଓ କ୍ରୀଡାବିତ୍‌ମାନେ ଶୁଭେଚ୍ଛା ଜଣାଇଛନ୍ତି ।

## ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ବନ ମହୋତ୍ସବ





**ଦାନଗଦି,୧୨।୭ (ସମିସ):** ଟାଟା ଷ୍ଟିଲ୍ କଳିଙ୍ଗନଗର ପକ୍ଷରୁ ଟମକା ବନାଞ୍ଚଳ ବିଭାଗର ସହଯୋଗରେ ସ୍ଥାନୀୟ ଜୈବ ବିବିଧତା ଉଦ୍ୟାନ ନିକଟରେ ବନ ମହୋତ୍ସବ ସଫଳତାର ସହ ପାଳିତ ହୋଇଯାଇଛି । ପରିବେଶ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ଏହି କାର୍ଯ୍ୟକ୍ରମରେ ପ୍ରାୟ ୬୦ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଟାଟା ଷ୍ଟିଲ୍ କଳିଙ୍ଗନଗରର ଲଜିଷ୍ଟିକ୍ସ ଅପରେସନ ଚିଫ୍ ଶୁଭ୍ରାଂଶୁ ଶେଖର ରାଉତ ଏବଂ ଟମକା ରେଞ୍ଜର ଏସିଏଫଓ କିଶୋର କୁମାର ପାଣିଗ୍ରାହୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ଏକ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହା ସହିତ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ସଫେଇ ଅଭିଯାନ ଚଲାଯାଇ ସେଠାରୁ ବହୁ ପରିମାଣର ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ସଂଗ୍ରହ କରାଯାଇଥିଲା । ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସ୍ଥାନୀୟ ଅଞ୍ଚଳରେ ଏକ ପରିବେଶ ସଚେତନତା ଅଭିଯାନ ମଧ୍ୟ ଚଲାଯାଇଥିଲା । ଏଥିରେ ଜଙ୍ଗଲ ସୁରକ୍ଷା ଏବଂ ପରିବେଶର ଯତ୍ନ ନେବା ପାଇଁ ପ୍ରେରଣାଦାୟୀ ସ୍ଲୋଗାନ ଥିବା ପୋଷ୍ଟରଗୁଡ଼ିକୁ ଗଛରେ ପ୍ରଦର୍ଶିତ କରାଯାଇ ସ୍ଥାନୀୟ ଲୋକମାନଙ୍କୁ ଦାୟିତ୍ୱବାନ ହେବା ପାଇଁ ଉତ୍ସାହିତ କରାଯାଇଥିଲା ।

## ରୋଟାରୀ କ୍ଲବ୍‌ର ସାଧାରଣ ବୈଠକ

**ଧର୍ମଶାଳା,୧୨।୭ (ସମିସ):** ଜାରକା ରୋଟାରୀ କ୍ଲବ ୨୦୨୬-୨୭ ବର୍ଷର ନୂତନ କର୍ମକର୍ତ୍ତାମାନଙ୍କ ପ୍ରଥମ ସାଧାରଣ ବୈଠକ କ୍ଲବ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । କ୍ଲବର ସଭାପତି ଇଂ. ସୁକାନ୍ତ କୁମାର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା । ପ୍ରଥମେ ସାଧାରଣ ସମ୍ପାଦକ ଦୀପକ କୁମାର ଜେନା ବିବରଣୀ ପ୍ରଦାନ କରିବା ସହିତ ଆୟବ୍ୟୟର ସମୀକ୍ଷା କରିଥିଲେ । ତତସହିତ ରୋଟାରୀ କ୍ଲବର ଆଗାମୀ ବର୍ଷ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପ୍ରତିବର୍ଷ ପରି ବିଭିନ୍ନ ଜନହିତକର କାର୍ଯ୍ୟ ନିମନ୍ତେ ବୋର୍ଡ ଗଠନ କରାଯାଇ ଏହାର ନିର୍ଦ୍ଦେଶକ ମନୋନୀତ କରାଯାଇଥିଲା । ବୋର୍ଡର ନିର୍ଦ୍ଦେଶକ ଭାବେ ଡ. ବିଜୟ କୁମାର ଶତପଥୀ, ଲକ୍ଷ୍ମୀକାନ୍ତ ଚୌପଟ୍ଟନାୟକ, କଳାକାର ମହାନ୍ତି, ନିରଞ୍ଜନ ପାଣିଗ୍ରାହୀ, ଅଜାମ୍ବର ସାହୁ, ସତ୍ୟାନନ୍ଦ ବରାଳ, ବିନୋଦ ବିହାରୀ ପରିଡା, ଧରଣୀଧର ଦାଶ, ପ୍ରମୋଦ କୁମାର ସାମଲ, ରାଜେନ୍ଦ୍ର ପଲେଇ, ଜୟପ୍ରକାଶ ତ୍ରିପାଠୀ, ଇନ୍ଦ୍ରମଣି ନାୟକ, ଦେବେନ୍ଦ୍ର ସାହୁ, ଇଂ. ବିପିନ କିଶୋର ଷଡ଼ଙ୍ଗୀ ଓ ଜୟଗୁରୁ ପାତ୍ରଙ୍କୁ ମନୋନୀତ କରାଯାଇଥିଲା । ପରେ ଆଗାମୀ ଅଧିଷ୍ଠାନ ଉତ୍ସବ, ବୃକ୍ଷ ରୋପଣ କାର୍ଯ୍ୟକ୍ରମ, ରକ୍ତଦାନ ଶିବିର, ଗୁରୁ ଦିବସ ପାଳନ ଓ ଚକ୍ଷୁ ଚିକିତ୍ସା ଶିବିର ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଜୟନ୍ତ କୁମାର ସାହୁ, ଯୁଗ୍ମ ସମ୍ପାଦକ ହରିହର ପଣ୍ଡା ଓ କୋଷାଧ୍ୟକ୍ଷ ପ୍ରଦୀପ୍ତ କୁମାର ବରାଳ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ମତାମତ ରଖିଥିଲେ । ରୋଟାରୀଆନ ବିଜୟ କୁମାର ଶତପଥୀ ଚଳିତ ବର୍ଷ କ୍ଲବର ବିଭିନ୍ନ ଜନହିତକର କାର୍ଯ୍ୟକୁ ଆହୁରି ଲୋକାଭିମୁଖୀ କରିବାପାଇଁ ମତ ରଖି ଧନ୍ୟବାଦ ଅର୍ପଣ କରିଥିଲେ ।

## ଗାଡ଼ି ଧକ୍କାରେ ଯୁବକ ମୃତ

**ପାଣିକୋଇଲି,୧୨।୭ (ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପଥରପଦା ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ସମ୍ମୁଖରେ ଶନିବାର ବିଳମ୍ବିତ ରାତ୍ରୀରେ ଅଜଣା ଗାଡି ଧକ୍କାରେ ବାଇକ ଆରୋହୀ ଯୁବକର ମୃତ୍ୟୁ ଘଟିଛି । ମୃତକ ହେଲେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତ ବଡ଼ ତ୍ରିଲୋଚନପୁର (ମକୁନ୍ଦବିନ୍ଧା) ଗ୍ରାମର ଭରତ ମଲିକଙ୍କ ପୁଅ ପ୍ରଭାସ ମଲିକ (୨୫) । ଏନେଇ ପୁଲିସ ଏକ ମାମଲା ୨୭୦/୨୬ ରୁଜୁ କରି ଶବ ବ୍ୟବଚ୍ଛେଦ କରିବା ସହ ପରିବାରକୁ ହସ୍ତାନ୍ତର କରିଛି । ସୂଚନା ମୁତାବକ ବଡ଼ ତ୍ରିଲୋଚନପୁର ଗ୍ରାମର ପ୍ରଭାସ ଘରୁ ଔଷଧ ଆଣିବା ପାଇଁ ଘରୁ ଏକ ବାଇକ ( ଓଡି୦୪ଏମ ୪୧୦୬) ଆସୁଥିଲେ । ହେଲେ ତାକୁ ଏକ ଅଜଣା ଗାଡି ଧକ୍କା ଦେଇଥିଲା । ଫଳରେ ଘଟଣାସ୍ଥଳେ ତାର ମୃତ୍ୟୁ ଘଟିଥିଲା । ଘଟଣାସ୍ଥଳେ ପୁଲିସ ପହଞ୍ଚି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା । ଆଜି ମରଶରୀର ଗାଁରେ ପହଞ୍ଚିବା ପରେ ଶେଷକୃତ ସମ୍ପନ୍ନ କରାଯାଇଥିଲା ।

## ରାବଣାରେ ବିଜୁ ଜନତା ଦଳ କର୍ମୀ ସମ୍ମିଳନୀ



**ଯଖପୁରା,୧୨।୭ (ସମିସ):** ଦାନଗଦି ବ୍ଲକ୍ ଅନ୍ତର୍ଗତ ରାବଣା ଠାରେ ବିଜୁ ଜନତା ଦଳ ମାଣତୀରା ଗ୍ରାମପଞ୍ଚାୟତ ତରଫରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ସୁକିନ୍ଦାର ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡ଼ାଇ ଯୋଗଦେଇଥିଲେ । ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ଏହି କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମୀ ସମ୍ମିଳନୀରେ ମାଣତିରା ପଞ୍ଚାୟତ ବିଜୁ ଜନତା ଦଳର ଅନେକ ଛାମୁଆ କର୍ମୀ ସହିତ ଶତାଧିକ ମହିଳା ଯୋଗଦେଇଥିଲେ । ଆଜିର ଏହି ସଭାକୁ ପ୍ରଦୀପ କୁମାର ମହାନ୍ତି ପରିଚାଳନା କରିଥିଲେ । ଏହା ବ୍ୟତୀତ ଆଦିକନ୍ଦ ପରିଡ଼ା, ଦୁର୍ଯ୍ୟୋଧନ ବେହେରା, ଶିବାନନ୍ଦ ପରିଡ଼ା, ବୈକୁଣ୍ଠ ନାଥ ସ୍ୱାଇଁ, ଇଲୁ ଜେନା, ମନତୀରା ପଞ୍ଚାୟତ ବିଜୁ ଜନତା ଦଳ ଯୁବ ସଭାପତି ସିଲୁ ଘଡ଼ାଇ, ସୁବାସ ଘଡ଼ାଇ, କୈଳାଶ ଘଡାଇ, କୁଲୁ ଘଡ଼ାଇ, ସାଗର ସିଂ, ଜୁଲୁ ସିଂ ପ୍ରମୁଖ ଯୋଗଦେଇଥିଲେ ।

## ଦୁର୍ଘଟଣାରେ ପେଟ୍ରୋଲ ପମ୍ପ୍ କର୍ମଚାରୀ ଆହତ

**କବାଟବନ୍ଧ,୧୨।୭ (ସମିସ):** ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବ୍ରାହ୍ମଣୀ ବ୍ରିଜ୍ ନିକଟରେ ଏକ ଦୁର୍ଘଟଣା ଘଟିଛି । ଏହି ଦୁର୍ଘଟଣାରେ ଜଣେ ବାଇକ ଆରୋହି ଆହତ ହୋଇଛନ୍ତି । ଶନିବାର ବିଳମ୍ବିତ ରାତ୍ରୀରେ ଏହି ଦୁର୍ଘଟଣା ଘଟିଛି । ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ବ୍ରାହ୍ମଣୀ ବ୍ରିଜ୍‌ଠାରୁ କନ୍ତପଡ଼ା ଛକ ମଧ୍ୟରେ ଥିବା କୁଣ୍ଡି ପୋଲ ନିକଟରେ ଦୁର୍ଘଟଣା ଘଟିଥିଲା । ଖବର ଅନୁସାରେ ଉକ୍ତ ସ୍ଥାନରେ ଏକ ହାଇଓ୍ୱା ଟ୍ରକ୍ ଖରାପ ହୋଇ ଅଟକି ରହିଥିଲା । ବାଇକରେ ଯାଉଥିବା ଚାଳକ ଜଣଙ୍କ ଗାଡ଼ିରେ ଧକ୍କା ଲାଗିଥିଲା । ଫଳରେ ତାଙ୍କର ମୁଣ୍ଡରେ ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା । ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ । ଆହତ ବ୍ୟକ୍ତି ଜଣଙ୍କ ସ୍ଥାନୀୟ ଏକ ଭାରତ ପେଟ୍ରୋଲ ପମ୍ପରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିଲେ । ତାଙ୍କ ନାମ ଧନୁ ଦାଶ (୫୦) ବୋଲି ଜଣାପଡ଼ିଛି ।

## ଗଣ୍ଡଗୋଳ ଘଟଣାରେ ଯୁବକ ଗିରଫ

**କୟାଁଗୋଲା,୧୨।୭ (ସମିସ):** ମଙ୍ଗଳପୁର ବଜାରରେ ଥିବା ଏକ ହୋଣ୍ଡା ଶୋ-ରୁମରେ ଗତକାଲି କର୍ମଚାରୀଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୁଲିସ ଗିରଫ କରିଛି । ଅଭିଯୋଗ ଅନୁସାରେ, ଭଦ୍ରକ ଜିଲ୍ଲା ଧୁଷୁରୀ ଥାନା ଅଧୀନ ବୋଡ଼କ ଗ୍ରାମର ସୁବ୍ରତ ବେହେରା ନାମକ ଯୁବକ ଶୋ-ରୁମକୁ ଆସି କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ପ୍ରାୟ ୭ ବର୍ଷ ତଳେ ସୁବ୍ରତ ଶୋ-ରୁମରୁ ଗୋଟିଏ ବାଇକ୍ କିଣିଥିଲେ । କିନ୍ତୁ ସେ ଠିକ୍ ସମୟରେ ଇଏମ୍ଆଇ କିସ୍ତି ଟଙ୍କା ଦେଇ ନ ପାରିବାରୁ ଫାଇନାନ୍ସ କମ୍ପାନୀ ତାଙ୍କ ପାଖରୁ ବାଇକ୍‌ଟି ନେଇଯାଇଥିଲା । ଏହି କଥାକୁ ନେଇ ସୁବ୍ରତ ଶୋ-ରୁମ କର୍ମଚାରୀଙ୍କ ସହ ଯୁକ୍ତିତର୍କ କରି ଆକ୍ରମଣ କରିଥିଲେ । ପରେ ଶୋ-ରୁମ କର୍ମଚାରୀମାନେ ତାଙ୍କୁ ଅଟକ ରଖି ମଙ୍ଗଳପୁର ଥାନାରେ ଖବର ଦେଇଥିଲେ । ଅଭିଯୋଗ ଭିତ୍ତିରେ ମଙ୍ଗଳପୁର ଥାନା ଏସ୍ଆଇ ଅନିତା ପ୍ରଧାନ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ । ମାମଲା ନଂ- ୧୮୬/୨୬ ତଦନ୍ତ ପରେ ପୁଲିସ ସୁବ୍ରତ ବେହେରାଙ୍କୁ ଗିରଫ କରିଛି । ଆଜି ଅଭିଯୁକ୍ତଙ୍କୁ ମେଡିକାଲ ପରୀକ୍ଷା ପରେ କୋର୍ଟଚାଲାଣ କରିଥିଲେ ।

## ହିନ୍ଦୀ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ଯଖପୁରା,୧୨।୭ (ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ପଙ୍କପାଳ ପଞ୍ଚାୟତର ବୀଣାପାଣି ସରକାରୀ ଉଚ୍ଚ ବିଦ୍ୟାପୀଠର ହିନ୍ଦୀ ଶିକ୍ଷକ ମଦନ ମୋହନ ପରିଡ଼ାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ସନନ୍ଦ କୁମାର ରାଉତ, ମୁଖ୍ୟବକ୍ତା ବଳରାମ ଆଏଚ, ସମ୍ମାନିତ ଅତିଥି ରବି ଶତପଥୀ, ଫକିର ଚରଣ ଦାଶ, ଜଳଧର ସାହୁ, ପୂର୍ବତନ ସଭାପତି ରାଜ୍ୟ ହିନ୍ଦୀ ଶିକ୍ଷକ ସଂଘ ରଘୁନାଥ ବେହେରା, ପୂର୍ବତନ ସମ୍ପାଦକ ଯାଜପୁର ଜିଲ୍ଲା ଓଷ୍ଟା ବିଷ୍ଣୁ ଚରଣ ସାହୁ, ଯାଜପୁର ଜିଲ୍ଲା ଓଷ୍ଟା ସମ୍ପାଦକ ପବିତ୍ର କୁମାର ପଣ୍ଡା, ପୂର୍ବତନ ସମ୍ପାଦକ ଜିଲ୍ଲା ହିନ୍ଦୀ ଶିକ୍ଷକ ସଂଘ ସଞ୍ଜୟ କୁମାର ସାହୁ, ପଞ୍ଚ ସଖା ଶିକ୍ଷା ସେତୁ ସଭାପତି ଦିଲ୍ଲୀପ ସାମଲ, ହିମାଂଶୁ ଶେଖର ପୃଷ୍ଟି, ମନ୍ମଥ ଶତପଥୀ ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ଶ୍ରୀ ପରିଡାଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

## ପୂର୍ବତନ ପାରିଷଦ ଜଗନ୍ନାଥ ସାହୁଙ୍କ ପରଲୋକ



**ଯାଜପୁର ଟାଉନ,୧୨।୭ (ସମିସ):** ଯାଜପୁର ପୌରପାଳିକାର ପୂର୍ବତନ ଜଗନ୍ନାଥ ସାହୁ (୭୧)ଙ୍କର ଆଜି ପରଲୋକ ଘଟିଛି । ସେ ବିଜୁ ଜନତା ଦଳରୁ ୨୦୧୫ ମସିହାରେ ଯାଜପୁର ପୌରପାଳିକାର ୧୬ନମ୍ବର ୱାର୍ଡର ପାରିଷଦ ଭାବେ ନିର୍ବାଚିତ ହୋଇଥିଲେ । ସେ ଗତ ଶୁକ୍ରବାରଠାରୁ ଅସୁସ୍ଥ ଅନୁଭବ କରି ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ । ଆଜି ଭୋର ୫ ସମୟରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି । ତାଙ୍କ ମୃତ୍ୟୁ ଖବର ମିଳିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା । ଜଗନ୍ନାଥଙ୍କ ମରଶରୀର ଯାଜପୁର ବାସଭବନରେ ପହଞ୍ଚିବା ପରେ ଶେଷ ଦର୍ଶନ ପାଇଁ ଯାଜପୁରର ପୂର୍ବତନ ବିଧାୟକ ତଥା ବିଜେଡିର ରାଜ୍ୟ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ଯାଜପୁର ପୌରପାଳିକାର ପୌରାଧ୍ୟକ୍ଷ ରଞ୍ଜୁଲତା ହୋତା, ଉପାଧ୍ୟକ୍ଷ ସନ୍ତୋଷ ମଲ୍ଲିକଙ୍କ ସମେତ ସମସ୍ତ ପାରିଷଦମାନେ ପହଞ୍ଚି ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ । ପରେ ଏକ ବିରାଟ ଶୋଭାଯାତ୍ରାରେ ତାଙ୍କ ମରଶରୀରକୁ ଆଣାଯାଇ ବାରୁଣୀ ପଡ଼ିଆସ୍ଥିତ ମହାଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ତାଙ୍କର କନିଷ୍ଠ ପୁତ୍ର ଭରତ ସାହୁ ମୁଖାଗ୍ନି ଦେଇଥିବା ବେଳେ ଜ୍ୟେଷ୍ଠ ପୁତ୍ର ଧରଣୀଧର ସାହୁ ଏବଂ ଅନ୍ୟ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

## ପଞ୍ଚାୟତ କାର୍ଯ୍ୟାଳୟରେ ରକ୍ତଦାନ ଶିବିର



**ମଇଁନ୍ଦା,୧୨।୭ (ସମିସ):** ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମା' ଜାଗୁଲାଇ ସ୍ପୋର୍ଟିଂ କ୍ଲବ ଓ ଚୁମ୍ବନ ମହାନ୍ତି ସ୍ମୃତି କମିଟି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରକୁ ସରପଞ୍ଚ ପାର୍ବତୀ ମଲିକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସମ୍ମାନିତ ଅତିଥିଭାବେ ହେଲ୍ପ ଫର୍ ପିପଲ ଗିରିଧାରୀଜୀୟୁ ଚାରିଟେବୁଲ ଟ୍ରଷ୍ଟର ସଭାପତି ଅନନ୍ତ କିଶୋର ସ୍ୱାଇଁ ଯୋଗଦାନ କରିଥିଲେ । ଆଜିର ଶିବିରରେ ମୋଟ ୮୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଏହି ଶିବିରରେ କିଶୋର ୩୫ଜଣ ଥିବା ବେଳେ ୪୫ ଜଣ କିଶୋରୀ ଥିଲେ । ଓଡିଶା ରକ୍ତ ଭଣ୍ଡାର ଯାଜପୁର ଜିଲ୍ଲା ତରଫରୁ ବିବିଏଓ ଡାକ୍ତର ପ୍ରଶାନ୍ତ କୁମାର ବିଶ୍ୱାଳ, ନର୍ସିଂ ଅଧିକାରୀ ବିଶ୍ୱରଞ୍ଜନ ଓଝା, ନିଦାନ ଅଧିକାରୀ ପାର୍ଥସାରଥି ପୁହାଣ, ନିଦାନ ସହଯୋଗୀ ମହେଶ୍ୱର ବେହେରା, ଡିଏମ୍ଏ ହୃଷୀକେଶ ଯେନା, ତରୁଣ କୁମାର ନାୟକ, ଆଦି ସହଯୋଗ କରିଥିବା ବେଳେ ହେଲ୍ପ ଫର ପିପଲ ଗିରିଧାରୀ ଜୀୟୁ ଚାରିଟେବୁଲ ଟ୍ରଷ୍ଟ ଓ ମା' ମଙ୍ଗଳା ସେବା ସମିତି, ଚିକଣା ତରଫରୁ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ ।

## ବୃକ୍ଷରୋପଣ ପାଇଁ ରକ୍ତବନ୍ଧୁର ପ୍ରସ୍ତୁତି ବୈଠକ

**କବାଟବନ୍ଧ,୧୨।୭ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ଅଞ୍ଚଳର ସାମାଜିକ ଅନୁଷ୍ଠାନ ରକ୍ତବନ୍ଧୁର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ରକ୍ତବନ୍ଧୁ ଯାଜପୁରର ଆବାହକ ସାମ୍ବାଦିକ ବସନ୍ତ କୁମାର ମଲିକଙ୍କ ଆବାହକତ୍ୱରେ ଆୟୋଜିତ ଏହି ପ୍ରସ୍ତୁତି ବୈଠକରେ ଅନୁଷ୍ଠାନର ସଦସ୍ୟ ମାନେ ଆଗାମୀ ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ଆଲୋଚନା କରିଥିଲେ । ଅନୁଷ୍ଠାନ ପକ୍ଷରୁ ରକ୍ତ ଆବଶ୍ୟକ କରୁଥିବା ରୋଗୀ ମାନଙ୍କୁ ରକ୍ତଦାନ କରିଆସୁଥିବା ଏହି ଅନୁଷ୍ଠାନ ପକ୍ଷରୁ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ପାଇଁ ପ୍ରୟାସ ଆରମ୍ଭ ହୋଇଛି । ତାଳଜଙ୍ଗ ପଞ୍ଚାୟତ ଅଧିନ ଐତିହାସିକ ପୀଠ ବଳରାମପୁର ଉପରଗଡ଼ ମାଉସୀ ମା' ମନ୍ଦିର ପ୍ରାଙ୍ଗଣରେ ରବିବାର ଅପରାହ୍ନରେ ପରିବେଶ ସୁରକ୍ଷା, ପ୍ରଦୂଷଣ ନିୟନ୍ତ୍ରଣ, ତାପମାତ୍ରା ନିୟନ୍ତ୍ରଣ ଆଦି ପରିବେଶ ସମ୍ବନ୍ଧୀୟ ତଥା ବୃକ୍ଷରୋପଣ ହିଁ ଏକ ମାତ୍ର ବିକଳ୍ପ ବୋଲି ଅନୁଷ୍ଠାନର ଉପଦେଷ୍ଟା ଅନୀଲ କୁମାର ପଣ୍ଡା ମତ ପ୍ରକାଶ କରିଥିଲେ । ଆସନ୍ତା ସପ୍ତାହରେ ଏକ ବୃହତ ଧରଣର ବୃକ୍ଷ ରୋପଣ ପାଇଁ ସର୍ବ ସମ୍ମତି କ୍ରମେ ଧାର୍ଯ୍ୟ କରାଯାଇଥିଲା । ଏନେଇ ବିଶେଷ ପ୍ରସ୍ତୁତି ସହିତ ସଦସ୍ୟ ମାନଙ୍କୁ ମଧ୍ୟରେ ବିଭିନ୍ନ ଦାଇତ୍ୱ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରକ୍ତବନ୍ଧୁର ବରିଷ୍ଠ ସଦସ୍ୟ ସ୍ମୃତି ରଞ୍ଜନ ଧୀର, ଶରତ ବଳ, ଦେବୀ ପ୍ରସାଦ ଧୀର,କାବୁଲା ବେହେରା, ମାନସ ଦାସ, ସୁଶାନ୍ତ ଜେନା, ରବୀନ୍ଦ୍ର ରାଉତ, ଜଗବନ୍ଧୁ ମଲିକ, ଶରତ ବଳ, ଜୟଦେବ ମହାରଣା, ମାୟାଧର ଦାସ, ପବିତ୍ର ସାହୁ, ସନାତନ ମଲ୍ଲିକ, ବଳରାମ ଧୀର, କାର୍ତ୍ତିକ ଧୀର, ସୁମନ ଧୀର ଙ୍କ ସମେତ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ । ବୈଠକ ଶେଷରେ ସାମ୍ବାଦିକ ଅସିତ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# କାଣୀ ନଦୀ ବନ୍ଧ ନିର୍ମାଣ ନେଇ ଆରୋପପ୍ରତ୍ୟାରୋପ

କୟାଁଗୋଲା/ଦଶରଥପୁର,୧୨।୭(ସମିସ): ଦଶରଥପୁର ବ୍ଲକ ଅନ୍ତର୍ଗତ କଣପଡା ନିକଟସ୍ଥ କାଣୀ ନଦୀର ଡାହାଣ ପାଶ୍ୱର୍ରେ ଘାଇ ସୃଷ୍ଟି ହେବା ପରେ ଏହାକୁ ନେଇ ରାଜନୀତି ଓ ଆରୋପ ପ୍ରତ୍ୟାରୋପ ଆରମ୍ଭ ହୋଇଯାଇଛି। ଏହି ନଦୀ ବନ୍ଧ କିଏ ନିର୍ମାଣ କରିଛି ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ଏବଂ ଠିକାଦାରୀ ପଛରେ କିଏ ବୋଲି ସାଧାରଣରେ ପ୍ରଶ୍ନ ଉଠୁଥିବା ବେଳେ ଏହାକୁ ନେଇ ବିଭିନ୍ନ ରାଜନୈତିକ ଦଳ ମଧ୍ୟରେ ଆରୋପ ଓ ପ୍ରତ୍ୟାରୋପ ଆରମ୍ଭ ହୋଇଛି। ଆଜି ଏହାକୁ ନେଇ ମିଳିତ କୃଷକ ବିକାଶ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ କରି ସବୁ କାଣୀ ନଦୀର ଘାଇ ଜନିତ କ୍ଷତି ପାଇଁ ସରକାରକୁ ଦାୟୀ କରାଯାଇଛି। ଗତ କିଛି ବର୍ଷ ଧରି ଦଶରଥପୁର ବ୍ଲକ ଅଧୀନସ୍ଥ କଣପଡା ନିକଟସ୍ଥ କାଣୀ ନଦୀର ଡାହାଣ ପାଶ୍ୱର୍ରେ ବନ୍ଧ ବନ୍ଧା ନ ଥିବା ଯୋଗୁଁ ବନ୍ୟା ଜଳ ଉକ୍ତ ମୁକୁଳା ଘାଇ ବାଟେ ପ୍ରବାହିତ ହେବା ଫଳରେ ଦଶରଥପୁର ବ୍ଲକ ଅଞ୍ଚଳର ବ୍ୟାପକ ଅଞ୍ଚଳ ବନ୍ୟା ପ୍ଲାବିତ ହେବା ଫଳରେ ବ୍ୟାପକ କ୍ଷୟ କ୍ଷତି ହେବା ସହିତ ବହୁ ପରିମାଣରେ ଚାଷଜମି ନଷ୍ଟ ହୋଇଥାଏ। ଏହି ନଦୀ ବନ୍ଧ ନିର୍ମାଣ କରିବା ପାଇଁ କୌଣସି ଜଳସଂପଦ ଏବଂ ଡ୍ରେନେଜ ବିଭାଗ ପକ୍ଷରୁ କୌଣସି ବ୍ୟୟବରାଦ ନାହିଁ ଫଳରେ ଚଳିତ ବର୍ଷ ପ୍ରଶାସନ ଉକ୍ତ ଘାଇକୁ ନ ବନ୍ଧାଇବା ଯୋଗୁଁ ସ୍ଥାନୀୟ ଚାଷୀମାନେ ଅର୍ଥ ଆଦାୟ କରି ଉକ୍ତ ଘାଇକୁ ବନ୍ଧାଇଥିଲେ। ମାତ୍ର ଚଳିତ ବର୍ଷ କାଣୀରେ ବନ୍ୟା ଆସିବା ଫଳରେ କଣପଡା ନିକଟରେ ଉକ୍ତ ସ୍ଥାନରେ ପୁନର୍ବାର ଘାଇ ସୃଷ୍ଟି ହେବା ଫଳରେ ଦଶରଥପୁର ବ୍ଲକ ଅଧିନସ୍ଥ ୫ଟି ପଞ୍ଚାୟତର ବ୍ୟାପକ ଚାଷ ଜମି କ୍ଷତିଗ୍ରସ୍ତ ହେବା ଯୋଗୁଁ ରୁଆ ହୋଇଥିବା ଧାନ ଚାରି ନଷ୍ଟ ହୋଇଯାଇଛି। ମାତ୍ର ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନେ ଉକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ବେଆଇନ ବନ୍ଧ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ବିରୋଧରେ କେଶ କରାଯିବ ବୋଲି କହିଥିଲେ। ନିର୍ବାଚିତ ପ୍ରତିନିଧିଙ୍କ ଏଭଳି ବକ୍ତବ୍ୟକୁ ଚାଷୀମାନେ ପ୍ରତିବାଦ କରିବା ସହିତ ନିଜର ପେଟପଟଣା ପାଇ ଆବଶ୍ୟକ ହେଲେ ଜେଲ ଯିବାକୁ ପ୍ରସ୍ତୁତ ବୋଲି କହିଥିଲେ। ଚାଷୀମାନେ ପ୍ରଶାସନର ଅବହେଳା ଯୋଗୁଁ ଏଭଳି ହୋଇଥିବା ଅଭିଯୋଗ କରିବା ସହିତ ସେମାନଙ୍କର ସମସ୍ୟା ଓ ପ୍ରଶାସନର ଅବହେଳା ପ୍ରତିବାଦରେ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ। ରବିବାର ଅପରାହ୍ନରେ ମିଳିତ କୃଷକ ବିକାଶ ମଞ୍ଚ ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ସଭାପତି ଅଶୋକ କୁମାର ପାତ୍ର ନିଜ ବକ୍ତବ୍ୟରେ ଅଞ୍ଚଳରେ ଚାଷୀଙ୍କ ସମସ୍ୟା ସମାଧାନ କରିବାରେ ସରକାର ବିଫଳ ହୋଇଥିବା ନେଇ ଅଭିଯୋଗ କରିବା ସହିତ ଅଞ୍ଚଳର ଚାଷୀମାନଙ୍କ ସମସ୍ୟା ସମାଧାନ କରିବାରେ ବିଫଳ ହୋଇଥିବା କିଛି ଲୋକ ପ୍ରତିନିଧି କାଣୀ ନଦୀ ସୁରକ୍ଷା ନାମରେ କେବଳ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଚାଷୀ ଗଣେଶ ପତି, ବଟକୃଷ୍ଣ ନେମାପ, ଗଗନ ସୁତାର, ଅନାଦି ଚରଣ ପାତ୍ରଙ୍କ ସମେତ ଭାଜପା ନେତା ରମେଶ ଚନ୍ଦ୍ର ସାମଲ, ସୁବାସ ମହାନ୍ତି, ଇନ୍ଦ୍ରଜିତ ଦାସ, ସବ୍ୟସାଚୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।




## ଅଙ୍ଗନବାଡ଼ି କେନ୍ଦ୍ର ଆଗରେ ଆଣ୍ଠୁଏ ପାଣି



ଭଦ୍ରକ,୧୨।୭(ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ୍ ଅନ୍ତର୍ଗତ ରାଜନଗର ପଞ୍ଚାୟତର ଏକ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଦୀର୍ଘ ଦିନ ଧରି ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଥିବାରୁ କୋମଳମତି ଶିଶୁ ଓ ସେମାନଙ୍କ ଅଭିଭାବକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫଳରେ ବିପଦରେ ପଡ଼ିଛି କୋମଳମତି ଶିଶୁଙ୍କ ଭବିଷ୍ୟତ। ପ୍ରତିଦିନ ଶିଶୁମାନେ ପାଣି ଭିତରେ ଚାଲିଚାଲି ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବାକୁ ବାଧ୍ୟ ହେଉଥିବାରୁ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଛି।

**ଛୋଟ ଛୋଟ ଶିଶୁଙ୍କ ପାଇଁ ବଢ଼ିଛି ବିପଦ**

ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ବର୍ଷା ହେଲେ କେନ୍ଦ୍ର ସମ୍ମୁଖରେ ପାଣି ଜମି ରହୁଛି। ଫଳରେ ଶିଶୁମାନଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଛି। ଛୋଟ ପିଲାମାନେ ଖସି ପଡ଼ିବାର ଭୟ ଥିବା ସହ ଅପରିଷ୍କାର ପାଣି ଯୋଗୁଁ ସ୍ୱାସ୍ଥ୍ୟ ଚିନ୍ତା ମଧ୍ୟ ବଢ଼ୁଛି। ଏଭଳି ପରିସ୍ଥିତିରେ ଶିଶୁମାନଙ୍କ ପ୍ରାଥମିକ ଶିକ୍ଷା ଓ ସୁରକ୍ଷିତ ପରିବେଶ ପ୍ରଭାବିତ ହେଉଥିବା ନେଇ ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି। ଅଭିଭାବକମାନଙ୍କ ଅଭିଯୋଗ, ସମସ୍ୟା ସମ୍ପର୍କରେ ବାରମ୍ବାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇନାହିଁ। ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ସମସ୍ୟା ଦିନକୁ ଦିନ ଗୁରୁତର ହେଉଛି ବୋଲି ସେମାନେ କହିଛନ୍ତି। କେତେକ ସ୍ଥାନୀୟ ବାସିନ୍ଦା ପ୍ରଶ୍ନ ଉଠାଇଛନ୍ତି ଯେ, ଏହି ସମସ୍ୟାର ସମାଧାନରେ ବିଳମ୍ବ କାହିଁକି ହେଉଛି ଏବଂ କେଉଁ କାରଣରୁ ଉନ୍ନୟନମୂଳକ କାର୍ଯ୍ୟ ଆଗକୁ ବଢ଼ିପାରୁନାହିଁ। ତେବେ ଏହି ବିଷୟରେ କାହା ଦ୍ୱାରା ବାଧା ସୃଷ୍ଟି ହେଉଛି କି ନାହିଁ, ସେ ସମ୍ପର୍କରେ କୌଣସି ପ୍ରମାଣିତ ସୂଚନା ମିଳିନାହିଁ। ଅନ୍ୟପଟେ ଅଭିଭାବକ ଓ ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ଛୋଟ ଛୋଟ ଶିଶୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ପାଣି ନିଷ୍କାସନ ବ୍ୟବସ୍ଥା କରାଯାଉ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବା ରାସ୍ତାକୁ ଚଳନଯୋଗ୍ୟ କରାଯାଉ। ଏଥିସହ ସମ୍ପୃକ୍ତ ବିଭାଗ ଘଟଣାସ୍ଥଳ ପରିଦର୍ଶନ କରି ସ୍ଥାୟୀ ସମାଧାନ କରିବାକୁ ସେମାନେ ଦାବି କରିଛନ୍ତି।

## ଓଜେସି ପକ୍ଷରୁ ସାଂଗଠନିକ ସମ୍ମିଳନୀ

ବ୍ୟାସନଗର, ୧୨।୭(ସମିସ): ବ୍ୟାସନଗର ଓଡିଶା ଜନତା କଂଗ୍ରେସ ପାର୍ଟି ପକ୍ଷରୁ ସ୍ଥାନୀୟ ବ୍ୟାସଦେବ ଟାଉନ ହଲ ଠାରେ ପୌର ପରିଷଦ ନିର୍ବାଚନକୁ ଆଖିଆଗରେ ରଖି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତିଙ୍କ ଅଧକ୍ଷତାରେ ସାଙ୍ଗଠନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀକୁ ରାଜ୍ୟ ସଭାପତି ଇଂ. ପୂର୍ବତନ ବିଧାୟକ ମହମ୍ମଦ ମୁଖ୍ୟଅତିଥି ଭାବେ ଉଦଘାଟନ କରି ପୌରାଞ୍ଚଳର ଲୋକଙ୍କ ସର୍ବନିମ୍ନ ସମସ୍ୟା ପ୍ରତି ଗୁରୁତ୍ୱ ନ ଦେବା ଓ ବିଜେପି ୨ ବର୍ଷ ମଧ୍ୟରେ ଠିକ ସେହିପରି ସ୍ୱରାଜ ବ୍ୟବସ୍ଥା, ପାନୀୟଜଳ ଯୋଗାଣ, ଭୂମିହୀନଙ୍କୁ ପଟ୍ଟାପ୍ରଦାନ ନ କରିବା ଯୋଗୁ ସହରାଞ୍ଚଳରେ ଜନସାଧାରଣ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ। ଦୀର୍ଘ ଦିନ ଧରି ଶାସନ କରୁଥିବା ଦଳ ଯୁବକ ମାନଙ୍କୁ ରାଜନୀତି କ୍ଷେତ୍ରରେ ଅଣଦେଖା କରିଥିବା ଘଟଣାକୁ ନିନ୍ଦା କରିବା କରିବା ସହ ଓଜେସି, ଆଗାମୀ ଦିନରେ ଲୋକଙ୍କ ମୌଳିକ ସମସ୍ୟାକୁ ନେଇ ଲଢେଇ କରିବା ସହିତ ଆଗାମୀ ଦିନରେ ପୌରନିର୍ବାଚନ ଏକାକୀ ଲଢ଼ିବା ବୋଲି ଶ୍ରୀ ମୋକିମ ଆର ପାର ଲଢେଇ ପାଇଁ ଘୋଷଣା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ନିକୁଞ୍ଜ ପଶାୟତ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ, ପ୍ରଦୀପ କୁମାର ପ୍ରଧାନ, ନରେଶ କୁମାର ମହାନ୍ତି, ସଂଗ୍ରାମ କିଶୋର ମାଝୀ, ରଞ୍ଜିତା ରାଉତ ଯାଜପୁର ଜିଲ୍ଲା ପ୍ରଭାରୀ ନଜବୂର ରେହେମନ ଖାନ, ସୋମନାଥ ରାଉତ, ଅନିଲ କୁମାର ବେହୁରା, ଦୀପକ ପରିଡା ପ୍ରମୁଖ ଯୋଗଦେଇଥିଲେ। ସଭାର ପ୍ରାରମ୍ଭ ରେ ଯୁବ ଓଜେସି ନେତା ମନୋରଞ୍ଜନ ନାୟକ, ସୁମନ ସାମଲ, ସେକ ବଦ୍ରିଉଦ୍ଦିନ ଅତିଥି ପରିଚୟ ଓ ପୌରାଞ୍ଚଳର ସମସ୍ୟା ସମ୍ପର୍କରେ ଉପସ୍ଥାପନା କରିଥିଲେ। ପ୍ରଦୀପ କୁମାର ସେଠୀ ଧନ୍ୟବାଦ ପ୍ରସ୍ତାବ ରଖିଥିଲେ।

## ଆବାସ ପ୍ଲସ୍ ଯୋଜନାରେ ଦଲାଲି ରାଜନୀତି / ଧାମନଗରରେ କୁଜିନେତାଙ୍କ ୧୦ ହଜାରିଆ 'ଅଭୟବାଣୀ'

ଦୋବଲ,୧୨।୭(ସମିସ): ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ପ୍ଲସ୍-୨୦୨୪ ଯୋଜନାରେ ହିତାଧିକାରୀ ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହେବା ମାତ୍ରେ ଧାମନଗର ବ୍ଲକ୍‌ରେ କୁଜିନେତା ଓ ଦଲାଲମାନଙ୍କ ପିସି କାରବାର ଏବେ ଚରମ ସୀମାରେ ପହଞ୍ଚିଛି। ଗରିବ ଲୋକଙ୍କ ମୁଣ୍ଡ ଗୁଞ୍ଜିବା ଆଶାକୁ ପାଥେୟ କରି ଗାଁ ଗାଁରେ ସକ୍ରିୟ ହୋଇଉଠିଛନ୍ତି ବିଭିନ୍ନ ରାଜନୈତିକ ଦଳର କୁଜିନେତା। ଆସନ୍ତା ୧୭ ଓ ୧୮ ତାରିଖରେ ବ୍ଲକ୍‌ର ୩୦ଟି ପଞ୍ଚାୟତରେ ଯୋଗ୍ୟ ହିତାଧିକାରୀ ଚୂଡ଼ାନ୍ତ କରିବା ପାଇଁ ଗ୍ରାମସଭା ବସିବାକୁ ଥିବାବେଳେ, ଏହାକୁ ସମ୍ପୂର୍ଣ୍ଣ ଭାବେ ନିଜ ନିୟନ୍ତ୍ରଣକୁ ନେବା ପାଇଁ ଏହି ସ୍ଥାନୀୟ ପ୍ରଭାବଶାଳୀ ନେତାମାନେ ଜାଲ ବିଛାଇଛନ୍ତି। ଘର ଖଣ୍ଡିଏ ପାଇଁ ଅସହାୟ ଲୋକଙ୍କଠାରୁ ଖୋଲାଖୋଲି ଭାବେ ୧୦ ହଜାର ଟଙ୍କାର ପ୍ରାକ୍-ଡିଲ୍ ଚାଲିଥିବା ନେଇ ସାଙ୍ଘାତିକ ଅଭିଯୋଗ ସାମ୍ନାକୁ ଆସିଛି। ବ୍ଲକ୍ ପ୍ରଶାସନର ଚିଠି ସଂଖ୍ୟା ୩୨୨୦ ଅନୁଯାୟୀ, ସରକାରୀସ୍ତରରେ ପ୍ରକ୍ରିୟା ତ୍ୱରାନ୍ୱିତ ହେଉ ହେଉ, ଗ୍ରାମାଞ୍ଚଳର କୁଜିନେତାମାନେ ପ୍ରଥମେ ନିଜ ଦଳର କର୍ମୀ ଓ ସମର୍ଥକଙ୍କୁ ତାଲିକାରେ ଭର୍ତ୍ତି କରିବାକୁ ଫନ୍ଦି ଚଳାଇଛନ୍ତି। ଏଥିପାଇଁ ପ୍ରଶାସନିକ ତଦନ୍ତ ଓ ଗ୍ରାମସଭା ପ୍ରକ୍ରିୟାକୁ କିଭଳି ଗୋଳେଇମାଳେଇ ନିଜ ହିସାବରେ ପରିଚାଳନା କରାଯିବ, ସେନେଇ ସ୍ଥାନୀୟସ୍ତରରେ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇଛି। ଯେଉଁ ଗରିବ ଲୋକମାନେ ଘର ପାଇଁ ଆବେଦନ କରିଛନ୍ତି, ସେମାନଙ୍କ ଅସହାୟତାର ସୁଯୋଗ ନେଇ ଏହି କୁଜି ନେତା ଓ କର୍ମୀମାନେ ଏବେ ଟଙ୍କା ଆଦାୟରେ ଲାଗିପଡ଼ିଛନ୍ତି। ଗୋଟିଏ ଆବାସ ଗୃହ ପାଇଁ ପ୍ରତି ହିତାଧିକାରୀଙ୍କୁ ୧୦ହଜାର ଟଙ୍କା ମଗାଯାଉଛି। "୧୦ ହଜାର ଟଙ୍କା ଯିଏ ଦେବ,

### ଗ୍ରାମସଭା ପୂର୍ବରୁ ଖୋଲାଖୋଲି ଟଙ୍କା ଆଦାୟ

ତାଙ୍କର ଘର ସୁନିଶ୍ଚିତ' ଏଭଳି ମିଥ୍ୟା ଅଭୟବାଣୀ ଦେଇ ଗାଁ ଗାଁରେ ଗରିବ ଆବେଦନକାରୀଙ୍କଠାରୁ ଟଙ୍କା ସହ ଜରୁରୀ କାଗଜପତ୍ର (ଡକ୍ୟୁମେଣ୍ଟ) ସଂଗ୍ରହ କରିବାର ସିଣ୍ଡିକେଟ୍ ରାଜ୍ ଚାଲିଛି।

ଚଳିତ ବର୍ଷ ଧାମନଗର ବ୍ଲକ୍‌ରେ ପ୍ରାୟ ୧୮ ହଜାର ୫୭୦ ଜଣ ହିତାଧିକାରୀ ଆବେଦନ କରିଛନ୍ତି, ଅର୍ଥାତ୍ ପ୍ରତି ପଞ୍ଚାୟତରୁ ହାରାହାରି ୬୧୯ ଜଣ ଆବେଦନକାରୀ ଲାଇନ୍‌ରେ ଅଛନ୍ତି। କିନ୍ତୁ ପୂର୍ବ ବର୍ଷଗୁଡ଼ିକର ଧାରା ଏବଂ ସରକାରୀ ସ୍ଥିତିକୁ ଦେଖିଲେ, ଗୋଟିଏ ପଞ୍ଚାୟତକୁ ମାତ୍ର ୬୦ରୁ ୭୦ଟି ଘର ମିଳିବାର ସମ୍ଭାବନା ରହିଛି। ଏହି ଗଣିତ ଅନୁଯାୟୀ, ପ୍ରତି ୧୦ ଜଣ ଆବେଦନକାରୀଙ୍କ ମଧ୍ୟରୁ ମାତ୍ର ଜଣେ ଭାଗ୍ୟଶାଳୀଙ୍କୁ ଘର ମିଳିବ। ଏହି ସ୍ୱଳ୍ପ ଟାର୍ଗେଟ୍‌ର ସୁଯୋଗ ନେଇ କୁଜିନେତାମାନେ ଭୟର ବାତାବରଣ ସୃଷ୍ଟି କରୁଛନ୍ତି। ନିଜର ନାମ ବାଦ୍ ପଡ଼ିଯିବା ଭୟରେ ଗରିବ ଲୋକମାନେ ବାଧ୍ୟ ହୋଇ ଧାର କରଜ କରି ଏହି ଦଲାଲମାନଙ୍କ ହାତଗୁଞ୍ଜା ସାଜୁଛନ୍ତି। ଏହି ସାଙ୍ଘାତିକ ବେଆଇନ ଟଙ୍କା ଆଦାୟ ଓ ଦଲାଲି ପ୍ରସଙ୍ଗରେ ଧାମନଗର ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନବିହାରୀ ଦିନ୍ଦା ସ୍ପଷ୍ଟ ଓ କଡ଼ା ଆଭିମୁଖ୍ୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ବାହାରେ କିଏ କ'ଣ ଟଙ୍କା ଆଦାୟ କରୁଛି ବା ଦାବି କରୁଛି, ତାହା ସହିତ ପ୍ରଶାସନର କୌଣସି ସମ୍ପର୍କ ନାହିଁ କିମ୍ବା ଏହା ସରକାରୀ ପ୍ରକ୍ରିୟାକୁ ବିନ୍ଦୁଏ ମଧ୍ୟ ପ୍ରଭାବିତ କରିପାରିବ ନାହିଁ। ଆବାସ ଗୃହ ସମ୍ପୂର୍ଣ୍ଣ ଭାବେ ସରକାରୀ ବିଧି ବ୍ୟବସ୍ଥା ଓ ସ୍ୱଚ୍ଛତା ଆଧାରରେ ହିଁ ବଣ୍ଟନ କରାଯିବ। ପ୍ରଥମେ ଗ୍ରାମସଭାରେ ତାଲିକା ରଖାଯାଇ ସମସ୍ତଙ୍କ ସାମ୍ନାରେ ଖୋଲାଖୋଲି ଆଲୋଚନା ହେବ। ଏହାପରେ ପୁଣି ଥରେ ତଦନ୍ତ କରାଯାଇ ରିପୋର୍ଟ ଆଧାରରେ ହିଁ ଯୋଗ୍ୟ ହିତାଧିକାରୀଙ୍କୁ ଘର ମିଳିବ। ଯଦି କୌଣସି ସରକାରୀ ଅଧିକାରୀ କିମ୍ବା କର୍ମଚାରୀ ଏହି ପ୍ରକ୍ରିୟାରେ ଅବହେଳା ବା ଦୁର୍ନୀତି କରନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ମାଳଦା ଅଞ୍ଚଳରେ ଡ୍ରେନେଜ୍ ସମସ୍ୟା ଯୋଗୁଁ ଚାଷୀ ହନ୍ତସନ୍ତ



ବାରିକପୁର,୧୨।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ଅଞ୍ଚଳରେ ଦୀର୍ଘ ବର୍ଷ ହେବ ଡ୍ରେନେଜ୍ ସମସ୍ୟା ଲାଗି ରହିଛି। ଏଥିଯୋଗୁଁ ଶହଶହ ଚାଷୀ ହନ୍ତସନ୍ତ ହେଉଛନ୍ତି। ସାମାନ୍ୟ ବର୍ଷା ହେଲେ ଖରିଫ୍ ଧାନ ସହିତ ପନିପରିବା ଚାଷ ନଷ୍ଟ ହେଉଛି। ପୁରାତନ ଡ୍ରେନେଜ୍ ନାଳରେ ଜଳ ନିଷ୍କାସନ ସମସ୍ୟା ପ୍ରତ୍ୟେକ ବର୍ଷ ଦେଖାଯାଉଥିଲେ ସୁଦ୍ଧା ପ୍ରଶାସନ ଏହାକୁ ସମାଧାନ କରିବା ଦିଗରେ ବିଫଳ ହୋଇଛି।

ସୂଚନା ଅନୁଯାୟୀ, ଛତାବର ନିକଟରୁ ବାହାରିଥିବା ଡ୍ରେନେଜ୍ ନାଳଟି ମାଳଦା ଅଞ୍ଚଳ ଅତିକ୍ରମ କରି ଗେଙ୍ଗୁଟି ନଦୀରେ ମିଶିଛି। ଚଳିତ ବର୍ଷ ସରତା ପୋଲଠାରୁ ଉପରି ଭାଗ ନପଙ୍ଗ, ଜୋରାଗଡ଼ିଆ, ଗିଲପଦୀ, ପର୍ବତୀ, ଖଡ଼ିଶିଙ୍ଗା ଆଦି ଅଂଶରେ ନାଳ ସଫା ହୋଇଛି। ଦୁଃଖର ବିଷୟ ଶରତା ପୋଲଠାରୁ ତଳ ଅଂଶରେ ଅଧିକ ମାତ୍ରାରେ ଗୁଳ୍ମଲତା ଓ ବଣବୁଦା ଥିବାରୁ ଡ୍ରେନେଜ୍ ବିଭାଗ ଉକ୍ତ ଭାଗକୁ ସଫା କରିନାହିଁ। ଯଦିଓ ସ୍ଥାନୀୟ ଚାଷୀମାନେ ନିମ୍ନ ଭାଗକୁ ପୁନରୁଦ୍ଧାର କରିବା ପାଇଁ ଆପତ୍ତି ଅଭିଯୋଗ କରିଥିଲେ, କିନ୍ତୁ ନିଜ ସୁବିଧା ଦୃଷ୍ଟିରୁ ବିଭାଗୀୟ ଯନ୍ତ୍ରୀ ଦାବିକୁ କର୍ଣ୍ଣପାତ କରି ନ ଥିଲେ। ଫଳରେ ଏବେ ଲଘୁଚାପ ଜନିତ ବର୍ଷା ଆରମ୍ଭରୁ ଉପରି ଭାଗରୁ ପାଣି ଦ୍ରୁତ ବେଗରେ ଗଡୁଥିବାବେଳେ ନାଳର ନିମ୍ନ ଭାଗରେ ଜଳ ନିଷ୍କାସନ ହୋଇପାରୁନାହିଁ। ଯେଉଁଥିପାଇଁ ଚତୁର୍ଭୁଜପୁର ସମେତ ସାରଣା, ଜଳହରି, ବିରୋଳି, ସଠଗାଁ, ଶାସନ ପ୍ରମୁଖ ମୌଜାର ଚାଷ ଜମିଗୁଡ଼ିକ ଦିନ ଦିନ ଧରି ବୁଡ଼ି ରହୁଛି। ଖରିଫ୍ ଧାନ ଚାଷ ସହିତ ବର୍ଷା ଦିନିଆ ପନିପରିବା ପାଳ ବାଡ଼ି ନଷ୍ଟ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ପୁଣି ଲଗାଣ ବର୍ଷା ଆରମ୍ଭ ହେବା ପୂର୍ବରୁ ଡ୍ରେନେଜ୍ ନାଳର ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକୁ ଅସ୍ଥାୟୀ ଭାବେ ପୁନରୁଦ୍ଧାର ପାଇଁ ଚାଷୀ ହରେକୃଷ୍ଣ ବାରିକ, ନବଘନ ବେହେରା, ଦୟାନିଧି ବାରିକ, ଦଶରଥ ପରିଡ଼ା, ନାରଣ ପରିଡ଼ା, ସହଦେବ ମିଶ୍ର, ବିନୋଦ ମିଶ୍ର, ଅନନ୍ତ ଦାସ, ଭାଗବତ ଦାସ, ଲକ୍ଷ୍ମଣ ମହାକୁଡ଼ ପ୍ରମୁଖ ଦାବି କରିଛନ୍ତି। ଏଥର ବିଭାଗ ଏହା ଉପରେ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ଶହଶହ ଚାଷୀ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦିଆଯାଇଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପକ୍ଷରୁ ଚାରା ରୋପଣ



ଯାଜପୁର,୧୨।୭(ସମିସ): ଯାଜପୁରର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଭେଟ୍‌ରାନ୍ ଆସୋସିଏସ୍, ଅବସରପ୍ରାପ୍ତ ସେନା କର୍ମଚାରୀ ଯାଜପୁର ପକ୍ଷରୁ ଯାଜପୁର ବ୍ଲକ ଅବଦଲପୁର ଗ୍ରାମ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ସଭାପତି ପ୍ରଦୀପ କୁମାର ପରିଡ଼ା, ସମ୍ପାଦକ ଗୟାଧର ମିଶ୍ର, ସହ ସମ୍ପାଦକ ବ୍ରଜକିଶୋର ପଣ୍ଡା, ଉପସଭାପତି ପ୍ରମୋଦ କୁମାର ମହାନ୍ତି, ପ୍ରଭାତ କୁମାର ବେହେରା, ଉପଦେଷ୍ଟା ଅଜୟ କୁମାର ମହାନ୍ତି, ନିରଞ୍ଜନ ଦାସ, ଏନ୍‌କେ ଶତପଥୀ, କୋଷାଧକ୍ଷ ଦିଜେନ୍ଦ୍ରନାଥ ରାଉତ ଏବଂ ସଦସ୍ୟ ଏନ୍‌ସି ଜେନା, ପତିତପାବନ ନାୟକ, ରବିନାରାୟଣ ମହାପାତ୍ର, ଦେବାଶିଷ ପଣ୍ଡା, ନିର୍ମଳ ଚନ୍ଦ୍ର ଦାସ, ବିଶ୍ୱନାଥ ସ୍ୱାଇଁ, ଦାମୋଦର ନାୟକ, ପୂର୍ଣ୍ଣଚନ୍ଦ୍ର ସାମଲ, ନିରୋଦ ମଲ୍ଲିକ, ଭଗବାନ ସାହୁ, ବିଭୂତି ମିଶ୍ର ଓ ସେମାନଙ୍କର ସହଧର୍ମିଣୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସେଠାକାର ସରପଞ୍ଚ ଦେବାଶିଷ ପଣ୍ଡା, ୱାର୍ଡ ମେମ୍ବର, ସମିତି ସଭ୍ୟ ଓ ଗ୍ରାମବାସୀ ମଧ୍ୟ ଉପସ୍ଥିତ ରହି ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ସୁଢ଼ରୁରୂପେ ସମ୍ପାଦନ କରିଥିଲେ। ତତ୍‌ପରେ ଭେଟେରାନ୍ ମାନଙ୍କ ସହଧର୍ମିଣୀ ମାନେ ସଂସ୍ଥାର କାର୍ଯ୍ୟାଳୟରେ ଏକ ସଭା ଆୟୋଜନ କରିଥିଲେ। ସ୍ୱର୍ଣ୍ଣଲତା ପରିଡ଼ା ସଭାପତିତ୍ୱ କରିଥିଲେ ଏବଂ ଅନୁଷ୍ଠାନ ଦ୍ୱାରା କିପରି ଉନ୍ନତିମୂଳକ କାର୍ଯ୍ୟ କରାଯାଇ ପାରିବ ସେହି ବିଷୟର ଆଲୋଚନା କରାଯାଇଥିଲା। ସମାଜରେ ଥିବା ଅନାଥ, ଅସହାୟ ମାନଙ୍କୁ ଆମ ଅନୁଷ୍ଠାନ କିପରି ସହଯୋଗର ହାତ ବଢ଼ାଇବାରେ ସାମର୍ଥ୍ୟ ହେବ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କ'ଣ ସବୁ ଆଗକୁ କରାଯାଇ ପାରିବ ସେହି ବିଷୟରେ ଆଲୋଚନା ହୋଇଥିଲା।

## ଜହ୍ନା ରଥଯାତ୍ରା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ

କୋରେଇ,୧୨।୭(ସମିସ): କୋରେଇ ବ୍ଲକ ଅନ୍ତର୍ଗତ ଜହ୍ନା ଗ୍ରାମର ମହାପ୍ରଭୁ ଶ୍ରୀଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା ପାଇଁ ଶ୍ରୀବଳଦେବଜୀଉ ଟ୍ରଷ୍ଟ ବୋର୍ଡ ତରଫରୁ ଆଜି ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଟ୍ରଷ୍ଟି ଅଭିଲାଷ ବୋଇତାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ରଥଯାତ୍ରା ଉତ୍ସବର ବିସ୍ତୃତ କାର୍ଯ୍ୟସୂଚୀ ପ୍ରକାଶ ପାଇଛି। ଆସନ୍ତା ଜୁଲାଇ ୧୬ ତାରିଖରେ ରଥଯାତ୍ରା, ୨୦ ତାରିଖରେ ହେରା ପଞ୍ଚମୀ, ୨୪ ତାରିଖରେ ବାହୁଡା ଯାତ୍ରା, ୨୫ ତାରିଖରେ ସୁନାବେଶ, ୨୬ ତାରିଖରେ ଅଧରପଣା ଲାଗି ଓ ୨୭ ତାରିଖରେ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ। ଏତଦ୍ ବ୍ୟତୀତ ଦୈନନ୍ଦିନ ମହାପ୍ରଭୁଙ୍କ ବଡ଼ସିଂହାର ବେଶ, ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମହାପ୍ରସାଦ ସେବନର ବ୍ୟବସ୍ଥା କରାଯାଇଛି। ଛେରାପହଁରା, ପହଣ୍ଡି ବିଜେ ନିର୍ଦ୍ଧାରିତ ସମୟରେ ସାରିବାକୁ ବିଭିନ୍ନ ସେବାୟତ ନିଯୋଗ ସହ ଆଲୋଚନା କରାଯାଇଛି। ଆଜିର ଏହି ବୈଠକରେ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଭ୍ୟ ଡ. ଚିନ୍ତାମଣୀ ପାଢ଼ୀ, ପ୍ରିତିରଞ୍ଜନ ସାହୁ, ବିକ୍ରମ କେଶରୀ ବିଶ୍ୱାଳ, ସଦାନନ୍ଦ ବେହେରା, ରାଜୀବ ଲୋଚନ ରାଉତ,ଭବାନୀ ଶଙ୍କର ପାଢ଼ୀ, ଅତନୁ ବିଶ୍ୱାଳ, ଲକ୍ଷ୍ମୀଧର ଦାଶ, ନିରଞ୍ଜନ ନାୟକ, ବିଦ୍ୟାଧର ସାହୁ ସନ୍ତୋଷ ନାୟକ, ସଞ୍ଜୟ ସାହୁ, କାମଦେବ ଦାଶ, ଟିକିନା ସାହୁ, ଅମିୟ ବିଶ୍ୱାଳ, ପ୍ରତାପ ସାହୁ, ନାରାୟଣ ପାତ୍ର, ସୁରେଶ ପରିଡ଼ା, ଅଜିତ ଦାସ, ଜ୍ୟୋତି ଶଙ୍କର ପାଢ଼ୀ, ଧନଞ୍ଜୟ ଦାସ, କରୁଣାକର ଦାଶ, ବଣ୍ଟି ବିଶ୍ୱାଳ ପ୍ରମୁଖ ବ୍ୟକ୍ତିଙ୍କ ସହ ବଳଦେବଜୀଉ ସେବା ସଂଘ ଓ ଶ୍ରୀଜଗନ୍ନାଥ ସେନାର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଉକ୍ତ ରଥଯାତ୍ରା ସମସ୍ତ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଓ ସୂଚାରୁରୂପେ ସଫଳ କରିବା ପାଇଁ ପାଣିକୋଇଲି ପୋଲିସ ବିଭାଗ ଓ ଯାଜପୁର ରୋଡ ବିଦ୍ୟୁତ୍ ବିଭାଗର ସହଯୋଗ କାମନା କରିବା ସହ ସମସ୍ତ ଶ୍ରୀଜଗନ୍ନାଥ ପ୍ରେମୀ ଓ ଜନ ସାଧାରଣଙ୍କୁ ଟ୍ରଷ୍ଟ ବୋର୍ଡ ତରଫରୁ ନିବେଦନ କରାଯାଇଛି।

## ଲଗାଣ ବର୍ଷାରେ ଦବିଲା ବୈତରଣୀ ପଥର ପ୍ୟାକିଂ

ବାରିକପୁର,୧୨।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଆଖୁଆପଦା ଜଳସମ୍ପଦ ବିଭାଗ ପକ୍ଷରୁ ଝୁଟୁଣା ବରହମପୁର ମୁସଲିମ ସାହିଠାରୁ ବନ୍ଧାଳୋ-ମଢ଼ିଆଳି ବାତ୍ୟା ଆଶ୍ରୟସ୍ଥଳୀ ଦେଇ ଖପୁରିଆପଦା ଯାଏଁ ଚଳିତ ବର୍ଷ ପଥର ପ୍ୟାକିଂ ହୋଇଥିଲା। ଏହି ସୀମା ମଧ୍ୟରେ ବୈତରଣୀ ନଦୀ ପ୍ରତ୍ୟେକ ବର୍ଷ କୂଳ ଖାଉଥିବାବେଳେ ତଟ ସୁରକ୍ଷା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ନଦୀ କୂଳରେ ପଥର ବନ୍ଧ ସହିତ ଲଞ୍ଚ ଓ ପ୍ୟାକିଂ ହୋଇଥିଲା। ପାଖାପାଖି ୨/୩ଟି ଠିକାସଂସ୍ଥା ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ। ଦୁଃଖର ବିଷୟ କାମକୁ ବର୍ଷେ ପୂରି ନ ଥିବାବେଳେ କେତେକ



ସ୍ଥାନରେ ପଥର ଦବିବା ଆରମ୍ଭ ହୋଇଛି। ବର୍ଷା ପୂର୍ବରୁ ବାତ୍ୟା ଆଶ୍ରୟସ୍ଥଳୀ ନିକଟରେ ପଥର ପ୍ୟାକିଂ ନଦୀ ମଧ୍ୟକୁ ଧସିଯାଇଛି। ବର୍ଷା ପରେ ମଧ୍ୟ ଅନେକ ପ୍ୟାକିଂ ସ୍ଥାନ ଦୁର୍ବଳ ହୋଇଯାଇଛି। ଏହାଛଡ଼ା ସଠିକ୍ ଯାନ୍ତ୍ରିକ ଜ୍ଞାନକୌଶଳ ବିନା କାମ ହୋଇ ନ ଥିବା ଯୋଗୁଁ ଏହାର ସ୍ଥାୟିତ୍ୱକୁ ନେଇ ଲୋକେ ସନ୍ଦେହ ପ୍ରକଟ କରିଛନ୍ତି। ଯେଉଁଥିପାଇଁ କାର୍ଯ୍ୟର ଅଳ୍ପ କିଛିଦିନ ପରେ ଅନେକ ସ୍ଥାନରେ ବାଲିମାଟି ସହିତ ପଥର ଧସିଯାଉଥିବା ଅଭିଯୋଗ ହେଉଛି। କାମ ତଦାରଖ କରୁଥିବା ବିଭାଗୀୟ ଯନ୍ତ୍ରୀ ଏଠାରୁ ବଦଳି ହୋଇ ଯାଇଥିବାବେଳେ ନୂତନ ଭାବେ ଆସିଥିବା ଯନ୍ତ୍ରୀମାନେ କେଉଁଭଳି ଭାବେ ମରାମତି କରିବେ ସେନେଇ ଅଡୁଆରେ ପଡ଼ିଛନ୍ତି। ଠିକା ସଂସ୍ଥାର ଅବଧି ସରି ନ ଥିବାବେଳେ ଏହାକୁ ତୁରନ୍ତ ମରାମତି କରାଯିବ ବୋଲି ଅଧିକାରୀ କହୁଥିଲେ ସୁଦ୍ଧା ପୁଣି ବର୍ଷା ଓ ନଦୀରେ ବନ୍ୟା ଆସିବା ପୂର୍ବରୁ କାମ ହେବ କି ନାହିଁ ତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଏହା ଉପରେ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ୩/୪ ଖଣ୍ଡି ଗାଁର ଲୋକ ଦାବି କରିଛନ୍ତି।

**ଅବହେଳିତ କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ**

# ଶିକ୍ଷକ ଓ ଭିତ୍ତିଭୂମି ଅଭାବରୁ ବିପର୍ଯ୍ୟସ୍ତ ଶିକ୍ଷାଦାନ

ଅସୁରାଳି,୧୨।୭(ସମିସ):

ଧାମନଗର ବ୍ଲକ୍‌ର ଅଗ୍ରଣୀ ଶିକ୍ଷାନୁଷ୍ଠାନ କୋଠାର ସରକାରୀ ଉଚ୍ଚ ବିଦ୍ୟାଳୟ ଏବେ ଚରମ ଅବହେଳାର ଶିକାର ହୋଇଛି। ୧୯୪୬ ମସିହାରେ ପ୍ରତିଷ୍ଠିତ ଏହି ପୁରାତନ ସ୍କୁଲ୍‌ଟି ଦୀର୍ଘ ଦିନ ହେବ ନାନା ସମସ୍ୟା ଘେରରେ ଗତି କରୁଥିବାବେଳେ ଏହାକୁ ନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଦ୍ୟାଳୟରେ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବାବେଳେ ଆବଶ୍ୟକ ଶିକ୍ଷକ ଓ ଭିତ୍ତିଭୂମିର ଅଭାବ ଯୋଗୁଁ ସେମାନଙ୍କ ଭବିଷ୍ୟତ ଅନ୍ଧକାର ଆଡ଼କୁ ଗତି କରୁଛି।

ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟରେ ସମୁଦାୟ ୧୪ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ



ବର୍ତ୍ତମାନ ମାତ୍ର ୯ ଜଣଙ୍କୁ ନେଇ ଶିକ୍ଷାଦାନ ଚାଲିଛି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଯେ, ୨୦୧୩ ମସିହାରୁ ଏଠାରେ କୌଣସି ସ୍ଥାୟୀ ପ୍ରଧାନଶିକ୍ଷକ ନିଯୁକ୍ତି ପାଇନାହାନ୍ତି। ବର୍ତ୍ତମାନ ସହକାରୀ ଶିକ୍ଷୟିତ୍ରୀ ସାରଳାବାଳା ପାଢ଼ୀ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ତୁଲାଉଛନ୍ତି। ଏହା ସହିତ ଅନ୍ୟାନ୍ୟ ପ୍ରମୁଖ ଶିକ୍ଷକ ପଦଗୁଡ଼ିକ ମଧ୍ୟ ବହୁ ଦିନ ହେବ ଖାଲି ପଡ଼ି ରହିଛି। ବିଦ୍ୟାଳୟ ସୂତ୍ରରୁ ମିଳିଥିବା ସଦ୍ୟତମ ତଥ୍ୟ ଅନୁଯାୟୀ, ବର୍ତ୍ତମାନ ସ୍କୁଲରେ ୩ କଳା ଶିକ୍ଷକ, ୨ ଶାସ୍ତ୍ରୀ/ହିନ୍ଦୀ ଶିକ୍ଷକ, ୧ ଟ୍ରେଣ୍ଡ ମାଟ୍ରିକ୍ ପଦ ଖାଲି ରହିଛି ଓ କେବଳ ପାଠପଢ଼ା ନୁହେଁ, ବିଦ୍ୟାଳୟର ପ୍ରଶାସନିକ ଓ ଆନୁଷଙ୍ଗିକ କାର୍ଯ୍ୟ

### ଖାଲି ପଦ ପୂରଣ ପାଇଁ ଦାବି ଜୋରଦାର

ପାଇଁ ଆବଶ୍ୟକ ୩ ପିଅନଙ୍କ ମଧ୍ୟରୁ ମାତ୍ର ଜଣେ କାର୍ଯ୍ୟ କରୁଛନ୍ତି। ଚତୁର୍ଥ ଶ୍ରେଣୀର ୧ଟି ପଦ ସମ୍ପୂର୍ଣ୍ଣ ଖାଲି ପଡ଼ିଛି। ବିଦ୍ୟାଳୟରେ କୌଣସି ରାତ୍ର ଜଗୁଆଳି ନ ଥିବାରୁ ସ୍କୁଲର ସମ୍ପତ୍ତି ସୁରକ୍ଷା ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଛି। ବିଦ୍ୟାଳୟର ପୁରାତନ କୋଠା ଏବଂ ଶ୍ରେଣୀଗୃହଗୁଡ଼ିକର ଦୁରବସ୍ଥା ଚରମ ସୀମାରେ ପହଞ୍ଚିଛି। ସାମାନ୍ୟ ବର୍ଷା ହେଲେ ଭଙ୍ଗାଦଦରା ଓ ଟିଣ ଛାତରୁ ପାଣି ଗଳୁଛି। ଯାହା ଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ପ୍ରବଳ ବାଧା ସୃଷ୍ଟି ହେଉଛି। ଏପରିକି ବିଦ୍ୟାଳୟର ରୋଷେଇ ଘର ଭିତରକୁ ପାଣି ପଶି ସେ ସବୁ ଓଦା ହୋଇଯାଉଥିବାରୁ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇ ମଧ୍ୟ ସମ୍ଭବ ହୋଇପାରୁନାହିଁ। ଏ ପରିପ୍ରେକ୍ଷୀରେ ପ୍ରଧାନଶିକ୍ଷକ ସନ୍ତୋଷ ଖିଲାର କହିଛନ୍ତି ଯେ, ସ୍କୁଲର ଏହି ସମସ୍ତ ଅବ୍ୟବସ୍ଥା ଓ ଖାଲି ପଦ ବାବଦରେ ଉପରିସ୍ଥ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇନାହିଁ। ଯାହା ଫଳରେ ସେମାନେ କଳବଳ କୌଶଳରେ କାର୍ଯ୍ୟ ତୁଲାଉଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଭିଭାବକ, ଜନନେତା ଓ ବୁଦ୍ଧିଜୀବୀ ମହଲରେ ପ୍ରବଳ ଆକ୍ରୋଶ ପ୍ରକାଶ ପାଇଛି। ବିଦ୍ୟାଳୟର ପୁରାତନ କୋଠାର ତୁରନ୍ତ ମରାମତି କରିବା ସହ ଖାଲି ପଡ଼ିଥିବା ସମସ୍ତ ପଦଗୁଡ଼ିକୁ ଯଥାଶୀଘ୍ର ପୂରଣ କରିବା ପାଇଁ ସରକାର ଓ ଗଣଶିକ୍ଷା ବିଭାଗ ନିକଟରେ ଦୃଢ଼ ଦାବି ହୋଇଛି।

# ସମ୍ପାଦକୀୟ



ଅହିଂସା ଯଦି ଏକ ପରିଧି ହୁଏ, ଏହାର କେନ୍ଦ୍ରବିନ୍ଦୁ ହେଉଛି ପ୍ରେମ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

ସକାଳ THE SAKALA

## ୩୦ ବର୍ଷ ପରେ ଚାର୍ଜସିଟ୍!

ନ୍ୟାୟିକ ବିଚାର ବ୍ୟବସ୍ଥା ଦୃଷ୍ଟିରୁ ଭାରତ ଅପରାଧୀଙ୍କ ପାଇଁ ସୁରକ୍ଷିତ ଆଶ୍ରୟସ୍ଥଳ ଭାବେ ଅପଖ୍ୟାତିଟିଏ ଅର୍ଜିଛି। ଯେଉଁ ବହୁଳ ଉଦାହରଣ ଆଧାରରେ ଏଭଳି ଧାରଣାଟିଏ ବିଶ୍ୱରେ ପ୍ରକଟ ହୋଇଛି ସେଥିରେ ସଦ୍ୟତମ ଯୋଡ଼ି ହୋଇଯାଇଛି ଆଉ ଏକ ଫର୍ଦ୍ଦ। ପ୍ରାୟ ୩୦ ବର୍ଷ ତଳେ ୧୯୯୬ ଜୁଲାଇ ୧୭ ତାରିଖରେ ଜାମ୍ମୁ-କାଶ୍ମୀର ରାଜଧାନୀ ଶ୍ରୀନଗରରେ ଘଟିଥିବା ଏକ ହିଂସାକାଣ୍ଡ ଘଟଣାରେ ଗତ ସପ୍ତାହରେ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍ଆଇଏ) ଚାର୍ଜସିଟ୍ ଦାଖଲ କରିଛି। ଏଥିରେ ଯେଉଁ ଛଅଜଣ ହୁରିଆତ୍ ନେତାଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି ସେମାନଙ୍କ ମଧ୍ୟରୁ ଇତିମଧ୍ୟରେ ଦୁଇଜଣଙ୍କ ମୃତ୍ୟୁ ଘଟିସାରିଲାଣି ଏବଂ ବିଚାର ପ୍ରକ୍ରିୟା ସରି ଚୂଡ଼ାନ୍ତ ରାୟ ଆସିବା ବେଳକୁ ବାକି ଚାରିଜଣ ଯେ ଦଣ୍ଡ ଭୋଗିବାକୁ ଜୀବିତ ଥିବେ ତାହା ସନ୍ଦେହରେ।

ହଜାରେ ଦୋଷୀ ଖସି ଯାଆନ୍ତୁ ପଛକେ ଜଣେ ନିର୍ଦ୍ଦୋଷ ଦଣ୍ଡିତ ନ ହେଉ - ଏହି ମନ୍ତ୍ରରେ ପରିଚାଳିତ ଆମ ନ୍ୟାୟିକ ବ୍ୟବସ୍ଥା ବିଳମ୍ବିତ ହେବାର ଅଲୋଡ଼ା ରେକର୍ଡମାନ ସୃଷ୍ଟି କରିଚାଲିଛି। ନ୍ୟାୟିକ ବ୍ୟବସ୍ଥାକୁ ବିଳମ୍ବିତ କରୁଥିବା ପ୍ରଧାନ କାରକମାନଙ୍କ ମଧ୍ୟରୁ ପୁଲିସ୍ ଓ ତଦନ୍ତକାରୀ ସଂସ୍ଥାର ତଦନ୍ତ ଓ ଚାର୍ଜସିଟ୍ ଦାଖଲରେ ବିଳମ୍ବତା ଅନ୍ୟତମ। ପୁଲିସ ବ୍ୟବସ୍ଥା ମଧ୍ୟ ଏତେ ବିବଶ ଯେ ନାନା ସମାଲୋଚନା ଓ ସମୀକ୍ଷା ସତ୍ତ୍ୱେ ଏଥିରେ ସୁଧାର ଆସିପାରୁନାହିଁ। ପ୍ରାୟ ୧୪୫ କୋଟି ଜନସଂଖ୍ୟା ବିଶିଷ୍ଟ ବିଶାଳ ଦେଶ ଭାରତରେ ଆଇନ ଶୃଙ୍ଖଳା ରକ୍ଷା କରିବା ପାଇଁ ଆବଶ୍ୟକ ପୁଲିସ ସମ୍ବଳର ଘୋର ଅଭାବ ରହୁଛି। ଅଧିକନ୍ତୁ ଏବେ ଭିଭିଆଇପିଙ୍କ ସଭା, ସମାବେଶ, ଯାତ୍ରା, ଅଭିଯାନ ଆଦି ରାଜନୈତିକ କାର୍ଯ୍ୟକ୍ରମ ନିତିଦିନିଆ ହୋଇଗଲାଣି। ଏଥିରେ ଶହ ଶହ ସଂଖ୍ୟାରେ ପୁଲିସ ଅଧିକାରୀ ଓ କର୍ମଚାରୀ ନିୟୋଜିତ ହେଉଛନ୍ତି। ଏଭଳି ଅଣ-ଉତ୍ପାଦକ ଭିତ୍ତିକ କାର୍ଯ୍ୟ ଭାର ବଢ଼ିଚାଲିଥିବାରୁ ପୁଲିସ୍ ପ୍ରଶାସନ ପାଖରେ ଶ୍ରମ ଶକ୍ତି ଓ ସମୟର ଅଭାବ ସ୍ପଷ୍ଟ ବାରି ହୋଇପଡୁଛି। ଏହି ପୃଷ୍ଠଭୂମିରେ ତଦନ୍ତ ପ୍ରକ୍ରିୟା ପ୍ରଭାବିତ ହୋଇ ନ୍ୟାୟିକ ପ୍ରକ୍ରିୟାକୁ ବିଳମ୍ବ କରୁଛି। ଅନେକ କ୍ଷେତ୍ରରେ ଉପରିସ୍ଥ ଚାପରେ ମଧ୍ୟ ପୁଲିସ୍ ଉଦ୍ଦେଶ୍ୟମୂଳକ ଭାବେ ତଦନ୍ତକୁ ଶିଥିଳ କରିବାକୁ ବାଧ ହେଉଛି।

ଏହାର କିନ୍ତୁ ଗୁରୁତର ପ୍ରଭାବ ପଡୁଛି ଜେଲ୍ ଓ ବିଚାର ବ୍ୟବସ୍ଥା ଉପରେ। ଭାରତୀୟ ଅଦାଲତମାନଙ୍କରେ ମାମଲାବୋଝ ଏବେ ୫ କୋଟି ଟପିଲାଣି। ଭାରତୀୟ ଜେଲ୍‌ମାନଙ୍କରେ ବିଚାରାଧୀନ କଏଦୀମାନଙ୍କ ସଂଖ୍ୟା ଏତେ ବେଶୀ ଯେ ବେଳେ ବେଳେ ବହୁ ପୁରାତନ ମାମଲାଗୁଡ଼ିକର ରେକର୍ଡପତ୍ର ମିଳେ ନାହିଁ। ଫଳରେ ଜେଲ୍‌ରେ ବିଚାରାଧୀନ ଭାବେ ବନ୍ଦୀ ଥିବା ବ୍ୟକ୍ତିଟି ନିଜେ ମଧ୍ୟ ପରିଣତ ବୟସରେ ପହଞ୍ଚି ଭୁଲି ଯାଇଥାଏ ସେ କାହିଁକି ଜେଲ୍‌ରେ ଅଛି। କେତେକ ସ୍ଥାନରେ ଏଭଳି ବିଚାରାଧୀନ ବୟସ୍କବନ୍ଦୀମାନେ ମାନସିକ ଭାରସାମ୍ୟ ହରାଇ ଅତ୍ୟନ୍ତ ଦୟନୀୟ ଜୀବନ ଯାପନ କରୁଥିବା ଦେଖାଯାଏ। ବହୁବର୍ଷ ତଳେ ଗୋଟିଏ ଜନସ୍ୱାର୍ଥ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ ଅନୁସାରେ ଜେଲ୍‌ର ରେକର୍ଡପତ୍ର ଯାଞ୍ଚ କରାଯାଇ ଶହ ଶହ ବିଚାରାଧୀନ ବନ୍ଦୀଙ୍କୁ ମୁକ୍ତ କରିଦିଆଯାଇଥିଲା। କାରଣ ସେମାନେ ଯେଉଁ ଅପରାଧ ପାଇଁ ବିଚାରାଧୀନ ଥିଲେ, ସେଥିପାଇଁ ଆଇନରେ ଉଦ୍ଦିଷ୍ଟ ସର୍ବାଧିକ ଜେଲଦଣ୍ଡ ବ୍ୟବସ୍ଥା ଅବଧିଠାରୁ ବହୁଗୁଣରେ ଅଧିକ ଜେଲ୍ ଦଣ୍ଡ ଭୋଗି ସାରିଥିଲେ। ବ୍ୟବସ୍ଥାର ବିଡ଼ମ୍ବନା ହେତୁ ଗୋଟିଏ ପକ୍ଷରେ ଦୋଷ ସାବ୍ୟସ୍ତ ନ ହୋଇ ଅଭିଯୁକ୍ତମାନେ ବର୍ଷ ବର୍ଷ ଧରି ଜେଲଦଣ୍ଡ ଭୋଗୁଥିବା ବେଳେ ଅପରପକ୍ଷରେ ଚାର୍ଜସିଟ୍ ଦାଖଲରେ ବିଳମ୍ବ ଯୋଗୁଁ ଅପରାଧୀମାନେ ମୁକ୍ତ ଦୁନିଆରେ ବିଚରଣ କରୁଛନ୍ତି।

ଏ ସବୁ ସତ୍ତ୍ୱେ ଦେଶର ସାର୍ବଭୌମର ସୁରକ୍ଷା ଓ ପ୍ରତିରକ୍ଷା ଭଳି ସମ୍ବେଦନଶୀଳ ମାମଲାରେ ତଦନ୍ତ ଓ ବିଚାର ପ୍ରକ୍ରିୟାରେ ବିଳମ୍ବ ଅସ୍ପୃହଣୀୟ। କେହି କୌଣସି ଆଳ କରି କିମ୍ବା ଜଣେ ଅନ୍ୟ ଉପରକୁ ଦୋଷ ଲଦି ଦେଇ ବ୍ୟବସ୍ଥାର ଅଧିକାରୀମାନେ ନିଜକୁ ଅଭିଯୋଗମୁକ୍ତ କରିପାରିବେ ନାହିଁ। ବମ୍ବେର ତାଜମହଲ ହୋଟେଲ୍ ଓ ଭିକ୍ଟୋରିଆ ଟର୍ମିନାଲ୍ ଆଦି ଜନାକୀର୍ଣ୍ଣ ରେଲଷ୍ଟେସନ୍‌ରେ ୨୦୦୮, ନଭେମ୍ବର ୨୬ ତାରିଖରେ ନରସଂହାର ଘଟଣାର ଅନ୍ୟତମ ଅଭିଯୁକ୍ତ ପାକିସ୍ତାନୀ ଆତଙ୍କବାଦୀ ଆଜ୍‌ମଲ୍ କାସାବ ଜୀବନ୍ତ ଧରାପଡ଼ିଥିଲେ ମଧ୍ୟ ଭାରତୀୟ ନ୍ୟାୟିକ ପ୍ରକ୍ରିୟାରେ ଦୋଷୀ ସାବ୍ୟସ୍ତ, ମୃତ୍ୟୁଦଣ୍ଡ ରାୟ ଘୋଷଣା ଏବଂ ଫାଶୀ ଦେବା ପାଇଁ ପ୍ରାୟ ୪ ବର୍ଷ ଲାଗିଗଲା। ଭାରତର ସଂସଦ ଭବନ ଉପରେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଆଫ୍‌ଜଲ୍ ଗୁରୁ ଫାଶୀ ଦଣ୍ଡ ପାଇବା ପାଇଁ ପ୍ରାୟ ୧୨ ବର୍ଷ, ନିର୍ଭୟା ମାମଲାରେ ଦୋଷୀଙ୍କୁ ଦଣ୍ଡବିଧାନ ପାଇଁ ୭ ବର୍ଷରୁ ଅଧିକ ଏବଂ ୟାକୁବ୍ ମେମୋନକୁ ଫାଶୀ ଦେବା ପାଇଁ ପ୍ରାୟ ୨୨ ବର୍ଷ ଲାଗିଗଲା। ଏହିସବୁ ମାମଲାରେ ଭରପୂର ସାକ୍ଷୀ ପ୍ରମାଣ ଥାଇ ସ୍ୱତନ୍ତ୍ର ଅଦାଲତରେ ବିଚାର ସତ୍ତ୍ୱେ ବାରମ୍ବାର ବିଭିନ୍ନ ଅଦାଲତ, ଉଚ୍ଚ ନ୍ୟାୟାଳୟ, ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଅପିଲ୍ ହୋଇ ଦଣ୍ଡବିଧାନକୁ ବାତିଲ କରିବା ବା ବିଳମ୍ବ କରାଇବାକୁ ଅବିରତ ଚେଷ୍ଟା କରାଯାଉଥିଲା। ଦେଶର ସୁରକ୍ଷା ସହିତ ଜଡ଼ିତ ତଥା ଅତ୍ୟନ୍ତ ଘୃଣ୍ୟ ଓ ଗର୍ହିତ ଅପରାଧ ଭାବରେ ବିବେଚିତ ଏବଂ ଗଣମାଧ୍ୟମ ଓ ଜନମାନସରେ ଅତ୍ୟନ୍ତ ସ୍ପର୍ଶକାତର ଘଟଣା ଭାବରେ ଗୃହୀତ ଏହି ଅପରାଧମାନଙ୍କର ଦୋଷୀଙ୍କ ବିରୋଧରେ ଦଣ୍ଡବିଧାନ ପାଇଁ ଯଦି ଏତେ ସମୟ ଲାଗିଲା ତେବେ ଦୁର୍ଗମ ଅଞ୍ଚଳରେ ନ୍ୟାୟାଳୟ ବିଚାରକୁ ଆସୁଥିବା ମାମଲାଗୁଡ଼ିକରେ ଅତି ବିଳମ୍ବ ହେବାର କାରଣ ସହଜରେ ଅନୁମେୟ।

ଏବେ ଯଦି ଭିଡ଼ ହିଂସା ବା ଲୋକେ ଆଇନ ନିଜ ହାତକୁ ନେବା ଓ ତତ୍କାଳ ଦଣ୍ଡବିଧାନ କରୁଥିବା ଭଳି ଅଭିଯୋଗ ଓ ଅଘଟଣ ବଢୁଛି ତା' ପଛରେ ମଧ୍ୟ ପୁଲିସ୍‌ର ଉଦାସୀନତା, ବିବଶତା ସହିତ ନ୍ୟାୟିକ ପ୍ରକ୍ରିୟାର ମନ୍ଥରତା ଦାୟୀ। ସ୍ୱାଧୀନତାର ଅମୃତକାଳରେ ଯାତ୍ରା କରୁଥିବା ଭାରତର ନ୍ୟାୟିକ ବ୍ୟବସ୍ଥାରେ ଏଭଳି ବିଡ଼ମ୍ବନାମାନ ଅରୁଚିକର। ଏଣୁ ନ୍ୟାୟିକ ଓ ପୁଲିସ୍ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ସହିତ ନୂଆ ସଂହିତା ପ୍ରଣୟନ କରିବାର ସମୟ ଉପଗତ। ●

## ଏଲ୍-ନିନୋର ଆହ୍ୱାନ ଓ ସମାଧାନ

**ସନ୍ତୋଷ କୁମାର ମିଶ୍ର**

ଭାରତ ଉପରେ ଏକ ଅତି ପ୍ରବଳ ଏଲ୍-ନିନୋର ପ୍ରଭାବ ପ୍ରାୟ ସୁନିଶ୍ଚିତ ବୋଲି ବିଶ୍ୱ ପାଣିପାଗ ସଙ୍ଗଠନ ସମେତ ୟୁରୋପ ଓ ଆମେରିକାର କିଛି ଘରୋଇ ପାଣିପାଗ ପୂର୍ବାନୁମାନ ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି। ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି ଯେ ସ୍ୱାଭାବିକ ଠାରୁ କମ ବୃଷ୍ଟିପାତ ହେବ। ୟୁରୋପର କିଛି ପାଣିପାଗ ପୂର୍ବାନୁମାନ ସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ତଥ୍ୟ ଅନୁସାରେ ଦୀର୍ଘକାଳୀନ ହାରାହାରି ବର୍ଷା ପରିମାଣରୁ ୬୦ ଶତାଂଶ ପର୍ଯ୍ୟନ୍ତ କମ ବୃଷ୍ଟିପାତ ହୋଇପାରେ। ଗତ ଜୁନ ମାସ ମଧ୍ୟରେ ୪୦ ପ୍ରତିଶତ କମ ବୃଷ୍ଟିପାତ ହୋଇଛି। ପ୍ରାୟ ୨୦୦ଟି ଜିଲ୍ଲାରେ କୃଷି କାର୍ଯ୍ୟ ବ୍ୟାପକ ଭାବରେ ପ୍ରଭାବିତ ହେବ। କୃଷି ବିଶେଷଜ୍ଞମାନେ ମତ ଦିଅନ୍ତି ଭାରତରେ ମୋଟାମୋଟି ଆଂଶିକ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବ। କେନ୍ଦ୍ର ସରକାର ସମସ୍ତ ପ୍ରକାରର ବିକଳ୍ପ ଯୋଜନା ସକ୍ରିୟ କରିବା ପାଇଁ ସମସ୍ତ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇ ସାରିଛନ୍ତି ଏବଂ ନିରନ୍ତର ଭାବରେ ଏହାର ଅନୁଧ୍ୟାନ ମଧ୍ୟ କରୁଛନ୍ତି।

କୃଷି ଓ କୃଷକ କଲ୍ୟାଣ ମନ୍ତ୍ରାଳୟର ୱେବସାଇଟର ତଥ୍ୟ ଅନୁସାରେ ଦେଶର ମୋଟ କୃଷି ଉପଯୋଗୀ ଅଞ୍ଚଳର ୫୧ ଶତାଂଶ କେବଳ ବର୍ଷା ଉପରେ ନିର୍ଭରଶୀଳ ହୋଇଥିବା ବେଳେ ମୋଟ ଖାଦ୍ୟ ଚାହିଦାର ୪୦ ଶତାଂଶ ଏହା ଦ୍ୱାରା ପୂରଣ ହୁଏ। ପୂର୍ବ ଏଲ୍-ନିନୋ ପ୍ରଭାବିତ ବର୍ଷଗୁଡ଼ିକ ଭାରତର ଖାଦ୍ୟ ଉତ୍ପାଦନ ଆତ୍ମନିର୍ଭରଶୀଳତାକୁ ଅତି ସହଜରେ ଦୋହଲାଇ ଦେବାରେ ସକ୍ଷମ ହୋଇପାରିଛି। ଆର୍ଥିକ ବର୍ଷ ୧୯୯୭-୯୮ ରେ ପ୍ରବଳ ଏଲ୍-ନିନୋ ପ୍ରଭାବରେ ଡାଲି ଜାତୀୟ ଶସ୍ୟ ଉତ୍ପାଦନ ୧୨ ଶତାଂଶ ହ୍ରାସ ପାଇଥିଲା। ଚାହିଦା ପୂରଣ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ିଲା ଏବଂ ସେ ବାବଦ ବ୍ୟୟ ୨୨ ଶତାଂଶ ବୃଦ୍ଧି ପାଇଥିଲା। ଆର୍ଥିକ ବର୍ଷ ୨୦୧୫-୧୬ ରେ ଏଲ୍-ନିନୋ ପ୍ରଭାବରେ ବର୍ଷା ପରିମାଣ ୧୪ ପ୍ରତିଶତ ହ୍ରାସ ପାଇଥିଲା। ପ୍ରାୟ ସବୁ ଜିଲ୍ଲାରେ ୪୦ ଶତାଂଶ ମରୁଡ଼ି ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଣି ଥରେ ଡାଲିଜାତୀୟ ଶସ୍ୟର ଅଭାବ ଦେଖାଦେଲା ଏବଂ ଚାହିଦା ପୂରଣ ପାଇଁ ୬ ବିଲିୟନ ଡଲାର ବ୍ୟୟ କରିବାକୁ ପଡ଼ିଲା। ୨୦୨୩-୨୪ ରେ ତୈଳ ଜାତୀୟ ଶସ୍ୟ ଅମଳ ବାଧାପ୍ରାପ୍ତ ହେଲା। ଭାରତ ୧୭ ବିଲିୟନ ଡଲାର ମୂଲ୍ୟର ଖାଦ୍ୟ ତୈଳ ଆମଦାନୀ କରିଥିଲା। ଚାଉଳ ରପ୍ତାନୀ ଉପରେ କଟକଣା ଲାଗୁ ହୋଇଥିଲା।

୨୦୨୫-୨୬ ଆର୍ଥିକ ବର୍ଷରେ ଭାରତରେ ୩୭୭ ନିୟୁତ ମେଟ୍ରିକ ଟନ ଖାଦ୍ୟଶସ୍ୟ ଅମଳ ହୋଇଥିଲା। ସେଥିରେ ୧୫୦ ନିୟୁତ ଟନ ଚାଉଳ ଥିବା ବେଳେ ୧୨୦ ନିୟୁତ ଟନ ଗହମ ରହିଛି। କିନ୍ତୁ ଅନ୍ୟାନ୍ୟ ଡାଲି ଓ ତୈଳ ଜାତୀୟ ଶସ୍ୟ ଉତ୍ପାଦନରେ ଭାରତର ସ୍ଥିତି ଖରାପ ନ ଥିଲେ ମଧ୍ୟ ଚାହିଦାକୁ ପୂରଣ କରିବା ସମ୍ଭବ ହେଉନାହିଁ। ଭାରତରେ ବାର୍ଷିକ ଡାଲି ଜାତୀୟ ଶସ୍ୟର ଚାହିଦା ପ୍ରାୟ ୩୦ ନିୟୁତ ଟନରୁ ଅଧିକ ଥିବା ବେଳେ ଦେଶରେ ସର୍ବାଧିକ ୨୫ ନିୟୁତ ଟନ ପର୍ଯ୍ୟନ୍ତ ଅମଳ ହୋଇପାରୁଛି। ଖାଦ୍ୟ ତୈଳ କ୍ଷେତ୍ରରେ ମଧ୍ୟ ଭାରତର ସ୍ଥିତି ଖରାପ ରହିଛି। ପ୍ରତିବର୍ଷ ବଜାରରେ ପ୍ରାୟ ୨୬ ନିୟୁତ ଟନରୁ ଅଧିକ ଖାଦ୍ୟ ତୈଳ ବିକ୍ରି ହୁଏ। କିନ୍ତୁ ଦେଶରେ ମାତ୍ର ୧୦ ନିୟୁତ ଟନ ଖାଦ୍ୟ ତୈଳ ଉତ୍ପାଦନ ହେଉଛି। ଆମେ ମୁଖ୍ୟତଃ କାନାଡ଼ା ଓ ଅଷ୍ଟ୍ରେଲିଆରୁ ପ୍ରତି ବର୍ଷ ୫ ନିୟୁତ ଟନରୁ ଅଧିକ ଡାଲି ଜାତୀୟ ଶସ୍ୟ ଏବଂ ଆର୍ଜେଣ୍ଟିନା, ଇଣ୍ଡୋନେସିଆ ଓ ମାଲେସିଆରୁ ପ୍ରତି ବର୍ଷ ୧୭ ନିୟୁତ ଟନରୁ ଅଧିକ ଖାଦ୍ୟ ତୈଳ ଆମଦାନୀ କରୁଛୁ। ଆଫ୍ରିକୀୟ ମହାଦେଶରୁ ମଧ୍ୟ ବିଭିନ୍ନ ପ୍ରକାରର ଡାଲି ଓ ଖାଦ୍ୟ ତୈଳ ଆମଦାନୀ ହୁଏ। ଏଲ୍-ନିନୋ ଏହି ସମସ୍ୟାକୁ ଆହୁରି ଉତ୍କଟ କରିବ।

ସୁପର ଏଲ୍-ନିନୋ କାୟା ବିସ୍ତାର କରିବାରେ ଲାଗିଛି। କାନାଡ଼ାର କିଛି ଅଞ୍ଚଳରେ ଏହାର ପ୍ରଭାବ ପଡ଼ିଥିଲା ବେଳେ ସମଗ୍ର ଦେଶ ପ୍ରଭାବିତ ହେବ ବୋଲି ସ୍ପଷ୍ଟ ହୋଇସାରିଛି। ତେଣୁ ସେଠାରେ ଡାଲି ଜାତୀୟ ଶସ୍ୟ ଅମଳ ବାଧା ପ୍ରାପ୍ତ ହେଲେ ଆମ ପାଇଁ ଆମଦାନୀ ମହଙ୍ଗା ହୋଇପାରେ। ଅଷ୍ଟ୍ରେଲିଆ ମଧ୍ୟ ଏଲ୍-ନିନୋ ପ୍ରଭାବରୁ ମୁକୁଳିବାର ସମ୍ଭାବନା ନାହିଁ। ଯାହା ଫଳରେ ଗହମ, ଡାଲି ଓ ତୈଳ ଜାତୀୟ ଶସ୍ୟ ଅମଳ ହ୍ରାସ ପାଇବ ବୋଲି ଅଷ୍ଟ୍ରେଲିଆ ସରକାର ଘୋଷଣା କରି ସାରିଲେଣି। ତେଣୁ ଅଷ୍ଟ୍ରେଲିଆରୁ ମଧ୍ୟ ଚାହିଦା ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ପରିମାଣରେ ଡାଲି ଓ ତୈଳ ବୀଜ ଆମଦାନୀ କରିବା ଭାରତ ପାଇଁ ସହଜ ହେବ ନାହିଁ। ଆଫ୍ରିକୀୟ ମହାଦେଶ ଉପରେ ଏଲ୍-ନିନୋର ପ୍ରଭାବ ଦେଖା ଦେଇଛି। ସେଠାରେ ଛ' କୋଟି ଲୋକଙ୍କ ପାଇଁ ଖାଦ୍ୟ ସଙ୍କଟ ସୃଷ୍ଟି ହୋଇଥିବା ବେଳେ ସେଠାରୁ କୃଷିଭିତ୍ତିକ ଦ୍ରବ୍ୟର ଆମଦାନୀ ଆଶା ରଖିବା ଉଚିତ ନୁହେଁ। ଜଳବାୟୁ ପରିବର୍ତ୍ତନ ହେତୁ ବ୍ରାଜିଲ ଓ ଆର୍ଜେଣ୍ଟିନାରେ ସୋୟାବିନ୍ ଉତ୍ପାଦନ ହ୍ରାସ ପାଇଛି। ସୋୟାବିନ୍ ତୈଳ ମହଙ୍ଗା ହେଉଥିବାରୁ ପାମ୍ ତୈଳ ଉପରେ ନିର୍ଭର ବଢୁଛି। କିନ୍ତୁ ପାମ୍ ତୈଳ ଦର ବୃଦ୍ଧି ସେତେ ବଡ଼ ସମସ୍ୟା ହୋଇ ନ ଥିଲେ ମଧ୍ୟ ଏହାର ଯୋଗାଣ ଅନେକଗୁଡ଼ିଏ ବାହ୍ୟ କାରକ ଉପରେ ନିର୍ଭର କରେ। ୨୦୨୨ ଏପ୍ରିଲ ମାସରେ ଇଣ୍ଡୋନେସିଆ ଖାଦ୍ୟ ତୈଳ ଦରକୁ ନିୟନ୍ତ୍ରଣ କରିବା ପାଇଁ ପାମ୍ ତୈଳ ରପ୍ତାନୀ ବନ୍ଦ କରିଦେଇଥିଲା। ଫଳରେ ଭାରତର ବଜାରରେ ପାମ୍ ତୈଳ ଦର ୨୦ ଶତାଂଶ ପର୍ଯ୍ୟନ୍ତ ବୃଦ୍ଧି ପାଇଥିଲା। ଚଳିତ ବର୍ଷ ଇଣ୍ଡୋନେସିଆରେ ମଧ୍ୟ ଏଲ୍-ନିନୋର ପ୍ରବଳ ପ୍ରଭାବ ଦେଖିବାକୁ ମିଳିବ ବୋଲି ବିଶ୍ୱ ପାଣିପାଗ ସଙ୍ଗଠନ ସୂଚନା ଦେଇଛି। ପାମ୍ ଚାଷରେ ସାଧାରଣ ଭାବରେ ଅଧିକ ଜଳ ସେଚନର ଆବଶ୍ୟକତା ହୁଏ। ସେଠାରେ ଏଲ-ନିନୋ କୃଷି କାର୍ଯ୍ୟରେ ବାଧା ସୃଷ୍ଟି କଲେ ପାମ୍ ତୈଳ ଦର ବୃଦ୍ଧି ହେବ ବା ଚାହିଦାକୁ ପୂରଣ କରିବା ସହଜ ହେବ ନାହିଁ।

କିଛି ମୁକ୍ତ ବାଣିଜ୍ୟ ଚୁକ୍ତିକୁ ଛାଡ଼ିଦେଲେ ଅନ୍ତଃରାଷ୍ଟ୍ରୀୟ କୃଷି ବଜାରର ପଶାପାଲିରେ ଭାରତ ପାଖରେ ଏମିତି କିଛି ଗୋଟି ନାହିଁ ଯାହା ଦ୍ୱାରା କୌଣସି ଅନ୍ୟ ରାଷ୍ଟ୍ରକୁ ଏକ ନିର୍ଦ୍ଦିଷ୍ଟ କୃଷି ଦ୍ରବ୍ୟର ନିରନ୍ତର ରପ୍ତାନୀ ପାଇଁ ପ୍ରସ୍ତାବ ଦେଇପାରିବ। ଭାରତ ବିଶ୍ୱର ଅଷ୍ଟମ ସର୍ବବୃହତ କୃଷି ଦ୍ରବ୍ୟ ରପ୍ତାନିକାରୀ ଦେଶ ହୋଇଥିଲେ ମଧ୍ୟ କେବଳ ଚାଉଳ, ଗହମ ଓ ଚିନି ରପ୍ତାନୀ କରେ। ପୁଣି ଅଭ୍ୟନ୍ତରୀଣ ବଜାରକୁ ଦେଖି ନିୟନ୍ତ୍ରଣ କରିବାକୁ ହୁଏ। ଫଳରେ ଅନ୍ତର୍ଜାତୀୟ କୃଷି ବଜାର ପ୍ରତିଯୋଗିତାରେ ଭାରତ ଦୁର୍ବଳ ସ୍ଥିତିରେ ରହିଛି। ତେଣୁ ଆସନ୍ନ ବିପଦ ସମୟରେ ବିଶ୍ୱ କୃଷି ବଜାରରୁ ପର୍ଯ୍ୟାପ୍ତ ପରିମାଣରେ ଡାଲି ଓ ଖାଇବା ତେଲ କ୍ରୟ କରିବା ସେତେ ସହଜ ହେବ ନାହିଁ।

ଏଲ୍-ନିନୋ ଖାଦ୍ୟକୁ ମହଙ୍ଗା କରାଇବା ସହିତ ଗ୍ରାମୀଣ ଅର୍ଥନୀତି ଉପରେ ଏହାର ଏକ ବଡ଼ ଧରଣର ନକାରାତ୍ମକ ପ୍ରଭାବ ଦେଖା ଯାଇପାରେ। ଭାରତରେ କୃଷି ସବୁଠାରୁ ବଡ଼ ଅଣସଙ୍ଗଠିତ କ୍ଷେତ୍ର, ଯେଉଁଠାରେ ମୋଟ ଶ୍ରମବଳର ୪୬ ଶତାଂଶ ଶ୍ରମିକମାନଙ୍କୁ ନିଯୁକ୍ତି ମିଳିଥାଏ। ଯଦି କୃଷି କାର୍ଯ୍ୟ ବାଧାପ୍ରାପ୍ତ ହେବ ତେବେ ଗ୍ରାମୀଣ ଅର୍ଥନୀତିରେ ବେକାରୀ ସମସ୍ୟା ବୃଦ୍ଧି ପାଇବ। ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାରର ବସ୍ତୁ ଓ ସେବାର ଚାହିଦା ହ୍ରାସ ପାଇବ। ଆୟ ହ୍ରାସ ସତ୍ତ୍ୱେ ଗ୍ରାମୀଣ ଭାରତବାସୀ ଆମଦାନୀ ହୋଇଥିବା ମହଙ୍ଗା ଡାଲି ଓ ଖାଦ୍ୟ ତୈଳ କିଣିବାକୁ ବାଧ ହେଲେ ସେମାନଙ୍କ ଆର୍ଥିକ ଦୁରବସ୍ଥା ଆହୁରି ବିଗିଡ଼ିଯିବ। ମୋଟ ଆୟରୁ ଖାଦ୍ୟ ବାବଦ ବ୍ୟୟ ସହରାଞ୍ଚଳରେ ୩୦ ରୁ ୪୦ ଶତାଂଶ ଥିବା ବେଳେ ଗ୍ରାମାଞ୍ଚଳରେ ୫୦ ରୁ ୬୦ ଶତାଂଶ। ତେଣୁ ଗ୍ରାମୀଣ ଅର୍ଥନୀତି ଏଲ୍-ନିନୋ ପ୍ରଭାବରେ ଅଧିକ ମାତ୍ରାରେ କ୍ଷତିଗ୍ରସ୍ତ ହେବ। ଚାଷୀ ମାନେ ଋଣଗ୍ରସ୍ତ ହୋଇପାରନ୍ତି। ଭାରତର ଜିଡିପିରେ କୃଷି କ୍ଷେତ୍ରର ୧୮ ଶତାଂଶ ଯୋଗଦାନ ରହିଥିବା ବେଳେ ଏଲ୍-ନିନୋ ଯୋଗୁଁ ଏହା ସଂକୁଚିତ ହୋଇପାରେ।

ଜଳବାୟୁ ପରିବର୍ତ୍ତନ ହେତୁ ପ୍ରତି ଦୁଇ ବର୍ଷ ବ୍ୟବଧାନରେ ଅତି ପ୍ରବଳ ଏଲ୍ ନିନୋ ପ୍ରଭାବ ପରିଲକ୍ଷିତ ହେବା ଏକ ସାଧାରଣ କଥା ହେଲାଣି। ତେଣୁ ଆମକୁ ସେହି ଅନୁସାରେ ପାରମ୍ପରିକ କୃଷି କାର୍ଯ୍ୟକୁ ପରିବର୍ତ୍ତନ କରିବାକୁ ହେବ। ଭାରତର କୃଷି କ୍ଷେତ୍ରରେ ବିବିଧତା ଆଣିବା ପାଇଁ ବହୁତ ଆଲୋଚନା ହେଉଥିଲେ ମଧ୍ୟ ଏହା ସମ୍ଭବପର ହୋଇପାରୁ ନାହିଁ। ପ୍ରଚୁର ଜଳସେଚନ ଆବଶ୍ୟକ ହେଉଥିବା ଚାଷ ଯଥା ଧାନ ଓ ଆଖୁ ଚାଷ କମ କରାଯାଇ ଡାଲି ଓ ତୈଳଜାତୀୟ ଶସ୍ୟ ଚାଷ ଉପରେ ଗୁରୁତ୍ୱ ପ୍ରଦାନ କରିବା ଆବଶ୍ୟକ। ସେଥିପାଇଁ କୃଷକମାନଙ୍କ ମନରେ ଉତ୍ସାହ ଓ ସଚେତନତା ସୃଷ୍ଟି କରିବା ସହିତ ଆନୁଷଙ୍ଗିକ ବୈଷୟିକ ଜ୍ଞାନକୌଶଳ ମଧ୍ୟ ଯୋଗାଇ ଦେବାକୁ ପଡ଼ିବ। ଏହାସହ ଯେଉଁ କୃଷକମାନେ ଡାଲି ଓ ତୈଳ ଜାତୀୟ ଶସ୍ୟ ଉତ୍ପାଦନ କରିବେ ସେମାନେ ଧାନ, ଗହମ କିମ୍ବା ଆଖୁ ପରି ଲାଭଜନକ ଚାଷ କରିଥିଲେ ଯେତିକି ଅର୍ଥ ଆୟ କରିଥା'ନ୍ତେ ତାହାର କ୍ଷତିପୂରଣ କୃଷକମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ପ୍ରଦାନ କରିବା ଆବଶ୍ୟକ। ଭାରତରେ ଏଲ-ନିନୋର ସଫଳ ମୁକାବିଲା କରିବା ପାଇଁ ଏକ ସ୍ୱତନ୍ତ୍ର କୃଷିଭିତ୍ତିକ ଆର୍ଥିକ ନୀତି ପ୍ରଣୟନ କରିବା ବର୍ତ୍ତମାନ ସମୟର ଆହ୍ୱାନ। ●

କଟକ, ମୋ: ୯୪୩୭୧୨୮୪୬୪

## ଉପକୂଳର ଆର୍ତ୍ତନାଦ

**କେ. ଗୁରୁନାଥ ରେଡ୍ଡୀ**

ଗଞ୍ଜାମ ଜିଲ୍ଲାର ପାଳିବନ୍ଧ ପଞ୍ଚାୟତ ଅନ୍ତର୍ଗତ ପୁରୁଣା ପୋଡ଼ମପେଟା ଆଜି କେବଳ ଗୋଟିଏ ଉପକୂଳବର୍ତ୍ତୀ ଗ୍ରାମର ନାମ ନୁହେଁ; ଏହା ଓଡ଼ିଶାର ଉପକୂଳ ସୁରକ୍ଷା ବ୍ୟବସ୍ଥାର ଦୁର୍ବଳତା ଓ ପ୍ରଶାସନିକ ବିଳମ୍ବର ଏକ ଜୀବନ୍ତ ପ୍ରତୀକ। ବର୍ଷ ବର୍ଷ ଧରି ସମୁଦ୍ର କୂଳ କ୍ଷୟ ହୋଇ ଚାଲିଥିଲେ ମଧ୍ୟ ତାହାର ସ୍ଥାୟୀ ପ୍ରତିକାର ନ ହେବାର ପରିଣାମ ଆଜି ସ୍ପଷ୍ଟ। ଗ୍ରାମର ପ୍ରାୟ ୯୦ ପ୍ରତିଶତ ଅଞ୍ଚଳ ସମୁଦ୍ର ଗର୍ଭରେ ଲୀନ ହୋଇସାରିଛି। ଏକଦା ପ୍ରାୟ ୪୦୦ ପରିବାରର ଆଶ୍ରୟସ୍ଥଳ ଥିବା ଏହି ଗ୍ରାମର ୩୫୦ରୁ ଅଧିକ ଘର ଆଜି ଇତିହାସର ଅଂଶ। ଯେଉଁ କେତେକ ଘର ଏବେ ବି ଅବଶିଷ୍ଟ ଅଛି, ସେଗୁଡ଼ିକ ମଧ୍ୟ ପରବର୍ତ୍ତୀ ଉଚ୍ଚ ଜୁଆରର ଅପେକ୍ଷାରେ ଥିବା ପରି ଲାଗୁଛି।



ଲଘୁଚାପଜନିତ ବର୍ଷା, ଉଚ୍ଚ ଜୁଆର ଓ ଅଶାନ୍ତ ସମୁଦ୍ର ମିଶି ଉପକୂଳ ଅଞ୍ଚଳରେ ଏକ ନୂତନ ସଙ୍କଟ ସୃଷ୍ଟି କରିଛି। କେବଳ ପୋଡ଼ମପେଟା ନୁହେଁ, କଣ୍ଟିଆଗଡ଼, ଖଟୁଆକୁଦା, ନୀଳାଦ୍ରୀପୁର, ମୟୁରପଦା, ପାଳିବନ୍ଧ ଓ ସାନ ରାମଚନ୍ଦ୍ରପୁର ପରି ଅନେକ ଗ୍ରାମ ଏବେ ବିପଦର ଛାୟାରେ। ସମୁଦ୍ର କୂଳରେ ଥିବା ସାଇ ମନ୍ଦିର ପୂର୍ବରୁ ଲୀନ ହୋଇସାରିଛି। ବାତ୍ୟା ଆଶ୍ରୟସ୍ଥଳୀ ଉପରେ ଲଗାତାର ଲହଡ଼ିର ମାଡ଼ ଭବିଷ୍ୟତର ଆହୁରି ବଡ଼ ବିପଦର ସଙ୍କେତ ଦେଉଛି। ଯଦି ଏହି ଆଶ୍ରୟସ୍ଥଳୀ କ୍ଷତିଗ୍ରସ୍ତ ହୁଏ, ତେବେ ସମୁଦ୍ର ପାଣି ଝାଉଁ ଜଙ୍ଗଲ ଅତିକ୍ରମ କରି କଣ୍ଟିଆଗଡ଼ ସମେତ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକୁ ପ୍ରବେଶ କରିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରିବ ନାହିଁ।

ପ୍ରଶାସନ ପକ୍ଷରୁ ବିପଦପୂର୍ଣ୍ଣ ଅଞ୍ଚଳକୁ ସିଲ୍ କରାଯାଇଛି ଏବଂ 'ପ୍ରବେଶ ନିଷେଧ' ବ୍ୟାନର ଲଗାଯାଇଛି। ନିଶ୍ଚିତ ଭାବେ ଏହା ଜରୁରୀ ସୁରକ୍ଷାମୂଳକ ପଦକ୍ଷେପ। କିନ୍ତୁ ବିପଦକୁ ରୋକିବା ପରିବର୍ତ୍ତେ କେବଳ ବିପଦରୁ ଦୂରେ ରହିବାକୁ ସତର୍କ କରିବା କୌଣସି ସ୍ଥାୟୀ ସମାଧାନ ନୁହେଁ। ପ୍ରଶ୍ନ ଉଠୁଛି - ଦଶନ୍ଧି ଧରି ଚାଲିଥିବା ସମସ୍ୟା ପାଇଁ ଏତିକି ହିଁ କି ପ୍ରଶାସନର ପ୍ରସ୍ତୁତି? ଘଟଣା ପରେ ଜନପ୍ରତିନିଧିଙ୍କ ଗସ୍ତ, ଅଧିକାରୀଙ୍କ ପରିଦର୍ଶନ, ରିପୋର୍ଟ ପ୍ରସ୍ତୁତି ଓ ସମୀକ୍ଷା ବୈଠକ ଆରମ୍ଭ ହୋଇଛି। ସ୍ଥାୟୀ ସମାଧାନର ଆଶ୍ୱାସନା ମଧ୍ୟ ପୁଣି ଦୋହରାଯାଉଛି। କିନ୍ତୁ ଏହି ଆଶ୍ୱାସନା ନୂଆ ନୁହେଁ। ୨୦୧୨ ମସିହାରୁ ସମୁଦ୍ର କୂଳ କ୍ଷୟ ନେଇ ଆଲୋଚନା ହୋଇଆସୁଛି। ୨୦୨୨ରେ ରାଜ୍ୟ ସରକାର ଓ ଚେନ୍ନାଇ ସ୍ଥିତ ଏନ୍ଆଇଓଟି ମଧ୍ୟରେ ବୈଷୟିକ ସହଯୋଗ ପାଇଁ ଚୁକ୍ତି ହୋଇଥିଲେ ମଧ୍ୟ ତାହା ଆଜିପର୍ଯ୍ୟନ୍ତ ବାସ୍ତବ ରୂପ ନେଇନାହିଁ। ଏହି ବିଳମ୍ବର ମୂଲ୍ୟ ଦେଉଛନ୍ତି ଉପକୂଳର ସାଧାରଣ ଲୋକ।

ବିଶେଷଜ୍ଞଙ୍କ ମତରେ ଋଷିକୁଲ୍ୟା ନଦୀ ମୁହାଣର ଦିଗ ପରିବର୍ତ୍ତନ, ସମୁଦ୍ର ସ୍ରୋତର ପରିବର୍ତ୍ତନ ଓ ଜଳବାୟୁ ପରିବର୍ତ୍ତନ ଜନିତ ପ୍ରଭାବ ଏହି କୂଳ କ୍ଷୟକୁ ଅଧିକ ତୀବ୍ର କରିଛି। ଅନ୍ୟପଟେ ଏହି ଅଞ୍ଚଳ କୋଷ୍ଟାଲ୍ ରେଗୁଲେଟୋରୀ ଜୋନ୍ ଅଧୀନରେ ଥିବା ସହ ବିଶ୍ୱପ୍ରସିଦ୍ଧ ଅଲିଭ୍ ରିଡଲେ କଇଁଛଙ୍କ ଆତଯାତ କ୍ଷେତ୍ର ହୋଇଥିବାରୁ ପରିବେଶ ସୁରକ୍ଷା ଓ ଉପକୂଳ ସୁରକ୍ଷା ମଧ୍ୟରେ ସନ୍ତୁଳନ ରକ୍ଷା କରିବା ନିଶ୍ଚିତ ଭାବେ ଏକ ଆହ୍ୱାନ। ତଥାପି ପରିବେଶ ସୁରକ୍ଷାର ନାମରେ ମଣିଷର ଜୀବନ ଓ ଜୀବିକାକୁ ଅନିଶ୍ଚିତତା ମଧ୍ୟରେ ଛାଡ଼ି ଦିଆଯାଇପାରିବ ନାହିଁ। ବିଜ୍ଞାନ ଓ ପରିବେଶ - ଉଭୟକୁ ସମନ୍ୱିତ କରି ସମାଧାନ ଖୋଜିବା ହିଁ ସମୟର ଦାବି। ପୋଡ଼ମପେଟାର ଲୋକଙ୍କ ବେଦନା ହୃଦୟ ବିଦାରକ। ଲକ୍ଷ ଲକ୍ଷ ଝାଳବୁହା ଅର୍ଜିତ ଟଙ୍କା ଖର୍ଚ୍ଚ କରି ସେମାନେ ନିର୍ମାଣ କରିଥିବା ଘର ଆଜି ସମୁଦ୍ରରେ ଲୀନ। ପୁନର୍ବାସ ମିଳିଥିଲେ ମଧ୍ୟ ସେମାନେ ହରାଇଛନ୍ତି ନିଜ ଭିଟାମାଟି, ଜୀବିକା, ସାମାଜିକ ପରିଚୟ ଓ ପିଢ଼ି ପିଢ଼ିର ସ୍ମୃତି।

ପୋଡ଼ମପେଟାର ଏହି ଘଟଣା ସ୍ପଷ୍ଟ କରୁଛି ଯେ ସମୁଦ୍ର କୂଳ କ୍ଷୟ ଆଉ କେବଳ ପ୍ରାକୃତିକ ବିପର୍ଯ୍ୟୟ ନୁହେଁ; ଏହା ଏକ ଗୁରୁତର ସାମାଜିକ, ଆର୍ଥିକ ଓ ମାନବିକ ସଙ୍କଟ। ଏହାର ସମାଧାନ ପାଇଁ ବୈଜ୍ଞାନିକ ଅଧ୍ୟୟନ, ଦୀର୍ଘମିଆଦୀ ଉପକୂଳ ସୁରକ୍ଷା ନୀତି, ଆଧୁନିକ ତଟ ସଂରକ୍ଷଣ ପ୍ରଯୁକ୍ତି ଏବଂ ସମ୍ମାନଜନକ ପୁନର୍ବାସ ନୀତିକୁ ସମାନ ଗୁରୁତ୍ୱ ଦେବାକୁ ହେବ। କେବଳ ଘର ନିର୍ମାଣ କରିଦେଲେ ପୁନର୍ବାସ ସମ୍ପୂର୍ଣ୍ଣ ହୁଏନାହିଁ; ଜୀବିକା, ମତ୍ସ୍ୟଜୀବୀଙ୍କ ପାଇଁ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମାଜିକ ସୁରକ୍ଷା ମଧ୍ୟ ସମାନ ଭାବେ ସୁନିଶ୍ଚିତ କରିବାକୁ ପଡ଼ିବ। ଆଜି ପୋଡ଼ମପେଟା ସତର୍କ କରୁଛି। ଯଦି ଏବେ ମଧ୍ୟ ସମନ୍ୱିତ, ବୈଜ୍ଞାନିକ ଓ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନିଆ ନଯାଏ, ତେବେ ଆସନ୍ତା ଦିନରେ ଓଡ଼ିଶା ଉପକୂଳର ଆହୁରି ଅନେକ ଗ୍ରାମ କେବଳ ମାନଚିତ୍ରରୁ ନୁହେଁ, ଲୋକଙ୍କ ସ୍ମୃତିରୁ ମଧ୍ୟ ଧୀରେ ଧୀରେ ଲୋପ ପାଇଯିବ। ପ୍ରକୃତି ପୁଣିଥରେ ନିଜର ସତର୍କ ସଙ୍କେତ ଦେଇସାରିଛି। ଏବେ ନିଷ୍ପତ୍ତି ନେବାର ପାଳି ସରକାର, ବୈଜ୍ଞାନିକ ସଂସ୍ଥା ଓ ସମାଜର। ପ୍ରଶ୍ନ କେବଳ ଏତିକି - ଆମେ ଆଉ କେତେଦିନ ଅପେକ୍ଷା କରିବା? ●

ମୟୁରପଦା(ଗଞ୍ଜାମ), ମୋ: ୭୦୦୮୧୦୯୩୧୭

## ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀ

**ଯଶସ୍ୱିନୀ ପଟ୍ଟନାୟକ**

### ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ



ନୀଳାଦ୍ରୌ ଶଙ୍ଖମଧ୍ୟେ
ଶତଦଳକମଳେ ରତ୍ନସିଂହାସନସ୍ଥମ୍
ସର୍ବାଳଙ୍କାରଯୁକ୍ତମ୍ ନବଘନରୁଚିରଂ
ସଂଯୁକ୍ତଂ ଚାଗ୍ରଜେନ,
ଭଦ୍ରାୟାଃ ବାମଭାଗେ ରଥଚରଣଯୁକ୍ତଂ
ବ୍ରହ୍ମରୁଦ୍ରେନ୍ଦ୍ର୍ୟ ବନ୍ଦ୍ୟମ୍
ବେଦାନାଂ ସାରମୀଶଂ ସ୍ୱଜନ
ପରିବୃତଂ ବ୍ରହ୍ମଦାରୁ ସ୍ମରାମି।।'

ଭକ୍ତି ଓ ଭାବର ଠାକୁର ସିଏ ବିଶ୍ୱ ବ୍ରହ୍ମାଣ୍ଡର ଠାକୁର। ଜଗତରନାଥ ମହାପ୍ରଭୁଙ୍କ ବିଷୟରେ ଜାଣିବା ପାଇଁ ଭକ୍ତଜନଙ୍କ ଭିତରେ ଯୁଗ ଯୁଗ ଧରି ଅନେକ ଆଲୋଚନା, ତର୍କ, ବିତର୍କ ସୃଷ୍ଟି ହୋଇଛି। କିନ୍ତୁ ବାସ୍ତବ କଥା ହେଉଛି ସତରେ ମହାପ୍ରଭୁଙ୍କୁ କ'ଣ କେହି କଳନା କରିପାରିବ ନା ଜାଣିପାରିବ! ତାଙ୍କର ଆଦି ନାହିଁ କି ଅନ୍ତ ନାହିଁ। ତେବେ ଅନେକଙ୍କ ଭିତରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମାଉସୀଙ୍କୁ ନେଇ ଭକ୍ତଜନଙ୍କ ଭିତରେ ଉତ୍ସୁକତା ଓ ଆଗ୍ରହ ଢେର ରହିଥାଏ। କଥାରେ କହନ୍ତି ମା' କିଏ ମାଉସୀ କିଏ! ଆଉ ଇଏ ଶ୍ରୀଜଗନ୍ନାଥଙ୍କ ମାଉସୀ। ନାମ ଅର୍ଦ୍ଧାଶିନୀ ବା ଅର୍ଦ୍ଧଶୋଷଣୀ। ବାସ ସେଇ ଶ୍ରୀକ୍ଷେତ୍ର। କୀର୍ତ୍ତି ବି କିଛି କମ୍ ନୁହେଁ। ପ୍ରଳୟ ଜଳରୁ ଅର୍ଦ୍ଧେକ ଭକ୍ଷଣ କରି ସେ ମହୀୟସୀ। ଏତିକିରେ ସରୁନାହିଁ ତାଙ୍କ କଥା। ସେ ଦେଖିବାକୁ ସାକ୍ଷାତ କାମ୍ପିଲ୍ୟବାସିନୀ ମା' ସୁଭଦ୍ରାଙ୍କ ଭଳି। ଶ୍ରୀକ୍ଷେତ୍ରର ଅଷ୍ଟଶକ୍ତିଙ୍କ ମଧ୍ୟରେ ଅନ୍ୟତମ। ଅର୍ଦ୍ଧାଶିନୀ ଦ୍ୱିଭୁଜା, ଅଭୟ ମୁଦ୍ରାରେ ବିଭୂଷିତା। ମାଉସୀ ମା'ଙ୍କ ମନ୍ଦିର ଶ୍ରୀକ୍ଷେତ୍ରର ବଡ଼ଦାଣ୍ଡର ମଧ୍ୟବର୍ତ୍ତୀ ସ୍ଥାନରେ ଅବସ୍ଥିତ।

କିମ୍ବଦନ୍ତୀ ଅନୁଯାୟୀ ଗୁଣ୍ଡିଚା ମଣ୍ଡପ ଯଜ୍ଞବେଦୀ ସପ୍ତଜିହ୍ୱାର ଅନୁକ୍ରମରେ ଯଜ୍ଞ ସାତଦିନରେ ସମାପନ ହୁଏ। ଶେଷଭୋଗର କୈବଲ୍ୟ ବଡ଼ଦାଣ୍ଡରେ ଥିବା ଅର୍ଦ୍ଧାଶନୀ ବା ଅର୍ଦ୍ଧାସିନୀ ମାଉସୀ ମା'ଙ୍କୁ ବିଶ୍ୱାବସୁ ବଂଶୀୟ ସେବକମାନେ ଅର୍ପଣ କରନ୍ତି। ସେ ଅର୍ଦ୍ଧାସିନୀ, ପୁଣି ଦଇତା ବା ବିଶ୍ୱାବସୁ କୁଳର ଇଷ୍ଟଦେବୀ କାତ୍ୟାୟିନୀ ମା' ସୁଭଦ୍ରିକା। ସେ ଯଜ୍ଞୋଦକରୁ ଅଧେ ପାଆନ୍ତି ବୋଲି ତାଙ୍କୁ ଅର୍ଦ୍ଧଶୋଷଣୀ କୁହାଯାଏ। କୈବଲ୍ୟ ସମର୍ପଣର ପ୍ରତିଦାନରେ ଦଇତାପତିଙ୍କ ପକ୍ଷରୁ ମାଉସୀଙ୍କୁ ଓ ପ୍ରଭୁ ଜଗନ୍ନାଥଙ୍କୁ ଯଜ୍ଞପୁରୋଡ଼ାଶ ବା ପୋଡ଼ପିଠା ଭୋଗ ଲାଗିହୁଏ।

ବୌଦ୍ଧ ଧର୍ମାବଲମ୍ବୀଙ୍କ ମତରେ ମାଉସୀ ମା' ମନ୍ଦିରକୁ ମହାପ୍ରଜାପତିଙ୍କ ମନ୍ଦିର ବୋଲି କୁହାଯାଏ। କାରଣ ବୁଦ୍ଧଙ୍କର ମାଉସୀ ହେଲେ ବୁଦ୍ଧପ୍ରଜାପତି ବା ପ୍ରଜାପତି। ତେଣୁ ବୁଦ୍ଧରୂପୀ ଜଗନ୍ନାଥ ଗଲା ବେଳେ ଏବଂ ଆସିଲା ବେଳେ ମାଉସୀ ମା' ଘରୁ ପୋଡ଼ପିଠା ଖାଇ ଯାଆନ୍ତି। ବୁଦ୍ଧଦେବଙ୍କ ମା' ମହାମାୟା ବା ମାୟାଦେବୀଙ୍କ ଭଉଣୀ ପ୍ରଜାପତି ହୋଇଥିବାରୁ ଜଗନ୍ନାଥଙ୍କର ସେ ମାଉସୀ ମା'। କିନ୍ତୁ ଜଗନ୍ନାଥଙ୍କର ଆଉ କେହି ମାଉସୀ ନାହାନ୍ତି। ତେଣୁ ମୂର୍ତ୍ତି ଦୃଷ୍ଟିରୁ ମାଉସୀ ମା' ବିଗ୍ରହକୁ ଦେଖିଲେ ଅର୍ଦ୍ଧାଶନୀ ମୂର୍ତ୍ତି ବା ବୌଦ୍ଧଦେବୀଙ୍କ ମୂର୍ତ୍ତିର ଅନୁରୂପ ମନେହୁଏ।

ଆଜି ସେ ବଳବନ୍ତର ଗଣ୍ଡ ସୃଷ୍ଟିକାରିଣୀ ହାତୀ ଗାଧୁଆ ନଈ ସେଠି ଆଉ ବହି ଯାଉନି। ତାକୁ ପୁରୀ ସହରର ଉପକଣ୍ଠରେ ଅଠରନଳା ଅଞ୍ଚଳରେ ସୀମାବଦ୍ଧ କରି ଦିଆଯାଇଛି। ସେହି ତିନିରଥ ସିଂହଦ୍ୱାରଠାରୁ ବାହାରି ଗୁଣ୍ଡିଚା ଘର ଯାଇ ପୁଣି ବାହୁଡ଼ାଯାତ୍ରା କରି ଫେରି ଆସୁଛନ୍ତି। ଆଉ ଗଣ୍ଡ ପାର ହେବାର ସମସ୍ୟା ନଥିଲେ ବି ରଥ କିନ୍ତୁ ଏଇଠି ଅଟକିଯାଏ। ରଥ ଉପରୁ ମାଉସୀ ମା'ଙ୍କ ଲାଗି ଫୁଲଫଳ ଶୁଖିଲା ଭୋଗ ଅର୍ପଣ କରାଯାଏ। ମାଉସୀ ମା'ଙ୍କ ଶ୍ରଦ୍ଧାର ନିଦର୍ଶନ ସ୍ୱରୂପ ପୋଡ଼ପିଠା ଭୋଗଲାଗି ବିଧି ଓ ବ୍ୟବସ୍ଥା ରଥଯାତ୍ରା ପରମ୍ପରାରେ ରହିଯାଇଛି। ବାହୁଡ଼ା ଯାତ୍ରା ସମୟରେ ମାଉସୀ ମା' ମନ୍ଦିରର ମହାପ୍ରଭୁଙ୍କୁ ପୋଡ଼ ପିଠା ଭୋଗ କରାଯାଏ। ମାଦଳାପାଞ୍ଜି ଅନୁଯାୟୀ ବଟକେଶରୀ ଏହାକୁ ନିର୍ମାଣ କରିଥିଲେ। ●

କଟକ,
ଇ-ମେଲ: jasaswinipattanaik78@gmail.com

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଗୃହ ପ୍ରତିଷ୍ଠା ଉତ୍ସବରେ ଅଘଟଣ

## ପାହାଚରୁ ପଡ଼ି ମହିଳାଙ୍କ ମୃତ୍ୟୁ

ଜୟପୁର, ୧୨।୭ (ସମିସ) : ଜୟପୁର ସହରର ପାୱାର ହାଉସ ୪ର୍ଥ ଲାଇନରେ ଏକ ଗୃହ ପ୍ରତିଷ୍ଠା ଉତ୍ସବରେ ଅଘଟଣ ଘଟିଛି। ପ୍ରତିଷ୍ଠା ଉତ୍ସବକୁ ଭୋଜି ଖାଇବାକୁ ଆସିଥିବା ପୋଖଶୀ ଗୃହରେ ରହୁଥିବା ମହିଳାଙ୍କ ପାହାଚରୁ ଖସିପଡ଼ି ପ୍ରାଣ ହରାଇଛନ୍ତି। ମୃତ ମହିଳା ଜଣକ ଲକ୍ଷ୍ମୀପୁର ଥାନା ଓଡିଆ ପେଣ୍ଠ ଗ୍ରାମପଞ୍ଚାୟତ ରାଜନପଣସପୁଟ୍ଟା ଗ୍ରାମର ମହିଳା ସରୋଜିନୀ ମାଝୀ (୪୯)। ମହିଳାଙ୍କ ଝିଅ ଜୟପୁର ଠାରେ ପଢୁଥିବା ଯୋଗୁଁ ଉଭୟ ମାଆ ଓ ଝିଅ ଏଠାରେ ଏକ ଭଡା ଘରେ ରହୁଥିଲେ। ଆଜି ପଡୋଶୀଙ୍କ ନୂତନ ଗୃହ ନୂତନ ଘର ବୁଲି ଦେଖୁଥିବା ବେଳେ ଉପର ମହଲାକୁ ଚଢିବା ପାହାଚ ପାର୍ଶ୍ୱରୁ ଖସି ପଡିଥିଲେ। ତାଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର କ୍ଷତ ହେବାରୁ ସେ ଅଚେତ ହୋଇ ଯାଇଥିଲେ। ତାଙ୍କୁ ଜିଲ୍ଲା ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଟାଉନ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସ୍ତ୍ରୀକୁ ଟାଇଲ୍‌ରେ ପିଟି ହତ୍ୟା; ସ୍ୱାମୀ ଗିରଫ

ରାଉରକେଲା,୧୨।୭(ସମିସ): ସ୍ଥାନୀୟ ରଘୁନାଥପାଲି ଥାନାଅନ୍ତର୍ଗତ ଲେବରକୋନୋଲିଜ କମ୍ପାନିଟି ହଲ୍ ନିକଟ ନେତାଜୀନଗର ପାହାଡ଼ ଉପର ବସ୍ତିରେ ଶନିବାର ବିଳମ୍ବିତ ରାତିରେ ପାରିବାରିକ କଳହକୁ କେନ୍ଦ୍ର କରି ଜଣେ ମଦ୍ୟପ ଯୁବକ ତାର ପତ୍ନୀକୁ ଟାଇଲରେ ପିଟି ପିଟି ନିର୍ମମ ଭାବେ ହତ୍ୟା କରିଛି। ପ୍ରାଥମିକ ସୂଚନା ମୁତାବକ, ଝାଡ଼ଖଣ୍ଡର ମୂଳ ବାସିନ୍ଦା ସଞ୍ଜୟ ବିଲୁଙ୍ଗ ଏବଂ ସୁନିତା ବିଲୁଙ୍ଗ ସେମାନଙ୍କର ଦୁଇଟି ସନ୍ତାନଙ୍କୁ ନେଇ ନେତାଜୀନଗର ପାହାଡ଼ ଉପର ବସ୍ତିରେ ବାସ କରୁଥିଲେ। ଉଭୟ ଦିନ ମଜୁରିଆ ଭାବେ କାର୍ଯ୍ୟ କରନ୍ତି। ଗତକାଲି ଶନିବାର ଥିବାରୁ ଉଭୟ ସନ୍ଧ୍ୟାରେ ଘରକୁ ଫେରିଥିଲେ। ତେବେ ସଞ୍ଜୟ ମଦ୍ୟପାନ କରି ନିଶାଶକ୍ତ ଅବସ୍ଥାରେ ଘରକୁ ଫେରି ଖାଇବାକୁ ମାଗିଥିଲା। ଖାଇବା ବାଢ଼ିବାରେ ସାମାନ୍ୟ ବିଳମ୍ବ ହୋଇଥିବାରୁ ଏହାକୁ ନେଇ ସ୍ତ୍ରୀଙ୍କ ମଧ୍ୟରେ ବଚସା ହୋଇଥିଲା। କ୍ରମେ ଏହା ଉଗ୍ର ରୂପ ଧାରଣ କରିଥିଲା। ଏଥିରେ ଉତ୍ତେଜିତ ହୋଇ ସଞ୍ଜୟ ପାଖରେ ପଡ଼ିଥିବା ଏକ ଭଙ୍ଗା ଟାଇଲରେ ସୁନିତାଙ୍କ ମୁଣ୍ଡକୁ ଛେଚି ଦେବାରୁ ଘଟଣା ସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ଘଟଣା ପରେ ଅଭିଯୁକ୍ତ ସଞ୍ଜୟ ଫେରାର ହୋଇଯାଇଥିଲେ। ଖବର ପାଇ ପୁଲିସ ତନାଘନା କରି ସଞ୍ଜୟକୁ କାବୁ କରିଥିଲା। ତାଙ୍କୁ ଥାନାରେ ଅଟକ ରଖି ପଚରା ଉଚୁରା ଚାଲିଛି। ରଘୁନାଥପାଲି ଥାନା ପୁଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିଜେପିରେ ମିଶିଲେ ପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର,୧୨।୭ (ସମିସ): ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ରବିବାର ନିଜ ସମର୍ଥକଙ୍କ ସହ ବିଜେପିରେ ଯୋଗଦେଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ସେ ବିଜେପିରେ ଯୋଗଦାନ କରିଥିବା କହିଛନ୍ତି। ସମସ୍ତ ନୂତନ ସଦସ୍ୟଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ରାଜ୍ୟ ସଭାପତି ତଥା ସାଂସଦ ମନମୋହନ ସାମଲ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଛନ୍ତି। ଏହି ଅବସରରେ ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତରେ ବିଜେପି ବିଶ୍ୱର ସବୁଠାରୁ ବଡ଼ ରାଜନୈତିକ ଦଳ ହୋଇପାରିଛି। ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ କଟକ ଜିଲ୍ଲାରେ ବିଜେପିର ସଂଗଠନକୁ ଅଧିକ ସୁଦୃଢ଼ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଭାତ ବିଶ୍ୱାଳଙ୍କ ଯୋଗଦାନ ପରେ ବିଜେପିର ସଂଗଠନ ସଶକ୍ତ ହୋଇଛି। ଲୋକଙ୍କ ସେବାକୁ ଆମ ସରକାର ପ୍ରାଥମିକତା ଦେଉଛନ୍ତି। ବିକଶିତ ଓଡ଼ିଶା, ବିକଶିତ ଭାରତ ପାଇଁ କାମ କରୁଛୁ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ମତପ୍ରକାଶ କରିଥିଲେ।

## ବିଜେପି ଚୋରମାନଙ୍କ ଆଶ୍ରୟସ୍ଥଳ: ଭକ୍ତ

ଭୁବନେଶ୍ୱର,୧୨।୭ (ସମିସ): ବିଜେପିରେ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କ ମିଶ୍ରଣକୁ ନେଇ କଡ଼ା ସମାଲୋଚନା କରିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ସେ କହିଛନ୍ତି, ବିଜେପି ହେଉଛି ଚୋରମାନଙ୍କ ଆଶ୍ରୟସ୍ଥଳ। ଚିଟଫଣ୍ଡ ଚୋରମାନଙ୍କ ବିଷୟରେ କିଛି କହିବାର ନାହିଁ। ଦିଲ୍ଲୀରେ ହେଉ, ବିଧାନସଭାରେ ହେଉ କିମ୍ବା ସଂସଦରେ ହେଉ। ସମସ୍ତଙ୍କୁ ବିଜେପି ନେଉଛି। ସବୁ ଚୋରଙ୍କୁ ବିଜେପିକୁ ନିମନ୍ତ୍ରଣ କରାଯାଉଛି। ମିଳି ମିଶି ଚୋରି କରିବାକୁ ବିଜେପି ଚୋରମାନଙ୍କୁ ଡାକୁଛି ବୋଲି ଶ୍ରୀ ଦାସ କହିଛନ୍ତି। ସେ କହିଛନ୍ତି ଯେ ଆଗାମୀ ପଞ୍ଚାୟତ ନିର୍ବାଚନରେ ବିଜେପି ତାର ପ୍ରକୃତ ଅସ୍ତିତ୍ୱ କ'ଣ ତାହା ଠିକ୍ ଭାବରେ ଜାଣିପାରିବ। ଗାଁ ଗହଳିରେ ଶାସକ ଦଳର ପ୍ରକୃତ ସ୍ଥିତି କିପରି ରହିଛି ଏବଂ ଲୋକେ ସେମାନଙ୍କୁ କେତେ ଗ୍ରହଣ କରୁଛନ୍ତି, ତାହା ବିଜେପି ନେତାମାନେ ନିଜେ ହିଁ ଅନୁଭବ କରିବେ। କେବଳ ସମୟକୁ ଅପେକ୍ଷା କରନ୍ତୁ, ନିର୍ବାଚନ ଫଳାଫଳ ହିଁ ସବୁକିଛି ସ୍ପଷ୍ଟ କରିଦେବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସର ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ ଭକ୍ତ ଦାସ କହିଛନ୍ତି ଯେ, ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ କଂଗ୍ରେସ ଦଳ ପକ୍ଷରୁ ମଧ୍ୟ ଜୋରଦାର ପ୍ରସ୍ତୁତି ଚାଲିଛି। ଦଳୀୟ କର୍ମୀମାନେ ଲୋକଙ୍କ ପାଖକୁ ଯାଇ ସେମାନଙ୍କ ସମସ୍ୟା ବୁଝିବା ସହ ସଙ୍ଗଠନକୁ ମଜବୁତ କରୁଛନ୍ତି ବୋଲି ସେ କହିଛନ୍ତି।

## ଚିଟଫଣ୍ଡ ଟଙ୍କା ଫେରାଇବା ପରିବର୍ତ୍ତେ ଅଭିଯୁକ୍ତଙ୍କୁ ବିଜେପି ନିଜ ଦଳରେ ସାମିଲ କରିଛି: ବିଜେଡି

ଭୁବନେଶ୍ୱର,୧୨।୭ (ସମିସ): ପୂର୍ବତନ ବିଜେଡି ବିଧାୟକ ପ୍ରଭାତ ବିଶ୍ୱାଳ ତାଙ୍କ ସମର୍ଥକମାନଙ୍କ ସହିତ ଆଜି ବିଜେପିରେ ଯୋଗ ଦେଇଥିବା ବେଳେ ଏହା ଉପରେ ପ୍ରତିକ୍ରିୟା ପ୍ରକାଶ କରିଛି ବିଜେଡି। ବିଜେପିରେ ପ୍ରଭାତଙ୍କ ଯୋଗଦାନ ଦଳ ଉପରେ କୌଣସି କିଛି ମାସ ତଳେ ତାଙ୍କର ବିଶୃଙ୍ଖଳା ଆଚରଣ ଯୋଗୁଁ ତାଙ୍କୁ ଦଳରୁ ବହିଷ୍କାର କରା ଯାଇଥିଲା। ଏବେ ସେ ବିଜେପିରେ ଯୋଗ ଦେଇଛନ୍ତି। ଏହା ବିଜେଡି ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ବିଜେପି ଗତ ନିର୍ବାଚନ ବେଳେ କ୍ଷମତାକୁ

■ ବିଜେଡି ଉପରେ ପଡ଼ିବନି କୌଣସି ପ୍ରଭାବ
■ ବିଶୃଙ୍ଖଳ ଆଚରଣ ପାଇଁ ବିଦା ହୋଇଥିଲେ

ପ୍ରଭାବ ପକାଇବ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯିବା ସହ ଚିଟ୍‌ଫଣ୍ଡ ଅଭିଯୁକ୍ତ ପ୍ରଭାତଙ୍କୁ ଦଳରେ ସାମିଲ କରିବାକୁ ନେଇ ବିଜେପିକୁ କଟାକ୍ଷ କରିଛି।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ପ୍ରଭାତ ବିଶ୍ୱାଳ ଚିଟ୍‌ଫଣ୍ଡ ମାମଲାରେ ଅଭିଯୁକ୍ତ ହେବା ପରେ ବିଜେଡି ତାଙ୍କୁ ଟିକେଟ ଦେଇନଥିଲା। ଗତ ଆସିଲେ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କୁ ଅଠର ମାସ ଭିତରେ ଟଙ୍କା ଫେରସ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଟଙ୍କା ଫେରାଇବା କଥା ଦୂରେ ଥାଉ; ଏବେ ଜଣେ ଚିଟ୍‌ଫଣ୍ଡ ଅଭିଯୁକ୍ତ ନେତାଙ୍କୁ ନିଜ ଦଳରେ ସାମିଲ କରୁଛନ୍ତି। ଏହା ଓଡ଼ିଶାର ଅଗଣିତ ଚିଟ୍‌ଫଣ୍ଡ କ୍ଷତିଗ୍ରସ୍ତଙ୍କ ପ୍ରତି ଉପହାସ। ଏହା ବିଜେପିର ନୈତିକ ମୂଲ୍ୟବୋଧକୁ ପ୍ରତିଫଳିତ କରୁଛି ବୋଲି ଡ. ମହାନ୍ତି କହିଛନ୍ତି।

# ସଂସଦରେ ଉପସ୍ଥାପନ ହେବ ଓଡ଼ିଶାର ବିଭିନ୍ନ ପ୍ରସଙ୍ଗ



### ଗଣମାଧ୍ୟମ ପ୍ରତିନିଧିଙ୍କ ପରାମର୍ଶ ଲୋଡ଼ିଲେ ସଂତୃପ୍ତ

ଭୁବନେଶ୍ୱର,୧୨।୭ (ସମିସ): ରାଜ୍ୟସଭାକୁ ନିର୍ବାଚିତ ହେବା ପରେ ଡ. ସଂତୃପ୍ତ ମିଶ୍ର ପ୍ରଥମଥର ପାଇଁ କୌଣସି ଅଧିବେଶନରେ ସାଂସଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିବେ। ଆସନ୍ତା ମୌସୁମୀ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଯେପରି ଦୃଢ଼ ଭାବରେ ଉପସ୍ଥାପିତ ହୋଇପାରିବ, ସେନେଇ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପରାମର୍ଶ ଲୋଡ଼ିଛନ୍ତି ଡ. ମିଶ୍ର। ରବିବାର ଭୁବନେଶ୍ୱରରେ ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର ଗଣମାଧ୍ୟମ ପ୍ରତିନିଧିମାନଙ୍କ ସହ ଆଲୋଚନା କରିଛନ୍ତି।

ଏହି କାର୍ଯ୍ୟକ୍ରମରେ ରାଜ୍ୟର ଏକାଧିକ ଗଣମାଧ୍ୟମର ବହୁ ଖବରଦାତା ତଥା ବରିଷ୍ଠ ସାମ୍ବାଦିକମାନେ ଯୋଗ ଦେଇଥିଲେ। ରାଜ୍ୟର ବିଭିନ୍ନ ସମସ୍ୟା ଓ ପ୍ରସଙ୍ଗ ତଥା ରାଜ୍ୟସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗ ବାବଦରେ ସାମ୍ବାଦିକମାନେ ଜଡିତ ରହିଛନ୍ତି। ତେଣୁ ସେ ସମ୍ପର୍କରେ ନିଜର ପରାମର୍ଶ ତଥା ଅଭିଜ୍ଞତା ପ୍ରଦାନ କରିବାକୁ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡ. ମିଶ୍ର ଅନୁରୋଧ କରିଥିଲେ। ଆଲୋଚନାରେ କେନ୍ଦ୍ର ସରକାର ଓଡ଼ିଶାକୁ କରୁଥିବା ଅବିଚାର, ପାତର ଅନ୍ତର ନୀତି, ବିଭିନ୍ନ ଯୋଜନା କାର୍ଯ୍ୟାନ୍ୱୟନରେ ବିଫଳତା ସମ୍ପର୍କରେ ସାମ୍ବାଦିକମାନେ ଉଦବେଗ ପ୍ରକାଶ କରିବା ସହ ଏହାର ସମାଧାନ ପାଇଁ ଡ. ମିଶ୍ର ସଂସଦରେ ପ୍ରସଙ୍ଗ ଉତ୍ଥାପନ କରିବାକୁ ଅନୁରୋଧ କରିଥିଲେ। ସାମ୍ବାଦିକମାନେ ଦେଇଥିବା ପରାମର୍ଶ ମଧ୍ୟରେ କୋଇଲା ରୟାଲଟି ବୃଦ୍ଧି, ମହାନଦୀ ଜଳ ବିବାଦ ସମାଧାନ, ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନାର ସଠିକ୍ କାର୍ଯ୍ୟାନ୍ୱୟନ, ରାଜ୍ୟରେ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ନିର୍ମାଣ ପାଇଁ କେନ୍ଦ୍ରର ସହଯୋଗ, ଭତ୍ତା ରାଶି ବୃଦ୍ଧି, ସାଇବର ଅପରାଧ ଉପରେ ନିୟନ୍ତ୍ରଣ, ବିଭିନନ୍ ଯୋଜନାରେ ଅନୁଦାନ ହ୍ରାସ, ଦେଶରେ ନାଗରିକତା ପରିଚୟ ପତ୍ରକୁ ନେଇ ସୃଷ୍ଟି ହୋଇଥିବା ଦ୍ୱନ୍ଦ ଆଦି ପ୍ରସଙ୍ଗ ସାମିଲ ଥିଲା। ସେହିପରି ବିଜେପି ସରକାରରେ ଗତ ଦୁଇ ବର୍ଷ ହେବ ଉନ୍ନତିମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି, ଯାହାଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି। ଏନେଇ ମଧ କେତେକ ସାମ୍ବାଦିକ ଡ. ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ବେଳେ ଏନେଇ ସେ ଦଳର ସାଥୀ ବିଧାୟକଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେଲିନ ମହାନ୍ତି, ଡ. ପ୍ରିୟବ୍ରତ ମାଝୀ, ମୁଖପାତ୍ର ତୁମ୍ବନାଥ ପଣ୍ଡା, ମିହିର ରାୟ, ନାରାୟଣ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ, ବିଜୁ ଛାତ୍ର ଜନତା ଦଳର ସଭାନେତ୍ରୀ ଇପ୍ସିତା ସାହୁ, ନନ୍ଦଲାଲ ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### ରାମମନ୍ଦିର ଚାନ୍ଦା ଚୋରି ଘଟଣାରେ ବର୍ଷିଲା କଂଗ୍ରେସ

# ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି

ଭୁବନେଶ୍ୱର,୧୨।୭ (ସମିସ): ନିକଟରେ ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଅଯୋଧ୍ୟା ଗସ୍ତ କରିଥିଲେ। ହେଲେ ସେ ରାମମନ୍ଦିର ଚାନ୍ଦା ଚୋରି ବାବଦରେ କିଛି କହିନାହାନ୍ତି। ରାଜ୍ୟ ଦ୍ୱାରା ଗଠିତ ଏସଆଇଟି ରିପୋର୍ଟରେ ଅନେକ ତ୍ରୁଟି ରହିଛି, ତଥାପି ସେହି ସବୁ ତଥ୍ୟ ବାବଦରେ କୌଣସି ସ୍ପଷ୍ଟୀକରଣ କିମ୍ବା କୈଫିୟତ ଦିଆଯାଇ ନାହିଁ ବୋଲି ଉଲ୍ଲେଖ କରି ବିଜେପି ସରକାର ଉପରେ ବର୍ଷିଛି କଂଗ୍ରେସ। ରବିବାର ରାମମନ୍ଦିର ପାଣ୍ଠି ହେରଫେର ପ୍ରସଙ୍ଗକୁ ନେଇ କଂଗ୍ରେସ ଭାବନଠାରେ ପିସିସି ସଭାପତି ଭକ୍ତ ଚରଣ ଦାସ, ପଶ୍ଚିମବଙ୍ଗ କଂଗ୍ରେସ ମିଡ଼ିଆ ବିଭାଗ ଅଧ୍ୟକ୍ଷା ମିତା ଚକ୍ରବର୍ତ୍ତୀ, ପିସିସି ମିଡିଆ ଅଧ୍ୟକ୍ଷ ଅରବିନ୍ଦ ଦାସ ଓ ମୁଖପାତ୍ର ରଜନୀ ମହାନ୍ତି ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ବିଜେପି ସରକାରଙ୍କୁ କଠୋର ସମାଲୋଚନା କରିଛନ୍ତି।

ସୁଶ୍ରୀ ଚକ୍ରବର୍ତ୍ତୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ଏହି ଟ୍ରଷ୍ଟ ଗଠନ କରାଯାଇଥିଲା, ତେବେ ଏହି ଦୁର୍ନୀତି ପାଇଁ କିଏ ଦାୟିତ୍ୱ ନେବ? ଯଦି ସବୁକିଛି ନିୟମାନୁସାରେ ଠିକ୍ ଥିଲା, ତେବେ ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ଇସ୍ତଫାପତ୍ର କାହିଁକି ଗ୍ରହଣ କରାଗଲା? ଯଦି କୌଣସି ଅନିୟମିତତା ହୋଇନାହିଁ, ତେବେ ସରକାର ସୁପ୍ରିମକୋର୍ଟଙ୍କ ତତ୍ତ୍ୱାବଧାନରେ ଏକ ସ୍ୱାଧୀନ ତଦନ୍ତ ପାଇଁ କାହିଁକି ଭୟ କରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ପିସିସି ସଭାପତି ଶ୍ରୀ ଦାସ କହିଛନ୍ତି ଯେ ମର୍ଯ୍ୟାଦା ପୁରୁଷୋତ୍ତମ ଭଗବାନ ରାମଙ୍କ ନାମରେ କୋଟି କୋଟି ଲୋକଙ୍କ ବିଶ୍ୱାସକୁ ଲୁଟ୍ କରିଥିବା ବ୍ୟକ୍ତିମାନଙ୍କୁ ସୁରକ୍ଷା ଦିଆଯିବା ଉଚିତ ନୁହେଁ। ରାମ ମନ୍ଦିର ଏସଆଇଟି ରିପୋର୍ଟରେ ମନ୍ଦିର ପରିଚାଳନା କରୁଥିବା ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟ ଓ ଟ୍ରଷ୍ଟର ବ୍ୟାଙ୍କର ଥିବା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ହୋଇଥିବା ଗୁରୁତର ତ୍ରୁଟିକୁ ଦର୍ଶାଇଛି। ଏସଆଇଟି ଏଭଳି ୭୦ଟି ଘଟଣା ଠାବ କରିଛି, ଯେଉଁଠାରେ ଟଙ୍କା ଗଣତି କରୁଥିବା କର୍ମଚାରୀମାନେ ନିଜ ପୋଷାକ, ପକେଟ୍ ଏବଂ ଜୋତା ଭିତରେ ନୋଟ୍ ବିଡ଼ା ଏବଂ ଖୁଚୁରା ଟଙ୍କା ଲୁଚାଉଥିଲେ, କାରଣ ଏହାକୁ ରୋକିବା ପାଇଁ ଉଦ୍ଦିଷ୍ଟ ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇନଥିଲା। ସୁପ୍ରିମକୋର୍ଟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଦନ୍ତ କରି ସମସ୍ତ ଅଭିଯୁକ୍ତଙ୍କ ଗିରଫଦାରୀ କରାଯାଉ ବୋଲି ଶ୍ରୀ ଦାସ ଦାବି କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମହାପ୍ରଭୁ ସୁସ୍ଥ...

କାହାଳୀ ଆସିବା ପରେ ତଳୁଛ ମହାପାତ୍ର, ପ୍ରଧାନୀ ସେବକ ହାତ ପଇଠ ପକାଇ ଆଗେ ଆଗେ ଚାଲିଥିଲେ। ଥାଳିଗୁଡ଼ିକୁ ବାଡ଼ଗ୍ରାହୀ ଓ ଦଇତାପତିମାନେ ଗଜପତି ମହାରାଜାଙ୍କ ଉଦ୍ଦେଶ୍ୟରେ ଶ୍ରୀନଅରକୁ ନେଇଯାଇଥିଲେ। ରାଜବାଟୀରେ ପଡ଼ିଥିବା ଚାରିବାଡ଼ର ପାହାଡ଼ା ଉପରେ ଥାଳିମାନ ରଖିଥିଲେ। ରାଜଗୁରୁଙ୍କ ସହିତ ଗଜପତି ମହାରାଜା ଦିବ୍ୟସିଂହ ଦେବ ଆସିଥିଲେ। ଏହାପରେ ଥାଳିଗୁଡ଼ିକୁ ସଂସ୍କାର କରି ରାଜଗୁରୁ ଗଜପତି ମହାରାଜାଙ୍କ ମୁଣ୍ଡରେ ଲଗାଇଥିଲେ। ଗଜପତି ମହାରାଜା ଦଇତାପତିମାନଙ୍କୁ ଶାଢ଼ି ବନ୍ଧାଇବା ଲାଗି ରାଜଗୁରୁଙ୍କୁ ଆଜ୍ଞା ପ୍ରଦାନ କରିଥିଲେ। ଦଇତାପତିମାନେ ଶାଢ଼ି ବନ୍ଧାଇବା ପରେ ଗଜପତିଙ୍କ ସହ ଠାକୁରଙ୍କ ଅଣସର ଘର ସେବା ବିଷୟରେ ଆଲୋଚନା କରିଥିଲେ। ଏଥିସହ ମହାପ୍ରଭୁଙ୍କ ସୁସ୍ଥ ହେବା ଖବର ମଧ ଦେଇଥିଲେ। ଆଗାମୀ ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ବିଷୟରେ ମଧ୍ୟ ଗଜପତି ଦଇତାପତିଙ୍କ ସହ ଆଲୋଚନା କରିଥିଲେ। ଏହି ଅବସରରେ ଜିଲ୍ଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଅଣସର ଘରେ ଏବେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ସପ୍ତାବରଣ କାର୍ଯ୍ୟ ଚାଲିଛି। ସେଥିମଧ୍ୟରେ ରବିବାର ଘଣାକଟା ହୋଇଛି। ସୋମବାର ଦାରୁବିଗ୍ରହଙ୍କ ଶ୍ରୀଅଙ୍ଗ ସୁରକ୍ଷା ପାଇଁ ଘଣାଲାଗି କରାଯିବ। ଘଣାଲାଗି ସରିବା ପରେ ଜୟ ବିଜୟ ଦ୍ୱାର ଫିଟି ପଟିଦିଅଁଙ୍କ ମଙ୍ଗଳ ଆଳତି ହେବ।

### ପ୍ରତିଶୋଧ ନିଆଁରେ...

ପ୍ରତିଷ୍ଠାନ ଭୀଷଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଅପରପକ୍ଷରେ, ଇରାନ ହର୍ମୁଜ ଜଳପଥକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିଦେଇଛି। ଜଳପଥ ଉପରେ ନିଜର ସାର୍ବଭୌମତ୍ୱ ଜାହିର କରି ଇରାନ କହିଛି ଯେ ଏହି ଅଞ୍ଚଳରେ ଆମେରିକାର ହସ୍ତକ୍ଷେପ ବନ୍ଦ ନହେବା ପର୍ଯ୍ୟନ୍ତ ଜଳପଥ ଖୋଲିବ ନାହିଁ। ଦୁଇ ଦେଶ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ପୂର୍ବ ଚୁକ୍ତିନାମାର ସର୍ତ୍ତ ଅନୁଯାୟୀ କେବଳ ଇରାନର ଏହି ଅଞ୍ଚଳ ଉପରେ କର୍ତ୍ତୃତ୍ୱ ରହିଛି ବୋଲି ଦର୍ଶାଯାଇଛି।

### ତରଳିଗଲା ଅମରନାଥ...

ଏହାବ୍ୟତୀତ ଆଟଲାଣ୍ଟିକ ମହାସାଗର ଓ ଭୂମଧ୍ୟସାଗରୀୟ ଅଞ୍ଚଳରୁ ଆସୁଥିବା ଗରମ ପବନ ମଧ୍ୟ ଉତ୍ତର-ପଶ୍ଚିମ ହିମାଳୟର ତାପମାତ୍ରା ବୃଦ୍ଧି କରୁଛି। ଅନ୍ୟପଟେ ଆଇଆଇଟି ବମ୍ବେର ପ୍ରଫେସର ଶର୍ମିଷ୍ଠା ପଟ୍ଟନାୟକ ଏହି ସଙ୍କଟ ପାଇଁ ମାନବୀୟ କାର୍ଯ୍ୟକଳାପକୁ ଦାୟୀ କରିଛନ୍ତି। ଚଳିତ ବର୍ଷ ପ୍ରଥମ ଚାରି ଦିନରେ ୯୩,୦୦୦ରୁ ଅଧିକ ଶ୍ରଦ୍ଧାଳୁ ଗୁମ୍ଫା ଦର୍ଶନ କରିଛନ୍ତି। ଏହି ଅତ୍ୟଧିକ ଜନସମାଗମ ଯୋଗୁଁ ନିର୍ଗତ ହେଉଥିବା ଶାରୀରିକ ଉତ୍ତାପ, ଆର୍ଦ୍ରତା ଏବଂ ଗୁମ୍ଫା ନିକଟରେ ବ୍ୟବହୃତ ହେଉଥିବା ଭାରୀ ଯନ୍ତ୍ରପାତି, ଜେନେରେଟର ଓ ଆଲୋକୀକରଣ ବ୍ୟବସ୍ଥା ଗୁମ୍ଫାର ସୂକ୍ଷ୍ମ ପରିବେଶକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେଇଛି। ଧାର୍ମିକ ଆସ୍ଥା ଏବଂ ପ୍ରାକୃତିକ ପରିବେଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ବର୍ତ୍ତମାନ ସବୁଠାରୁ ବଡ଼ ଆହ୍ୱାନ ପାଲଟିଛି। ଯାତ୍ରୀମାନଙ୍କ ସଂଖ୍ୟା ଉପରେ ଦୈନିକ କଟକଣା ଲଗାଇବା, ଗୁମ୍ଫା ନିକଟରେ ସ୍ଥାୟୀ ନିର୍ମାଣକୁ ସୀମିତ କରିବା ଏବଂ ସ୍ଥାନୀୟ ଜୀବିକାକୁ ସୁରକ୍ଷା ଦେଇ କଠୋର ପରିବେଶ ନିୟମ ଲାଗୁ କରିବା ଦ୍ୱାରା ହିଁ ଏହି ସଂକଟର ମୁକାବିଲା କରାଯାଇପାରିବ ବୋଲି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

### ଆଉ ଜଣଙ୍କ...

ସହ ସଂକ୍ରମିତଙ୍କ ପରିବାର ଲୋକଙ୍କର ମଧ୍ୟ ଯାଞ୍ଚ କରାଯାଉଛି। ପ୍ରଭାବିତ ଅଞ୍ଚଳରେ ବିଶୋଧନ କାର୍ଯ୍ୟକୁ ଜୋରଦାର କରାଯାଇଛି। କଡ଼ପା ଜିଲ୍ଲାର ଏହି ଘଟଣା ପରେ ସମଗ୍ର ଆନ୍ଧ୍ରପ୍ରଦେଶରେ କୋଭିଡ୍ ପ୍ରସ୍ତୁତି ଆଲର୍ଟ ଜାରି କରାଯାଇଛି। ସମସ୍ତ ସରକାରୀ ଡାକ୍ତରଖାନାକୁ ଆଇସୋଲେସନ ୱାର୍ଡ ଓ ପର୍ଯ୍ୟାପ୍ତ ଶଯ୍ୟା ପ୍ରସ୍ତୁତ ରଖିବାକୁ କୁହାଯାଇଛି। ସ୍ୱାସ୍ଥ୍ୟ ବିଭାଗ ଜନସାଧାରଣଙ୍କୁ ଆତଙ୍କିତ ନ ହୋଇ ସତର୍କ ରହିବାକୁ, ସ୍ୱାସ୍ଥ୍ୟ ରକ୍ଷା ନିୟମ ପାଳନ କରିବାକୁ ଏବଂ ଲକ୍ଷଣ ଦେଖାଦେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ନିବେଦନ କରିଛି।

### ଦଳିତ ନାବାଳିକାକୁ...

ଜଣାପଡ଼ିଥିବା ବେଳେ, ଅନ୍ୟ ଅଭିଯୁକ୍ତ ମନୋରଞ୍ଜନର ଘର ବାଲିଚତୁରୀ ସାୟା ଗ୍ରାମରେ ବୋଲି ଚିହ୍ନଟ ହୋଇଛି। ଘଟଣାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ତିହିଡ଼ି ଥାନା ଅଧିକାରିଣୀ ଲୋପାମୁଦ୍ରା ନାୟକ ତତ୍ପରତା ପ୍ରକାଶ କରିବା ସହ ତୁରନ୍ତ ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି। ପୁଲିସ ଏହି ଘଟଣାରେ ଏକ ମାମଲା ରୁଜୁ କରି ୨ ଜଣଙ୍କୁ କୋର୍ଟ ଚାଲାଣ କରିଛି।

### ନିଷ୍କ୍ରିୟ ହେଉଛି...

ଅନୁଭୂତ ହୋଇଥାଏ। ତେବେ ଏହି ସମୟରେ ବିଜୁଳି ଘଡ଼ଘଡ଼ି ସବୁଠୁ ଅଧିକ କ୍ଷତିକାରକ ହୋଇଥାଏ। ବର୍ଷା ଅଭାବରୁ ଭୂପୃଷ୍ଠ ତତଲା ଥାଏ। ଏହି ସମୟରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ଏହା ସଂସ୍ପର୍ଶରେ ଆସିବା ଦ୍ୱାରା ଭୀଷଣ ବଜ୍ରପାତ ହୋଇଥାଏ।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ରାଜ୍ୟରେ ସବୁ ସ୍ଥାନରେ ପାଗ ମୁଖ୍ୟତଃ ଶୁଖିଲା ରହିଛି। ଦିନରେ ଖରାର ପ୍ରକୋପ ଅଧିକ ରହିଥିବା ବେଳେ ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୭.୪ ଡିଗ୍ରୀ ରେକର୍ଡ ହୋଇଛି। ଏହାସହିତ ଭୁବନେଶ୍ୱରରେ ତାପମାତ୍ରା ୩୬.୭ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ଅନେକ ସ୍ଥାନରେ ତାପମାତ୍ରା ୩୬ ଡିଗ୍ରୀ ଉପରେ ରହିଛି। ଆଜି ସୁଦ୍ଧା ରାଜ୍ୟରେ ମୋଟ୍ ବର୍ଷାର ପରିମାଣ ୩୪୮ ମିମି ରହିଛି। ସ୍ୱାଭାବିକ ବର୍ଷା ୩୨୩ ମିମି ତୁଳନାରେ ବର୍ଷା ୮ ପ୍ରତିଶତ ଅଧିକ ରହିଛି।

### ୨୦ରୁ ସଂସଦର...

ବିଧାନଗତ କାର୍ଯ୍ୟସୂଚୀ ପ୍ରକାଶ କରିନାହାନ୍ତି; ତଥାପି ଏହି ଅଧିବେଶନରେ କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଆସିବାର ସମ୍ଭାବନା ଥିବା କୁହାଯାଉଛି। ସୂଚନା ଅନୁସାରେ ଆଗାମୀ ଅଧିବେଶନରେ ଲୋକସଭା ଆସନ ପୁନଃସୀମା ନିର୍ଦ୍ଧାରଣ ଓ ୨୦୨୯ ଲୋକସଭା ନିର୍ବାଚନ ପୂର୍ବରୁ ମହିଳା ସଂରକ୍ଷଣ ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ସରକାର ପୁଣିଥରେ ଏକ ସମ୍ବିଧାନ ସଂଶୋଧନ ବିଲ୍ ଆଣିପାରନ୍ତି। ଦେଶର ଜନସଂଖ୍ୟା ଅନୁଯାୟୀ ଲୋକସଭା ଆସନ ସଂଖ୍ୟା ବୃଦ୍ଧି ଏବଂ ସଂସଦୀୟ ନିର୍ବାଚନମଣ୍ଡଳୀର ସୀମା ପୁନଃନିର୍ଦ୍ଧାରଣ ପାଇଁ ସଂଶୋଧିତ ଡିଲିମିଟେସନ୍ ବିଲ୍ ଆସିପାରେ। ସେହିପରି ଶେୟାର ବଜାରକୁ ଅଧିକ ସ୍ୱଚ୍ଛ ଆଧୁନିକ ଓ ନିବେଶକ ଅନୁକୂଳ କରିବା ପାଇଁ ପୁଞ୍ଜି ବଜାର ନିୟମରେ ସଂଶୋଧନ ଆଣିବା ଉଦ୍ଦେଶ୍ୟରେ ଏହି ବିଲ୍ ଆଗତ ହୋଇପାରେ। ଏହା ସହ ବ୍ୟବସାୟ କରିବାର ସୁବିଧା ( ଇଜ୍ ଅଫ୍ ଡୁଇଂ ବିଜିନେସ) ବଢ଼ାଇବା, କମ୍ପାନିଗୁଡ଼ିକର ନିୟମାନୁସାରେ କାର୍ଯ୍ୟ ପ୍ରକ୍ରିୟାକୁ ସରଳ କରିବା ଏବଂ କର୍ପୋରେଟ୍ ଶାସନକୁ ଆହୁରି ସୁଦୃଢ଼ କରିବା ପାଇଁ ଏହି ସଂଶୋଧନ ବିଲ୍ ଆସିପାରେ। ଏହା ସହ ଉଚ୍ଚଶିକ୍ଷା ସଂସ୍କାର ସଂକ୍ରାନ୍ତରେ ଏକ ବିଲ୍ ଆସିବାର ସମ୍ଭାବନା ରହିଛି। ଏହାବ୍ୟତୀତ ଦୋଷୀ ସାବ୍ୟସ୍ତ ବା ନିର୍ଦ୍ଦିଷ୍ଟ ପରିସ୍ଥିତିରେ ଗିରଫ ହୋଇଥିବା ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ପଦ ଓ ଯୋଗ୍ୟତା ସମ୍ପର୍କରେ ଏକ ବିଲ୍ ପୁଣିଥରେ ସଂସଦରେ ଆସିପାରେ। ତେବେ ଏହାର ଚୂଡ଼ାନ୍ତ ରୂପ କ'ଣ ହେବ, ସେନେଇ ସରକାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଔପଚାରିକ ଘୋଷଣା ହୋଇନାହିଁ।

### ବିଜେଡି ସଂସଦୀୟ...

ଅନୁଦାନ ହ୍ରାସ, କୋଇଲା ରାଜଭାଗ ବୃଦ୍ଧି, ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ ଭିତ୍ତିଭୂମି, ରାଜପଥ ସମ୍ପ୍ରସାରଣ, ଉପକୂଳ ରାଜପଥ ପ୍ରସଙ୍ଗ, ସହରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଅନୁଦାନ ବୃଦ୍ଧି ଆଦି ଅନେକ ପ୍ରସଙ୍ଗରେ ବିଜେଡି ନିରନ୍ତର କେନ୍ଦ୍ରର ଦୃଷ୍ଟି ଆକର୍ଷଣ କରି ଆସୁଛି। ସେହିପରି ରାଜ୍ୟର ଡ଼ିଜିଟାଲ ଭିତ୍ତିଭୂମି ବିକାଶ, ଅପହଞ୍ଚ ଅଞ୍ଚଳରେ ଇଣ୍ଟରନେଟ୍ ଓ ବ୍ୟାଙ୍କ ସେବା ପାଇଁ ମଧ୍ୟ ବାରମ୍ବାର ଦାବି ହୋଇଛି। ଏହି ସବୁ ପ୍ରସଙ୍ଗରେ ମଧ୍ୟ ବିଜେଡି ସୁପ୍ରିମୋ ଦଳର ସାଂସଦମାନଙ୍କୁ ଗୁରୁମନ୍ତ୍ର ଦେଇପାରନ୍ତି ବୋଲି କୁହାଯାଉଛି।

### ଋଣ ଯନ୍ତାରେ...

ମଧ୍ୟରେ ଏହାକୁ ପରିଶୋଧ କରିବାକୁ ପଡୁଥିବାରୁ ଏହା ଦେଶର ଅର୍ଥନୀତି ପାଇଁ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ଥାଏ। ଯଦି ବିଶ୍ୱ ପରିସ୍ଥିତି ଖରାପ ହୁଏ, କିମ୍ବା ବିଦେଶୀ ପାଣ୍ଠି ମହଙ୍ଗା ହୁଏ, ତେବେ ଏପରି ଋଣର ଚାପ ଦ୍ରୁତ ଗତିରେ ବୃଦ୍ଧି ପାଇପାରେ।

ତେବେ ସ୍ୱର୍ଶକାତର ବିଷୟଟି ହେଉଛି ବର୍ତ୍ତମାନ ଭାରତର ମୋଟ ଅର୍ଥନୀତି ବା ସକଳ ଘରୋଇ ଉତ୍ପାଦ (ଜିଡ଼ିପି) ପ୍ରାୟ ୩୪୬.୩୬ ଲକ୍ଷ କୋଟି ଟଙ୍କା (ପ୍ରାୟ ୩.୬୭ ଟ୍ରିଲିୟନ ଡଲାର)। ତେଣୁ ସାଧାରଣ ଭାବରେ ଦେଖିଲେ ଦେଶର ଜିଡିପି ତୁଳନାରେ ଋଣର ଅନୁପାତ ୫୮% ପ୍ରତିଶତ। ଅର୍ଥନୀତିବିଦ୍‌ମାନଙ୍କ ମତରେ ଏହିସ୍ତର ଚିନ୍ତାର ବିଷୟ ହେଲେ ମଧ୍ୟ ଏହାକୁ ତୁରନ୍ତ ସଙ୍କଟ ବୋଲି କୁହାଯାଇପାରିବ ନାହିଁ। ମାତ୍ର ଯଦି ଋଣ ବଢ଼ିଚାଲେ ଓ ଅର୍ଥନୈତିକ ଅଭିବୃଦ୍ଧି ମନ୍ଥର ହୁଏ, ତେବେ ପରିସ୍ଥିତି ସଙ୍ଗୀନ ହୋଇପାରେ। ବିଶେଷକରି ପଶ୍ଚିମ ଏସିଆରେ ଇରାନ୍ ଉପରେ ଇସ୍ରାଏଲ୍ ଓ ଆମେରିକାର ଆକ୍ରମଣ ପରେ ଦେଶର ତୈଳ କ୍ଷେତ୍ର ଗୁରୁତର ଭାବରେ ପ୍ରଭାବିତ ହୋଇଥିବା ଯୋଗୁଁ ଭାରତ ପାଇଁ ସମସ୍ୟା ସୃଷ୍ଟି ହୋଇପାରେ।

ଅନ୍ୟପକ୍ଷରେ ଜିଡ଼ିପି ଓ ଋଣ ଅନୁପାତକୁ ନେଇ ସରକାର ଆଦୌ ବ୍ୟସ୍ତ ନ ଥିବା କୁହାଯାଉଛି। ଆମେରିକାର ଋଣ ପରିମାଣ ଜିଡିପିର ୧୨୦%, ଫ୍ରାନ୍ସର ୧୧୦% ଓ ବ୍ରିଟେନ୍‌ର ୧୦୦ ପ୍ରତିଶତ ରହିଛି। ମାତ୍ର ସେହି ଦେଶଗୁଡ଼ିର ଋଣ ପରିମାଣ ଅଧିକ ଥିଲେ ହେଁ ସମ୍ପୃକ୍ତ ଦେଶର ଅଧିବାସୀଙ୍କ ମୁଣ୍ଡପିଛା ଆୟ ଭାରତଠାରୁ ଯଥେଷ୍ଟ ଅଧିକ। ପୁନଶ୍ଚ କୌଣସି ଆର୍ଥିକ ଧକ୍କାକୁ ସହଜରେ ସମ୍ଭାଳିବାର ସାମର୍ଥ୍ୟ ସେହିଦେଶର ମୁଦ୍ରାଗୁଡ଼ିକର ରହିଛି। ମାତ୍ର ଭାରତରେ କମ୍ ମୁଣ୍ଡପିଛା ଆୟ, ସରକାରୀ ଜନକଲ୍ୟାଣକାରୀ ଯୋଜନା ଉପରେ ଲୋକଙ୍କ ନିର୍ଭରଶୀଳତା ଅତ୍ୟଧିକ ବୃଦ୍ଧି ପାଇଥିବାରୁ ଋଣ ବଢ଼ିଲେ ଏହାର ସିଧାସଳଖ ପ୍ରଭାବ ଦେଶବାସୀଙ୍କ ଉପରେ ପଡ଼ିବାର ଆଶଙ୍କା ରହିଛି।

### ୪ ମାସ ହେଲା...

ରାଜ୍ୟର ପ୍ରତିନିଧିତ୍ୱ କରି ଲୋକଙ୍କ ହୃଦୟ ଜିତିଥିଲେ। କିନ୍ତୁ ଆଜି ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ। କ୍ରୀଡ଼ା ମନ୍ତ୍ରଣାଳୟ ଏହି ଅବସରପ୍ରାପ୍ତ ତାରକାମାନଙ୍କ କଲ୍ୟାଣ ପ୍ରତି ଧ୍ୟାନ ଦେଉନାହିଁ। ଅନେକ ଖେଳାଳି ଆର୍ଥିକ ସଙ୍କଟରେ ପଡ଼ି ଦୈନନ୍ଦିନ ଖର୍ଚ୍ଚ ଚଳାଇବାରେ ଅସମର୍ଥ ହୋଇପଡ଼ିଛନ୍ତି।

ଅନ୍ୟ ରାଜ୍ୟଗୁଡ଼ିକ ଯେପରି ଅବସରପ୍ରାପ୍ତ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନ ଦେଇ ମାସକୁ ୧୫ରୁ ୧୬ ହଜାର ଟଙ୍କା ଭତ୍ତା ପ୍ରଦାନ କରୁଛନ୍ତି, ଓଡ଼ିଶାରେ କେବଳ ୩ ହଜାର ଟଙ୍କା ରହିବା ଓ ସଠିକ ସମୟରେ ନ ମିଳିବା ଦୁର୍ଭାଗ୍ୟର ବିଷୟ। ଆଜିର ମହଙ୍ଗା ସମୟରେ ଚାରି ମାସ ଧରି ଏହି ଭତ୍ତାରାଶି ପ୍ରଦାନ କରା ନ ଯିବା ଫଳରେ ଖାଦ୍ୟ, ଔଷଧ, ପିଲାଙ୍କ ଶିକ୍ଷା ଓ ଘର ଭଡ଼ା ପାଇଁ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ଉପେକ୍ଷା ରାଜ୍ୟର କ୍ରୀଡ଼ାପ୍ରେମୀ ଓ ଶୁଭେଚ୍ଛୁକଙ୍କୁ ହତାଶ କରିଛି। ଅବସରପ୍ରାପ୍ତ ଖେଳାଳିମାନେ ଚାକିରି କିମ୍ବା ସ୍ଥିର ଆୟର ସୁଯୋଗ ପାଇବାରେ ଅସମର୍ଥ ହେଉଛନ୍ତି। ସମ୍ମାନ ଓ ମର୍ଯ୍ୟାଦା ହରାଉଛନ୍ତି। ଏହା ଯୁବପିଢ଼ିଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ ହେବାରୁ ନିରୁତ୍ସାହିତ କରୁଛି। ସରକାର ଯଦି ନିଜ ପୂର୍ବତନ କ୍ରୀଡ଼ା ନାୟକ/ନାୟିକାଙ୍କୁ ସହାୟତା ନ ଦିଅନ୍ତି, ତେବେ ନୂଆ ଖେଳାଳିମାନେ ସ୍ୱପ୍ନ ଦେଖିବେ କିପରି? କ୍ରୀଡ଼ାପ୍ରେମୀ, କ୍ରୀଡ଼ା ସଂଘ ଓ ପୂର୍ବତନ ଖେଳାଳିମାନେ ଏବେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରୁଛନ୍ତି। ବକେୟା ଭତ୍ତାରାଶି ପ୍ରଦାନ, ରାଶି ପରିମାଣ ବୃଦ୍ଧି, ଚାକିରି ସୁଯୋଗ ଓ କଲ୍ୟାଣ ଯୋଜନା ପ୍ରଣୟନ କରିବାକୁ ସେମାନେ ସରକାରଙ୍କୁ ଅନୁରୋଧ କରୁଛନ୍ତି। ଓଡ଼ିଶାରେ ବିଭିନ୍ନ କ୍ରୀଡ଼ାରେ ଗୌରବ ଆଣିଥିବା ଖେଳାଳିମାନଙ୍କୁ ଉପେକ୍ଷା କରିବା ଉଚିତ୍ ନୁହେଁ। ଏହା କେବଳ ଏକ ନୀତିଗତ ପ୍ରଶ୍ନ ନୁହେଁ, ସମ୍ମାନ, କୃତଜ୍ଞତା ଓ ନ୍ୟାୟର ପ୍ରଶ୍ନ। ରାଜ୍ୟ ସରକାର ଶୀଘ୍ର ପଦକ୍ଷେପ ନେଇ ଏହି ଭୁଲିଯାଇଥିବା ହିରୋମାନଙ୍କ ମର୍ଯ୍ୟାଦା ଫେରସ୍ତ କରନ୍ତୁ ଓ ଓଡ଼ିଶାର କ୍ରୀଡ଼ା ଚେତନାକୁ ବଞ୍ଚାଇ ରଖନ୍ତୁ। ତେବେ ପରବର୍ତ୍ତୀ ପିଢ଼ି ସେମାନଙ୍କ ପଦାଙ୍କ ଅନୁସରଣ କରି ଆହୁରି ଗୌରବ ଆଣିପାରିବେ।


**AFFIDAVIT**

By virtue of an affidavit sworn before Notary public Bhubaneswar on dated 10.07.2026, I Santosh Palatasingh resident of At-Chaiginia, Rahadamala, Dist-Puri,Odisha, Pin-752013 declare that I have changed my name from Benu Palatasingh to Santosh Palatasingh. Henceforth, I shall be known as **SANTOSH PALATASINGH** for all purposes.

SANTOSH PALATASINGH

**OFFICE OF THE NOTIFIED AREA COUNCIL, ATHMALLIK**

13001/1154/2627

No. 2636, Dated: 10/07/2026

e-Procurement

Bid Identification No. Alkn-02/2026-27

Bid documents consisting of the work, estimated cost, cost of tender paper, EMD, time of completion, class of contractors, and the terms and conditions of the contract along with other necessary documents can be seen on the Government website: www.tendersorissa.gov.in

**Name of the Works:** Electrical Works

**No. of Works :** 01 No.

**Estimated Cost:** Rs. 5,26,282/-

**Date & Time of Availability of Bid Documents in the Portal:** From **10:00 A.M. on 13.07.2026** to **5:00 P.M. on 21.07.2026**

**Last Date of Receive of Bid through Online:** On or before **21.07.2026 up to 5:00 P.M.**

**Submission of Original Documents (DD/EMD/Affidavit):** On **23.07.2026 up to 11:00 A.M.**

**Date of Opening of Bid:** At **11:00 A.M. on 23.07.2026**

Executive Officer
N.A.C. Athmallik

OIPR-13001/13161/1/26-27/0002

GOVERNMENT OF ODISHA

34001/470/2627

**OFFICE OF THE SUPERINTENDING ENGINEER**
**GANJAM (R&B) DIVISION NO. I, BERHAMPUR**

**Phone/Fax:** (0680) 2233683

**E-mail:** sernb1.ganjam@yahoo.com

**e-Procurement Notice**

Bid Identification No.: **SE R&B Divn. No. I Bam. 14/2026-27**

**Letter No.:** 6691, **Date:** 10.07.2026

**Name of Work:** E.I. Works

**No. of Works:** 18 (Eighteen) Nos.

**Estimated Cost:** Approximately **Rs. 4.20 Lakh to Rs. 49.97 Lakh**

**Period of Completion:** Two to Twenty Four Calendar Months

**Date & Time of Availability of Bid Documents in the Portal:** From **10:00 Hours on 17.07.2026** to **16:00 Hours on 26.07.2026**

**Last Date & Time for Receipt of Bids in the Portal:** Up to **16:00 Hours on 26.07.2026**

**Name & Address of the Officer Inviting Bid: Superintending Engineer**
Ganjam (R&B) Division No. I, Berhampur

Further details can be seen from the e-Procurement portal: https://tendersodisha.gov.in

**Superintending Engineer**
Ganjam (R&B) Division No. I, Berhampur

OIPR-34001/34109/1/26-27/0013

# ଜିଲ୍ଲା ପରିଷଦଙ୍କ ସ୍ୱାମୀଙ୍କୁ ସଙ୍ଘବଦ୍ଧ ଆକ୍ରମଣ; ହସ୍ପିଟାଲରେ ଭର୍ତ୍ତି

ବସ୍ତା ବ୍ଲକ୍/ରାଜଘାଟ,୧୨।୭ (ସମିସ)

ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ କୁଣ୍ଡପୁର୍ ଗ୍ରାମରେ ୧୪ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ବିଷ୍ଣୁ ପ୍ରିୟା ବୁଗୁଡ଼ିଙ୍କ ସ୍ୱାମୀ ସଞ୍ଜୟ କୁମାର ବିଗୁଡ଼ିଙ୍କୁ ସଂଘବଦ୍ଧ ଆକ୍ରମଣ ସହିତ ତାଙ୍କ ଠାରୁ ନଗଦ ୨୦ ହଜାର ଟଙ୍କା ଓ ସୁନା ଚେନ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ସଞ୍ଜୟ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସାଧୀନ ଥିବା ବେଳେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ବ୍ରାହ୍ମଣଦା ଗ୍ରାମର ସଞ୍ଜୟ ବୁଗୁଡ଼ି (୪୬) ମଙ୍ଗଳବାର ସକାଳେ କୁଣ୍ଡପୁର ଗ୍ରାମରେ ମୃତ୍ୟୁ ବରଣ କରିଥିବା ଜନୈକ ବ୍ୟକ୍ତିଙ୍କ ଘରକୁ ହରିଶ୍ଚନ୍ଦ୍ର ଯୋଜନା ସହାୟତା ଦେବା ପାଇଁ କାଗଜପତ୍ର ଆଣିବାକୁ ଯାଇଥିଲେ। ଏହି ସମୟରେ ସେହି ଗ୍ରାମର ଭଗବାନ ବେହେରାଙ୍କ ପୁଅ ବିଜୟ କୁମାର ବେହେରା ଓ ତାଙ୍କ ସ୍ତ୍ରୀ ସହିତ ହଠାତ୍ ୧୫ରୁ ଉର୍ଦ୍ଧ୍ୱ ଯୁବକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହା ସହିତ ତାଙ୍କ ନିକଟରେ ଥିବା ୨୦ ହଜାର ନଗଦ ଟଙ୍କା ଓ ସୁନା ଚେନ୍‌କୁ ନେଇ ପଳାଇ ଥିଲେ। ଖବର ପାଇ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରିୟା ବୁଗୁଡ଼ି ଓ ତାଙ୍କ ପୁଅ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଆକ୍ରମଣକାରୀ ସେମାନଙ୍କୁ ମଧ୍ୟ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ ବୋଲି ସଞ୍ଜୟ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗୁରୁତର ସଞ୍ଜୟଙ୍କୁ ପ୍ରଥମେ ବସ୍ତା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ତାଙ୍କ ଛାତି ଓ ଅନ୍ୟ ସ୍ଥାନରେ ଯନ୍ତ୍ରଣା ହେବାରୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଆକ୍ରମଣକାରୀଙ୍କ ପକ୍ଷରୁ ବସ୍ତା ଥାନାରେ ପାଲଟା ଅଭିଯୋଗ ହୋଇଛି। ଟଙ୍କା ନେଣଦେଣଙ୍କୁ କେନ୍ଦ୍ର କରି ଏହି ଘଟଣା ଘଟିଥିବା କୁହାଯାଉଛି। ବସ୍ତା ବ୍ଲକ୍ ବିଜେଡି ସଭାପତି ମହାଦେବ ଦାସଙ୍କ ସମେତ ଅନ୍ୟ ବିଜେଡି ନେତା ହସ୍ପିଟାଲରେ ପହଞ୍ଚି ସଞ୍ଜୟଙ୍କୁ ଭେଟିବା ସହିତ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିବା ଜଣାପଡ଼ିଛି। ବସ୍ତା ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।



## କୋଲକାତରେ ହେବ ରାସନ ଡିଲର୍ ଜାତୀୟ ସମ୍ମିଳନୀ

ଜଳେଶ୍ୱର,୧୨।୭ (ସମିସ): ଅଲ୍ ଇଣ୍ଡିଆ ଫେୟାର ପ୍ରାଇସ୍ ସପ୍ ଡିଲର୍ସ ଫେଡେରେସନ (ନୂଆଦିଲ୍ଲୀ) ଆନୁକୂଲ୍ୟରେ ଆସନ୍ତା ଜୁଲାଇ ୧୩ ତାରିଖ, ସୋମବାର ପଶ୍ଚିମବଙ୍ଗର କୋଲକାତାଠାରେ ଏକ ବୃହତ୍ ଜାତୀୟ ଶିଖର ସମ୍ମିଳନୀ କରାଯିବ। ମହାସଚିବ ବିଶ୍ୱମ୍ଭର ବସୁ ଏହି ଆୟୋଜନ ସମ୍ପର୍କରେ ସୂଚନା ଦେଇଛନ୍ତି। ଉତ୍ତର କୋଲକାତାର ମହାତ୍ମା ଗାନ୍ଧୀ ମେଟ୍ରୋ ଷ୍ଟେସନ ସମ୍ମୁଖରେ ଥିବା ଐତିହାସିକ ମହାଜାତି ସଦନଠାରେ ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଶିଖର ସମ୍ମିଳନୀରେ ବିଭିନ୍ନ ରାଜ୍ୟରୁ ସାର୍ବଜନୀନ ବିତରଣ ପ୍ରଣାଳୀ ସହ ଜଡ଼ିତ ପଦାଧିକାରୀ ଏବଂ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟମାନେ ପ୍ରତିନିଧିତ୍ୱ କରିବେ। ବିଶେଷକରି ରାସନ ଡିଲରମାନଙ୍କର ବିଭିନ୍ନ ସାଂଗଠନିକ ସମସ୍ୟା, ସେମାନଙ୍କର ଆର୍ଥିକ ସୁରକ୍ଷା ଏବଂ ବିଭିନ୍ନ ରାଜ୍ୟସ୍ତରୀୟ ଦାବି ଉପରେ ଏହି ଅବସରରେ ବିସ୍ତୃତ ଭାବେ ସମୀକ୍ଷା ଓ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ସର୍ବ ଭାରତୀୟ ଡିଲର୍ସ ଫେଡେରେସନର ଜାତୀୟ ଉପାଧ୍ୟକ୍ଷ ତଥା ଓଡ଼ିଶା ରାଜ୍ୟ ସଭାପତି ନଗେନ୍ଦ୍ର ନାଥ ଜେନା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ, ଏହି ସମ୍ମିଳନୀ ରାସନ ଡିଲରମାନଙ୍କ ସ୍ୱାର୍ଥ ରକ୍ଷା କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ଏଠାରେ ଗୁରୁତ୍ୱପୂର୍ଣ୍ଣ ନୀତିଗତ ବିଷୟ ଉପରେ ଆଲୋଚନା ହେବା ସହ ସଂଗଠନକୁ ଭବିଷ୍ୟତରେ ଆହୁରି ସୁଦୃଢ଼ ଓ କ୍ରିୟାଶୀଳ କରିବା ପାଇଁ ଏକ ସ୍ୱତନ୍ତ୍ର ରଣ ରଣନୀତି ପ୍ରସ୍ତୁତ କରାଯିବ।

## ଶାନ୍ତିକାନନରେ କବିତା ପାଠୋତ୍ସବ, ପୂର୍ବତନ ରେଭେନ୍ସା କୁଳପତିଙ୍କ ଯୋଗଦାନ



ବାଲେଶ୍ୱର,୧୨।୭ (ସମିସ): ମଲ୍ଲିକାସପୁରସ୍ଥିତ ଶାନ୍ତିକାନନଠାରେ ଯୁଗଶ୍ରୀ ଯୁଗନାରୀ ଓ ଫକୀରମୋହନ ସାହିତ୍ୟ ପରିଷଦର ମିଳିତ ଆନୁକୂଲ୍ୟରେ ମୌସୁମୀ କବିତା ଆସର ମେଘ ମହ୍ଲାର କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଫକୀରମୋହନ ସାହିତ୍ୟ ପରିଷଦର ସଭାପତି ଡକ୍ଟର ସୁବାସ ଚନ୍ଦ୍ର ପାତ୍ର କବିତା ପାଠୋତ୍ସବ ମେଘ ମହ୍ଲାର କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର ପ୍ରକାଶ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ଫକୀରମୋହନ ସାହିତ୍ୟ ପରିଷଦର ପୂର୍ବତନ ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ସମ୍ମାନିତ ଅତିଥି ଭାବେ ପ୍ରାକ୍ତନ ବ୍ୟାଙ୍କ ପରିଚାଳିକା ସମାଜସେବୀ ତଥା ସାହିତ୍ୟିକା ଗୀତାଞ୍ଜଳି ମିଶ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସମ୍ପାଦିକା ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ ରତ୍ନାକର ସିଂ ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ। ପତ୍ରିକାର ସହ ସଂପାଦିକା ପ୍ରଭାବତୀ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅତିଥିଗଣ ଚଳିତ ସଂଖ୍ୟା ଯୁଗଶ୍ରୀ ଯୁଗନାରୀ ପତ୍ରିକା ଉନ୍ମୋଚନ କରିଥିଲେ।

## ଓଡ଼ିଶା ଏସ୍‌ସି ଏସ୍‌ଟି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ରାଜ୍ୟସ୍ତରୀୟ କାର୍ଯ୍ୟକାରିଣୀ



ବାଲେଶ୍ୱର,୧୨।୭ (ସମିସ): ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ପରିସରରେ ଆଜି ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର ରାଜ୍ୟସ୍ତରୀୟ ଦ୍ୱିତୀୟ କାର୍ଯ୍ୟକାରିଣୀ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସଙ୍ଗଠନର କାର୍ଯ୍ୟକାରୀ ସଭାପତି ମୀନକେତନ ମାଝୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ ଜିଲ୍ଲାର ରାଜ୍ୟ ସଭାପତି, ସାଧାରଣ ସମ୍ପାଦକମାନେ ନିଜ ଜିଲ୍ଲାର ବିବରଣୀ ଉପସ୍ଥାପନା କରିଥିଲେ। ଏହାଛଡ଼ା ଚାକିରି ତଥା ପଦୋନ୍ନତି କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜଳ ସମ୍ପଦ ବିଭାଗରେ ଓ ଅନ୍ୟାନ୍ୟ କେତେକ ବିଭାଗ ଓ କ୍ୟାଡରରେ ସିନିୟର ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀଙ୍କୁ ଅଣଦେଖା କରି ଜୁନିୟର ବ୍ୟାଚଙ୍କୁ ପ୍ରମୋସନ ପ୍ରଦାନ କରାଯାଉଥିବା ଆଲୋଚନା ହୋଇଥିଲା। ଗାଁରେ ଯେପରି ଜାତି ଆଧାରରେ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ଅଲଗା କୂଅରେ ସୀମିତ ରଖାଯାଉଥିଲା ଏବଂ ସାଧାରଣ ଲୋକଙ୍କ କୂଅରୁ ପାଣି ପିଇବାରୁ ବଞ୍ଚିତ ରଖାଯାଉଥିଲା, ଠିକ୍ ସେହିପରି ପ୍ରମୋସନ ବ୍ୟବସ୍ଥାରେ ମଧ୍ୟ ସେହିଭଳି ବ୍ୟବହାର କରାଯାଉଛି। ଏଣୁ ଏହି ଜାତିଆଣ ଭାବ ବିଶିଷ୍ଟ ପ୍ରମୋସନ ଉପରେ ପରିଷଦ ପକ୍ଷରୁ କ୍ଷୋଭ ପ୍ରକାଶ କରାଯାଇଛି। ୭୯ ବର୍ଷର ସ୍ୱାଧୀନତା ପରେ ମଧ୍ୟ ଓଡ଼ିଶାର ସମ୍ବିଧାନ ବ୍ୟବସ୍ଥା ଅନୁସାରେ ଗ୍ରୁପ ଏ, ବି, ସି ଓ ଡି ପଦବୀ ଗୁଡ଼ିକରେ ଆଜି ପର୍ଯ୍ୟନ୍ତ ଅନୁସୂଚିତ ଜାତି ଓ ଜନଜାତି ଲୋକଙ୍କୁ ସୁବ୍ୟବସ୍ଥିତ କରାଯାଇ ନାହିଁ। ଏହାଛଡ଼ା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀଙ୍କର ଚାକିରିଗତ, ବ୍ୟକ୍ତିଗତ ସମସ୍ୟା, କ୍ୟାଡରଭିତ୍ତିକ ସାମୂହିକ ସମସ୍ୟା ଓ ପ୍ରମୋସନ ସମସ୍ୟା ଦୂରୀକରଣ ସହ ସରକାରଙ୍କ ଠାରେ ରାଜ୍ୟରେ ସମ୍ପ୍ରତି ପଦୋନ୍ନତି କ୍ଷେତ୍ରରେ ଉପୁଜିଥିବା ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା, ଓଆର୍‌ଭି ଆକ୍ଟରେ ଆବଶ୍ୟକୀୟ ସଂଶୋଧନ ପାଇଁ ପଦକ୍ଷେପ ଗ୍ରହଣ କରିବା, ରାଜ୍ୟ ତଥା ପ୍ରତି ଜିଲ୍ଲା ଓ ବ୍ଲକ୍ ମୁଖ୍ୟାଳୟରେ ପରିଷଦ କାର୍ଯ୍ୟାଳୟ ପାଇଁ ଆବଶକୀୟ ସରକାରୀ କ୍ୱାର୍ଟର୍ସ ଓ ଜାଗା ପ୍ରଦାନ କରିବା ଆଦି ଦାବି ଉପସ୍ଥାପନ କରାଯାଇଥିଲା। ଏଥିରେ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ରାଜ୍ୟ ଉପଦେଷ୍ଟା ଧନଞ୍ଜୟ ହେମ୍ବ୍ରମ ରାଜ୍ୟ ସାଧାରଣ ସାଂଗଠନିକ ସମ୍ପାଦକ ଜିତେନ୍ଦ୍ର ବେହେରା, ରାଜ୍ୟ ଅତିରିକ୍ତ ପ୍ରମୁଖ ସମ୍ପାଦକ ପୃଥ୍ୱୀରାଜ ହାଂସଦା, ରାଜ୍ୟ ସାଧାରଣ ଅର୍ଥ ସମ୍ପାଦକ ଅନୀଲ ମଲ୍ଲିକ, ରାଜ୍ୟ ଅତିରିକ୍ତ ସାଧାରଣ ସମ୍ପାଦକ ଅସିତ କୁମାର ନାୟକ, ରାଜ୍ୟ ଉପଦେଷ୍ଟା ଧରମ ହାସଁଦା, ସାଧାରଣ ସମ୍ପାଦକ ସୁବ୍ରତ କୁମାର ସିଂ ପ୍ରମୁଖ ଯୋଗଦେଇ ନିଜର ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଅନନ୍ତ କିଶୋର ମାଝୀ ପରିଷଦର ତ୍ରୟମାସିକ ବିବରଣୀ ପାଠ କରିଥିବାବେଳେ ବାଲେଶ୍ୱର ଜିଲ୍ଲା ଶାଖାର କାର୍ଯ୍ୟକାରୀ ସଭାପତି ବୁଦ୍ଧିରାମ ଟୁଡୁ ଧନ୍ୟବାଦ ଦେଇଥିଲେ। ରାଜ୍ୟ ସଂଯୋଜକ ମଧୁସୂଦନ ବେହେରା ଓ ବାହାନଗା ବ୍ଲକ୍‌ର ସାଧାରଣ ସମ୍ପାଦକ ଶଶିକାନ୍ତ ମହାଳିକ ମଞ୍ଚ ପରିଚାଳନା କରିଥିଲେ।

## ରେମୁଣା ବରିଷ୍ଠ ନାଗରିକ ମଞ୍ଚର ବୈଠକ



ବାଲେଶ୍ୱର,୧୨।୭ (ସମିସ): ରେମୁଣା ବରିଷ୍ଠ ନାଗରିକ ମଞ୍ଚର ମାସିକିଆ ବୈଠକ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ସଭାପତି ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଜଳଧର ଦାସ ଯୋଗଦେଇ ଭାରତ ଭ୍ରମଣ ଉପରେ ବିଶେଷ ଆଲୋଚନା କରିଥିଲେ। ମଞ୍ଚର ସଙ୍ଗଠନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାଢ଼ୀ ଯୋଗଦେଇ ମଞ୍ଚର ସଙ୍ଗଠନ ଉପରେ ଆଲୋଚନା କରିବା ସହ ବରିଷ୍ଠ ନାଗରିକମାନେ କିପରି ଭାବେ ପରିଚୟପତ୍ର ଓ ସ୍ୱାସ୍ଥ୍ୟକାର୍ଡ ପାଇପାରିବେ ତା' ଉପରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ଗୀତିକାର ବ୍ରହ୍ମାନନ୍ଦ ଦାଶ ଭଜନ ଗାନ କରିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସଦସ୍ୟ ଜୟନ୍ତ କୁମାର ବରାଳ, ପୂର୍ଣ୍ଣଚନ୍ଦ୍ର ଦାଶ, ତପନ ଦାସ, ଆଇନଜୀବୀ ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମଞ୍ଚର ସମ୍ପାଦକ ନିରଞ୍ଜନ ମହାରଣା ବୈଠକକୁ ପରିଚାଳନା କରିଥିବାବେଳେ ପଦ୍ମଲୋଚନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରୋଟାରି କ୍ଲବ ବାଲେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ବନମହୋତ୍ସବ



ବାଲେଶ୍ୱର,୧୨।୭ (ସମିସ): ରୋଟାରି କ୍ଲବ ବାଲେଶ୍ୱର ସେଣ୍ଟ୍ରାଲ ପକ୍ଷରୁ ୭୭ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ସଦର ବ୍ଲକ୍‌ର ଓଲନ୍ଦା ସାର ଗ୍ରାମପଞ୍ଚାୟତର ହିଞ୍ଜଳାଠାରେ ନବନିର୍ମିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ୨୧୦ଟି ଚାରା ରୋପଣ କରାଯାଇଛି। କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ରୋଟାରିଆନ ଗୌରହରୀ ମଲ୍ଲିକ ଓ ସମ୍ପାଦକ ରୋଟାରିଆନ ସୁଦର୍ଶନ ଦାସଙ୍କ ନେତୃତ୍ୱରେ ଆମ୍ବ, ପଣସ, ଲିଚୁ, ଜାମୁକୋଳି ଆଦି ଫଳ ଚାରା ରୋପଣ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ରୋଟାରିଆନ ଗୋକୁଳ କୃଷ୍ଣ ବେହେରାଙ୍କ ସମେତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ ଚାରା ରୋପଣରେ ସହଯୋଗ କରଥିଲେ। ଚାରା ରୋପଣ କାର୍ଯ୍ୟକ୍ରମରେ କ୍ଲବ୍‌ର ପୂର୍ବତନ ପ୍ରେସିଡେଣ୍ଟ ମନୋରଞ୍ଜନ ରାଉତ, ଅବିନାଶ ପାଣିଗ୍ରାହୀ, ନିର୍ମଳ ମୁଖାର୍ଜୀ, ସୁବ୍ରତ କୁମାର ରଥ, ସପନ କୁମାର ବେହେରା, ସିନିତ ମହାନ୍ତି, ନୀଲେଶ ଗାଆଣ, ଲଳିତ ସେନାପତି, ଅମ୍ରିତ ମହାପାତ୍ର ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ।

## ବାଲିଆପାଳ ଲାୟନ୍ସ କ୍ଲବ୍‌ର ବନ ମହୋତ୍ସବ କାର୍ଯ୍ୟକ୍ରମ ଉଦ୍‌ଯାପିତ

କାଳିପଦା,୧୨।୭ (ସମିସ): ବାଲିଆପାଳ ଲାୟନ୍ସ କ୍ଲବ୍ ପକ୍ଷରୁ ଗତ ୨ ତାରିଖ ଠାରୁ ଲଗାତର ଭାବେ ୧୦ ଦିନ ବ୍ୟାପୀ ଚାଲିଥିବା ବନ ମହୋତ୍ସବ କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଯାଇଛି। କ୍ଲବ୍‌ର ୨୦୨୬-୨୭ ବର୍ଷ ପାଇଁ ନୂତନ ସଭାପତି ଲାୟନ ବ୍ୟୋମକେଶ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ବନ ମହୋତ୍ସବ କାର୍ଯ୍ୟକ୍ରମ ଗତ ଜୁଲାଇ ୨ ତାରିଖରେ ବାଲିଆପାଳ ଶ୍ରଦ୍ଧାକ୍ଷେତ୍ର ଜଗନ୍ନାଥ ମନ୍ଦିର ପରିସରରେ ବିଭିନ୍ନ ପ୍ରକାରର ଫୁଲ ଫଳ ଗଛ ଲଗାଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରାଯାଇଥିଲା। ପର୍ଯ୍ୟାୟ କ୍ରମେ ବାଲିଆପାଳ ବ୍ଲକର ବିଭିନ୍ନ ସ୍ଥାନରେ ଏହି ବୃକ୍ଷ ରୂପଣ କାର୍ଯ୍ୟକ୍ରମକୁ ବ୍ୟାପକ କରାଯାଇ ୧୨ ତାରିଖ ରବିବାର ବାଲିଆପାଳ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଭିନ୍ନ ପ୍ରକାର ଗଛ ଲଗାଇ ବନ ମହୋତ୍ସବ କାର୍ଯ୍ୟକ୍ରମକୁ ଉଦ୍‌ଯାପିତ କରାଯାଇଥିଲା। କ୍ଲବ୍‌ର ସମ୍ପାଦକ ଲାୟନ ଗୟାରାମ ଗଙ୍ଗାଇ, ଉପସଭାପତି ଲାୟନ ଡ଼ଃ ସୁଶାନ୍ତ ଦାସ, କୋଷାଧ୍ୟକ୍ଷ ଭୁବନ ମୋହନ ପିଳା, ନୂତନ ଭାବେ ଡିଜି ଟିମକୁ ନିର୍ବାଚିତ ହୋଇଥିବା ରିଜନ ଚେୟାର ପର୍ଶନ (ଆରସି) ଲାୟନ ଅଜୟ କୁମାର ସାହୁ, ଲାୟନ ତରୁଣ କୁମାର ମହାପାତ୍ର, କ୍ଲବର ବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ, ଲାୟନ ନବୀନ କୁମାର ପାତ୍ର, ଲାୟନ ଗୋପାଳ ଚନ୍ଦ୍ର ଜେନା, ଲାୟନ ସଞ୍ଜୟ କୁମାର ଜେନା, ଲାୟନ ଗୋବିନ୍ଦ ପ୍ରସାଦ ଦାସ, ଲାୟନ ଜାମିନିକାନ୍ତ ରାଉତ, ଲାୟନ ସୁନୀଲ କୁମାର ସି, ଲାୟନ ଅମିତ କୁମାର ପଟନାୟକ, ଲାୟନ ଡ଼ଃ ସୁରେଶ ପ୍ରଧାନ, ଲାୟନ ଇଂ ଦାମୋଦର ଗିରି ପ୍ରମୁଖ ପ୍ରତିଦିନ କାର୍ଯ୍ୟକ୍ରମରେ ଯୋଗଦେଇ ଗଛ ଲଗାଇ ବନ ମହୋତ୍ସବ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ। ଲାୟନ୍ସ କ୍ଲବ ପକ୍ଷରୁ ପ୍ରତି ବର୍ଷ ଜୁଲାଇ ପ୍ରଥମ ସପ୍ତାହକୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଭାବରେ ପାଳନ କରି ବୃକ୍ଷ ରୋପଣକୁ ବ୍ୟାପକ କରାଯାଇଥାଏ ବୋଲି ଆରସି ଲାୟନ ଶ୍ରୀ ସାହୁ କହିଥିଲେ। ଏହି ଅବସରରେ କ୍ଲବର ସଦସ୍ୟମାନେ ପ୍ରତିଦିନ ବିଭିନ୍ନ ବିଦ୍ୟାଳୟ, ଘରୋଇ ଅନୁଷ୍ଠାନ, ଛକ, ବଜାର ଓ ହାଟ ମାନଙ୍କରେ ଶତାଧିକ ବୃକ୍ଷ ରୋପଣ କରି ପ୍ରତ୍ୟେକ ବ୍ୟକ୍ତି ଅତି କମରେ ଗୋଟିଏ ଗଛ ଲଗାଇ ତାର ରକ୍ଷଣାବେକ୍ଷଣ କରିବା ଜରୁରୀ ବୋଲି ଜନ ସାଧାରଣଙ୍କୁ ବୁଝାଇ ଥିଲେ।



## ଟାଉନ ହାଇସ୍କୁଲ ଆଲୁମିନିର ଦ୍ୱିତୀୟ ବୈଠକ



ବାଲେଶ୍ୱର,୧୨।୭ (ସମିସ): ଟାଉନ ହାଇସ୍କୁଲ ଆଲମ୍ନିର ଦ୍ୱତୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଲମ୍ନି ସଭାପତି ସୁବ୍ରତ କରଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ଆଲୁମିନିର ବାର୍ଷିକ ଉତ୍ସବ କେଉଁ ଦିନ ହେବ ସେ ବିଷୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସହ କଥା ହୋଇ ପରବର୍ତ୍ତୀ ବୈଠକରେ ଏହାକୁ ଅନୁମୋଦନ କରାଯିବ। ପିଲାମାନଙ୍କ ଭିତରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ଆଲୁମିନି ବାର୍ଷିକ ଉତ୍ସବରେ କରାଯିବ। ଆଲୁମିନି ଦ୍ୱାରା ବିଦ୍ୟାଳୟ ପରିସରରେ ଏକ ହେଲ୍‌ଥ କ୍ୟାମ୍ପ କରାଯିବା ପାଇଁ ସ୍ଥିର ହେଲା। ନୂତନ ସଦସ୍ୟ ଭାବେ ସତ୍ୟ ସୁନ୍ଦର ମହାପାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ଶେଷରେ ଆଲୁମିନି ସମ୍ପାଦକ ଶାନ୍ତିସ୍ୱରୂପ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଟ୍ରକ୍‌କୁ ପଛରେ ପିଟିହେଲା ବସ୍; ୨ ଗୁରୁତର

ରାଜଘାଟ,୧୨।୭ (ସମିସ): ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଗୁଡ଼ିଖାଳ ଛକରେ ଆଜି ସକାଳେ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣ ଗୁରୁତର ହୋଇଛନ୍ତି। ବାଲେଶ୍ୱର ପଟୁ ପଶ୍ଚିମବଙ୍ଗ ଅଭିମୁଖେ ଯାଉଥିବା ବେଳେ ଏକ ଟ୍ରକ୍ ପଛରେ ବସ୍‌ଟି ଟ୍ରକ୍ ପଛାରେ ପିଟି ହେବାରୁ ବସ୍‌ର ଚାଳକ ଓ ହେଲପର୍ ଗୁରୁତର ହୋଇଛନ୍ତି। ବସ୍‌ରେ ଅନ୍ୟ କୌଣସି ଯାତ୍ରୀ ନଥିଲେ। ଘଟଣାସ୍ଥଳରେ ଜାତୀୟ ରାଜପଥ ପାଟ୍ରୋଲିଂ ପୁଲିସ ପହଞ୍ଚି ଡ୍ରାଇଭର ଏବଂ ହେଲପରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍‌ପିଟାଲରେ ଭର୍ତ୍ତି କରିଛି। ଖବର ପାଇ ବସ୍ତା ପୁଲିସ ପହଞ୍ଚି ଗାଡ଼ି ଜବତ କରି ଅଧିକ ତଦନ୍ତ ଜାରି ରଖିଛି।

## ଶିକ୍ଷାବିତ୍ ନାରାୟଣ ଦାସଙ୍କ ପରଲୋକ

ବାଲେଶ୍ୱର,୧୨।୭ (ସମିସ): ରେମୁଣାର ଜଣେ ଗଣିତ ବିଶାରଦ ଭାବେ ପରିଚିତ ଶିକ୍ଷାବିତ ନାରାୟଣ ଦାସଙ୍କର ୮୭ ବର୍ଷ ବୟସରେ ମାଧୁପୁର ଗ୍ରାମସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ଦେହାନ୍ତ ଖବର ପାଇ ରେମୁଣା ତଥା ଜିଲ୍ଲାର ବିଭିନ୍ନ ପ୍ରାନ୍ତରରୁ ବହୁ ଶିକ୍ଷାବିତ, ସମାଜସେବୀ, ସାହିତ୍ୟିକ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ଡ. ଭାଗବତ ଦାସ, ପ୍ରଧାପକ ପ୍ରଶାନ୍ତ ବରାଳ, ଜଳଧର ଦାସ, ନିରଞ୍ଜନ ମହାରଣା, ରେମୁଣା ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଯୋଗଦେଇ ତାଙ୍କର ଶେଷଦର୍ଶନ କରିଥିଲେ। ପରେ ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ପରିବାର ଲୋକେ ସମସ୍ତେ ଉପସ୍ଥିତ ଥିଲେ।



## ବିଦ୍ୟୁତ୍ ସର୍ଟସର୍କିଟ୍‌ରୁ ଜଳିଗଲା ଘର

ଜଳେଶ୍ୱର ବ୍ଲକ୍,୧୨।୭ (ସମିସ): ଜଳେଶ୍ୱର ବ୍ଲକ୍ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ବିରିସପୁର ଗ୍ରାମର ହାଡ଼ିଆ ସିଂଙ୍କ ପୁତ୍ର ସୁକୁରା ସିଂ ଏବଂ ତାଙ୍କ ପରିବାର ୫ଜଣ କୁଟୁମ୍ବ ଗତ ରାତିରେ ଶୋଇଥିବା ସମୟରେ ରାତି ପ୍ରାୟ ସାଢ଼େ ଗୋଟାଏରେ ତାଙ୍କ ଚାଳ ଛପର ଘରେ ନିଆଁ ଲାଗି ଜଳିଯାଇଛି। ଘର ଭିତରେ ଥିବା ବର୍ଷକ ଯାକର ଧାନ, ଚାଉଳ ଆଦି ଖାଦ୍ୟ ପଦାର୍ଥ ସହ ଅନ୍ୟାନ୍ୟ ଆସବାବପତ୍ର ଓ ଟଙ୍କା ପଇସା ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଏ ନେଇ ଗ୍ରାମ ପଞ୍ଚାୟତ ଯୁବ ସମାଜସେବୀ ସିଜିବ ପ୍ରଧାନ (ଘଣ୍ଟିଆ) ଅସହାୟ ପରିବାର ନିକଟରେ ପହଞ୍ଚି ତାଙ୍କୁ ସମବେଦନା ଜଣାଇବା ସହିତ ତାଙ୍କୁ କିପରି ସମସ୍ତ ସରକାରୀ ସହାୟତା ଖୁବ୍‌ଶୀଘ୍ର ମିଳିବ ସେ ନେଇ ଦାବି କରିଛନ୍ତି।



# ସେଲଟ୍ୟାକ୍ସ ଅଧିକାରୀ ପରିଚୟ ଦେଇ ଚାନ୍ଦା ଆଦାୟ; ଚାଳକଙ୍କୁ ଆକ୍ରମଣ

ଜଳେଶ୍ୱର,୧୨।୭ (ସମିସ)

ଜଳେଶ୍ୱର ନିକଟ ୧୬ନଂ ଜାତୀୟ ରାଜପଥର ଲକ୍ଷ୍ମଣନାଥ ଟୋଲଗେଟ୍‌ରେ ଚାନ୍ଦା ଆଦାୟ କିଛି ଯୁବକ ଏକ ଆବର୍ଜନା ବୋଝେଇ ଗାଡ଼ିର ଚାଳକଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେଲ୍‌ଟ୍ୟାକ୍ସ ଅଧିକାରୀ ପରିଚୟ ଦେଇ ଏମାନେ ଅର୍ଥ ଆଦାୟ କରୁଥିଲେ। ୧୧ତାରିଖ ବିଳମ୍ବିତ ରାତ୍ରିରେ ଆବର୍ଜନା ଜରି ଭର୍ତ୍ତି ଗାଡ଼ି ଡବ୍ଲ୍ୟୁବି-୪୩-୨୯୯୪କୁ ଅଟକାଇ ଚାଳକଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ମାତ୍ର ଟଙ୍କା ନ ପାଇ ଗାଡ଼ିର ଚାଳକଙ୍କୁ ମାରପିଟ କରି ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଏଥିସହ ଗାଡିରେ ଥିବା ନଗଦ ଅର୍ଥ ୪୫୦୦ଟଙ୍କା ଲୁଟି ନେଇଥିଲେ। ଗାଡ଼ିଟି ଭଦ୍ରକରୁ ପଶ୍ଚିମବଙ୍ଗର ମେଦିନିପୁର ଅଭିମୁଖେ ଯାଉଥିଲା। ଘଟଣା ପରେ ଜଳେଶ୍ୱର ଡ୍ରାଇଭର ସଂଘ ତରଫରୁ ଖବର ପାଇ ଆହତ ଡ୍ରାଇଭରକୁ ଉଦ୍ଧାର କରି ଜଳେଶ୍ୱର ଜି.କେ. ଭଟ୍ଟର ହସପିଟାଲରେ ଭର୍ତ୍ତି କରିଥିଲେ। ଆହତ ଡ୍ରାଇଭର ବିହାର ରାଜ୍ୟ ଜାମୋଇ ଜିଲ୍ଲା ଚେନାରଦୀପ ଥାନା ଅନ୍ତର୍ଗତ ନବିନଗର ଅଞ୍ଚଳର ମହମ୍ମଦ ସରାରଙ୍କ ପୁଅ ମହମ୍ମଦ ସଲିମ (୨୮) ବୋଲି ଜଣାପଡ଼ିଛି। ତେବେ ଜଳେଶ୍ୱର ନିକଟ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଏହି ଚାନ୍ଦା ଆଦାୟ ଏକ ନିତିଦିନିଆ ଘଟଣା ହୋଇଛି। ପୂର୍ବରୁ ବହୁବାର ଏହି ଚାନ୍ଦା ଉଠାଉଥିବା ବ୍ୟକ୍ତିମାନଙ୍କୁ ବିଭିନ୍ନ କେସ୍‌ରେ ପୁଲିସ ଉଠାଇ ଆଣିବା ଓ ଜେଲ ପଠାଇବା ପରେ ମଧ ଏହି ଘଟଣାର ପୁନରାବୃତ୍ତି ହେଉଥିବା ଦେଖିବାକୁ ମିଳୁଛି। ଏହି ଚାନ୍ଦା ଆଦାୟ ରାକେଟ ପ୍ରଚ୍ଛଦପଟରେ ବହୁ ନାମୀଦାମୀ ନେତା, ପୁଲିସ କର୍ମଚାରୀ ଓ ବିଭିନ୍ନ ଦଲାଲଙ୍କର ହାତ ରହିଥିବାରୁ ଚାନ୍ଦା ଆଦାୟକାରୀମାନେ ବହୁବାର ପୁଲିସ ହାତରେ ଧରାପଡ଼ି ଜେଲ ଯିବା ପରେ ମଧ ଯଥା ପୂର୍ବ ତଥା ପର ଅବସ୍ଥା ଦେଖିବାକୁ ମିଳୁଛି। ଏଭଳି କାର୍ଯ୍ୟ ପ୍ରତି ପୁଲିସ ପକ୍ଷରୁ କଡ଼ା ପଦକ୍ଷେପ ନିଆଯାଉନଥିବାରୁ ବାରମ୍ବାର ଏଭଳି ଘଟଣା ଘଟୁଥିବା ଅଭିଯୋଗ ହେଉଛି। ତେଣୁ ଉଚ୍ଚ କର୍ତ୍ତୃପକ୍ଷ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି।



# ହାଡ଼ଭଙ୍ଗା ରୋଗୀଙ୍କୁ ମନା ଭଦ୍ରକ ଜିଲ୍ଲା ଡାକ୍ତରଖାନା

ଭଦ୍ରକ,୧୨।୭ (ଉମାକଲ୍ୟାଣ ମହାପାତ୍ର)



■ ୪ ଅସ୍ଥିଶଲ୍ୟ ଓ ୫ ନିଶ୍ଚେତକ ବିଶେଷଜ୍ଞ ସତ୍ତ୍ୱେ ଅପରେସେନ୍ ନାହିଁ

■ ଘରୋଇ ହସ୍ପିଟାଲରେ ଚାଲିଛି ଶହଶହ ଅପରେସନ୍

ଅସ୍ଥିଶଲ୍ୟ (ହାଡ଼ଭଙ୍ଗା) ରୋଗୀଙ୍କୁ ମନା ଭଦ୍ରକ ଜିଲ୍ଲା ଡାକ୍ତରଖାନା। ଏକଥା ଆଦୌ ମିଛ ନୁହେଁ। ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରାୟ ବର୍ଷକ ତଳେ ଅର୍ଥାତ୍ ଗତ ବର୍ଷ ଅଗଷ୍ଟ ମାସରୁ ଗେଲପୁର ପଞ୍ଚାୟତ ସାମରାଇପୁରକୁ ସ୍ଥାନାନ୍ତର ହୋଇଥିଲା। ଆଉ ଏହି ୧ ବର୍ଷ ମଧ୍ୟରେ ଅତ୍ୟାଧୁନିକ ଓଟି (ଅପରେସନ ଥିଏଟର)ରେ ଜଣେ କି ଦୁଇଜଣ ନୁହେଁ ଚାରି ଚାରି ଜଣ ଅସ୍ଥିଶଲ୍ୟ ବିଶେଷଜ୍ଞ ଦୀର୍ଘ ବର୍ଷ ହେବ ଅବସ୍ଥାପିତ ଅଛନ୍ତି। ଏହାସହ ୪/୫ ଜଣ ନିଶ୍ଚେତକ(ଆନାସ୍ଥେସିଆ) ବିଶେଷଜ୍ଞ ଡାକ୍ତର ନିଯୁକ୍ତି ପାଇଥିବାବେଳେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅର୍ଥୋପେଡିକ୍ ଅପରେସନ୍ ନ ହେବାର ଉକ୍ତ କଥାକୁ ସ୍ୱତଃ ପ୍ରମାଣିତ କରିଛି।

ସୂଚନାଯୋଗ୍ୟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଦୈନିକ ୧୭ଶହ ପାଖାପାଖି ରୋଗୀ ବହିଃବିଭାଗ(ଓପିଡି)କୁ ଚିକିତ୍ସା ପାଇଁ ଆସୁଛନ୍ତି। ଏଥିରୁ ଦୈନିକ ୨୫୦ରୁ ଅଧିକ ଅସ୍ଥିଶଲ୍ୟ ବା ହାଡ଼ଭଙ୍ଗା ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି। ତେବେ ଉକ୍ତ ରୋଗୀଙ୍କ ମଧ୍ୟରୁ ଗୁରୁତର ଭାବେ ଆହତ ରୋଗୀଙ୍କୁ ଅପରେସନ ଆବଶ୍ୟକ ପଡ଼େ। ତେବେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ଷେ ହେବ ଅସ୍ଥିଶଲ୍ୟ ରୋଗୀଙ୍କ ଅପରେସନ ହେଉ ନ ଥିଲା। ବିଶେଷଜ୍ଞ ଡାକ୍ତରମାନେ ଧର୍ମକୁ ଆଖିଠାର ଭଳି କେବଳ ଆଉଟ୍‌ଡୋର୍ ସେବାକୁ ଗୁରୁତ୍ୱ ଦେବା ସହ ଓଟିରେ ପୋଷ୍ଟ ଅପରେସନ୍ ବା ଅପରେସନ ପରବର୍ତ୍ତୀ (ନର୍ସିଂହୋମ୍ ଅପରେସନ ପରବର୍ତ୍ତୀ ଚିକିତ୍ସା) ଚିକିତ୍ସା କରୁଥିବାବେଳେ କାଁ ଭାଁ ଛୋଟକାଟିଆ ମାଇନର ସର୍ଜରୀ ଯଥା-ଇମ୍ପ୍ଲାଣ୍ଟ ରିମୁଭାଲ, ରିଲୋକେସନ, ନିରେସ୍‌ପିରେସନ, ଆମ୍ପୁଲେସନ ଓ ବୁଟ୍ ଆଣ୍ଡ ବାର୍ ଆଦ କରି ଆସୁଥିଲେ। ଏଗୁଡ଼ିକ ମେଡିକାଲ ସାଇନ୍ସରେ ମାଇନର ସର୍ଜରୀ ପଦବାଚ୍ୟ। ତେବେ ବିଭିନ୍ନ ହାଡ଼ଭଙ୍ଗାର ମେଜର ଅପରେସନ୍ ଆଦୌ ହେଉ ନ ଥିଲା। ଅନ୍ୟପକ୍ଷରେ ବିଶେଷଜ୍ଞଙ୍କ ପରାମର୍ଶକ୍ରମେ ରୋଗୀମାନଙ୍କୁ ଘରୋଇ ନର୍ସିଂହୋମ୍‌ରେ ଅପରେସନ୍ କରିବାକୁ ବାଧ କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓଟି ବା ଅପରେସନ୍ ଥିଏଟରରେ ୨୦୨୫ରୁ ଜାନୁଆରୀ ୨୦୨୬ ମଧ୍ୟରେ ୧୬୪ଜଣ ରୋଗୀଙ୍କ ଏହି ଧରଣର ଚିକିତ୍ସା ହୋଇଥିବା ସୂଚନା ହସ୍ତଗତ ହୋଇଥିଲା।

ଅନ୍ୟପକ୍ଷରେ ମିଳିଥିବା ତଥ୍ୟାନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବହୁ ତାଗିଦ୍ ପରେ ଗତ ଜୁନ୍ ମାସରୁ ଅଦ୍ୟାବଧି ମାତ୍ର ୧୧ ଜଣଙ୍କ ଅସ୍ଥିଶଲ୍ୟ ବିଭାଗରେ ଅପରେସନ ହୋଇଛି। ଏଥିରୁ ମେଜର ଅପରେସନ ୭ ଓ ମାଇନର ୪ ବୋଲି ଜଣାଯାଇଛି। ତେବେ ଏହି ଅପରେସନ ସଂଖ୍ୟାକୁ ଲକ୍ଷ୍ୟ କଲେ ଏହା ଜିଲ୍ଲା ଡାକ୍ତରଖାନାରେ ହାଡ଼ଭଙ୍ଗ ଅପରେସନ ନ ହେବାର ଅପବାଦରୁ ରକ୍ଷା ଲାଗି କରାଯାଉଥିବା ବୁଦ୍ଧିଜୀବୀ ମହଲ ମତବ୍ୟକ୍ତ କରିଛି। ଭଦ୍ରକ ଜିଲ୍ଲା ଡାକ୍ତରଖାନାରେ ଏବେ ୪ଜଣ ହାଡ଼ଭଙ୍ଗା ବା ଅସ୍ଥିଶଲ୍ୟ(ଅର୍ଥୋପେଡିକ୍) ବିଶେଷଜ୍ଞ କାର୍ଯ୍ୟ କରୁଥିବାବେଳେ ୫ଜଣ ନିଶ୍ଚେତକ(ଆନାସ୍ଥେସିଆ) ବିଶେଷଜ୍ଞ କାର୍ଯ୍ୟ କରି ସରକାରଙ୍କଠାରୁ ମାସିକ ଲକ୍ଷ ଲକ୍ଷ ଟଙ୍କା ଦରମା ବାବଦକୁ ନେଉଛନ୍ତି। ପୁଣି ଡାକ୍ତରଖାନାରେ ଏକ ମୂଲ୍ୟବାନ ସିଆର୍‌ଏମ୍ ମେସିନ ଦୀର୍ଘଦିନରୁ ରହିଛି। ଏପରିସ୍ଥଳେ ମାତ୍ର ଅଙ୍ଗୁଳି ଗଣତି ଅର୍ଥୋପେଡିକ୍ ଅପରେସନ ହେବା ଏହା ପୁଣି ଦୀର୍ଘମାସ ପରେ ନିଶ୍ଚିତ ଦୁର୍ଭାଗ୍ୟଜନକ ବୋଲି ବରିଷ୍ଠ ନାଗରିକମାନେ ମତବ୍ୟକ୍ତ କରିଛନ୍ତି। ଆଉ ଏକ କଥା ହେଲା, ୪ ଜଣ ବିଶେଷଜ୍ଞ ଥିବା ସତ୍ତ୍ୱେ ମାତ୍ର ୨ଜଣ ଅପରେସନ୍ ଦାୟିତ୍ୱରେ କାହିଁକି ରହିଛନ୍ତି, ଏହା ମଧ୍ୟ ବୁଝାପଡୁନି। ଏପରିସ୍ଥଳେ ଏଠାରେ ଦିନକୁ ଦିନ ବଢ଼ି ଚାଲିଥିବା ଘରୋଇ ନର୍ସିଂହୋମ୍‌ରେ ଶହଶହ ଅସ୍ଥିଶଲ୍ୟ ଅପରେସନ କରାଯାଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଇନ୍ ପ୍ଲାଣ୍ଟ ଅସ୍ଥିଶଲ୍ୟ ଅପରେସନରେ ବ୍ୟବହୃତ ଯନ୍ତ୍ରାଂଶ ଥିବା ସହ ଭିତ୍ତିଭୂମି ରହିଛି ଓ ୪ଜଣ ଅର୍ଥୋପେଡିକ୍ ବିଶେଷଜ୍ଞ ଥିବାବେଳେ ରୋଗୀଙ୍କ ହାଡ଼ଭଙ୍ଗା ଅପରେସନ୍ ନ ହେବା ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ପ୍ରମୋଦ ପ୍ରହରାଜଙ୍କୁ ପଚାରିବାରୁ ସେ ଆଗକୁ ଅର୍ଥୋପେଡିକ ଅପରେସନ କରାଯିବ ବୋଲି କହିଛନ୍ତି। ଅପରପକ୍ଷରେ ରୋଗୀଙ୍କୁ ସରକାରୀ ଡାକ୍ତରଖାନାରେ ଅପରେସନ ନ କରି ଘରୋଇ ନର୍ସିଂହୋମ୍‌ରେ କରାଯିବାକୁ ନେଇ ବହୁ ବୁଦ୍ଧିଜୀବୀ ଓ ସେଚ୍ଛାସେବୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

## ବେଆଇନ କବାଡ଼ିଆ ଦୋକାନରେ ଚଢ଼ଉ

# ଚୋରା ସାମଗ୍ରୀ, ଟ୍ରକ୍ ଜବତ; ଦୋକାନୀ ଗିରଫ



ଧାମନଗର,୧୨।୭ (ସମିସ): ଧାମନଗର ଏନ୍‌ଏସି ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଉଥିବା ଚୋରି ଘଟଣାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଥିବାବେଳେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଅଞ୍ଚଳରେ ଚାଲିଥିବା ୪୦ରୁ ଊର୍ଦ୍ଧ୍ୱ ବେଆଇନ କବାଡ଼ିଆ ଦୋକାନ ଯୋଗୁଁ ଚୋରି ବଢୁଥିବା ଓ ଚୋରା ଗାଡ଼ି କାଟି ବିକ୍ରି କରାଯାଉଥିବା ନେଇ ଦୀର୍ଘ ଦିନ ହେବ ଅଭିଯୋଗ ହୋଇଆସୁଥିଲା। ଏପରିକି ଧାମନଗର ଥାନାର କିଛି ଅସାଧୁ କର୍ମଚାରୀଙ୍କ ସହ ମିଶି ଏହି ଦୋକାନୀମାନେ ନିର୍ଭୟରେ ନିଜର ଚୋରା କାରବାର ଚଳାଇଥିବା ଚର୍ଚ୍ଚା ହେଉଛି। ଏହି ସମ୍ବେଦନଶୀଳ ଘଟଣା ଥାନାଧିକାରୀ ଶୁଭ୍ରଜିତ ଦାଶଙ୍କ ନଜରକୁ ଆସିବା ପରେ ସେ ଅତ୍ୟନ୍ତ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ସୂଚନା ମୁତାବକ, ଧାମନଗର ରାସ୍ତାକଡ଼ ହବିବିନଗର ମୋହି ଛକଠାରେ ଥିବା ମୀର୍ ଅକ୍ତର ଅଲ୍ଲୀ ନାମକ ଜଣେ ବ୍ୟକ୍ତି ଦୀର୍ଘ ଦିନ ହେବ ବେଆଇନ କବାଡ଼ି ଦୋକାନ ଚଳାଇ ଆସୁଥିଲେ। ଶନିବାର ସେ ଏକ ଟ୍ରକ୍ (ନମ୍ବର ଓଆର୍-୧୧କେ-୬୦୩୬)ରେ ଚୋରା ସାମଗ୍ରୀ ଲୋଡ୍ କରୁଥିବାବେଳେ ଥାନାଧିକାରୀ ଶ୍ରୀ ଦାଶ ବିଶେଷ ସୂତ୍ରରୁ ଖବର ପାଇ ଉକ୍ତ ଦୋକାନୀ ଉପରେ ଚଢ଼ଉ କରିଥିଲେ। ପୁଲିସ ତୁରନ୍ତ ଟ୍ରକ୍‌ଟିକୁ ଜବତ କରିବା ସହ ଦୋକାନୀ ମୀର୍ ଅକ୍ତର ଅଲ୍ଲୀଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ଧାମନଗର ଅଞ୍ଚଳରେ ୪୦ରୁ ଅଧିକ ବେଆଇନ କବାଡ଼ିଆ ଦୋକାନ ଚୋରଙ୍କ ପାଇଁ ଏକ ସୁରକ୍ଷିତ ଆଡ୍ଡାସ୍ଥଳୀ ପାଲଟିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ବରିଷ୍ଠ ନାଗରିକଙ୍କ ପାଇଁ ବିନୋଦନ କେନ୍ଦ୍ରର ଭୂମିପୂଜନ

ଭଦ୍ରକ,୧୨।୭ (ସମିସ)

ଭଦ୍ରକ ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ଦ୍ୱାରା ଆୟୋଜିତ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ବରିଷ୍ଠ



ନାଗରିକମାନଙ୍କ ପାଇଁ ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବାଗୁରାଇଠାରେ ବରିଷ୍ଠ ବିନୋଦନ କେନ୍ଦ୍ର ମହାନଦୀ କୋଲ୍ ଫିଲ୍ଡ ଲିମିଟେଡ୍ ଆର୍ଥିକ ସହାୟତାରେ ଏକ ନବନିର୍ମିତ ବିନୋଦନ କେନ୍ଦ୍ରର ଭୂମିପୂଜନ କାର୍ଯ୍ୟକ୍ରମ ଓ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବରିଷ୍ଠ ନାଗରିକ ମହାସଂଘ ସଭାପତି ଲଲାଟେନ୍ଦୁ ମହାନ୍ତି ଓ ସାଧାରଣ ସମ୍ପାଦକ କୈଳାଶ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଉପସ୍ଥିତ ଅତିଥି ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀଙ୍କ ଦ୍ୱାରା ସଭା ଓ ଭୂମିପୂଜନ କରାଯାଇଥିଲା। ଉକ୍ତ ବିନୋଦନ କେନ୍ଦ୍ର ନିର୍ମାଣ ପାଇଁ ଆବଶ୍ୟକୀୟ ଡିପିଆର୍ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ସାଧାରଣ ପରିଚାଳକ ଏମ୍‌ସିଏଲ୍ ବୁର୍ଲ୍ଲାଙ୍କୁ ୧୬.୪.୨୦୨୬ରେ ଚିଠି ଦ୍ୱାରା ଅବଗତ କରାଯାଇଛି ବୋଲି ସଭାରେ ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ୨୦୨୭ରେ ବରିଷ୍ଠମାନଙ୍କ ଉଦ୍ଦେଶ୍ୟରେ ଏହା ସମ୍ପୂର୍ଣ୍ଣ କରିବାକୁ ସମସ୍ତ ଚେଷ୍ଟା ଜାରି ରଖିବେ ବୋଲି ସାଂସଦ ଶ୍ରୀ ସେଠୀ କହିଛନ୍ତି। ବୟୋଜ୍ୟେଷ୍ଠମାନଙ୍କ ପାଇଁ ସରକାର ଏ ପ୍ରକଳ୍ପଟି ଖୁବ୍‌ଶୀଘ୍ର ନିର୍ମାଣ କରି ଉତ୍ସର୍ଗ କରିବେ ବୋଲି ବିଧାୟକ ଶ୍ରୀ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଶେଷରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସମସ୍ତ ବରିଷ୍ଠଙ୍କ ସମେତ ମଞ୍ଚାସୀନ ଅତିଥି ବୃନ୍ଦଙ୍କୁ ଧନ୍ୟବାଦ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭାଗୀୟ ବରିଷ୍ଠ କିରାଣି ବିଦୂଶଙ୍କର ନାୟକ, ମହାସଂଘ କାର୍ଯ୍ୟକାରୀ ସଭାପତି ପଦ୍ମନ କୁମାର ରାୟ, ଉପସଭାପତି ସଚିକାନ୍ତ ପଣ୍ଡା, ସହସମ୍ପାଦକ ବିଭୂତିଭୂଷଣ ସେନାପତି, ବିଜୟ ସେନାପତି, ବିଚିତ୍ରାନନ୍ଦ ମହାନ୍ତି, ରାଧାରାଣୀ ମହାପାତ୍ର, ଡା. ଭଗବାନ ପରିଡ଼ା, ଭାଗବତ ତ୍ରିପାଠୀ, ଦିଲ୍ଲୀପ ନାୟକ, ଲକ୍ଷ୍ମଣ ନାୟକ, ସୁଧାକର ରାଉତ, ଅଖିଳ ପାଢ଼ୀ, ଶାନ୍ତନୁ ରାଉତ, ରାମଚନ୍ଦ୍ର କର, ଜିଲ୍ଲାସ୍ତରରୁ ଅତୁଲ ପରିଡ଼ା, ଗୋପନାରାୟଣ ଦାସ, ମହେଶ୍ୱର ବେହେରା, ଭାସ୍କର ଚନ୍ଦ୍ର ପାଢ଼ୀ, ଭାଗିରଥି ବେହେରା, ଲକ୍ଷ୍ମୀଧର ସାହୁ, ପୀତାମ୍ବର ରାଉତ, ମଦନ ମହାକୁଡ଼ ପ୍ରମୁଖ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ସର୍ପ ଦଂଶନରେ ଯୁବକଙ୍କ ମୃତ୍ୟୁ

ବାରିକପୁର,୧୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ରହଣିଆ ପଞ୍ଚାୟତ ରାଣୀଗଡ଼ିଆ ଗ୍ରାମର ପ୍ରଭାତ ରାଉତଙ୍କର ସର୍ପ ଦଂଶନରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ସମ୍ବଲପୁର ବେଲପାହାଡ଼ରେ ସେ ସପରିବାର ରହୁଥିବାବେଳେ



ଗତ ଶନିବାର ସର୍ପ ଦଂଶନର ଶିକାର ହୋଇଥିଲେ। ତାଙ୍କୁ ତୁରନ୍ତ ବୁର୍ଲା ମେଡିକାଲ ନିଆଯାଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳୁ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଗାଁରେ ପାର୍ଥିବ ଶରୀର ପହଞ୍ଚିବା ପରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ଜଣେ ମେଳାପୀ ଯୁବକ ଭାବେ ବେଶ୍ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

## ବିଜେଡିର ବିଶାଳ ବାଇକ୍ ଶୋଭାଯାତ୍ରା

# ପଞ୍ଚାୟତ ନିର୍ବାଚନ ପୂର୍ବରୁ କର୍ମୀଙ୍କ ଭିତରେ ଉତ୍ସାହ

ବାସୁଦେବପୁର,୧୨।୭ (ସମିସ)



ଜିଲ୍ଲା ବିଜେଡିର ନୂତନ ଉପସଭାପତି ନିଯୁକ୍ତି ପରେ ସମ୍ବର୍ଦ୍ଧନା ନାମରେ ବାସୁଦେବପୁରରୁ କରଞ୍ଜଆଡ଼ିଆ ପର୍ଯ୍ୟନ୍ତ ରାସ୍ତାରେ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ନିର୍ବାଚନ ପୂର୍ବରୁ ବିଜେଡିର ଶକ୍ତି ପ୍ରଦର୍ଶନ କରି କର୍ମୀମାନଙ୍କ ମଧ୍ୟରେ ଉତ୍ସାହ ଭରି ଦେଇଛନ୍ତି। ବାସୁଦେବପୁରର ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବିଜେଡି କାର୍ଯ୍ୟାଳୟରେ ପହଞ୍ଚିବା ପରେ କରଞ୍ଜଆଡ଼ିଆ ପଞ୍ଚାୟତର ବହୁ କର୍ମୀ ଓ ନବନିଯୁକ୍ତ ଜିଲ୍ଲା ଉପସଭାପତି ରତିକାନ୍ତ ପ୍ରଧାନ ପୁଷ୍ପଗୁଚ୍ଛ ପ୍ରଦାନ କରି କୃତଜ୍ଞତା ଜ୍ଞାପନ କରିଥିଲେ।


ବାସୁଦେବପୁରରୁ ଏକ ବିଶାଳ ବାଇକ୍ ରାଲି ବାହାରି କରଞ୍ଜଆଡ଼ିଆରେ ପହଞ୍ଚିଥିଲେ। ଆୟୋଜିତ ସଭାରେ ପୂର୍ବତନ ବିଧାୟକ ଶ୍ରୀ ରାଉତରାୟ କହିଥିଲେ, ସଂଗଠନକୁ ଆଗକୁ ନେବାକୁ ହେଲେ କ୍ଷମତା ଓ ଅର୍ଥ ଲୋଭି ନେତାଙ୍କର ଆବଶ୍ୟକତା ନାହିଁ। ଆପଣମାନଙ୍କ ପରି ଲଢୁଆ କର୍ମୀ ବିଜେଡିକୁ ଆଗାମୀ ଦିନରେ ସୁସଂଗଠିତ କରି ଦଳକୁ ଆଗକୁ ନେଇ ଲୋକମାନଙ୍କ ସୁଖଦୁଃଖର ସାଥି ହୋଇ ସମସ୍ୟାର ସମାଧାନ କରିପାରିବେ। ବିଜେଡି ବ୍ଲକ୍ ସଭାପତି ଦୀନବନ୍ଧୁ ଦାସ, ପୌରପାଳିକାର ଉପାଧ୍ୟକ୍ଷ ଉତ୍ତମ ବାରିକ, ନବନିଯୁକ୍ତ ଜିଲ୍ଲାର ଉପସଭାପତି ରତିକାନ୍ତ ପ୍ରଧାନ, ପ୍ରଫୁଲ୍ଲ ପଳିତା, କାଳନ୍ଦୀ ଚରଣ ସାହୁ, ଜଗବନ୍ଧୁ ଖିଲାର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ଯୁବ ବିଜେଡି ସଭାପତି ଦେବଦର୍ଶନ ଦାଶ ଆୟୋଜିତ ସଭାର ସଂଯୋଜନା କରିଥିଲେ। କୁନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କୃଷ୍ଣଚନ୍ଦ୍ର ଘଡେଇ, ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ।

# ଏନ୍‌ଏଚ୍ ୨୦କୁ ମଠଡିହ ଦେଇ ନେବା ପାଇଁ ଦାବି ଜୋର୍ ଧରିଲା

ଆରଡ଼ି,୧୨।୭ (ସମିସ): ଜାତୀୟ ରାଜପଥ ୨୦କୁ ଚାନ୍ଦବାଲି ବ୍ଲକ୍ ଆରଡ଼ି ନିକଟସ୍ଥ ମଠଡିହ ଦେଇ ସଂଯୋଗ କରିବା ଦାବି ଜୋର୍ ଧରିଛି। ଗୁରୁବାର ସ୍ଥାନୀୟ ଜନସାଧାରଣ, ବୁଦ୍ଧିଜୀବୀ, ବ୍ୟବସାୟୀ ଓ ବିଭିନ୍ନ ସଂଗଠନର ପ୍ରତିନିଧିମାନେ ଏହି ଦାବି ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ, ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଦାବିପତ୍ର ଡାକ ଯୋଗେ ପଠାଇଛନ୍ତି। ସେମାନଙ୍କ କହିବା ଅନୁଯାୟୀ, କୁଆଖିଆରୁ ରାଜନଗର ଯାଏ ଏହି ରାସ୍ତା ନିର୍ମାଣ ହୋଇଥିଲା। କୟାଁଗୋଲାରୁ ମଠଡିହ ଦେଇ ଆଖଣ୍ଡଳମଣି ପୀଠ ଆରଡ଼ି, ସେଠାରୁ ଚାନ୍ଦବାଲି ଦେଇ ରାଜନଗର ଯାଏ ଏହା କାର୍ଯ୍ୟକାରୀ ହୋଇଥିଲା। ପ୍ରାୟ ୨ ବର୍ଷ ହେବ କୁଆଖିଆଠାରୁ ଏହି ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏହି ରାସ୍ତାର କୟାଁଗୋଲାଠାରୁ ବୋଡକ ଗାଁ ପଛ ଦେଇ ବିଲ ମଧ୍ୟରେ ଏହା ନିର୍ମିତ ହୋଇ ଆରଡ଼ି ପୂର୍ବରୁ ପୁନଶ୍ଚ ପୁରୁଣା ରାସ୍ତାକୁ ସଂଯୋଗ କରାଯିବାର ପ୍ରସ୍ତାବକୁ ବିଭାଗୀୟ ମଞ୍ଜୁର ଦେଇ ସେହି ବାଟେ ରାସ୍ତା ମରାମତି କରିବାର ଖସଡ଼ା ପ୍ରସ୍ତୁତ କରିଛି। ଏହି ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଲୋକମାନଙ୍କଠାରୁ ଜମିଗ୍ରହଣ କରାଯିବା ସହିତ ନୂଆ କରି ରାସ୍ତା ନିର୍ମାଣ କରାଯିବ, ଯାହାକି ସରକାରଙ୍କ ପକ୍ଷରୁ ବହୁ ଅର୍ଥ ଖର୍ଚ୍ଚ ହେବ। ମଠଡିହ ଦେଇ ରାସ୍ତା ଗଲେ କେବଳ ରାସ୍ତା ସମ୍ପ୍ରସାରଣ କରାଯିବ। ଏଥିରେ ଅଧିକ ଖର୍ଚ୍ଚର ପ୍ରଶ୍ନ ଉଠୁନି। ସରକାର ଓ ସମ୍ପୃକ୍ତ ବିଭାଗ ଏହି ଦାବିକୁ ବିଚାର କରି ରାସ୍ତାର ଚୂଡ଼ାନ୍ତ ଆଲାଇନ୍‌ମେଣ୍ଟରେ ମଠଡିହକୁ ପୁନଃ ସାମିଲ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ବିଧାୟକଙ୍କ ବାସଭବନରେ ବିଜେଡିର ସାଂଗଠନିକ ବୈଠକ



ଭଦ୍ରକ,୧୨।୭ (ସମିସ): ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକଙ୍କ ଭଦ୍ରକ ଅପର୍ତ୍ତିବିନ୍ଧାସ୍ଥିତ ବାସଭବନରେ ରବିବାର ବିଜେଡିର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀ ଅଧୀନ ବନ୍ତ ବ୍ଲକ୍ ଅନ୍ତର୍ଗତ ଆଗରପଡ଼ାସ୍ଥିତ ଗୋପୀନାଥପୁର ଗ୍ରାମ ପଞ୍ଚାୟତର ତୃଣମୂଳସ୍ତରର କର୍ମକର୍ତ୍ତା ଓ ବନ୍ତ ବ୍ଲକ୍ ବିଜେଡି ସଭାପତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ନେତୃତ୍ୱ ବିଧାୟକ ଶ୍ରୀ ମଲ୍ଲିକ ତାଙ୍କ ବାସଭବନରେ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିବା ସହିତ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟତଃ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଲଢ଼େଇ ହେବ ଓ ବନ୍ତ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜେଡି ଦଖଲ କରି ଦଳ ବିରୋଧୀ ସ୍ୱାର୍ଥବାଦୀମାନଙ୍କୁ ଉଚିତ୍ ଜବାବ୍ ଦିଆଯିବ ବୋଲି ମତପ୍ରକାଶ କରିଥିଲେ ବିଧାୟକ ଶ୍ରୀ ମଲ୍ଲିକ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଯେନା, ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ, ବିଜେଡି ବନ୍ତ ବ୍ଲକ୍ ସଭାପତି ଲକ୍ଷ୍ମୀଧର ମହାନ୍ତି, ଯୁବ ବିଜେଡି ନେତା ତଥା ବିଧାୟକଙ୍କ ପ୍ରତିନିଧି ସ୍ମୃତି ରଞ୍ଜନ ସ୍ୱାଇଁ (ଲାଲା), ବନ୍ତ ବ୍ଲକ୍ ବିଜୁ ଯୁବ ଜନତା ଦଳ ସଭାପତି ସତ୍ୟସାଦନ ବେଜ, ଭଣ୍ଡାରିପୋଖରୀ ନିର୍ବାଚନମଣ୍ଡଳୀର ବିଜୁ ଯୁବ ଜନତା ଦଳ ସଭାପତି ଲିଟୁ ନାୟକଙ୍କ ସମେତ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ଭଣ୍ଡାରିପୋଖରୀ ପ୍ରେସ୍ କ୍ଲବ୍‌ର ନବନିର୍ବାଚିତ କର୍ମକର୍ତ୍ତା



ଭଣ୍ଡାରିପୋଖରୀ,୧୨।୭ (ସମିସ): ରବିବାର ଭଣ୍ଡାରିପୋଖରୀ ପ୍ରେସ୍ କ୍ଲବ୍ ତରଫରୁ କହରାପୋଖରୀସ୍ଥିତ କେ-୩ ହୋଟେଲରେ ପ୍ରେସ୍ କ୍ଲବ୍‌ର ସମସ୍ତ ସଦସ୍ୟଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପ୍ରେସ୍ କ୍ଲବ୍ ରେଜିଷ୍ଟ୍ରେସନ୍ ମାର୍ଚ୍ଚ ୨୦୨୬ରେ ସରିଲା ପରେ ରବିବାର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା କରାଯାଇ ଶୃଙ୍ଖଳା କମିଟି ଗଠନ କରାଯାଇଛି। ପ୍ରେସ୍ କ୍ଲବ୍ ରେଜିଷ୍ଟ୍ରେସନ୍ କମିଟି ତରଫରୁ କରାଯିବା ପରେ ରେଜିଷ୍ଟ୍ରେସନ୍ ନଂ- ୪୦୨୫୨୬୦୦୨୭୨ ସରକାରଙ୍କ ତରଫରୁ ଅମୋଦନ କରାଯାଇଥିଲା। ନୂତନ କମିଟି ସଭାପତି ନିତ୍ୟାନନ୍ଦ ଜେନା, ଉପସଭାପତି ଶୁଶାନ୍ତ ଦାଶ, ସମ୍ପାଦକ ତ୍ରିଲୋଚନ ଦାଶ, ସହସମ୍ପାଦକ ଗଣେଶ ବିଶ୍ୱାଳ, କୋଷାଧ୍ୟକ୍ଷ ପ୍ରଭାତ ସାମଲ, ଉପଦେଷ୍ଟା ମଣ୍ଡଳୀର ପୂର୍ବତନ ପ୍ରେସ୍ କ୍ଲବ୍ ସଭାପତି ଧ୍ରୁବଚାରଣ ବାରିକ, ଅନାଦି ସାହୁ, ଅଜୟ ରାଉତ, ପ୍ରଭାକର ରାଉତ ନୂତନ କର୍ମକର୍ତ୍ତା ଭାବେ ଚୟନ ହୋଇଛନ୍ତି। ବୈଠକରେ ପ୍ରେସ୍ କ୍ଲବ୍ ସଦସ୍ୟ ସତ୍ୟବ୍ରତ ପ୍ରଧାନ, ସନ୍ତୋଷ ଜେନା, ବିଶ୍ୱମ୍ବର ରାଉତ, ଦେବବ୍ରତ ତ୍ରିପାଠୀ, ସତ୍ୟରଞ୍ଜନ ରାୟ, ଅକ୍ଷୟ ବେହେରାଙ୍କ ସମେତ ଅନ୍ୟ ସଭ୍ୟମାନେ ଯୋଗଦେଇଥିଲେ।

# ପ୍ରାକ୍ତନ ବ୍ଲକ୍ ବିଜେଡି ସଭାପତିଙ୍କ ପରଲୋକ

ଭଣ୍ଡାରିପୋଖରୀ/ବାରିକପୁର,୧୨।୭ (ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ବିଜେଡିର ପୂର୍ବତନ ସଭାପତି ଲକ୍ଷ୍ମୀଧର ନାୟକଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୭ ବର୍ଷ ବୟସ ହୋଇଥିଲା। ସେ କିଛି ଦିନ ହେବ ଅସୁସ୍ଥ ଥିବାବେଳେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଘରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ସକାଳ ୮ଟା ୩୦ରେ ଚନ୍ଦ୍ରଭାନୁପୁରସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସେ ଶିକ୍ଷକତା ଜୀବନରୁ ଅବସର ନେବା ପରେ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ଦୀର୍ଘ ୧୦ ବର୍ଷ ଧରି ସେ ବିଜେଡି ବ୍ଲକ୍ ସଭାପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଭଣ୍ଡାରିପୋଖରୀ ମୁନ୍‌ସୀ ମେଳଣ କମିଟିର ସ୍ଥାୟୀ ସଭାପତି ସହିତ ଭଣ୍ଡାରିପୋଖରୀ ମହୋତ୍ସବ କମିଟି ଓ ବରିଷ୍ଠ ନାଗରିକ ମଞ୍ଚର ସଭାପତି ମଧ୍ୟ ଥିଲେ। ତାଙ୍କ ମୃତ୍ୟୁ



ଖବର ପାଇ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ସାମଲ, ବ୍ଲକ୍ ବିଜେଡି ସଭାପତି ଲକ୍ଷ୍ମୀଧର ସାହୁ, ଯୁବ ବିଜେଡି ସଭାପତି ଲଳିତ ରାଉତ, ବ୍ଲକ୍ ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ବରିଷ୍ଠ ବିଜେଡି ନେତା ଶରତ ଚନ୍ଦ୍ର ଜେନା, ସଞ୍ଜୀବ ପରିଡ଼ା, ସତ୍ୟାନନ୍ଦ ମହାପାତ୍ର, ରଥ ଦାସ, ଅନନ୍ତ ତ୍ରିପାଠୀ, ରାଜେନ୍ଦ୍ର ଖଣ୍ଡାଇ, ମାୟାଧର ଜେନା, ନାଗେଶ୍ୱର ବେହେରା, ଲକ୍ଷ୍ମୀକାନ୍ତ ସାହୁ, ପୂର୍ବତନ ବ୍ଲକ୍ କଂଗ୍ରେସ ସଭାପତି ରଜନୀକାନ୍ତ ଚନ୍ଦ, ବରିଷ୍ଠ କଂଗ୍ରେସ ନେତା ଗୋଲକ ଚନ୍ଦ୍ର ବେହେରା, ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ ସାହୁ, ବିଜୟ ଶଙ୍କର ମହାନ୍ତି, ରାମଚନ୍ଦ୍ର ସେନାପତି ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ପୂର୍ବତନ ଯୋଜନା ବୋର୍ଡ ସଦସ୍ୟ ସୁଧାକର ନନ୍ଦ ଶୋକ ପ୍ରକାଶ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ଏକମାତ୍ର ପୁତ୍ର ଜ୍ୟୋତିରଞ୍ଜନ ନାୟକ ମୁଖାଗ୍ନି ଦେଇଛନ୍ତି।

## ମା' ବାସନ୍ତୀଦୁର୍ଗାଙ୍କ ଜମିରେ ବେଆଇନ ଗୃହ ନିର୍ମାଣ

# କାର୍ଯ୍ୟ ଉପରେ ରୋକ୍ ଲଗାଇଲା ପୁଲିସ

ଧାମନଗର,୧୨।୭ (ସମିସ)

ଧାମନଗର ଏନ୍‌ଏସି ମଧ୍ୟସ୍ଥଳରେ ଥିବା ମା' ବାସନ୍ତୀ ଦୁର୍ଗାଙ୍କ ଜମିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ନୂଆ ମୋଡ଼ ନେଇଛି। ବାସନ୍ତୀ ଦୁର୍ଗା ମନ୍ଦିର ପରିସରରେ ଚାଲିଥିବା ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ ଭଦ୍ରକ ଉପଜିଲ୍ଲାପାଳଙ୍କ କୋର୍ଟ ଏକ ଆଦେଶ ପ୍ରଦାନ କରିଛନ୍ତି। କୌଣସି ଅପ୍ରିତିକର ପରିସ୍ଥିତି ଉପୁଜିବା ପୂର୍ବରୁ ପୁଲିସ ଏହି ନିର୍ମାଣ ଉପରେ ରୋକ୍ ଲଗାଇଛି।

ସୂଚନାନୁଯାୟୀ, ଶ୍ୟାମପୁର ମୌଜାର ମା' ବାସନ୍ତୀ ଦୁର୍ଗାଙ୍କ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ସହ ଉକ୍ତ ସ୍ଥାନରେ ଶାନ୍ତିଶୃଙ୍ଖଳା ବଜାୟ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମୌଜାର ଖାତା ନଂ ୯୮୪, ପ୍ଲଟ୍ ନଂ ୨୬୮୨(ଏ ୦.୧୦ ଡେସିମିଲ) ଜମି ବାସନ୍ତୀ ଦୁର୍ଗା ଠାକୁରାଣୀ ବିଜେ ନିଜ ଗାଁ ନାମରେ ରହିଛି। ଏହି ଜମିରେ ବେଆଇନ ଭାବେ ନିର୍ମାଣ କାର୍ଯ୍ୟ ହେଉଥିବାରୁ ଉକ୍ତ ଜମିର ମାର୍ଫତ୍‌ଦାର ଉପଜିଲ୍ଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ।



ତହସିଲ୍‌ଦାର ଏବଂ ଧାମନଗର ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତିକରି ଭଦ୍ରକ ଉପଜିଲ୍ଲାପାଳ ବିଏନ୍‌ଏସ୍-୨୦୨୩ର ଧାରା ୧୬୪ ଅନୁଯାୟୀ ଏହି ମାମଲାର ଶୁଣାଣି କରିଛନ୍ତି। ଉକ୍ତ ଜମିରେ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ଧାମନଗର ଆଇଆଇସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବିବାଦୀୟ ଜମିର ସ୍ଥିତିରେ କୌଣସି ପରିବର୍ତ୍ତନ କିମ୍ବା କ୍ଷତି କରିବାକୁ ଅପରପକ୍ଷଙ୍କୁ ବାରଣ କରାଯାଇଛି। ଉକ୍ତ ନିର୍ଦ୍ଦେଶକୁ ଅପରପକ୍ଷ ନ ମାନି ଜୋର୍‌ଜବରଦସ୍ତ ଗୃହ କାର୍ଯ୍ୟ କରୁଥିବାବେଳେ ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ଏସ୍‌ଆଇ ନାରାୟଣ ନାୟକ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟ ବନ୍ଦ କରିବା ସହ ଅନିରୁଦ୍ଧ ସାହୁଙ୍କୁ କୋର୍ଟ ନିର୍ଦ୍ଦେଶକୁ ସମ୍ମାନ ଜଣାଇ ଉକ୍ତ ଅଞ୍ଚଳରେ ଯେପରି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ନ ହୁଏ ସେଥିପାଇଁ ପୁଲିସ ଉଭୟଙ୍କୁ ତାଗିଦ୍ କରିଛନ୍ତି। ତେବେ ଆସନ୍ତା ଅଗଷ୍ଟ ୧୦ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ସେହିଦିନ ପର୍ଯ୍ୟନ୍ତ ଅପେକ୍ଷା କରିବା ପାଇଁ କୁହାଯାଇଛି। ଧାମନଗରରେ ଅବସ୍ଥିତ ମା' ବାସନ୍ତୀ ଦୁର୍ଗାଙ୍କ ମନ୍ଦିର ବହୁ ପୁରାତନ ଏବଂ ଦଶନ୍ଧି ଦଶନ୍ଧି ଧରି ମା'ଙ୍କ ବାର୍ଷିକ ପୂଜା ବେଶ୍ ଧୁମ୍‌ଧାମରେ ପାଳନ କରାଯାଏ। ତେବେ କିଛି ବର୍ଷ ହେବ ପୂଜା କମିଟି ଭିତରେ କିଛି ବାଦବିବାଦ ହୋଇଥିବାରୁ ଏ ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ତେବେ ପରବର୍ତ୍ତୀ ଶୁଣାଣି କ'ଣ ହେବ ତାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଛି।

## ବିକାଶଠୁ ବହୁ ଦୂରରେ କୁଞ୍ଚାଲଡାହି ଓ ହାରିଡାହି ସାହି

# ରାସ୍ତା, ଶିକ୍ଷା ଓ ବିଦ୍ୟୁତ୍ ଭଳି ମୌଳିକ ସମସ୍ୟାରେ ଜୁଝୁଛନ୍ତି ୩୦ ପରିବାର

**● ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ଦାବି ● ନାହିଁ ଅଙ୍ଗନବାଡ଼ି ଓ ପ୍ରାଥମିକ ବିଦ୍ୟାଳୟ**

ବିଶୋଇ,୧୨।୭ (ସମିସ)

ଅପହଞ୍ଚ ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଥିଲେ ସୁଦ୍ଧା ରାଜ୍ୟର ଏମିତି କିଛି ଅଞ୍ଚଳ ଅଛି, ଯେଉଁଠି ବିକାଶ








ସାତସପନ ପାଲଟିଛି। ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ମଧ୍ୟ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ବିଦ୍ୟୁତ ଭଳି ମୌଳିକ ସୁବିଧା ପାଇବାରୁ ଅଧିବାସୀ ବଞ୍ଚିତ ହୋଇଆସୁଛନ୍ତି। ମୌଳିକ ସମସ୍ୟା ସମାଧାନ ପାଇଁ ପୂର୍ବ ସାଧାରଣ ନିର୍ବାଚନରେ ଅଞ୍ଚଳର ଜନପ୍ରତିନିଧିଙ୍କଠାରୁ ଏଥିପ୍ରତି ପ୍ରତିଶ୍ରୁତି ମିଳିଥିଲେ ସୁଦ୍ଧା ନିର୍ବାଚନ ସରି ୫ ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରତିଶ୍ରୁତି ପାଣିର ଗାର ପାଲଟିଛି। ଏହିପରି ଏକ ଅଞ୍ଚଳ ଆଦିବାସୀ ବହୁଳିତ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବିଶୋଇ ବ୍ଲକଠାରେ ଦେଖିବାକୁ ମିଳିଛି। ଏହି ବ୍ଲକର ଖଡ଼ମବେଡା ପଞ୍ଚାୟତର ଦ୍ୱାରଶୁଣି ଗ୍ରାମର କୁଞ୍ଚାଲଡାହିର ୧୩ଟି ମୁଣ୍ଡା ପରିବାର ଓ ହାରିଡାହି ସାହିର ପ୍ରାୟ ୧୮ଟି ସାନ୍ତାଳୀ ସମ୍ପ୍ରଦାୟର ପରିବାରକୁ ମିଶାଇ ସମୁଦାୟ ୩୦ଟି ପରିବାର ବସବାସ କରନ୍ତି। ଏହି ୨ ସାହି ବାସିନ୍ଦା ଏବେ ସୁଦ୍ଧା ସର୍ବନିମ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ସାହିରେ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ସହିତ ରାଜସ୍ୱ ଗ୍ରାମ ମାନ୍ୟତା ପ୍ରଦାନ ପାଇଁ ସାହି ବାସିନ୍ଦା ମୟୂରଭଞ୍ଜ ଜିଲ୍ଲାପାଳ, ରାଇରଙ୍ଗପୁର ଉପଜିଲ୍ଲାପାଳ, ଏସ୍‌ଡିଓ ଓ ବିଶୋଇ ବ୍ଲକ ଅଧକ୍ଷାଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଆଜି ବ୍ଲକ ପ୍ରଶାସନ ଜରିଆରେ ପ୍ରଦାନ କରିଛନ୍ତି। ମୌଳିକ ସୁବିଧା ପ୍ରଦାନର ପ୍ରତିଶ୍ରୁତି ନ ମିଳିଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି କହିଛନ୍ତି।

ଖଡ଼ମବେଡା ପଞ୍ଚାୟତର ୧ନଂ ୱାର୍ଡର ଦ୍ୱାରଶୁଣି ଗ୍ରାମ ଅନ୍ତର୍ଭୁକ୍ତ କୁଞ୍ଚାଲଡାହି ସାହି ୪୯ନଂ ଜାତୟ ରାଜ୍ୟପଥରୁ ୫ କିମି ଦୂରତାରେ ଥିବାବେଳେ ହାରିଡାହି ଗ୍ରାମ ୮ କିମି ଦୂରରେ ଅଛି। ତେବେ ମୁଖ୍ୟ ଦପ୍ତରରୁ ୨ ସାହି ରାସ୍ତା ଯାଏଁ ସମ୍ପୂର୍ଣ୍ଣ ରାସ୍ତା ଦୀର୍ଘ ବର୍ଷ ଧରି ମାଟି ଓ ଚିଟାମାଟି ନିର୍ମିତ ରାସ୍ତା ଥିବାରୁ ରାସ୍ତାରେ ବଡ଼ ବଡ଼ ଖାଲ ଢ଼ିପ ହୋଇଯାଇଛି। ଅନ୍ୟ ସମୟରେ ରାସ୍ତାରେ ଯେକୌଣସି ମତେ ଗମନାଗମନ ହେଉଥିଲେ ସୁଦ୍ଧା ବର୍ଷା ଦିନରେ ରାସ୍ତାରେ ଦୁଇଚକିଆ ଯାନ ମଧ୍ୟ ଗମନାଗମନ କଷ୍ଟକର ହୋଇପଡେ। ରାସ୍ତା ଅବସ୍ଥା ଖରାପ ଯୋଗୁଁ ୧୦୮ ଆମ୍ବୁଲାନ୍ସ କିମ୍ବା ଦମକଳ ବାହିନୀ ଯାନ ଉଭୟ ସାହି ପର୍ଯ୍ୟନ୍ତ ପହଞ୍ଚି ପାରେନାହିଁ। ତେଣୁ ବହୁ ସମୟରେ ରୋଗୀଙ୍କୁ ଖଟିଆରେ ବୁହା ହୋଇ ୧୦୮ ଗାଡ଼ି ନିକଟକୁ ଅଣାଯାଇଥାଏ। ସେହିପରି ସାହିରେ ବିଦ୍ୟୁତ ସେବା ସମ୍ପୂର୍ଣ୍ଣ ଭାବେ ଠପ ହୋଇପଡିଛି। ଦୁଇ ସାହିକୁ ବର୍ତ୍ତମାନ ସୁଦ୍ଧା ବିଦ୍ୟୁତ ସେବା ଅପହଞ୍ଚ ହୋଇଥିବାରୁ ସାହି ବାସିନ୍ଦାକୁ ଅନ୍ଧକାର ମଧ୍ୟରେ ରହିବାକୁ ପଡିଛି। ସାହିବାସିନ୍ଦା ନିଜ ପାଣ୍ଠି ବିନିଯୋଗ କରି ନିଜ ନିଜ ଘରେ ସୋଲାର ଲାଇଟର ବ୍ୟବସ୍ଥା କରିଛନ୍ତି। ଏହି ୨ ସାହିର ମୁଖ୍ୟ ସମସ୍ୟା ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥା ପାଲଟିଛି। ଆଦିବାସୀ ପିଲାଙ୍କୁ ବାଧ୍ୟତାମୂଳକ ଶିକ୍ଷା ବ୍ୟବସ୍ଥା ଯୋଗାଇବା ପାଇଁ ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ ହେଉଥିଲେ ସୁଦ୍ଧା ଏଠି ଏହାର ବ୍ୟତିକ୍ରମ ଦେଖାଯାଇଛି। ଏହି ୨ ସାହିର ପ୍ରାଥମିକ ଶିକ୍ଷା ପାଇଁ ଏଯାବତ ଅଙ୍ଗନବାଡିର ବ୍ୟବସ୍ଥା ହୋଇପାରିନାହିଁ। ତେଣୁ ନିକଟସ୍ଥ ତାରଣା ଗ୍ରାମରେ ଏକ ଘରୋଇ ବାସଗୃହରେ ଚାଲିଥିବା ଅଙ୍ଗନବାଡି ଉପରେ ଏହି ସାହି ବାସିନ୍ଦା ନିର୍ଭର କରିଥା'ନ୍ତି। ୨ ସାହିରୁ ତାରଣା ଗ୍ରାମ ଅନେକ ଦୂରରେ ଥିବାବେଳେ ଜଙ୍ଗଲ ରାସ୍ତା ଦେଇ କୁନି କୁନି ପିଲା ଅଙ୍ଗନବାଡି ଶିକ୍ଷା ପାଇଁ ତାରଣା ପର୍ଯ୍ୟନ୍ତ ଯିବା ପାଇଁ ସମ୍ଭବପର ହୋଇନଥାଏ। କୁନିକୁନି ପିଲା ମୌଳିକ ଶିକ୍ଷା ପାଇବାରୁ ବଞ୍ଚିତ ହୋଇଥା'ନ୍ତି। ସେହିପରି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ଗ୍ରହଣ ପାଇଁ ପାଇଁ ଅନତି ଦୂରରେ ଥିବା ଦୁଧକୁଣ୍ଡି ଗ୍ରାମ ଉପରେ ୨ ସାହିକୁ ନିର୍ଭର କରିବାକୁ ପଡେ।

ଏହି ୨ ସାହିର ଅନ୍ୟଏକ ମୁଖ୍ୟସମସ୍ୟା ପାନୀୟଜଳ ସମସ୍ୟା ପାଲଟିଛି। ହାରିଡାହି ଗ୍ରାମରେ ଗୋଟିଏ ନଳକୂପ ଥିବାବେଳେ ସେଠାରେ ୧୮ ପରିବାରକୁ ଉକ୍ତ ନଳକୂପ ନିଅଣ୍ଟ ହୋଇପଡୁଛି। ତେଣୁ ପାନୀୟଜଳ ପରିବର୍ତ୍ତେ ଅନ୍ୟ କାମରେ ବ୍ୟବହାର ପାଇଁ ଉକ୍ତ ସାହି ବାସିନ୍ଦା ସ୍ଥାନୀୟ ଏକ ନାଳରେ କୂଅ ତିଆରି ସେଠାରୁ ଜଳ ଆଣିଥା'ନ୍ତି। ସେହିପରି କୁଞ୍ଚାଲଡାହି ସାହିରେ ଗୋଟିଏ ନଳକୂପ ରହିଥିବାବେଳେ ସେହି ନଳକୂପ ଜଳ ପାନୀୟ ଅନୁପଯୋଗୀ ବୋଲି ସାହି ବାସିନ୍ଦା ଅଭିଯୋଗ କରିଛନ୍ତି। ଉକ୍ତ ବାସିନ୍ଦା ନିକଟସ୍ଥ ସାହି ନିକଟସ୍ଥ ବିଲ ମଝିରେ କୂପ ତିଆରି କରି ପାନୀୟ ଜଳ ବ୍ୟବହାର କରନ୍ତି। ଏନେଇ ଆମେ ବିଶୋଇ ବ୍ଲକ ଜଳ ଓ ପରିମଳ ବିଭାଗର ସହକାରୀ ଯନ୍ତ୍ରୀଙ୍କୁ ପଚାରିବାରୁ ଜଳ ଜୀବନ ମିଶନ ଯୋଜନାରେ କୁଞ୍ଚାଲଡାହି ସାହିରେ ୫ ହଜାର ଲିଟର ବିଶିଷ୍ଟ ସୋଲାର ଉଠାଜଳ ପ୍ରକଳ୍ପ ନିର୍ମାଣ ପରେ ସାହିବାସିନ୍ଦା ପାଇପ ଯୋଗେ ଘରେ ଘରେ ଜଳ ପାଇପାଇଛନ୍ତି। ସେହିପରି ହାରିଡାହି ଗ୍ରାମରେ ପୂର୍ବରୁ ୨ ଗୋଟି ନୂତନ ନଳକୂପ ଖନନ କରାଯାଇଥିଲେ ସୁଦ୍ଧା ଜଳ ଅଭାବ କାରଣରୁ ନଳକୂପ ଖନନ ବିଫଳତା ହୋଇଛି। ଯଥାଶୀଘ୍ର ହାରିଡାହି ଗ୍ରାମରେ ଜଳ ଜୀବନ ମିଶନ ଯୋଜନାରେ ସୋଲାର ଉଠା ଜଳ ପ୍ରକଳ୍ପ କାର୍ଯ୍ୟକାରୀ ହେବ ବୋଲି କହିଛନ୍ତି। ଉକ୍ତ ସାହିବାସିନ୍ଦା ରାସ୍ତା, ଶିକ୍ଷା, ବିଦ୍ୟୁତ, ପାନୀୟଜଳ, ଅଙ୍ଗନାବାଡି ଓ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି।

---

## ସଂସ୍କାରଧର୍ମୀ ସାହିତ୍ୟ ପତ୍ରିକା ଚିନ୍ମୟୀର ଅଷ୍ଟମ ସଂଖ୍ୟା ଉନ୍ମୋଚିତ



ମହୁଲଡିହା,୧୨।୭(ସମିସ): ୨୦୦୯ରୁ ପ୍ରକାଶିତ ହୋଇଆସୁଥିବା କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଆଧ୍ୟାତ୍ମିକ ଓ ସଂସ୍କାରଧର୍ମୀ ସାହିତ୍ୟ ପତ୍ରିକା "ଚିନ୍ମୟୀ'ର ଅଷ୍ଟମ ସଂଖ୍ୟା ଆଜି ଉନ୍ମୋଚିତ ହୋଇଛି। ଠାକୁରମୁଣ୍ଡା ହାଇସ୍କୁଲ ସଭାଗୃହରେ ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଡଃ ହରିଶ୍ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉନ୍ମୋଚନ ସଭାରେ ଅତିଥିମାନେ ଯୋଗଦେଇଥିଲେ। ମୁଖ୍ୟଅତିଥି ଭାବେ ଠାକୁରମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ମୁଖ୍ୟବକ୍ତା ବିଶିଷ୍ଟ ସାହିତ୍ୟିକ ତଥା କାଦଡିହା ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ ଭାଗବତ ଲେଙ୍କା, ସମ୍ମାନିତ ଅତିଥି ଭାବେ ଠାକୁରମୁଣ୍ଡାର ପୂର୍ବତନ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ମ୍ୟାନେଜର ଆର୍ ଅଶ୍ୱିନୀ ?ଞ୍ଜନ ମୁର୍ମୁ, ହାଇସ୍କୁଲର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲକ୍ଷ୍ମୀନାରାୟଣ ମହାନ୍ତ, ଶୁକ୍ଳି ମା କିଚକେଶ୍ୱରୀ ସାହିତ୍ୟ ସମାଜର ସଭାପତି ଶ୍ରୀ ଉମେଶ ଚନ୍ଦ୍ର ନାୟକ,ଠାକୁରମୁଣ୍ଡାର ପୂର୍ବତନ ଅତିରିକ୍ତ ?ନ ସଂରକ୍ଷକ କିଶୋର କୁମାର ପାଣିଗ୍ରାହୀ ତଥା ଚିନ୍ମୟୀର ସମ୍ପାଦକ ପଦ୍ମଲୋଚନ ନନ୍ଦ ଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଆଜିକାଲି ଦୁନିଆରେ ସାମାଜିକ ଗଣମାଧ୍ୟମର ପ୍ରଭାବରେ ପତ୍ରିକା ପାଠକଙ୍କ ସ୍ପୃହା କମିଯାଉଥିବାବେଳେ ସମାଜ ଧିରେ ଧିରେ ସ୍ଖଳିତ ହେବାକୁ ଯାଉଛି, ତେଣୁ ସାହିତ୍ୟ ପତ୍ରିକା ହିଁ ସମାଜକୁ ସଂସ୍କାରିତ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଶ୍ରୀ ବେହେରା ସାହିତ୍ୟ ହିଁ ସମାଜର ଦର୍ପଣ। ତେଣୁ ସାହିତ୍ୟ ବିନା ଜଣେ ଜ୍ଞାନ ଆହରଣ ହେବା ସହଜ ନୁହେଁ ବୋଲି କହିଥିଲେ। ସମ୍ପାଦକ ଶ୍ରୀ ନନ୍ଦ ଚିନ୍ମୟୀର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ସଭାପତି ଡଃ ବାରିକ ଉନ୍ମୋଚିତ ଚିନ୍ମୟୀର ଲେଖାଗୁଡିକ ଉପରେ ସମୀକ୍ଷା କରି ସେଥିରେ ଥିବା ସାମାଜିକ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ଚିନ୍ମୟୀର ସହସମ୍ପାଦକ କବି ଦେବେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଚିନ୍ମୟୀର ସହସମ୍ପାଦିକା କୁମୁଦିନୀ ପତି, କୋଷାଧ୍ୟକ୍ଷ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତ, ସଂଯୋଜିକା ପଦ୍ମାବତୀ ସିହ୍ନା, କ୍ଷୀରମଣି ମହାନ୍ତ, ସଂଯୋଜକ ଶରତ କଲେଜର ଅଧ୍ୟାପକ ତଥା ନାଟ୍ୟ ନିର୍ଦ୍ଦେଶକ ପ୍ରଦୀପ ଦଳେଇ, ଶୁଭଶ୍ରୀ ତ୍ରିପାଠୀ, କବି ପ୍ରଦ୍ୟୁମ୍ନ ସାହୁ, କବି ଭାଗୀରଥି ପତି, ପର୍ଯ୍ୟବେକ୍ଷକ ପଦ୍ମଲୋଚନ ପତି, ହିରାଲାଲ ମହାନ୍ତ, ଦେବପ୍ରସାଦ ସେଠୀ, ଭୋଲେଶ୍ୱର ସେଠୀ ପ୍ରମୁଖ ଚିନ୍ମୟୀର ସଦସ୍ୟ ସଦସ୍ୟା ଉପସ୍ଥିତ ଥିଲେ। ଏ ଅବସରରେ କବୟିତ୍ରୀ ଶକୁନ୍ତଳା ମହାନ୍ତ କୁମୁଦିନୀ ପତି, ପଦ୍ମାବତୀ ସିହ୍ନା ସ୍ୱରଚିତ କବିତା ପାଠ କରିଥିଲେ। ପ୍ରଥମରେ ସମ୍ପାଦକ ପଦ୍ମଲୋଚନ ନନ୍ଦ ଅତିଥି ମାନଙ୍କୁ ସ୍ୱାଗତ କରିବା ସହିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟର ଛାତ୍ରୀ, ହାଇସ୍କୁଲର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

---

**ଭଞ୍ଜସେନାର ମଶାଲ ଶୋଭାଯାତ୍ରା ଉଦ୍‌ଯାପିତ**

## ଜୁନ ୧୭ରେ ଆରମ୍ଭ ଆନ୍ଦୋଳନକୁ ଜିଲ୍ଲା ବ୍ୟାପୀ ସମର୍ଥନ

ବାରିପଦା, ୧୨।୭(ସମିସ): ଶିମିଳିପାଳ ବଞ୍ଚିଲେ ଆମେ ବଞ୍ଚିବା; ଦାଦନ ହଟିବ, ମୟୂରଭଞ୍ଜ ହସିବ ପ୍ରସଙ୍ଗ ନେଇ ଜୁନ ୧୭ ତାରିଖରୁ ଜିଲ୍ଲାବ୍ୟାପୀ ଚାଲିଥିବା ଭିନ୍ନ ଆନ୍ଦୋଳନ ରବିବାର ବାରିପଦାରେ ବିଶାଳ ଶୋଭାଯାତ୍ରା ସହିତ ଉଦଯାପିତ ହୋଇଯାଇଛି। ଏହି ମଶାଲ କାର୍ଯ୍ୟକ୍ରମ ସନ୍ଧ୍ୟା ୬ଟାରୁ ମା' ଅମ୍ବିକା ମନ୍ଦିର ସମ୍ମୁଖରୁ ଆରମ୍ଭ ହୋଇ ବଡ଼ଦାଣ୍ଡ-ଜଗନ୍ନାଥ ମନ୍ଦିର ହୋଇ କେସି ସର୍କଲଠାରେ ସମାପ୍ତ ହୋଇଛି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧକ୍ଷ ସଂଜୀବ ରାଉତ, ଶୃଙ୍ଖଳାଗତ କମିଟି ଅଧକ୍ଷ ସତ୍ୟସ୍ୱରୂପ ଦାଶ, ଜିଲ୍ଲା ସଭାପତି ପିଣ୍ଟୁ ମାଇତି, ଜିଲ୍ଲା ଆଦିବାସୀ ଶାଖା ସଭାପତି ବାଜୁନ ହାଁସଦା, ଜିଲ୍ଲା ଆବାହକ ରାକେଶ ବେହେରା, କାର୍ଯ୍ୟକାରୀ ସଭାପତି ସାମନ୍ତ ଶେଖର ପାଲ, ବାରିପଦା ସହର ସଭାପତି ରାକେଶ ମହାନ୍ତି, ଜିଲ୍ଲା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି, ଜିଲ୍ଲା ଯୁବ ଛାତ୍ର ସଂଯୋଜକ ଏସ୍‌କେ ରାଜାଖାନ, ଜିଲ୍ଲା ଉପସଭାପତି ପ୍ରଶାନ୍ତ ମହାକୁଡ, ପ୍ରୀତମ ପଣ୍ଡାଙ୍କ ସମେତ ହଜାରେରୁ ଅଧିକ ସଦସ୍ୟ/ସଦସ୍ୟା ସାମିଲ ହୋଇଥିବାବେଳେ ସହରବାସୀ ସମର୍ଥନ ଜଣାଇଥିଲେ ବୋଲି ମୁଖପାତ୍ର ଜ୍ୟୋତି ରଞ୍ଜନ ପୃଷ୍ଟି ସୂଚନା ପ୍ରଦାନ କରିଛନ୍ତି।

ରତ୍ନଗର୍ଭା ଶିମିଳିପାଳର ସମ୍ପୂର୍ଣ୍ଣ ସୁରକ୍ଷା ସହ ପର୍ଯ୍ୟଟନ ଶିଳ୍ପ ଓ ପ୍ରାକୃତିକ ସମ୍ପଦ ମାଧ୍ୟମରେ ମୟୂରଭଞ୍ଜବାସୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହିତ ଜିଲ୍ଲାରୁ ଦାଦନ ସମସ୍ୟାର ଦୂରୀକରଣ କରାଯିବା ଲକ୍ଷ୍ୟନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରି ସରକାରଙ୍କ ଅବଗତି ନିମନ୍ତେ ଏହି ଆନ୍ଦୋଳନ ଜିଲ୍ଲା ତମାମ ପର୍ଯ୍ୟାୟକ୍ରମେ ଚାଲିଥିଲା। ମୟୂରଭଞ୍ଜ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂସ୍ଥ ମା' କିଚକେଶ୍ୱରୀ ଦେବୀଙ୍କ ପୀଠରୁ ମଶାଲ ଶୋଭାଯାତ୍ରା ଆରମ୍ଭ ହୋଇ ସମସ୍ତ ସହରାଞ୍ଚଳ ଓ ବ୍ଲକରେ ମଶାଲ ଶୋଭାଯାତ୍ରା ଶେଷହେବା ପରେ ରବିବାର ଜିଲ୍ଲାର ସଦର ମହକୁମା ବାରିପଦାଠାରେ ସମାପ୍ତ ହୋଇଥିବା ଜଣାପଡ଼ିଛି।



**ଶିମିଳିପାଳ ସୁରକ୍ଷା ସହ ଦାଦନ ହଟାଇବାକୁ ସଂଗ୍ରାମ**

---

## ଯୁବମୋର୍ଚ୍ଚା ପକ୍ଷରୁ ଧକୋଠା ହାଟ ସଫେଇ

ଆନନ୍ଦପୁର, ୧୨।୭(ସମିସ): ଆନନ୍ଦପୁର ବ୍ଲକର ବହୁ ପୁରାତନ ସାପ୍ତାହିକ ହାଟ ଧକୋଠାରେ ଆଜି ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧକୋଠା ଓଭରବ୍ରିଜ୍ ତଳେ ହାଟ ଚାଲୁଥିବାବେଳେ ଏହାର ଆଖପାଖ ଅଞ୍ଚଳ ଅଳିଆ ଆବର୍ଜନା ଓ କାଦୁଅମଧ୍ୟରେରହିଥିବାରୁ ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ବୈତରଣୀ ମଣ୍ଡଳ ଯୁବମୋର୍ଚ୍ଚା ସଭାପତି ଅଜୟ କୁମାର ପୃଷ୍ଟିଙ୍କ ନେତୃତ୍ୱରେ ଦଳୀୟ ସମର୍ଥକମାନେ ମେସିନ୍ ସହାୟତାରେ ନିଜେ ସଫା କରିଥିଲେ। ଯୁବ ସଂଗଠକ ମହେନ୍ଦ୍ର ସେଠୀ, ସୁଜିତ୍ କୁମାର ସାହୁ, ବବୁଲ ଖିଲାର, ପ୍ରକାଶ ଖିଲାର, ବିନୋଦ ବିହାରୀ ବେହେରା, ଅଲେଖ ବେହେରା, ନାଣ୍ଟୁ ବେହେରା, ପ୍ରଭାକର ପଟ୍ଟନାୟକ, ପ୍ରାଣନାଥ ବାରିକ୍, ରଜତ ସାହୁ, ପ୍ରଦୀପ ନନ୍ଦୀ, ଦେବେନ୍ଦ୍ର ସାହୁ, ଜଗନ୍ନାଥ ସାହୁ, ସୋମେଶ ବେହେରା, ଅକ୍ଷୟ ବାରିକ, ବିଦ୍ୟାଧର ଖିଲାର, ଶେଷନାଥ ଖିଲାର ପ୍ରମୁଖ ସାମିଲ ହୋଇଥିଲେ।



---

**ପୋଲ ତଳେ ପାଣି ଓ ଖାଲ**

## ବିପଦ ସୃଷ୍ଟି କରୁଛି ରେଲୱେ ଗଳା ପୋଲ

କଳାବାଡିଆ, ୧୨।୭(ସମିସ): ବାଙ୍ଗିରିପୋଷି-କଳାବାଡିଆ ରାଜ୍ୟ ରାଜପଥ ୫୦ନଂ ରାସ୍ତାର ପୁନାସିଆ ରେଳ ଫାଟକଠାରେ ଏକ ଗଳା ପୋଲ ନିର୍ମାଣ କାର୍ଯ୍ୟ ସରିଛି। ଏହାର ଅଟକଳ ୧୦ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଥିବାବେଳେ ଗୁଜରାଟର ଏକ କମ୍ପାନୀ ଆରଏସ କନଷ୍ଟ୍ରାସନ ନିର୍ମାଣ କାର୍ଯ୍ୟ କରିଛି। ଏହି ଗଳା ପୋଲ କାମ ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି। ସାମାନ୍ୟ ବର୍ଷା ପାଣିରେ ଉବୁଟୁବୁ ହେଉଛି ପୋଲ ତଳ। ଯାତାୟତ ପାଇଁ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି ଲୋକ। ଏହି ପୋଲ ଉପରେ ଯାଉଛି ଟ୍ରେନ। ତଳେ ଯାଉଛନ୍ତି ଯାନବାହନ ସହିତ ବାଟୋଇ। ୫୦୦ ମିଟର ଲମ୍ବର ଏହି ପୋଲ ତଳେ ଓ ପୋଲ ଆରମ୍ଭରେ ଉଭୟ ପଟୁ ତିନୋଟି ପାଣି ନିଷ୍କାସନ ପାଇଁ ଡ୍ରେନ ନିର୍ମାଣ ହୋଇଛି। ବାରମ୍ବାର ଖବର ପ୍ରକାଶ ପରେ ପ୍ରବେଶ ଓ ପ୍ରସ୍ଥାନ ରାସ୍ତାରେ ଥିବା ଡ୍ରେନ ମରାମତି କାର୍ଯ୍ୟ ହୋଇଥିଲେ ମଧ୍ୟ ପୋଲ ତଳେ ଥିବା ଡ୍ରେନ ମରାମତି କଲେ ମଧ୍ୟ ଠିକାଦାରଙ୍କୁ ସଫଳତା ମିଳିପାରିନାହିଁ। ଅନବରତ ପୋଲ ଛାତ, ସାଇଡରୁ ମୁଷଳ ଧାରାରେ ପାଣି ବହି ଚାଲିଛି। ରାସ୍ତା ଟି ଗୋଟିଏ ବର୍ଷ ନ ଯାଉଣୁ ଖାଲ, ଢ଼ିପରେ ଭର୍ତ୍ତି ହୋଇଯାଇଛି। ବୋଟୋଇ ଗଲାବେଳେ ବଡ଼ ଗାଡିର ଚକାତଳୁ ପାଣି ଛିଟିକି କାଦୁଅ ହୋଇଯାଉଛନ୍ତି। ସାମାନ୍ୟ ବର୍ଷାରେ ପୋଲ ତଳ ବୁଡି ଯିବା ଆଶଙ୍କା ସୃଷ୍ଟି ହୋଇଛି। କିଛି ମାସ ପୂର୍ବରୁ ଏହି ବର୍ଷା ପାଣି ପାଇଁ ଏକ ଯାତ୍ରୀବାହୀ ବସ ପୋଲ ତଳେ ଫସି ରହିଥିଲା। ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୁଲିସ ସହାୟତାରେ ଯାତ୍ରୀ ଙ୍କୁ ଉଦ୍ଧାର କରାଯାଇଥିଲା।



---

**ଦୁର୍ଘଟଣାରେ ମୃତକଙ୍କ ଶବ ବ୍ୟବଚ୍ଛେଦ ବିଳମ୍ବ**

## ଜିଲ୍ଲା ମୁଖ୍ୟଚିକିତ୍ସାଳୟ ପ୍ରବେଶ ରାସ୍ତାରେ ଧାରଣା

ବାରିପଦା, ୧୨।୭(ସମିସ): ଦୁର୍ଘଟଣାରେ ମୃତକଙ୍କ ତଦନ୍ତ ଓ ଶବ ବ୍ୟବଚ୍ଛେଦ ବିଳମ୍ବକୁ କେନ୍ଦ୍ର କରି ରବିବାର ସନ୍ଧ୍ୟାରେ ବାରିପଦାସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦ ସ୍ୱରୂପ ମୃତକଙ୍କ ଆତ୍ମୀୟ ଚିକିତ୍ସାଳୟ ପ୍ରବେଶ ରାସ୍ତାରେ ଧାରଣାରେ ବସିଛନ୍ତି। ଶନିବାର ଶୁଳିଆପଦା ଥାନା ଅନ୍ତର୍ଗତ କୁଜିଡିହିଠାରେ ବାଇକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ଦୁର୍ଘଟଣା ଏତେ ଜୋରଦାର ଥିଲା ଯେ ଅଟୋ ରାସ୍ତା ଉପରେ ଓଲଟି ପଡ଼ିଥିବା ବେଳେ ବାଇକ୍ ସମ୍ପୂର୍ଣ୍ଣ ଚୂରମାର ହୋଇଯାଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ଦୁର୍ଘଟଣାସ୍ଥଳରୁ ୨ଜଣ ଆହତଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ଜଣେ ଆହତଙ୍କୁ କୋଷ୍ଠା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଖବର ପାଇ ଶୁଳିଆପଦା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ତେବେ ରବିବାର ଚିକିତ୍ସାଧୀନ ଅବସ୍ଥାରେ ବାରିପଦାରେ ବିକାଶ ଘଡେଇ ନାମକ ଯୁବକଙ୍କ ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ପୁଲିସର ପଞ୍ଚନାମା ବିଳମ୍ବ ଯୋଗୁଁ ଶବ ବ୍ୟବଚ୍ଛେଦ ହୋଇପାରି ନ ଥିଲା। ସୋମବାର ସକାଳେ ଶବ ବ୍ୟବଚ୍ଛେଦ ହେବ ବୋଲି ଡାକ୍ତର କହିବାରୁ ଆତ୍ମୀୟମାନେ ପାଟିତୁଣ୍ଡ କରିବା ସହିତ ପ୍ରବେଶ ରାସ୍ତାରେ ଧାରଣାରେ ବସିଥିଲେ। ପରେ ପୁଲିସ ଓ ମେଡିକାଲ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା ପରେ ଶବ ବ୍ୟବଚ୍ଛେଦ କରାଇ ମୃତଦେହକୁ ହସ୍ତାନ୍ତର କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିବା ଜଣାପଡିଛି।




---

# ଜାତୀୟ ରାଜପଥ-୨୦ରେ ମରଣଯନ୍ତା

## ଚମ୍ପୁଆ ବସ୍‌ଷ୍ଟାଣ୍ଡ ନିକଟରେ ପ୍ରତିଦିନ ଦୁର୍ଘଟଣା, ତୁରନ୍ତ ମରାମତି ଦାବି

ଚମ୍ପୁଆ, ୧୨।୭(ସମିସ)

କେନ୍ଦୁଝର ଜିଲ୍ଲାର ଚମ୍ପୁଆ ସହର ବସ୍‌ଷ୍ଟାଣ୍ଡ ନିକଟ ଜାତୀୟ ରାଜପଥ-୨୦ ଉପରେ ସୃଷ୍ଟି ହୋଇଥିବା ବିଶାଳ ଖାଲ ଏବେ ଯାତ୍ରୀ ଓ ଚାଳକଙ୍କ ପାଇଁ ମରଣଯନ୍ତା ପାଲଟିଛି। ପ୍ରତିଦିନ ଏହି ଖାଲରେ ଦୁଇଚକିଆ ଯାନ ଚାଳକ ଓ ପଥଚାରୀମାନେ ଆହତ ହେଉଥିବା ଅଭିଯୋଗ ହେଉଛି। ତଥାପି ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ନଜର ଏପର୍ଯ୍ୟନ୍ତ ପଡ଼ିନାହିଁ। ଏହି ରାସ୍ତା ଦେଇ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ବିଦ୍ୟାଳୟ ଓ କଲେଜକୁ ଯାତାୟାତ କରୁଥିବା ବେଳେ ହଜାର ହଜାର ଟ୍ରକ୍, ଟ୍ରେଲର, ବସ୍, କାର୍ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ କରୁଛି। ଭାରୀ ଯାନବାହନ ଚଳାଚଳ ଯୋଗୁଁ ଖାଲଟି ଦିନକୁ ଦିନ ଅଧିକ ବଡ଼ ହେଉଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଚାଲିଛି। ସ୍ଥାନୀୟ ଲୋକଙ୍କ କହିବାନୁସାରେ, ପ୍ରତିଦିନ ଏହି ରାସ୍ତା ଦେଇ ବରିଷ୍ଠ ପ୍ରଶାସନିକ ଅଧିକାରୀ, ଜନପ୍ରତିନିଧି ଓ ବିଭିନ୍ନ ବିଭାଗର କର୍ମକର୍ତ୍ତା ଯାତାୟାତ କରୁଥିଲେ ମଧ୍ୟ ସମସ୍ୟା ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ଏଥିରୁ ଜାତୀୟ ରାଜପଥ ବିଭାଗ ନିଦରେ ଶୋଇ ପଡ଼ିଥିବା ପରି ଲାଗୁଛି ବୋଲି ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବର୍ଷା ଦିନରେ ଖାଲରେ ପାଣି ଜମି ରହୁଥିବାରୁ ଏହାର ଗଭୀରତା ଜଣାପଡୁନଥିବାରୁ ଯେକୌଣସି ସମୟରେ ବଡ଼ଧରଣର ଦୁର୍ଘଟଣା ଘଟିପାରେ। ତେଣୁ ଜିଲ୍ଲା ପ୍ରଶାସନ ଓ ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଏହି ଖାଲର ସ୍ଥାୟୀ ମରାମତି କରି ସୁରକ୍ଷିତ ଯାତାୟାତ ବ୍ୟବସ୍ଥା କରିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଆୟ ଓ ବ୍ୟୟ ସମାନ ରହିପାରେ। ମାନ ସମ୍ମାନ ବୃଦ୍ଧି ପାଇବ। ଅଫିସ୍ କାର୍ଯ୍ୟ ପ୍ରଭାବିତ ହୋଇପାରେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ ।

**ବୃଷ:** ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିପାରେ। ପରିବାର ଲୋକଙ୍କ ସହ ହସଖୁସିର ସମୟ ବିତାଇବେ। ବ୍ୟବସାୟରେ ଲାଭ ମିଳିବ। ମନ ପ୍ରସନ୍ନ ରହିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ:** ଯୋଜନା ଅନୁଯାୟୀ କାମ କରିବେ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଅଫିସ୍ କାର୍ଯ୍ୟ ପାଇଁ ବିଦେଶ ଯାତ୍ରା ଯୋଗ ରହିଛି। ନିଜ ଲୋକ ଶତ୍ରୁ ସାଜିପାରନ୍ତି।

**କର୍କଟ:** ପୁରୁଣା ନିବେଶରୁ ଲାଭ ମିଳିପାରେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ଆଇଟି କ୍ଷେତ୍ରରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିପାରନ୍ତି।

**ସିଂହ:** ଅଚାନକ ଖୁସି ଖବର ମିଳିପାରେ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ପରିବାର ସଦସ୍ୟଙ୍କ ସହଯୋଗ ମିଳିବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ।

**କନ୍ୟା:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଲୋକ ସମ୍ପର୍କ ବୃଦ୍ଧି ପାଇବ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଦାନ ଧର୍ମ କରିବେ।

**ତୁଳା:** କୋର୍ଟକଚେରୀ ମାମଲାରେ ବିଜୟ ଲାଭ କରିବେ। ପାରିବାରିକ ବିବାଦ ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିପାରନ୍ତି। ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି।

**ବିଛା:** କାର୍ଯ୍ୟରେ ବାଧା ଆସିପାରେ। ସକାରାତ୍ମକ ଚିନ୍ତାଧାରା ସହିତ ଆଗକୁ ବଢ଼ିବେ। ପୈତୃକ ସମ୍ପତ୍ତିକୁ ନେଇ ବିବାଦ ଦେଖା ଦେବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ଆୟ ଓ ବ୍ୟୟ ସମାନ ରହିବ।

**ଧନୁ:** କର୍ମ ଚଞ୍ଚଳ ରହିବେ। ମାନ ସମ୍ମାନ ବୃଦ୍ଧି ପାଇବ। ଧାର୍ମିକ କାର୍ଯ୍ୟ ପ୍ରତି ରୁଚି ବଢ଼ିବ। ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁନି। ଧୈର୍ଯ୍ୟ ରଖି କାମ କରନ୍ତୁ। ଦୀର୍ଘ ଦିନର ଆଶା ପୂରଣ ହେବ।

**ମକର:** ଆୟଠୁ ଅଧିକ ବ୍ୟୟ ହେବ। ପରିବାର ସଦସ୍ୟଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ।


**କୁମ୍ଭ:** ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର କରଜରୁ ଦୂରେଇ ରହିବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ବ୍ୟବସାୟ ପାଇଁ ନୂଆ ଯୋଜନା କରିପାରନ୍ତି। ଚକ୍ଷୁ ସମସ୍ୟା ହୋଇପାରେ।

**ମୀନ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଆଶା ପୂରଣ ହେବ। ଧନଲାଭ ଯୋଗ ଅଛି। ଯୋଜନା ମୁତାବକ କାମ କରିବେ। କୌଣସି କଥାକୁ ନେଇ ବିଚଳିତ ହୋଇପାରନ୍ତି।

## ଆଜିର ଇତିହାସ

- ୧୮୮୨- ରୁଷିଆରେ ଟ୍ରେନ୍ ଲାଇନ୍‌ଚ୍ୟୁତ ହେବାରୁ ୨୦୦ ଯାତ୍ରୀଙ୍କ ମୃତ୍ୟୁ।
- ୧୯୪୫- ଇଣ୍ଡିଆନ୍ ଇଣ୍ଡିପେଣ୍ଡେନ୍ସ ଆକ୍ଟ ବ୍ରିଟିଶ ପାର୍ଲାମେଣ୍ଟରେ ଗୃହୀତ ହେଲା।
- ୧୯୭୪- ଆଜିର ଦିନରେ ଭାରତ ତା'ର ପ୍ରଥମ କ୍ରିକେଟ୍ ଦିନିକିଆ ମ୍ୟାଚ୍ ଆରମ୍ଭ କରିଥିଲା।
- ୧୯୭୭- ଦେଶରେ ଜାରି ହୋଇଥିବା ଜରୁରିକାଳୀନ ପରିସ୍ଥିତି ଯୋଗୁଁ ଭାରତ ସରକାର ଭାରତ ରତ୍ନ, ପଦ୍ମ ପୁରସ୍କାର ଆଦି ବନ୍ଦ କରି ଦେଇଥିଲେ।

ଆଜି ଆସିଥିଲେ



# କର୍ମବୀର ଗୌରୀଶଙ୍କର ରାୟ


ଊନବିଂଶ ଶତାବ୍ଦୀରେ ଓଡ଼ିଆ ନବଜାଗରଣର ଅନ୍ୟତମ ପ୍ରମୁଖ ପୁରୋଧା ଥିଲେ କର୍ମବୀର ଗୌରୀଶଙ୍କର ରାୟ। ଓଡ଼ିଆ ଭାଷା ସୁରକ୍ଷା ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅତୁଳନୀୟ ଅବଦାନ ରହିଛି। ତାଙ୍କର ନିଷ୍ଠାପର କାର୍ଯ୍ୟଶୈଳୀ ପାଇଁ ତାଙ୍କୁ 'କର୍ମବୀର' ଆଖ୍ୟା ଦିଆଯାଇଥିଲା। ସେ ଓଡ଼ିଆ ସାମ୍ବାଦିକତାର ଜନକ ଭାବେ ମଧ୍ୟ ପରିଚିତ । ସେ ଓଡ଼ିଶାର ପ୍ରଥମ ଖବରକାଗଜ- 'ଉତ୍କଳ ଦୀପିକା'ର ପ୍ରତିଷ୍ଠାତା ସମ୍ପାଦକ ଥିଲେ। ସେତେବେଳେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱାଧୀନତା ଆନ୍ଦୋଳନକୁ ସହଯୋଗ କରିବା ଦିଗରେ ନିଖୁଣ ଭୂମିକା ନିଭେଇ ଥିଲା 'ଉତ୍କଳ ଦୀପିକା' । ଆଉ ଏହାର ମଙ୍ଗୁଆଳ ସାଜିଥିଲେ ଗୌରୀ ଶଙ୍କର। ୧୮୩୮ ମସିହା ଆଜିର ଦିନରେ କଟକ ଜିଲ୍ଲା ଅସୁରେଶ୍ୱର ଅନ୍ତର୍ଗତ ଦୀକ୍ଷିତପଡ଼ା ଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ। ଗାଁ ଚାଟଶାଳୀରେ ପ୍ରାଥମିକ ଶିକ୍ଷା ଶେଷ କରିବା ପରେ କଟକରେ ହାଇସ୍କୁଲ ଏବଂ ପରେ ଉଚ୍ଚଶିକ୍ଷା ପାଇଁ ହୁଗୁଳି ଯାଇଥିଲେ। ଶିକ୍ଷା ଶେଷ ହେବା ପରେ ସେ ପ୍ରଥମେ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରୁଥିଲେ। ମାସକୁ ୨୦ ଟଙ୍କା ବେତନ ପାଉଥିଲେ। ଶିକ୍ଷକତା ଛାଡ଼ି କଟକ କମିସନରଙ୍କ କାର୍ଯ୍ୟାଳୟରେ କିରାଣି ଚାକିରି କରିଥିଲେ। ଗୌରୀଶଙ୍କର ଓ ତାଙ୍କର ଘନିଷ୍ଠ ସହଯୋଗୀ ବିଚିତ୍ରାନନ୍ଦ ଦାସଙ୍କ ଉଦ୍ୟମରେ ୧୮୬୪ ମସିହାରେ 'କଟକ ପ୍ରିଣ୍ଟିଂ କମ୍ପାନି' ଗଢିଥିଲେ। ୪ ଅଗଷ୍ଟ, ୧୮୬୬ରେ ପ୍ରଥମ ଓଡ଼ିଆ ଖବରକାଗଜ 'ଉତ୍କଳ ଦୀପିକା' ପ୍ରକାଶିତ ହୋଇଥିଲା। ଏହା ପ୍ରଥମେ ସାପ୍ତାହିକ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ପ୍ରାୟ ୫୨ ବର୍ଷ ଧରି ଏହାର ସମ୍ପାଦକ ଦାୟିତ୍ୱ ତୁଲାଇଥିଲେ। ଉତ୍କଳ ଦୀପିକା ଯେଉଁ ବର୍ଷ ଆରମ୍ଭ ହୋଇଥିଲା ସେହି ବର୍ଷ ଓଡ଼ିଶାରେ ନଅଙ୍କ ଦୁର୍ଭିକ୍ଷରେ ୧୦ ଲକ୍ଷ ଲୋକ ଅନାହାରରେ ମରି ଯାଇଥିଲେ । ଦୁର୍ଭିକ୍ଷ ଓ ପରବର୍ତ୍ତୀ ଭୟାବହତା ବିଷୟରେ ଗୌରୀଶଙ୍କର 'ଉତ୍କଳ ଦୀପିକା'ରେ ନିୟମିତ ଭାବେ ଲେଖା ପ୍ରକାଶ କରି ଇଂରେଜ ସରକାରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସରକାରୀ ଚାକିରି କରିଥିଲେ ମଧ୍ୟ ସରକାରଙ୍କ ବିରୋଧରେ ଏଥିରେ ସ୍ୱର ଉତ୍ତୋଳନ କରିବାକୁ ସେ ପଛାଉ ନ ଥିଲେ। ବଙ୍ଗୀୟ ପରିବାରରେ ଜନ୍ମ ହୋଇଥିଲେ ସୁଦ୍ଧା ସେ ଓଡ଼ିଆକୁ ମାତୃଭାଷା ଭାବେ ଗ୍ରହଣ କରିଥିଲେ। ବ୍ୟକ୍ତିଗତ ଜୀବନରେ ଗୌରୀଶଙ୍କର ଥିଲେ ଉଦାରବାଦୀ। ୧୯୧୫ ମସିହାରେ ବାର୍ଦ୍ଧକ୍ୟ ଜନିତ କାରଣରୁ ଗୌରୀ ଶଙ୍କର ଉତ୍କଳ ଦୀପିକାର ସଂପାଦନାରୁ ଅବ୍ୟାହତି ନେଇଥିଲେ। ଏହାର ଦୁଇ ବର୍ଷ ପରେ ୧୯୧୭ ମସିହା ମାର୍ଚ୍ଚ ୭ ତାରିଖରେ ତାଙ୍କର ମୃତ୍ୟୁ ହୋଇଥିଲା।



# ଦୋକାନରେ ନାହାନ୍ତି ଦୋକାନୀ

ଆଜିର ସମୟରେ ବିନା ଦୋକାନୀରେ ଦୋକାନ ଚଳାଇବା ଆଦୌ ସମ୍ଭବ ନୁହେଁ। କାରଣ ଚୋରି ହେବାର ଭୟ ଯଥେଷ୍ଟ ଅଧିକ ଥାଏ। ତେବେ ନାଗାଲାଣ୍ଡରେ ଏହାର ବିପରୀତ ଦୃଶ୍ୟ ଦେଖିବାକୁ ମିଳିଥାଏ। ଏଠାରେ ଦୋକାନୀ ନ ଥିଲେ ବି ଦୋକାନ ପରିଚାଳିତ ହୋଇଥାଏ। କହିବାକୁ ଗଲେ ବିଶ୍ୱାସ ଓ ଭରସାରେ ହିଁ ଦୋକାନ ଚାଲେ। ତେଣୁ ଏଠାରେ ଏହି ଦୃଶ୍ୟକୁ ଦେଖି ଲାଗେ ସତେ ଯେପରି ଏହି ସ୍ଥାନରେ ରାମରାଜ୍ୟ ଚାଲିଛି। ଏଠାକାର ଲୋକ ଏତେ ସଚ୍ଚୋଟ ଯେ, ଦୋକାନରେ ଦୋକାନୀ ରହିବା ଦରକାର ପଡ଼େ ନାହିଁ। ନାଗାଲାଣ୍ଡ ବୁଲିବାକୁ ଆସିଥିବା ଜଣେ ପର୍ଯ୍ୟଟକ ଏହାର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ କରିଛନ୍ତି। ଏଠାରେ ଅନେକ ଦୋକାନ ଅଛି। ଦୋକାନରେ ଜିନିଷ ମହଜୁଦ ଥିବାବେଳେ ଦୋକାନୀ ନ ଥାନ୍ତି। ସେହିପରି ଲୋକେ ନିଜର ଆବଶ୍ୟକ ଜିନିଷ କିଣି ସ୍କାନର୍ ଦ୍ୱାରା ଟଙ୍କା ପଇଠ କରି ନଚେତ୍ ବାକ୍ସରେ ଟଙ୍କା ରଖି ଚାଲିଯାଆନ୍ତି। ଏଠାକାର ଏହି ସଚ୍ଚୋଟତା ପୂରା ଦେଶ ଲାଗି ଉଦାହରଣ ସୃଷ୍ଟି କରିଛି। ପର୍ଯ୍ୟଟକ ଏଠାରେ ଏଭଳି ବ୍ୟବସ୍ଥାକୁ ଦେଖି ଆଶ୍ଚର୍ଯ୍ୟ ହୋଇଥାନ୍ତି। ଏଠାରେ ଏମିତି ଅନେକ ଦୋକାନ ଅଛି, ଯାହା ଦିନ ତମାମ ଖୋଲା ରହିଥାଏ। ଗ୍ରାହକ ନିଜେ ଦୋକାନରେ ପଶି ନିଜ ପସନ୍ଦର ଜିନିଷ ବାଛନ୍ତି। ଏହାପରେ ଟଙ୍କାକୁ କ୍ୟାସ୍‌ବାକ୍ସରେ ରଖି ଦିଅନ୍ତି ନଚେତ୍ ଅନଲାଇନ୍‌ରେ ପୈଠ କରିଥାନ୍ତି। ସେହିଭଳି ଦୋକାନୀ ଜଣକ ଦିନଯାକ ନିଜ କାର୍ଯ୍ୟରେ ବ୍ୟସ୍ତ ରୁହନ୍ତି, ସନ୍ଧ୍ୟାରେ ଟଙ୍କାପଇସା ଗଣାଗଣି କରି ସବୁକିଛି ଠିକ୍ ଅଛି କି ନାହିଁ ଦେଖିଥାନ୍ତି। କେବଳ ସେତିକି ନୁହେଁ, ଏଠାରେ ଚୋରି ମାମଲା ଖୁବ୍ କମ୍। ଏଠାକାର ଜନଜାତି ନିଜର ପରମ୍ପରା, ସାମାଜିକ ଜୀବନ ଓ ସଚ୍ଚୋଟତା ଲାଗି ପରିଚିତ। ଏଠାକାର ଲୋକେ ପରସ୍ପରକୁ ଭଲଭାବେ ଜାଣିଥାନ୍ତି। ଏଠାରେ ସାମାଜିକ ମୂଲ୍ୟବୋଧ ଏତେ ଦୃଢ଼ ଯେ ଲୋକେ କୌଣସି ଅପରାଧ କରିବା ପୂର୍ବରୁ ଦୁଇଥର ଚିନ୍ତା କରନ୍ତି। ଏ ଦୃଷ୍ଟିରୁ ଏଠାରେ ଅପରାଧ ହାର ମଧ୍ୟ ବହୁତ କମ୍। ପର୍ଯ୍ୟଟକଙ୍କ ମତରେ, ଏଠାରେ କେବଳ ଦୋକାନ ନୁହେଁ, ଅନ୍ୟ ସେବାରେ ବି ଭରସା ଦେଖିବାକୁ ମିଳେ। ଏହାକୁ ନେଇ ଲୋକେ ଭିନ୍ନ ଭିନ୍ନ ପ୍ରତିକ୍ରିୟା ରଖିଛନ୍ତି।

# 'କିଙ୍ଗ୍' ୪୫୦ କୋଟିର ବାଜି



ବଲିଉଡ୍ ବାଦଶାହ ଶାହାରୁଖ୍ ଖାନ୍ ଏବେ ତାଙ୍କର ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'କିଙ୍ଗ୍'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ଏବେ ଏହା ତାଙ୍କ କ୍ୟାରିୟରର ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି ବୋଲି ଜଣାପଡ଼ିଛି। ଏହି ଫିଲ୍ମ କେବଳ ଷ୍ଟାରକାଷ୍ଟ ଏବଂ ଆକ୍ସନ୍ ପାଇଁ ନୁହେଁ, ବରଂ ଅଧିକ ବଜେଟ୍ ପାଇଁ ମଧ୍ୟ ଏବେ ଚର୍ଚ୍ଚାରେ ଅଛି। ସିଦ୍ଧାର୍ଥ ଆନନ୍ଦଙ୍କ ନିର୍ଦ୍ଦେଶିତ 'କିଙ୍ଗ୍'ର ବଜେଟ୍ ଏବେ ୪୫୦ କୋଟି ଟଙ୍କାରେ ପହଞ୍ଚି ସାରିଛି। ଅବଶ୍ୟ ଏହି ଅର୍ଥରେ ଫିଲ୍ମର ପ୍ରିଣ୍ଟ, ପ୍ରମୋସନ୍ ଏବଂ ଶାହାରୁଖ୍‌ଙ୍କ ଫିସ୍ ସାମିଲ ନାହିଁ। ତେବେ ଫିଲ୍ମଟି ରିଲିଜ୍ ହେବା ପର୍ଯ୍ୟନ୍ତ ଏହାର ବଜେଟ୍ ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଫିଲ୍ମର ସୁଟିଂ ମେ, ୨୦୨୫ ରେ ଆରମ୍ଭ ହୋଇଥିଲା ଏବଂ ଅଗଷ୍ଟ ୨୦୨୬ ସୁଦ୍ଧା ଏହାକୁ ଶେଷ କରାଯିବା ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୧୫୦ ଦିନ ଧରି ବିଶ୍ୱର ବିଭିନ୍ନ ସ୍ଥାନରେ ଏହାର ସୁଟିଂ କରାଯାଇଛି । ଫିଲ୍ମର ଆକ୍ସନ୍ ସିନ୍‌ଗୁଡ଼ିକର ସୁଟ୍ ପାଇଁ ଆନ୍ତର୍ଜାତୀୟ ଷ୍ଟଣ୍ଟ ଟିମ୍‌ଗୁଡ଼ିକୁ ସାମିଲ କରାଯାଇଛି । ସେହିପରି ହାଇ-ଏଣ୍ଡ ଭିଏଫ୍‌ଏକ୍ସ କାମ ଶାହାରୁଖ୍‌ଙ୍କ କମ୍ପାନି 'ରେଡ୍ ଚିଲିଜ୍ ଏଣ୍ଟରଟେନମେଣ୍ଟ' କରୁଛି। ଫିଲ୍ମ ନିର୍ମାତା ଦର୍ଶକଙ୍କୁ 'କିଙ୍ଗ୍' ମାଧ୍ୟମରେ ବଡ଼ ପରଦାରେ ଏମିତି ଏକ ଆକ୍ସନ୍ ଅଭିଜ୍ଞତା ଦେବାକୁ ଚାହୁଁଛନ୍ତି, ଯାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିବ । ଶାହାରୁଖ୍‌ଙ୍କ ପୂର୍ବ ଫିଲ୍ମ 'ଜଓ୍ୱାନ'ର ବଜେଟ୍ ୪୦୦ କୋଟି ଥିବାବେଳେ 'ପଠାନ୍' ୩୫୦ କୋଟିରେ ପ୍ରସ୍ତୁତ ହୋଇଥିଲା। 'କିଙ୍ଗ୍' ଏହି ଦୁଇଟି ଫିଲ୍ମର ରେକର୍ଡକୁ କାଟି ସବୁଠୁ ହାଇ ବଜେଟ୍‌ର ଫିଲ୍ମ ହେବାକୁ ଯାଉଛି। ଆଲିଆ ଭଟ୍ଟଙ୍କ ସ୍ପାଇ ୟୁନିଭର୍ସ ଫିଲ୍ମ 'ଆଲ୍‌ଫା'ର ବଜେଟ୍ ପାଖାପାଖି ୧୦୦-୧୨୦ କୋଟି ଟଙ୍କା ରହିଛି। 'କିଙ୍ଗ୍'ର ବଜେଟ୍‌ରେ ପ୍ରାୟ ତିନୋଟି 'ଆଲ୍‌ଫା' ଭଳି ଫିଲ୍ମ ତିଆରି କରାଯାଇପାରିବ। ଏହି ତୁଳନାରୁ ହିଁ ଜଣାପଡୁଛି ଯେ, ଫିଲ୍ମଟି କେତେ ବଡ଼ ସ୍କେଲ୍‌ରେ ନିର୍ମାଣ ହେଉଛି। ଯଦି ସବୁକିଛି ଯୋଜନା ମୁତାବକ ଚାଲେ, ତେବେ 'କିଙ୍ଗ୍'କେବଳ ଶାହାରୁଖ୍‌ଙ୍କ କ୍ୟାରିୟର ପାଇଁ ନୁହେଁ, ବରଂ ହିନ୍ଦୀ ସିନେମାର ସବୁଠାରୁ ବଡ଼ ବଜେଟ୍‌ର ଫିଲ୍ମ ଭାବେ ନିଜ ସ୍ଥାନ ପକ୍କା କରିପାରେ।

# ସ୍ୱସ୍ତି

## ପବିତ୍ର ରଥଯାତ୍ରା



**ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ପାଳିତ ହୁଏ ରଥଯାତ୍ରା। ଏହାକୁ 'ଘୋଷଯାତ୍ରା', 'ଶ୍ରୀଗୁଣ୍ଡିଚା ଯାତ୍ରା', 'ପତିତପାବନ ଯାତ୍ରା', 'ଆଡପମଣ୍ଡପ ଯାତ୍ରା', 'ଦଶାବତାର ଯାତ୍ରା' ବୋଲି ମଧ୍ୟ କୁହାଯାଏ। ଓଡ଼ିଶାର ମୁଖ୍ୟ ଯାତ୍ରା ଭାବେ ପୁରୀ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ। ସେହିପରି ଏହା ଜଗନ୍ନାଥ ମନ୍ଦିରରେ ପାଳିତ ଦ୍ୱାଦଶ ଯାତ୍ରା ମଧ୍ୟରେ ପ୍ରଧାନ। ଏହା ପୁରୀ ବ୍ୟତୀତ ବିଭିନ୍ନ ସ୍ଥାନରେ ପାଳିତ ହେଉଛି।**

ଜଗତର ନାଥ ଜଗନ୍ନାଥ ବର୍ଷକୁ ଥରେ ବଡ଼ ଭାଇ ବଳଭଦ୍ର ଏବଂ ସାନ ଭଉଣୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ମାଉସୀ ମା' ଘରକୁ ବୁଲି ଯାଆନ୍ତି। ରତ୍ନବେଦୀ ଛାଡ଼ି ଶ୍ରୀଗୁଣ୍ଡିଚା ଯାତ୍ରା କରନ୍ତି। ଏହି ଦିନ ଘଣ୍ଟ, ଶଙ୍ଖ ବାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୁଏ। ଶ୍ରୀମନ୍ଦିରରୁ ପହଣ୍ଡି ହୋଇ ତିନି ରଥରେ ତିନିଠାକୁର ବିଜେ କରନ୍ତି। ତିନି ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚେ ଏବଂ ଏଠାରେ ସେମାନେ ନଅଦିନ ରହନ୍ତି। ତେବେ କାହିଁ କେଉଁ ଅନାଦି କାଳରୁ ରଥଯାତ୍ରା ପାଳିତ ହୋଇ ଆସୁଥିଲେ ହେଁ ଏହା ପଛରେ ପୌରାଣିକ କାହାଣୀ ବି ଅଛି।

ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ପାଖରେ ବିଶ୍ୱକର୍ମା ଏକ ସର୍ତ୍ତ ରଖିଥିଲେ। ମୂର୍ତ୍ତି ନିର୍ମାଣ ସମୟରେ ବିଶ୍ୱକର୍ମା ଏକାନ୍ତରେ ରହିବେ। ଯଦି ମୂର୍ତ୍ତି ନିର୍ମାଣ ପୂର୍ବରୁ କେହି ନିର୍ମାଣ କକ୍ଷର ଦ୍ୱାର ଖୋଲନ୍ତି, ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଅଧାରେ ରହିବ। ବିଶ୍ୱକର୍ମାଙ୍କର ଏହି ସର୍ତ୍ତକୁ ରାଜା ସ୍ୱୀକାର କଲେ। ବିଶ୍ୱକର୍ମା ଗୁଣ୍ଡିଚା ସ୍ଥାନରେ ମୂର୍ତ୍ତି ନିର୍ମାଣ କାର୍ଯ୍ୟ ଆରମ୍ଭ କାମ କଲେ। ତେବେ ସମୟ ଅତିବାହିତ ହେବା ସହ ନିର୍ମାଣ କକ୍ଷର ଦ୍ୱାର ନ ଖୋଲିବାରୁ ରାଜା ଚିନ୍ତାରେ ପଡ଼ିଲେ। ସେଇଠୁ ଅନିଚ୍ଛା ସତ୍ତ୍ୱେ ବି ରାଜା ବାଧ ହୋଇ ନିର୍ମାଣ କକ୍ଷର ଦ୍ୱାର ଖୋଲିଲେ। ହେଲେ ସେତେବେଳେ ନିର୍ମାଣ କାର୍ଯ୍ୟ ଶେଷ ହୋଇ ନ ଥିଲା। ସେଠାରେ ରାଜାଙ୍କୁ ଦେଖି ବିଶ୍ୱକର୍ମା ଅନ୍ତର୍ଦ୍ଧାନ ହୋଇ ଗଲେ। ଏତିକି ବେଳେ ଆକାଶବାଣୀ ହେଲା ଯେ, ଭଗବାନ ଏହି ରୂପରେ ସ୍ଥାପିତ ହେବେ। ଏହାସହ ବର୍ଷକୁ ଥରେ ଠାକୁର ନିଜ ଜନ୍ମଭୂମିକୁ ଯିବେ। ଏହାପରେ ଇନ୍ଦ୍ରଦ୍ୟୁମ୍ନ ଏକ ବିଶାଳ ଭବ୍ୟ ମନ୍ଦିର ତିଆରି କରି ତିନି ମୂର୍ତ୍ତିକୁ ସେଠାରେ ସ୍ଥାପନା କରିଥିଲେ। ଏହାସହ ଆଷାଢ଼ ଶୁକ୍ଳ ଦ୍ୱିତୀୟାରେ ଶ୍ରୀଜିଉଙ୍କୁ ନିଜ ଜନ୍ମଭୂମିକୁ ନେବା ପାଇଁ ବ୍ୟବସ୍ଥା କଲେ। ସେବେଠାରୁ ଏହି ପରମ୍ପରା ରଥଯାତ୍ରା ନାମରେ ପାଳିତ ହୋଇ ଆସୁଛି। ଏଥର ରଥଯାତ୍ରା ଜୁଲାଇ ୧୬ ତାରିଖରେ ପାଳନ କରାଯିବ।

## କେବେ କରିବେ ସତ୍ୟନାରାୟଣ ପୂଜା

**ସତ୍ୟନାରାୟଣ ପୂଜା କେବଳ ଏକ ଧାର୍ମିକ ଅନୁଷ୍ଠାନ ନୁହେଁ। ଘରେ ସୁଖ, ଶାନ୍ତି ଓ ସକାରାତ୍ମକ ଶକ୍ତିର ମାଧ୍ୟମ ଭାବେ ଗ୍ରହଣ କରାଯାଏ। କେବେ ଏହି ପୂଜା ଆୟୋଜନ କରିବା ଭଲ, ଜାଣିବା ସେ ସମ୍ପର୍କରେ।**

- ପୂର୍ଣ୍ଣିମା, ଏକାଦଶୀ ଦିନରେ ସତ୍ୟନାରାୟଣ ପୂଜା କରିବାକୁ ଶୁଭ ବୋଲି କୁହାଯାଏ।
- ପିଲାଙ୍କ ଜନ୍ମଦିନରେ ସତ୍ୟନାରାୟଣ ପୂଜା କରିବା ଉଚିତ। ଏହା ମାଧ୍ୟମରେ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରାଯାଏ।
- ନୂଆ ଘର, ଦୋକାନ, ବ୍ୟବସାୟ ପ୍ରାରମ୍ଭରେ ଏହି ପୂଜା କରିବା ଶୁଭ।
- ବିବାହ ପରେ ଏହି ପୂଜା କରିବା ଦ୍ୱାରା ଦାମ୍ପତ୍ୟ ଜୀବନରେ ସୁଖ-ସମୃଦ୍ଧି ବୃଦ୍ଧି ପାଏ।
- କୌଣସି ଇଚ୍ଛା ପୂରଣ ହେବା ପରେ ଭଗବାନଙ୍କ ପ୍ରତି କୃତଜ୍ଞତା ଜ୍ଞାପନ ପୂର୍ବକ ଏହି ପୂଜ କରିବା ଅତ୍ୟନ୍ତ ଶୁଭ।
- ବିବାହ ବାର୍ଷିକୀ ଅବସରରେ ସତ୍ୟ ନାରାୟଣ ପୂଜା କରିବା ଲାଭକାରୀ।
- ଘରେ ସୁଖ, ଶାନ୍ତି ଏବଂ ସକରାତ୍ମକ ଉର୍ଜା ପାଇଁ ମଝିରେ ମଝିରେ ସତ୍ୟନାରାୟଣ ପୂଜା କରିବା ଦରକାର।



## କେଉଁ ବର୍ଜିତ କାମ କରିବା ମନା

**କିଛି କାମ ଏଭଳି ଅଛି, ଯାହାକୁ ଲୋକମାନେ ନିଜ ଅଜାଣତରେ କରି ବସନ୍ତି। ଫଳରେ ଘରର ଶାନ୍ତି ପ୍ରଭାବିତ ହୋଇଥାଏ। ଭଗବାନ ଗଣେଶ ଏବଂ ମହାଦେବଙ୍କ କୃପା ପାଇବା ଲାଗି କିଛି କାମ କରିବାକୁ ବାରଣ କରାଯାଇଛି।**


- ଭଗବାନ ଗଣେଶଙ୍କୁ ତୁଳସୀ ଚଢ଼ାନ୍ତୁ ନାହିଁ।
- ଏକାଭଳି ଦୁଇଟି ଶଙ୍ଖ ରଖନ୍ତୁ ନାହିଁ।
- ଘର ଭିତରେ ଶିବଲିଙ୍ଗ ରଖନ୍ତୁ ନାହିଁ।
- ଘରେ ଖଣ୍ଡିତ ମୂର୍ତ୍ତି ପୂଜା କରିବା ଭଲ ନୁହେଁ।
- ଦୀପରୁ ଆଉ ଏକ ଦୀପ ଜଳାନ୍ତୁ ନାହିଁ।
- ମନ୍ଦିରରୁ ଫେରିବା ବେଳେ ଘଣ୍ଟି ବଜାଇବା ଅନୁଚିତ।

## ତମ୍ବା ମୁଦି ଧାରଣର ଲାଭ

**ହିନ୍ଦୁ ଧର୍ମରେ ସୁନା, ରୁପା ଏବଂ ତମ୍ବା ଏହି ତିନି ଧାତୁକୁ ପବିତ୍ର ବୋଲି ବିବେଚନା କରାଯାଏ। ତେଣୁ ପୂଜା-ପାଠରେ ଏହି ଧାତୁର ଉପଯୋଗ ସବୁଠୁ ଅଧିକ କରାଯାଏ। ସେହିପରି ଜ୍ୟୋତିଷରେ ନବ ଗ୍ରହ କଥା କୁହାଯାଇଥିବା ବେଳେ ସମସ୍ତ ଗ୍ରହର ଧାତୁ ବି ଅଲଗା ଅଲଗା। ଗ୍ରହର ରାଜା ସୂର୍ଯ୍ୟ ହୋଇଥିବା ବେଳେ ସୂର୍ଯ୍ୟଙ୍କ ଧାତୁ ତମ୍ବା। ତେବେ ତମ୍ବା ମୁଦି ପିନ୍ଧିବାର ଲାଭ ସମ୍ପର୍କରେ ଜାଣିବା।**

- ତମ୍ବା ମୁଦି ଅନାମିକା ଅଙ୍ଗୁଳିରେ ପିନ୍ଧିବା ଉଚିତ। ଏହା ଦ୍ୱାରା ଜାତକରେ ସୂର୍ଯ୍ୟଙ୍କ ଦୋଷର ପ୍ରଭାବ କମ୍ ହୁଏ।
- ଏହି ମୁଦି ଧାରଣ ଦ୍ୱାରା ମଙ୍ଗଳର ଅଶୁଭ ପ୍ରଭାବ କମ୍ ହୋଇପାରେ।
- ତମ୍ବା ମୁଦି ପ୍ରଭାବ ଯୋଗୁଁ ସୂର୍ଯ୍ୟଙ୍କ ବଳ ବଢ଼େ। ସୂର୍ଯ୍ୟ ଦେବଙ୍କ କୃପା ଦ୍ୱାରା ପରିବାର ଏବଂ ସମାଜରେ ମାନ-ସମ୍ମାନ ମିଳେ।
- ଏହି ମୁଦି ଲଗାତାର ଶରୀର ସଂସ୍ପର୍ଶରେ ରହିଥାଏ। ଫଳରେ ତମ୍ବାର ଔଷଧୀୟ ଗୁଣ ଶରୀରକୁ ମିଳେ। ଏହା ଦ୍ୱାରା ରକ୍ତ ପରିଷ୍କାର ହୁଏ।
- ତମ୍ବା ମୁଦି ପିନ୍ଧିଲେ ଶାରୀରିକ ଏବଂ ମାନସିକ ଚାପ କମ୍ ହୁଏ। ଏହା ସହିତ କ୍ରୋଧ ଉପରେ ନିୟନ୍ତ୍ରଣ ରହେ।
- ଉକ୍ତ ମୁଦି ରକ୍ତଚାପକୁ ନିୟନ୍ତ୍ରଣରେ ରଖେ। ସେହିପରି ଲଗାତାର ଏହା ତ୍ୱଚା ସଂସ୍ପର୍ଶରେ ରହିବା ଦ୍ୱାରା ତ୍ୱଚାର ଚମକ ବୃଦ୍ଧି ପାଏ।








## କ୍ୱାର୍ଟରଫାଇନାଲ୍‌ରୁ ନରୱେ ଓ ସ୍ୱିଜରଲାଣ୍ଡର ବିଦାୟ

# ସେମିରେ ଇଂଲଣ୍ଡ-ଆର୍ଜେଣ୍ଟିନା ଲଢ଼େଇ

ମାୟାମି/କାନ୍‌ସାସ୍ ସିଟି,୧୨।୭ (ଏଜେନ୍ସି)

ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ୧୯୬୬ର ଚାମ୍ପିଅନ ଇଂଲଣ୍ଡ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ମୁକାବିଲା ହେବ। ତୃତୀୟ କ୍ୱାର୍ଟର ଫାଇନାଲରେ ଇଂଲଣ୍ଡ ୨-୧ ଗୋଲରେ ନରୱେକୁ ଓ ଶେଷ ତଥା ୪ର୍ଥ କ୍ୱାର୍ଟରରେ ଆର୍ଜେଣ୍ଟିନା ୩-୧ ଗୋଲରେ ସ୍ୱିଜରଲାଣ୍ଡକୁ ପରାସ୍ତ କରିଥିଲା। ପୂର୍ବରୁ ଟାଇଟଲ ଆଶାୟୀ ତଥା ୨ଥରର ଚାମ୍ପିଅନ ଫ୍ରାନ୍ସ ଓ ୨୦୧୦ରେ ଚାମ୍ପିଅନ ସ୍ପେନ୍ ପ୍ରଥମ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିସାରିଥିଲେ। ଏହି ବିଶ୍ୱକପ୍‌ରେ ପ୍ରଥମଥର ଫିଫା ର୍‍ୟାଙ୍କିଙ୍ଗ୍‌ରେ ପ୍ରଥମ ୪ଟି ସ୍ଥାନରେ ଥିବା ଦଳ ଏବଂ ପୂର୍ବରୁ ଟାଇଟଲ ଜିତିଥିବା ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଆର୍ଲିଙ୍ଗଟନରେ ମଙ୍ଗଳବାର ପ୍ରଥମ ଓ ଆଟଲାଣ୍ଟାରେ ବୁଧବାର ଦ୍ୱିତୀୟ ସେମିଫାଇନାଲ ଖେଳାଯିବ। ଉଭୟ ମୁକାବିଲା ଭାରତୀୟ ସମୟ ରାତି ୧୨ଟା ୩୦ ମିନିଟ୍‌ରୁ ଆରମ୍ଭ ହେବ। ସେହିଭଳି ନ୍ୟୁୟର୍କର ନ୍ୟୁଜର୍ସୀର ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ରବିବାର ରାତି ୧୨ଟା ୩୦ରେ ଗ୍ରାଣ୍ଡଫାଇନାଲ ଅନୁଷ୍ଠିତ ହେବ। ସେହିପରି ତୃତୀୟ ଓ ଚତୁର୍ଥ ସ୍ଥାନିତ ମ୍ୟାଚ୍ ଲାଗି ସେମିଫାଇନାଲରେ ପରାଜିତ ଦୁଇ ଦଳ ମଧ୍ୟରେ ଶନିବାର ରାତି ୨ଟା ୩୦ ମିନିଟ୍‌ରେ ଲଢ଼େଇ ହେବ। ଏହି ପ୍ରତିଯୋଗିତାରେ ଇଂଲଣ୍ଡ ଚତୁର୍ଥଥର ଓ ଆର୍ଜେଣ୍ଟିନା ଷଷ୍ଠଥର ଲାଗି ସେମିଫାଇନାଲରେ ପ୍ରବେଶ କରିଛି।



## ଆର୍ଜେଣ୍ଟିନା ୩, ସ୍ୱିଜରଲାଣ୍ଡ-୧

କାନ୍‌ସାସ୍ ସିଟିରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ସ୍ୱିଜରଲାଣ୍ଡ ମଧ୍ୟରେ ଖେଳାଯାଇଥିବା ଚତୁର୍ଥ କ୍ୱାର୍ଟର ବେଶ ଘଟଣାବହୁଳ ରହିଥିଲା। ୧୯୫୪ ପରେ ପ୍ରଥମ କ୍ୱାର୍ଟର ଫାଇନାଲ ଖେଳୁଥିବା ସ୍ୱିଜରଲାଣ୍ଡ ଅନୁମାନଠାରୁ ଅଧିକ ଭଲ ଖେଳିଥିଲା। ଖେଳର ୧୦ ମିନିଟ୍‌ରେ ଆର୍ଜେଣ୍ଟିନା ପକ୍ଷରୁ ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର ଗୋଲ ସ୍କୋର କରି ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଲିଓନେଲ ମେସିଙ୍କ କର୍ଣ୍ଣର ପାସ୍‌କୁ ଆଲିଷ୍ଟର ହେଡର ଜରିଆରେ ଗୋଲ ଦେଇଥିଲେ। ଏହାପରେ ଦ୍ୱିତୀୟାର୍ଦ୍ଧର ୬୭ତମ ମିନିଟ୍‌ରେ ରିକାର୍ଡୋ ରୋଡ୍ରିଗ୍ୱେଜ୍‌ଙ୍କଠାରୁ କ୍ରସ୍ ପାସ୍ ପାଇ ଡାନ୍ ଏନ୍‌ଡୋଏ ସ୍ୱିଜରଲାଣ୍ଡ ପାଇଁ ଏହି ଗୋଲଟି ଶୁଝିଦେଇଥିଲେ। ଫଳରେ ମ୍ୟାଚ ୧-୧ ଗୋଲର ସମାନସ୍ତରକୁ ଆସିଥିଲା। ନିର୍ଦ୍ଧାରିତ ସମୟରେ ଆଉ କୌଣସି ଗୋଲ୍ ନ ହେବାରୁ ଅତିରିକ୍ତ ସମୟର ସହାୟତା ନିଆଯାଇଥିଲା। ଏଥିରେ ଆର୍ଜେଣ୍ଟିନା ପକ୍ଷରୁ ଜୁଲିଆନ୍ ଆଲଭାରେଜ ଓ ଲୌଟାରୋ ମାର୍ଟିନେଜ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରି ଦଳକୁ ୩-୧ରେ ବିଜୟୀ କରିବା ସହ ଟାଇଟଲ ଡିଫେଣ୍ଡ କରିବାକୁ ଆଉ ଏକ ସୁଯୋଗ ଦେଇଥିଲେ। ୧୧୨ତମ ମିନିଟ୍‌ରେ ଜୁଲିଆନା ଆଲଭାରେଜ ଓ ଏହାର ଆଉ ୮ ମିନିଟ୍ ପରେ ଶେଷ ହ୍ୱିସଲ ବାଜିବା ପୂର୍ବରୁ ମାର୍ଟିନେଜ୍ ତୃତୀୟ ଗୋଲଟି ଦେଇଥିଲେ।



## ବେଲିଂହାମ୍‌ଙ୍କ କମାଲ୍

ମାୟାମିରେ ଇଂଲଣ୍ଡ ଓ ନରୱେ ମଧ୍ୟରେ ଖେଳାଯାଇଥିବା ତୃତୀୟ କ୍ୱାର୍ଟରଫାଇନାଲ ବେଶ ଆକର୍ଷଣୀୟ ହୋଇଥିଲା। ଆରମ୍ଭରୁ ଉଭୟ ଦଳ ସୁଯୋଗ ପାଇଥିଲେ ମଧ୍ୟ ତାହାକୁ କାର୍ଯ୍ୟକାରୀ କରି ପାରି ନ ଥିଲେ। ଖେଳର ୩୬ତମ ମିନିଟ୍‌ରେ ନରୱେର ଅଧିନାୟକ ଓଡେଗାର୍ଡଙ୍କଠାରୁ ପାସ୍ ପାଇ ଯୁବ ଖେଳାଳି ଆନ୍ଦ୍ରିଆସ ଶେଲଡରୁପ ଏକ ଶକ୍ତିଶାଳୀ ସଟ୍ ଜରିଆରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ଖାଇବା ପରେ ଇଂଲଣ୍ଡର ଆକ୍ରମଣ ଶାଣିତ ହୋଇଥିଲା। ପ୍ରଥମାର୍ଦ୍ଧର ଇଞ୍ଜୁରୀ ଟାଇମ (୪୫+୨)ରେ ଗର୍ଡନଙ୍କ କ୍ରସ୍‌କୁ ଚମତ୍କାର ଭଙ୍ଗୀରେ ଜୁଡ ବେଲିଂହାମ୍ ନରୱେ ପୋଷ୍ଟକୁ ପଠାଇ ଖେଳକୁ ସମାନସ୍ତରକୁ ନେଇଆସିଥିଲେ। ଦ୍ୱିତୀୟାର୍ଦ୍ଧ ଖେଳରେ କେହି କାହାରିକୁ ଗୋଲ ଦେବାରେ ସଫଳ ନ ହେବାରୁ ଅତିରିକ୍ତ ସମୟର ସାହାଯ୍ୟ ନିଆଯାଇଥିଲା। ଅତିରିକ୍ତ ସମୟ ଆରମ୍ଭର ମାତ୍ର ତୃତୀୟ ମିନିଟ୍‌ରେ ଇଂଲଣ୍ଡର ମୋର୍ଗାନ ରୋଜର୍ସ ଏକ ସଟ୍ ପୋଷ୍ଟକୁ ମାରିଥିଲେ। ନରୱେ ଗୋଲରକ୍ଷକ ନାଇଲାଣ୍ଡଙ୍କ ହାତରେ ବଲ ବାଜି ଫେରି ଆସୁଥିବାର ସୁଯୋଗ ନେଇ ସେଠାରେ ଥିବା ବେଲିଂହାମ୍ ବଲ୍‌କୁ ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ। ଫଳରେ ଇଂଲଣ୍ଡ ୨-୧ରେ ଅଗ୍ରଣୀ ହାସଲ କରିଥିଲା। ବେଲିଂହାମ ଇଂଲଣ୍ଡ ପକ୍ଷରୁ ଏହି ମ୍ୟାଚ୍‌ରେ ଦ୍ୱିତୀୟ ଓ ବିଶ୍ୱକପ୍‌ରେ ଷଷ୍ଠ ଗୋଲ ସ୍କୋର କରିଥିଲେ। ଏହାପରେ ନରୱେ ମ୍ୟାଚକୁ ଫେରିବାକୁ ପ୍ରଚେଷ୍ଟା କରିଥିଲେ ମଧ୍ୟ କିନ୍ତୁ ଏଥିରେ କେହି ସଫଳ ହୋଇ ପାରି ନ ଥିଲା।

## ୯ ମ୍ୟାଚ୍ ପରେ ମେସି ନିରାଶ

କାନ୍‌ସାସ୍ ସିଟି,୧୨।୭ (ଏଜେନ୍ସି): ଚତୁର୍ଥ ତଥା ଶେଷ କ୍ୱାର୍ଟରଫାଇନାଲରେ ଆର୍ଜେଣ୍ଟିନା ୩-୧ ଗୋଲରେ ସ୍ୱିଜରଲାଣ୍ଡକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। କିନ୍ତୁ ଅଧିନାୟକ ତଥା ତାରକା ଖେଳାଳି ଲିଓନେଲ ମେସି ଏହି ମ୍ୟାଚ୍‌ରେ ଗୋଲ ଦେବାରେ ବିଫଳ ହୋଇଛନ୍ତି। ଫଳରେ କ୍ରମାଗତ ୯ଟି ମ୍ୟାଚ୍‌ରେ ଗୋଲ ଦେବା ପରେ ମେସିଙ୍କ ଗୋଲ ସ୍କୋରିଂରେ ବ୍ରେକ୍ ଲାଗିଛି। କେବଳ ମେସି ନୁହଁନ୍ତି କ୍ୱାର୍ଟରରେ ନରୱେର ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡ, ଇଂଲଣ୍ଡ ଅଧିନାୟକ ହ୍ୟାରୀ କେନ୍, ରାଉଣ୍ଡ ଅଫ୍ ୧୬ରେ ପର୍ତ୍ତୁଗାଲର ସୁପରଷ୍ଟାର କ୍ରିଷ୍ଟିଆନୋ ମଧ୍ୟ ଗୋଲ ଦେବାରେ ବିଫଳ ହୋଇଛନ୍ତି। ଚଳିତ ବିଶ୍ୱକପ୍‌ରେ ମେସି ୮ଟି, ହଲାଣ୍ଡ ୭ଟି ଓ କେନ୍ ୬ଟି ଗୋଲ ଦେଇସାରିଛନ୍ତି।

## ପ୍ରଥମ ୪ଟି ଦଳ ସେମିରେ

ଡଲାସ୍,୧୨।୭ (ଏଜେନ୍ସି): ବିଶ୍ୱକପ୍ ପୂର୍ବରୁ ଫିଫା ମାନ୍ୟତାରେ ସ୍ଥାନ ପାଇଥିବା ୪ଟି ଦଳ ପ୍ରଥମଥର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୯୯୨ରେ ଫିଫା ମାନ୍ୟତା ଆରମ୍ଭ ହେବା ଏହା ପ୍ରଥମଥର ସମ୍ଭବ ହୋଇଛି। ବିଶ୍ୱକପ୍ ପୂର୍ବରୁ ଫିଫା ମାନ୍ୟତାରେ ପ୍ରଥମରୁ ଚତୁର୍ଥ ସ୍ଥାନରେ ଥିବା ଆର୍ଜେଣ୍ଟିନା, ସ୍ପେନ୍, ଫ୍ରାନ୍ସ ଓ ଇଂଲଣ୍ଡ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବିଶ୍ୱକପ୍ ଇତିହାସରେ ଏହାର କୌଣସି ଗୁରୁତ୍ୱ ନାହିଁ। କେବଳ ୨୦୦୨ରେ ପ୍ରଥମ ସ୍ଥାନରେ ଥିବା ବ୍ରାଜିଲ ରୋନାଲ୍ଡୋ, ନାଜରିଓ, ରିଭାଲ୍ଡୋ ଓ ରୋନାଲ୍ଡିନୋଙ୍କୁ ନେଇ ଟାଇଟଲ ଜିତିଥିଲା।

## ଭୁଲରେ ରେଡ୍‌କାର୍ଡ ପାଇବାରେ ଏମ୍ବୋଲୋ ପ୍ରଥମ

କାନ୍‌ସାସ୍ ସିଟି,୧୨।୭ (ଏଜେନ୍ସି): ଭିଏଆର ମାଧ୍ୟମରେ ଜଣେ ଖେଳାଳିଙ୍କୁ ରେଡକାର୍ଡ ଦିଆଯାଇଛି। ସେ ହେଉଛନ୍ତି ସ୍ୱିଜରଲାଣ୍ଡର ବ୍ରିଲ୍ ଏମ୍ବୋଲୋ ଓ ଏଭଳି ରେଡକାର୍ଡ ପାଇବାରେ ପ୍ରଥମ ଖେଳାଳି। ପୂର୍ବ ମ୍ୟାଚ୍‌ରେ ତାଙ୍କୁ ୟେଲୋ କାର୍ଡ ମିଳିଥିଲା। ଏହି ମ୍ୟାଚ୍‌ରେ ରେଫରୀ ଜୋଆଓ ପେଡ୍ରୋ ସିଲ୍‌ଭା ବିପଜ୍ଜନକ ଖେଳ ଲାଗି ଆର୍ଜେଣ୍ଟିନାର ଲିଆଣ୍ଡ୍ରୋ ପାରେଡେସ୍‌ଙ୍କୁ ୟେଲୋ କାର୍ଡ ଦେଇଥିଲେ। ଭିଏଆରରେ ଏହା ଭୁଲ ହୋଇଥିଲା ଓ ଖେଳ ଆରମ୍ଭ ହୋଇଥିଲା। ଏହା ପରେ ପୁଣିଥରେ ଖେଳକୁ ବନ୍ଦ ରଖାଯାଇଥିଲା ଓ ଭିଏଆର ନିଷ୍ପତ୍ତିରେ ଏମ୍ବୋଲୋଙ୍କୁ ୟେଲୋକାର୍ଡ ଦିଆଗଲା। ପୂର୍ବରୁ ୟେଲୋ କାର୍ଡ ପାଇଥିବାରୁ ଏହା ରେଡ୍‌କାର୍ଡରେ ପରିଣତ ହୋଇଥିଲା। ଫଳରେ ଫିଫାର 'ମିସ୍‌ଟେକେନ ଆଇଡେଂଟିଟି' ନିୟମ ଅନୁଯାୟୀ ଏମ୍ବୋଲୋ ପ୍ରଥମ ଖେଳାଳି ଭାବେ ଏହି ନକରାତ୍ମକ ଆଉଟର ଶିକାର ବନିଥିଲେ।

## କ୍ୱାର୍ଟରଫାଇନାଲ ଅଭିଶାପ ଟଳିଲା

ମାୟାମି,୧୨।୭ (ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ଇଂଲଣ୍ଡ ଏକ ଶକ୍ତିଶାଳୀ ଦଳ ହୋଇଥିଲେ ମଧ୍ୟ କ୍ୱାର୍ଟର ଫାଇନାଲକୁ ଅତିକ୍ରମ କରିବା କଷ୍ଟକର ହୋଇଥାଏ। ଚଳିତ ବିଶ୍ୱକପ୍‌କୁ ମିଶାଇଲେ ଇଂଲଣ୍ଡ ୧୧ଥର ଲାଗି କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହା ମଧ୍ୟରୁ ୭ଥର ପରାଜିତ ହୋଇଥିଲାବେଳେ ୪ଥର ସେମିଫାଇନାଲକୁ ଯାଇଛି। ଗତକାଲି ନରୱେ ସହ ଇଂଲଣ୍ଡ ଖେଳିଥିବା ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ନରୱେ ପ୍ରଥମ ଗୋଲ ଦେବା ପରେ ଇଂଲଣ୍ଡ ସମର୍ଥକମାନେ ଆଶଙ୍କାରେ ପଡ଼ିଯାଇଥିଲେ। କିନ୍ତୁ ଜୁଡ୍ ବେଲିଂହାମ୍‌ଙ୍କ ଡବଲ ଗୋଲ ବଳରେ ଇଂଲଣ୍ଡ କ୍ୱାର୍ଟରରେ ପରାଜୟର ଧାରା ଓ ଜୁଲାଇ ୧୧ର ଅଭିଶାପରୁ ମୁକୁଳି ନରୱେକୁ ହରାଇ ଚତୁର୍ଥଥର ସେମିଫାଇନାଲରେ ପ୍ରବେଶ କରିଛି।

## ମ୍ୟାକ୍କୁଲମ୍ ବହିଷ୍କୃତ; 'ବାଜ୍‌ବଲ୍' ଯୁଗର ଅନ୍ତ



ଲଣ୍ଡନ,୧୨।୭ (ଏଜେନ୍ସି): ଇଂଲଣ୍ଡ କ୍ରିକେଟରେ ପୁଣି ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି। ଦଳର ନୈରାଶ୍ୟଜନକ ପ୍ରଦର୍ଶନ ଏବଂ ଅଶୋଭନୀୟ ଅଫ୍-ଫିଲ୍ଡ ଘଟଣା ଯୋଗୁଁ ଟେଷ୍ଟ ଦଳର ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକ୍କୁଲମ୍‌ଙ୍କୁ ତାଙ୍କ ପଦରୁ ହଟାଇ ଦିଆଯାଇଛି। ନିକଟରେ ଅଧିନାୟକ ବେନ୍ ଷ୍ଟୋକ୍ସଙ୍କ ସନ୍ନ୍ୟାସ ନେଇଥିଲେ। ଫଳରେ ଇଂଲଣ୍ଡର ସ୍ୱେଶାଲ 'ବାଜ୍‌ବଲ୍' ରଣନୀତିର ସମ୍ପୂର୍ଣ୍ଣ ଅନ୍ତ ଘଟାଇଛି। ଇଂଲଣ୍ଡ ଏବଂ ୱେଲ୍ସ କ୍ରିକେଟ ବୋର୍ଡ (ଇସିବି)ର ଏହି ନିଷ୍ପତ୍ତି ପରେ ମଧ୍ୟ ମ୍ୟାକ୍କୁଲମ୍ କେବଳ ସୀମିତ ଓଭର ଦଳର କୋଚ୍ ଭାବେ ଦାୟିତ୍ୱ ତୁଲାଇବେ। ଗତ ୯ଟି ଟେଷ୍ଟ ମ୍ୟାଚ୍ ମଧ୍ୟରୁ ଇଂଲଣ୍ଡ ୭ଟିରେ ପରାଜିତ ହୋଇଛି। ଏଥିରେ ଆସେସ୍ ସିରିଜରେ ଅଷ୍ଟ୍ରେଲିଆଠାରୁ ୪-୧ ଏବଂ ଘରୋଇ ମାଟିରେ ନ୍ୟୁଜିଲାଣ୍ଡଠାରୁ ୨-୧ ସିରିଜ୍ ପରାଜୟ ସାମିଲ ରହିଛି। ଆସନ୍ତା ଅଗଷ୍ଟ ୧୯ରୁ ପାକିସ୍ତାନ ବିପକ୍ଷରେ ଟେଷ୍ଟ ସିରିଜ୍ ଆରମ୍ଭ ହେବାକୁ ଯାଉଛି। ତେଣୁ ଏହା ପୂର୍ବରୁ ଇଂଲଣ୍ଡ ଟେଷ୍ଟ ଦଳ ଅଧିନାୟକ ଓ ନୂଆ କୋଚ୍‌ଙ୍କ ନାମ ଘୋଷଣା ହୋଇପାରେ। ୪୪ ବର୍ଷୀୟ ମ୍ୟାକ୍କୁଲମ୍ ମେ ୨୦୨୨ରେ ପ୍ରଥମେ ଇଂଲଣ୍ଡ ଟେଷ୍ଟ ଦଳର ମୁଖ୍ୟ କୋଚ୍ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହାର ଦୁଇ ବର୍ଷ ପରେ, ସେ ଟେଷ୍ଟ ସହିତ ସୀମିତ ଓଭର ଫର୍ମାଟ୍‌ରେ ମଧ୍ୟ ଏହି ଗୁରୁଦାୟିତ୍ୱ ସମ୍ଭାଳିଥିଲେ।

■ ଏସୀୟ ୨୩ ବର୍ଷରୁ କମ୍ ଆଥଲେଟିକ୍ସ

## କିଟ୍ ବିଶ୍ୱବିଦ୍ୟାଳୟର ଆନନ୍ଦ ସିଂହଙ୍କୁ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର,୧୨।୭ (ସମିସ): ଚୀନ୍‌ର ଓର୍ଡୋସ୍ ସହରରେ ଚାଲିଥିବା ଏସୀୟ ୨୩ ବର୍ଷରୁ କମ୍ ଆଥଲେଟିକ ଚାମ୍ପିଅନସିପ୍ ୨୦୨୬ରେ ଓଡ଼ିଶାର କିଟ୍ ବିଶ୍ୱବିଦ୍ୟାଳୟର ଛାତ୍ର ଆନନ୍ଦ ସିଂହ ଜାଭେଲିନ୍ ଥ୍ରୋ'ରେ ଚମତ୍କାର ପ୍ରଦର୍ଶନ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ନିଜର ପ୍ରଥମ ଆନ୍ତର୍ଜାତୀୟ ପ୍ରତିଯୋଗିତାରେ ସେ ଏହି ସଫଳତା ପାଇ ଦେଶ ତଥା ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ୨୨ ବର୍ଷୀୟ ଭାରତୀୟ ଆଥଲେଟ୍ ଆନନ୍ଦ ସିଂହ ପୁରୁଷ ବର୍ଗ ଜାଭେଲିନ୍ ଥ୍ରୋ'ରେ ୮୦.୫୭ ମିଟର ଦୂରତାକୁ ଜାଭେଲିନ୍ ଫିଙ୍ଗି ଶୀର୍ଷ ସ୍ଥାନ ଅଧିକାର କରିବା ସହ ସମ୍ମାନଜନକ '୮୦ ମିଟର କ୍ଲବ୍'ରେ ସାମିଲ ହୋଇଛନ୍ତି। ଏହାସହ ସେ ନିଜର ପୂର୍ବ ବ୍ୟକ୍ତିଗତ ସର୍ବଶ୍ରେଷ୍ଠ ରେକର୍ଡ (୭୭.୬୮ ମିଟର)କୁ ୨.୮୯ ମିଟର ଉନ୍ନୀତ କରିଛନ୍ତି। ଆନନ୍ଦଙ୍କ ଏହି ଐତିହାସିକ ସଫଳତା ପାଇଁ କିଟ୍ ଏବଂ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଜାତୀୟ ପେଞ୍ଚକ ସିଲାଟରେ ଓଡ଼ିଶାକୁ ୭ ପଦକ

ଭୁବନେଶ୍ୱର, ୧୨।୭ (ସମିସ): ମେଘାଳୟର ଶିଲଂଠାରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିଅର ପେଞ୍ଚକ ସିଲାଟ ଚାମ୍ପିଅନସିପରେ ଓଡ଼ିଶା ଦଳ ୭ଟି ପଦକ ବିଜୟୀ ହୋଇଛି। ଯେଉଁଥିରେ ଗୋଟିଏ ସ୍ୱର୍ଣ୍ଣ ଓ ୬ଟି କାଂସ୍ୟ ପଦକ ରହିଛି। ଗାଣ୍ଡା ପ୍ରତିଯୋଗିତାରେ ଉମାବତୀ ପାତ୍ର ଓ ଗାୟତ୍ରୀ ପାତ୍ର ଯୋଡ଼ି ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ଏହି ସଫଳତା ଲାଗି ଓଡ଼ିଶା କ୍ରୀଡ଼ା ବିଭାଗ ସମେତ ରାଜ୍ୟ ପେଞ୍ଚକ ସିଲାଟ ସଂଘର ସଭାପତି ତାପସ ରାୟ ଚୌଧୁରୀ, ସମ୍ପାଦକ ଗୁରୁ ପ୍ରେମ ସିଂ ଥାପା, ଉପଦେଷ୍ଟା ସୁମନ ମୋଦି, ଖୋର୍ଦ୍ଧା ସଂଘ ସମ୍ପାଦକ ଜୀତେନ୍ଦ୍ର କୁମାର ରାଉତ ପ୍ରମୁଖ ପଦକ ବିଜୟୀ ଖେଳାଳିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

● ଜୁନିଅର ଏସିଆନ ହ୍ୟାଣ୍ଡବଲ୍

## ଭାରତୀୟ ଦଳରେ ସୁପ୍ରଜିତ୍; ଗୌରୀ ପ୍ରଶିକ୍ଷକ

ଭୁବନେଶ୍ୱର, ୧୨।୭ (ସମିସ): ଚଳିତ ମାସ ୧୫ରୁ ଚୀନର ଚୁଝୋଉ ସହରରେ ଏସୀୟ ପୁରୁଷ କନିଷ୍ଠ ହ୍ୟାଣ୍ଡବଲ୍ ଚାମ୍ପିଅନସିପ୍‌ର ୧୯ତମ ସଂସ୍କରଣ





ଆରମ୍ଭ ହେବ। ଏଥିଲାଗି ୧୮ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଓଡ଼ିଶାର ସୁପ୍ରଜିତ ବେହେରା ସ୍ଥାନ ପାଇଛନ୍ତି। ସେହିଭଳି ଭାରତୀୟ ଜୁନିଅର ଦଳର କୋଚ୍ ଭାବେ ଅଭିଜ୍ଞ ଗୌରୀ ଶଙ୍କର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଛି। ଗତ ମେ ୧୧ରେ ଲକ୍ଷ୍ନୌରେ ଅନୁଷ୍ଠିତ ଚୟନ ଶିବିରରେ ସୁପ୍ରଜିତ ପ୍ରଭାବୀ ପ୍ରଦର୍ଶନ କରି ୩୦ ଜଣିଆ ଜାତୀୟ ଶିବିରକୁ ମନୋନୀତ ହୋଇଥିଲେ। ଏହି ଶିବିର ଜୁଲାଇ ୩ରୁ ଜାମସେଦପୁରର ଟାଟା ସ୍ପୋର୍ଟ୍ସ ପ୍ରାଙ୍ଗଣରେ ଚାଲିଥିଲା। ଯେଉଁଥିରୁ ଭାରତୀୟ ହ୍ୟାଣ୍ଡବଲ୍ ମହାସଂଘ ଚୂଡ଼ାନ୍ତ ୧୮ ଜଣିଆ ଦଳ ଘୋଷଣା କରିଛି। ଓଡିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ, ସମ୍ପାଦକ ଇଂ ମାନସ କୁମାର ସିଂ, କୋଷଦକ୍ଷ ଶୀତେନ୍ଦ୍ରନାଥ ଦାସ, ପ୍ରଶାନ୍ତ ନାୟକ, ପ୍ରଣୟ ପାଣି ପ୍ରମୁଖ ସୁପ୍ରଜିତ ଓ ଗୌରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




## ଲର୍ଡ୍ସରେ ଯଷ୍ଟିକାଙ୍କ ଶତକୀୟ କୀର୍ତ୍ତିମାନ

ଲର୍ଡ୍ସ,୧୨।୭ (ଏଜେନ୍ସି)

ଯଷ୍ଟିକା ଭାଟିଆ (୧୧୩)ଙ୍କ ଦମ୍‌ଦାର ଶତକ ଓ ରିଚା ଘୋଷ୍ (ଅପରାଜିତ ୫୦)ଙ୍କ ଅର୍ଦ୍ଧଶତକ ସହାୟତାରେ ଏଠାରେ ଚାଲିଥିବା ଏକମାତ୍ର ମହିଳା ଟେଷ୍ଟ କ୍ରିକେଟରେ ଘରୋଇ ଇଂଲଣ୍ଡ ଆଗରେ ଭାରତ ୪୫୭ ରନ୍‌ର ବିଜୟ ଲକ୍ଷ୍ୟ

**ଐତିହାସିକ ବିଜୟ ଅଭିମୁଖେ ଭାରତ**

ଧାର୍ଯ୍ୟ କରିଛି। ଏହି ଟାର୍ଗେଟ୍‌କୁ ପିଛା କରି ତୃତୀୟ ଦିନ ଖେଳର ରିପୋର୍ଟ ଲେଖା ହେଲା ବେଳକୁ ଇଂଲଣ୍ଡ ଦ୍ୱିତୀୟ ଇନିଂସରେ ୩୬ ରନ୍‌ରେ ୪ ୱିକେଟ ହରାଇ ବିପଦରେ ପଡ଼ିଛି।



ଦଳର ଦୁଇ ଓପନର ମାୟା ବାଉଚର ୨ ଓ ତାମି ବିଉମଣ୍ଟ ୦ ରନ୍‌ରେ ଆଉଟ ହୋଇଛନ୍ତି।

ଏହି ଟେଷ୍ଟର ପ୍ରଥମ ଇନିଂସରେ ଭାରତର ୨୮୫ ରନ୍ ଜବାବରେ ଇଂଲଣ୍ଡ ୧୭୦ ରନ୍ କରିଅଲଆଉଟ ହୋଇଯାଇଥିଲା। ଭାରତ ପକ୍ଷରୁ ଫାଷ୍ଟ ବୋଲର କ୍ରାନ୍ତି ଗୌଡ଼ ୫ ୱିକେଟ ନେବାରେ ପ୍ରଥମ ମହିଳା କ୍ରିକେଟର ବିବେଚିତ ହୋଇଥିଲେ। ୧୧୫ ରନ୍‌ରେ ଅଗ୍ରଣୀ ହୋଇଥିବା ଭାରତ ୭ ୱିକେଟ ହରାଇ ୩୪୧ ରନ୍‌ରେ ଦ୍ୱିତୀୟ ଇନିଂସ ସମାପ୍ତି ଘୋଷଣା କରିଥିଲା। ଦଳ ପକ୍ଷରୁ ଭାଟିଆ ୧୫୮ ବଲ୍‌ରେ ୧୪ ଚୌକା ସହ ୧୧୩, ସ୍ମୃତି ମନ୍ଧାନା ୭୦ ଓ ରିଚା ଘୋଷ ଅପରାଜିତ ୫୨ ରନ୍ କରିଥିଲେ। ଯଷ୍ଟିକା ଏଥିସହ ଲର୍ଡ୍ସ ଗ୍ରାଉଣ୍ଡ ଇତିହାସରେ ପ୍ରଥମ ମହିଳା କ୍ରିକେଟର୍ ଭାବେ ଟେଷ୍ଟରେ ଶତକ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଇଂଲଣ୍ଡ ପକ୍ଷରୁ ବାମହାତୀ ସ୍ପିନର ସର୍ବାଧିକ ୫ ଓ ୨ଟି ୱିକେଟ ପାଇଥିଲେ।

## ୧୬୦୫ ଦିନ ପରେ ଶୀର୍ଷ ସ୍ଥାନ ହରାଇଲା ଭାରତ

ରୋଜ୍‌ବାଉଲ,୧୨।୭ (ଏଜେନ୍ସି): ଇଂଲଣ୍ଡ ନିକଟରୁ ୫ମ ତଥା ଶେଷ ଟି-୨୦ ମୁକାବିଲାରେ ଭାରତ ୫୬ ରନ୍‌ରେ ପରାଜିତ ହୋଇଛି। ଏହା ଫଳରେ ଭାରତ ଦୀର୍ଘ ୧୬୦୫ ଦିନ ଆଇସିସି ନଂ-୧ ମାନ୍ୟତାରେ ରହିବା ପରେ ଇଂଲଣ୍ଡ ଏହି ସ୍ଥାନ ହାସଲ କରିଛି। ଟି-୨୦ ଇତିହାସରେ ଭାରତ ପ୍ରଥମଥର ୫ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଗୋଟିଏ ହେଲେ ମ୍ୟାଚ୍ ଜିତିବାରେ ସମର୍ଥ ହୋଇନାହିଁ। ଏହା ପରେ ଜିମ୍ବାୱେ ଗସ୍ତରେ ଭାରତ ସିରିଜ୍ ସୁଇପ କଲେ ନଂ-୧ ମାନ୍ୟତାକୁ ଫେରିବାର ସମ୍ଭାବନା ରହିଛି। ଏହା ମଧ୍ୟରେ ଆଘାତ ଯୋଗୁ ହର୍ଷିତ ରାଣା ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଇଂଲଣ୍ଡ ବିପକ୍ଷ ଦିନିକିଆ ଓ ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜରୁ ବାଦ୍ ଦିଆଯାଇଛି। ଏମାନଙ୍କ ସ୍ଥାନରେ ପ୍ରିନ୍ସ ଯାଦବ ଓ ରବି ବିଷ୍ଣୋଇଙ୍କୁ ସାମିଲ କରାଯାଇଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS